# ଧରିତ୍ରୀ DHARITRI

ବାଲେଶ୍ୱର, ବୁଧବାର, ଜୁନ୍ ୧୨/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Balasore, Wednesday, June 12/2019 | ★★★★

୪୫ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍**

ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ଟୁଇଟର ଆକାଉଣ୍ଟକୁ ହ୍ୟାକ୍ କରାଯିବା ସହିତ ତାଙ୍କର ପ୍ରୋଫାଇଲ୍ ପିକ୍ଚର ବଦଳରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ପୋଷ୍ଟ କରାଯାଇଛି।

୧୦

୧୮

**ବାଦ୍ ପଡ଼ିଲେ ଧାୱନ**

ବାମହାତ ବୁଢ଼ା ଅଙ୍ଗୁଳି ଭାଙ୍ଗିବା କାରଣରୁ ଅତିକମ୍‌ରେ ଆଇସିସି ବିଶ୍ୱକପର ୩ ମ୍ୟାଚରୁ ବାଦ୍ ପଡ଼ିଛନ୍ତି ଭାରତର ଶିଖର ଧାୱନ।



## ■ ନେପାଳରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା
# ୨ ଓଡ଼ିଆ ମୃତ, ୨୧ ଆହତ

**ସହାୟତା ଯୋଗାଇବାକୁ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**

କାଠମାଣ୍ଡୁ,(ପି.ଟି.)/ ଖୋର୍ଦ୍ଧା ଅଫିସ,୧୧।୬

ନେପାଳର ରାଉତ୍‌ହାଟ ଜିଲାରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୧ ଜଣ ଆହତ ହୋଇଥିବା ଜଣାପଡ଼ିଛି।

୬୦ ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଏକ ବସ୍ କାଠମାଣ୍ଡୁ ଅଭିମୁଖେ ଯାଉଥିଲା। ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ଚନ୍ଦ୍ରପୁର ମ୍ୟୁନିସିପାଲିଟି-୧ ଅଞ୍ଚଳର ପଉରାଇ ଜଙ୍ଗଲରେ ଅଟକିଥିବାବେଳେ ପଛପଟୁ ଏକ ଟ୍ରକ୍ ଏହାକୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ୨୦ ମିଟର ଜଙ୍ଗଲ ଭିତରକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ପୁରୀ ଜିଲା ଡେଲାଙ୍ଗ ଥାନା ଜମୁନା ଗାଁର ବିଜୟ କୁମାର ଜେନା (୫୨) ଓ ଖୋର୍ଦ୍ଧା ବ୍ଲକ୍ କଁପୁର ପଞ୍ଚାୟତ ମଳିପଡ଼ା ଗାଁର ଚରଣ ବିଶ୍ୱାଳ (୫୪)ଙ୍କ ମୃତ୍ୟୁ ଘଟିଛି। ଏହାସହ ୨୧ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଆହତ ଯାତ୍ରୀଙ୍କ ମଧ୍ୟରୁ ସର୍ବେଶ୍ୱର ଜେନା (୫୫), ଶେଷଦେବ ଜେନା (୫୩) ଓ କରୁଣା କର୍ଜୁନ ଅଓ୍ୱୁତି (୬୩)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ବୀରଜଙ୍ଗସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଫେରାର ହୋଇଯାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଧରିବା ଲାଗି ତଲାସି ଜାରି ରହିଛି ବୋଲି ☞ପୃଷ୍ଠା-୧୬

## ■ ମୋଦିଙ୍କୁ ଭେଟିଲେ ନବୀନ
# ସ୍ୱତନ୍ତ୍ର ପାହ୍ୟା, କୋଇଲା ରୟାଲ୍‌ଟି ସଂଶୋଧନ ଦାବି ଦୋହରାଇଲେ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସାକ୍ଷାତ୍ କରିଛନ୍ତି। ରାଜ୍ୟରେ ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ନବୀନ ପ୍ରଥମ କରି ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ମୋଦି ଦ୍ୱିତୀୟଥର କେନ୍ଦ୍ରରେ ସରକାର ଗଢ଼ିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁରୂପଭାବେ ବିଧାନସଭା ନିର୍ବାଚନରେ ବିଜେଡିର ସଫଳତା ପାଇଁ ମୋଦି ମଧ୍ୟ ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦୁହିଁଙ୍କ ମଧ୍ୟରେ ହୋଇଥିବା ପ୍ରାୟ ୨୦ ମିନିଟ ସାକ୍ଷାତ୍ ସମୟରେ ନବୀନ ରାଜ୍ୟ ସମ୍ପର୍କିତ ଏକାଧିକ ଦାବି ଉପସ୍ଥାପନ କରିଥିଲେ। ଦୀର୍ଘଦିନର ଦାବି ତଥା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା, କୋଇଲା ରୟାଲଟି ସଂଶୋଧନ କରିବା ପ୍ରସଙ୍ଗ ମୁଖ୍ୟମନ୍ତ୍ରୀ ଉଠାଇଥିଲେ। ସେହିଭଳି ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଉପକୂଳ ଓଡ଼ିଶାର ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ସାମ୍ପ୍ରତିକ ସ୍ଥିତିରେ ୫୨୨୮ କୋଟି ଟଙ୍କା ପ୍ରଦାନ ପାଇଁ ନବୀନ ଦାବି କରିଛନ୍ତି। ହେଲେ ଆୟୁଷ୍ମାନ୍ ଭାରତ ଏବଂ ପିଏମ୍-କିଷାନ ଯୋଜନାକୁ ନେଇ କେନ୍ଦ୍ର ରାଜ୍ୟ ମଧ୍ୟରେ ବିବାଦ ରହିଥିବାବେଳେ ଏ ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବା ଜଣାପଡିଛି।

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଅଧିକାଂଶ ସମୟରେ ଓଡ଼ିଶା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୧୯୦୦ରୁ ୨୦୧୯ ମଧ୍ୟରେ ପୂର୍ବ-ଭାରତରେ ସୃଷ୍ଟି ହୋଇଥିବା ମୋଟ ସାମୁଦ୍ରିକ ଝଡ଼ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ସିଧା ଓଡ଼ିଶାକୁ ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ହୋଇପାରିଲେ ରାଜ୍ୟର ସର୍ବାଙ୍ଗୀନ ବିକାଶ ଓ ଅଭିବୃଦ୍ଧି ହୋଇ ପାରିବ। କେନ୍ଦ୍ର ଦ୍ୱାରା ଲାଗୁ କରାଯାଇଥିବା ଯୋଜନାଗୁଡିକରେ କେନ୍ଦ୍ର ଓ ରାଜ୍ୟ ଅନୁପାତ ୯୦:୧୦ ରଖିବାକୁ ମୁଖ୍ୟମନ୍ତ୍ରୀ ନିଜ ଦାବିପତ୍ରରେ ଜଣାଇଛନ୍ତି। ☞ପୃଷ୍ଠା-୧୬



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ■ ଫନୀରେ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ମାଗିଲେ ୫୨୨୮ କୋଟି
- ■ ଆୟୁଷ୍ମାନ ଭାରତ, ପିଏମ୍ କିଷାନ ଯୋଜନା ନେଇ ଆଲୋଚନା ହେଲାନି
- ■ ବିଜୟ ପାଇଁ ପରସ୍ପରକୁ ଶୁଭେଚ୍ଛା ଜଣାଇଲେ

# ଏବର୍ଷ ବଢ଼ିବନି ବିଦ୍ୟୁତ୍ ଶୁଳ୍କ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

**ଓଇଆର୍‌ସିର ନିଷ୍ପତ୍ତି**

- ■ ଡିଜିଟାଲ ପେମେଣ୍ଟ ପାଇଁ ୨% ରିହାତି
- ■ ନୂଆ ବିଦ୍ୟୁତ ସଂଯୋଗ ପାଇଁ ତତ୍କାଳ ଯୋଜନା ଲାଗୁ ହେବ
- ■ ଏଚ୍‌ଟି, ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରତି ୟୁନିଟରେ ସରଚାର୍ଜ ୧୦ ପଇସା ଲାଗୁ

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେବ ନାହିଁ। ପୂର୍ବ ବର୍ଷ ଭଳି ଘରୋଇ ଉପଭୋକ୍ତାମାନେ ବିଦ୍ୟୁତ୍ ଦେୟ ପଇଠ କରିବେ। ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀଗୁଡ଼ିକର ଶୁଳ୍କ ବୃଦ୍ଧି ଆବେଦନର ଶୁଣାଣି କରି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଏହି ନିଷ୍ପତ୍ତି ନେଇଛି। ଏହି ନିର୍ଦ୍ଦେଶନାମା ଜୁନ୍ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ସମସ୍ତ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକର ବଲ୍କ ସପ୍ଲାୟ ଶୁଳ୍କରୁ ଦୁଇ ପ୍ରତିଶତ ହ୍ରାସ କରାଯାଇଛି। ବିଦ୍ୟୁତ୍ ପରିବହନ ଶୁଳ୍କରେ ଅପରିବର୍ତ୍ତିତ ରହିଛି। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ(ଓଏଚପିସି) ପାଇଁ ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ଏକ ପ୍ରତିଶତ ହ୍ରାସ କରାଯାଇଥିବା ବେଳେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି)ର ଉତ୍ପାଦନ ଶୁଳ୍କରେ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ଯେଉଁ ଘରୋଇ ଏଲଟି ଲାଇନ ଉପଭୋକ୍ତା ଠିକ୍ ସମୟରେ ବିଦ୍ୟୁତ୍ ଦେୟ ପଇଠ କରୁଛନ୍ତି ସେମାନଙ୍କୁ ମାର୍ଚ୍ଚ ମାସରେ ଅତିରିକ୍ତ ରିହାତି ପ୍ରଦାନ କରାଯିବ। ଡିଜିଟାଲ ପେମେଣ୍ଟ କରୁଥିବା ଗ୍ରାହକମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ବିଦ୍ୟୁତ୍ ଶୁଳ୍କରେ ରିହାତିକୁ ୧ ପ୍ରତିଶତରୁ ୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବଣ୍ଟନ କମ୍ପାନୀଗୁଡିକ ୬୦ ମାସ ପର୍ଯ୍ୟନ୍ତ ଉପଭୋକ୍ତାଙ୍କଠାରୁ ମିଟର ରେଣ୍ଟ ଆଦାୟ କରିପାରିବେ। ଘରୋଇ ଉପଭୋକ୍ତା, କୃଷି କ୍ଷେତ୍ର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ବିଦ୍ୟୁତ୍ ସଂଯୋଗ ପାଇଁ ତତ୍କାଳ ଯୋଜନା ଲାଗୁ ହେବ। ଏଚ୍‌ଟି ଏବଂ ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରତି ୟୁନିଟରେ ସରଚାର୍ଜ ୧୦ ପଇସା ଲାଗୁ ହେବ।

ଏସ୍‌ସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରାବାସଗୁଡିକ ୟୁନିଟ୍ ପିଛା ୨ଟଙ୍କା ୪୦ ପଇସା ରିହାତି ପାଇବେ। ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ସ୍ୱଜଳା ଧାରା ଉପଭୋକ୍ତାଙ୍କୁ ସ୍ୱତନ୍ତ୍ର ଭାବେ ୧୦ ପ୍ରତିଶତ ଅତିରିକ୍ତ ରିହାତି ଯୋଗାଇ ଦେବାକୁ ଓଇଆରସି ନିର୍ଦ୍ଦେଶ ଦେଇଛନ୍ତି।



ଦେଖନ୍ତୁ ରଜ ଉପରେ Man Ujaj ର ସ୍ୱତନ୍ତ୍ର ଉପସ୍ଥାପନା...
Dharitri Live — Watch Youth-Centric Show
YouTube DharitriLive ଚ୍ୟାନେଲରେ



For more videos subscribe YouTube DharitriLive now.



**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ସମ୍ପାଦକୀୟ**

**ଅବିଶ୍ୱସନୀୟ ମନେହେଉଛି**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ସରକାର ସାମ୍ପ୍ରଦାୟିକ ରୋଗ ଓ ତୁଷ୍ଟୀକରଣ ରାଜନୀତି ଦୂର କରିଛନ୍ତି।

-ମୁଖ୍‌ତାର ଅବାସ ନକ୍‌ଭୀ, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ନାଫେଡ୍ ମାଧ୍ୟମରେ ଦେଶରେ ହରଡ ଡାଲିର ଆମଦାନୀ ଦ୍ୱିଗୁଣା ବୃଦ୍ଧି ପାଇ ୪ ଲକ୍ଷ ଟନ ହୋଇଛି।

-କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE — 11.06.2019 — Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 119 | 183 | 193 |
| CTC | 119 | 183 | 193 |
| DKL | 117 | 180 | 190 |
| BDK | 117 | 180 | 190 |
| BLS | 114 | 176 | 186 |
| ANG | 117 | 180 | 190 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers



**ଡ଼ିପ୍ଲୋମା ଇଂଜିନିୟରିଂ ଆଡ଼୍‌ମିଶନ୍ ବିଜ୍ଞପ୍ତି - ୨୦୧୯**

ଚଳିତ ବର୍ଷ ୨୦୧୯ ନିମନ୍ତେ ଓଡ଼ିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ **ଜିଇସି ପଲିଟେକ୍‌ନିକ୍** ତରଫରୁ ଓଡ଼ିଶାର ମେଟ୍ରିକ ଉତୀର୍ଣ୍ଣ କରିଥିବା ଛାତ୍ରଛାତ୍ରୀ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ଶିକ୍ଷାନୁଷ୍ଠାନ ଟି ଓଡ଼ିଶାର ସୁନାମଧନ୍ୟ ପ୍ରତିଷ୍ଠାନ ଗାନ୍ଧୀ ଗ୍ରୁପର ଏକମାତ୍ର ଅନୁଷ୍ଠାନ ଯିଏ କି କେବଳ ଡ଼ିପ୍ଲୋମା ପାଠ୍ୟକ୍ରମ ବାର୍ଷିକ ମାତ୍ର ୨୬,୫୦୦ ଟଙ୍କାରେ ପ୍ରଦାନ କରୁଛି । ଏତତ୍ ବ୍ୟତିତ ସମସ୍ତ SC / ST ଛାତ୍ରଛାତ୍ରୀ ମାନଙ୍କୁ ସରକାରୀ ସ୍କଲାରସିପ୍‌ରେ ଶିକ୍ଷାଦାନ କରାଯାଉଛି ।



ଆଗ୍ରହି ଛାତ୍ରଛାତ୍ରୀ ମାନେ ନିଜର ଓରିଜିନାଲ୍ ୧୦ମ ସାର୍ଟିଫିକେଟ୍, ଜାତିଗତ ପ୍ରମାଣ ପତ୍ର ଏବଂ ଆଧାର କାର୍ଡ ସହ ନିମ୍ନ ଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।

**ଜିଇସି ପଲିଟେକ୍‌ନିକ୍ , ଭୁବନେଶ୍ୱର**
ଫୋନ : +୯୧ ୭୩୮୧୦୫୪୫୧୩୯ / ୭୩୮୧୦୫୪୫୧୩୬






ସୁଧ ହାର* 3.99% | ଡାଉନ୍ ପେମେଣ୍ଟ* ₹3250/- | ଏକ୍ସଚେଞ୍ଜ ବୋନସ* ₹4000 ପର୍ଯ୍ୟନ୍ତ | 5 Year^^ Warranty ଅତିରିକ୍ତ ଖର୍ଚ୍ଚ ବିନା | TVS 24X7 ASSISTANCE 1800-419-3077 ରୋଡ୍‌ସାଇଡ୍ ଆସିଷ୍ଟାନ୍ସ ସହିତ | 18003157557 (Toll Free)

^Based on On-road price & mileage data as per WMTC in scooter category. Accessories shown in the ad may not be a part of the standard equipment.
*Finance at the sole discretion on the financier and offers cannot be clubbed together. ^^5 year warranty without any additional charges. *Exchange as per dealer's discretion and subject to vehicle condition & prevailing market rate. **Ex-showroom price - Odisha. T&C apply.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com: Authorised Main Dealers: BALASORE: Sita TVS, Ph.: 7852935605. BARIPADA: Allied TVS, Ph: 7852935617. BHADRAK: Sanjay TVS, Ph : 7854962653. BARBIL: Anjali TVS, Ph.: 7852944821. KEONJHAR: Kumar Automotives, Ph : 9870326414. Authorised Dealers : Jaleswar, Champa Motors, Ph.: 9437216037; Baliapal, Sanjeev Motors, Ph.: 9937194603; Chandaneswar, Sanjiv Automobiles, Ph.: 9937194603; Soro, Tarini Motors, Ph.: 06788-221845; Rairangpur, Pipal India Vehicles Pvt Ltd, Ph.: 7064403120; Basta, S.R. Motors, Ph.: 9040526003; Udhala, Pattanayak Motors, Ph : 9437238807; Joda, N & B Motors, Ph : 9439084443; Harichandanpur, Laranya Motors, Ph : 9437633978; Dhenkikot, Ali Motors, Ph : 7008797779; Betnoti, Sai Motors, Ph : 9776142684; Karanjia, Avoni Metal Traders, Ph : 9437037270; Dhamnagar, Sanju Automobiles, Ph : 9437265354: Chandbali, A S Laxmi Automobiles, Ph: 9238514769; Tihidi, Shree Motors, Ph : 9040123010.


Symbol of Trust
GUPTA DISTRIBUTORS
NO.1 RETAIL CHAIN OF ODISHA
GUPTA'S ରଜ OFFER
NEVER BEFORE IN TRADE HISTORY, FIRST TIME IN ODISHA
WIN
15 WASHING MACHINES
15 GUPTA STORES
15 LUCKY LADIES
GUPTA'S RAJA QUEEN
WIN FREE HONDA ACTIVA
BUY 1 GET 2
କେବଳ ଗୁପ୍ତାରୁ କିଣି ରଜ QUEEN ବନନ୍ତୁ
କେବଳ ଏହି ରଜରେ
ନାଁ କେବେ ଥିଲା,
ନାଁ କେବେ ଆସିବ
SPOT FINANCE AVAILABLE
IDFC BANK
EASY EMI
BAJAJ FINSERV
HDB FINANCIAL SERVICES
HDFC BANK We understand your world
UPTO 40% OFF
JAJPUR TOWN
Grand Gala Opening
Mega Showroom Opening
ଆସନ୍ତା ୧୪ ତାରିଖ ଶୁକ୍ରବାର ଦିନ
ପ୍ରତେକ କ୍ରୟ ଉପରେ ୫ଟି ସୁନିଶ୍ଚିତ ଉପହାର
NC College Road, Laliteswar, Bola Mula Chhak, Mob - 8144920820
ଲୁଟ୍ ମାର୍ ଲୋନ୍ ମେଳା
Odisha's most trusted Electronics, Home Appliances & Digital Products Dealer Since 1972
GUPTA DISTRIBUTORS
No.1 Retail Chain Stores
BHUBANESWAR- Main Road, Baramunda, Front of Kali Mandir, Mob: 7008989309, KIIT Square, Patia, Near Reliance Trends, Mob: 7008989302, 9778047796 Laxmi Sagar, Cuttack Road, Mob: 7008989301, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, Digital Store, Tinikonia Bagicha, Mob: 7008989313, NEAR JUDICIAL ACADEMY, (UTKAL HYUNDAI), CDA, CUTTACK, Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATANI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, ODOGAON- Studio Chhack, Main Road, Mob: 9438076064, BHADRAK- Main Road, Chappulia, Mob: 7008989314, JAGATSINGHPUR- Near Bus Stand, Mob: 7008989317 GUPTA FURNITURE PLAZA, Gandhi Chhak, Jagatsinghpur
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only *On Payment of Rs. 500/-




# ଅରୁଣାଚଳରେ ଏଏନ୍-୩୨ ଭଗ୍ନାବଶେଷ ଠାବ

**ଇଟାନଗର,୧୧।୬(ପି.ଟି./ଆଇଏଏନ୍ଏସ୍)**

## ସମସ୍ତ ୧୩ ଜଣଙ୍କ ମୃତ୍ୟୁ ଆଶଙ୍କା



ନିଖୋଜ ହେବାର ୮ ଦିନ ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ବିମାନ ଏଏନ୍-୩୨ର ଭଗ୍ନାବଶେଷ ମିଳିଛି। ଅରୁଣାଚଳ ପ୍ରଦେଶର ଲିପୋ ଅଞ୍ଚଳରେ ମଙ୍ଗଳବାର ଏହାକୁ ଠାବ କରାଯାଇଛି। ଏଥିସହ ସେଥିରେ ଥିବା ଓଡ଼ିଆ ପାଇଲଟ ସୁନୀତ୍ ମହାନ୍ତିଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

ରୁଷିଆ ନିର୍ମିତ ଏଏନ୍-୩୨ ବିମାନ ଜୁନ୍ ୩ ଅପରାହ୍ନ ୧୨ଟା ୨୭ରେ ଆସାମର ଜୋର୍‌ହାଟରୁ ଚାଇନା ସୀମାନ୍ତ ଅରୁଣାଚଳର ଶି-ୟୋମି ଜିଲା ମେଚୁକା ଆଡଭାନ୍ସ ଲ୍ୟାଣ୍ଡିଂ ଗ୍ରାଉଣ୍ଡ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଉଡାଣର କିଛି ସମୟ ପରେ ଅର୍ଥାତ୍ ୧ଟା ୩୦ରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତିନିସେନା ପକ୍ଷରୁ ମିଳିତ ଭାବେ ଏହାର ତଲାସି ଜାରିରହିଥିଲା। ହେଲେ ପ୍ରତିକୂଳ ପାଗ ଏଥିରେ ବାଧକ ସାଜିଥିଲା। ନିଖୋଜ ବିମାନ ସମ୍ପର୍କିତ ସୂଚନା ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ୮ ତାରିଖରେ ଆଇଏଏଫ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଶେଷରେ ମଙ୍ଗଳବାର ବିମାନର ଭଗ୍ନାବଶେଷକୁ ଟାଟୋର ଉତ୍ତର-ପୂର୍ବରେ ଥିବା ଲିପୋଠାରେ ଠାବ କରାଯାଇଛି। ସମୁଦ୍ର ପତ୍ତନଠାରୁ ୧୨,୦୦୦ ଫୁଟ୍ ଉଚ୍ଚରେ ମିଗ୍୧୭ ହେଲିକପ୍ଟର ଏହାକୁ ଠାବ କରିଛି ବୋଲି ଆଇଏଏଫ୍ ମୁଖପାତ୍ର ୱିଙ୍ଗ୍ କମାଣ୍ଡର ରତ୍ନାକର ସିଂ ସୂଚନା ଦେଇଛନ୍ତି। ଭଗ୍ନାବଶେଷ ସ୍ଥଳରୁ ବିମାନରେ ଥିବା ସମସ୍ତ ୧୩ ଜଣଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ଏହାର ବ୍ଲାକ୍ ବକ୍ସ ଖୋଜିବା ପାଇଁ ଉଦ୍ୟମ ଜାରି ରହିଛି। ଇଷ୍ଟର୍ନ ଏୟାର କମାଣ୍ଡର କମାଣ୍ଡିଂ-ଇନ୍-ଚିଫ୍ ଏୟାର ମାର୍ଶଲ ଆର୍.ଡି. ମାଥୁର ଉଦ୍ଧାର କାର୍ଯ୍ୟର ସମୀକ୍ଷା କରୁଛନ୍ତି। ପ୍ରକାଶ ଯେ, ଏହି ବିମାନରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବାଲିଆପଲ୍ଲୀର ସୁନୀତ୍ ମହାନ୍ତି କୋ-ପାଇଲଟ ଭାବେ ଥିଲେ। ସେ ୨୦୧୨ରେ ବାୟୁସେନାରେ ସାମିଲ ହୋଇଥିଲେ।

# ୫ ହଜାର ଲାଞ୍ଚ: କନିଷ୍ଠ ପରିଚାଳକ ଗିରଫ

**କଟକ ଅଫିସ, ୧୧।୬**

୫ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ବାଲେଶ୍ୱରଠାରେ ଥିବା ନର୍ଥ ଇଷ୍ଟର୍ନ ଇଲେକ୍ଟ୍ରିସିଟି ସପ୍ଲାଏ କମ୍ପାନୀ (ନେସ୍କୋ)ର କନିଷ୍ଠ ପରିଚାଳକ କୁମାର ସ୍ଥିତିପ୍ରଜ୍ଞ ମହାନ୍ତି। ମଙ୍ଗଳବାର ସେ ଏହି ଲାଞ୍ଚ ବାଲେଶ୍ୱର ଟାଉନ ଥାନା ଅଧୀନ ମକଲପୁର ଗ୍ରାମର ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଏକ ଖରାପ ଡିଜିଟାଲ ବିଦ୍ୟୁତ୍ ମିଟରକୁ ହଟାଇବା ପାଇଁ କନିଷ୍ଠ ପରିଚାଳକ ମହାନ୍ତି ସାହୁଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ବାଲେଶ୍ୱର ମେଣ୍ଢାଶାଳ ନିକଟରେ ମହାନ୍ତି ଲାଞ୍ଚ ଟଙ୍କା ସାହୁଙ୍କଠାରୁ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ସେଲ୍ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ମହାନ୍ତିଙ୍କଠାରୁ ଭିଜିଲାନ୍ସ ଅଧିକାରୀମାନେ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହାପରେ ବାଲିଆ ନିକଟରେ ଥିବା ତାଙ୍କ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା(ନଂ.୬/୧୯) ରୁଜୁ ହୋଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ଗୁଡ୍ଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଂଗ୍ରେସ ଛାଡ଼ିଲେ କେ. ସୁରିଆ ରାଓ

- ପରାଜୟ ପାଇଁ ଦଳକୁ ଦାୟୀକଲେ
- ଅଧ୍ୟକ୍ଷ ରାହୁଲଙ୍କୁ ପଠାଇଲେ ଇସ୍ତଫାପତ୍ର
- ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା

ପାରଳାଖେମୁଣ୍ଡି,୧୧।୬(ସ୍ୱ.ପ୍ର.)

ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା କେ. ସୁରିଆ ରାଓ ମଙ୍ଗଳବାର ବିଧିବଦ୍ଧ ଭାବେ ଦଳରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ମେଲ୍ କରିଥିବା କହିଛନ୍ତି। ଗତ ନିର୍ବାଚନରେ ଦଳୀୟ ଅଣଦେଖା ଓ ଅସହଯୋଗର ବିଭିନ୍ନ କାରଣ ଦର୍ଶାଇ ସେ ଏଭଳି ନିଷ୍ପତ୍ତି ନେଇଥିବା ଦର୍ଶାଇଛନ୍ତି। ଏବେ ସେ କେଉଁ ଦଳକୁ ଯିବେ, ତାହା ସ୍ପଷ୍ଟ କରି ନ ଥିଲେ ମଧ୍ୟ ବିଜେଡିରେ ଯୋଗଦେବା ନେଇ ପୂର୍ବାଭାସ ମିଳିଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି।

କେ. ସୁରିଆ ରାଓ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ନିଜ ଇସ୍ତଫାର ବିସ୍ତୃତ କାରଣ ରଖିଛନ୍ତି। ଗତ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଟିକେଟ୍ ଦେବାରେ ବିଳମ୍ବ କରିବାରୁ ସେ ପ୍ରଚାର ପାଇଁ ସମୟ ପାଇ ନ ଥିଲେ ଓ ପରାସ୍ତ ହୋଇଥିଲେ। ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ପାଇଁ ବହୁ ତାରକା ପ୍ରଚାରକ ନିର୍ବାଚନୀ ପ୍ରଚାର କରିଥିବାବେଳେ କଂଗ୍ରେସ ପକ୍ଷରୁ କୌଣସି ହେଭିୱେଟ୍ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅଞ୍ଚଳକୁ ନ ଆସିବା ତାଙ୍କୁ ପଛରେ ପକାଇଦେଲା। ଅନ୍ୟପକ୍ଷରେ ଏହି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ଭାବେ ଲଢ଼ିଥିବା ଜଣେ ପ୍ରାର୍ଥୀଙ୍କ ସହ କଂଗ୍ରେସର ଅନେକ କର୍ମକର୍ତ୍ତା ସାମିଲ ହେବାରୁ ରାଓଙ୍କ ପରାଜୟର ଏକ ପ୍ରମୁଖ କାରଣ ବୋଲି ସେ କହିଛନ୍ତି। ଏବେ ସେ ବିଜେଡି କିମ୍ବା ଭାଜପାକୁ ଯିବେ, ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରହ୍ମପୁର ଲୋକସଭା ଅଧୀନରେ ପାରଳାଖେମୁଣ୍ଡି ବିଧାନସଭା ଆସନ ଥିବାବେଳେ କଂଗ୍ରେସର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ ବିଜେଡି ପ୍ରାର୍ଥୀ ହୋଇ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ସେ କଂଗ୍ରେସରେ ଥିବାବେଳେ ତାଙ୍କର ନିକଟତମ ଥିବା କେ. ସୁରିଆ ରାଓ ନିଜ ପରାଜୟ ପରେ ତାଙ୍କୁ ଭେଟି ଆଲୋଚନା କରିଥିବା ତାଙ୍କ କର୍ମୀଙ୍କ ସୂତ୍ରରୁ ଜଣାପଡ଼ିଛି। ପାରଳା ରାଜକୁମାରୀଙ୍କୁ ବିଜେଡି ଟିକେଟ୍ ଦେବା ପରେ ଦଳର ବରିଷ୍ଠ ନେତା କେ. ନାରାୟଣ ରାଓ ଭାଜପା ଟିକେଟ୍‌ରେ ନିର୍ବାଚନ ଲଢ଼ି ବିଧାୟକ ହୋଇଛନ୍ତି। ତେଣୁ ରାଓ ପଦ୍ମ ବଦଳରେ ଶଙ୍ଖ ଶିବିରରେ ଯୋଗ ଦେଇପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ରାଓ ନିଜେ ଏ ବାବଦରେ କୌଣସି ନିଷ୍ପତ୍ତି ନେଇ ନଥିବା ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।



କେ. ସୁରିଆ ରାଓ

ରାଓ ୨୦୧୨ ପଞ୍ଚାୟତ ନିର୍ବାଚନରେ ପ୍ରଥମେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିଥିଲେ । କଂଗ୍ରେସର ବରିଷ୍ଠନେତା ତ୍ରିନାଥ ସାହୁଙ୍କ ପ୍ରମୁଖ ସହଯୋଗୀ ଭାବେ ସେ କାମ କରିଥିଲେ। ତାଙ୍କର ମୃତ୍ୟୁ ପରେ ୨୦୧୩ ପୌର ନିର୍ବାଚନରେ ପାରଳାଖେମୁଣ୍ଡି ପୌରପରିଷଦ ଓ କାଶୀନଗର ଏନ୍‌ଏସି ସଙ୍ଗଠନ ଦାୟିତ୍ୱ ନେଇ ରାଓ କଂଗ୍ରେସକୁ ପାରଳାଖେମୁଣ୍ଡି ପୌର ପରିଷଦ ହାତେଇବାରେ ପ୍ରମୁଖ ଭୂମିକା ନେଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ହୋଇ ୬୧ ହଜାର ୧୪ ଖଣ୍ଡ ଭୋଟ୍ ପାଇଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର କେ. ନାରାୟଣ ରାଓଙ୍କୁ ଦେଢ଼ ହଜାରରୁ ଅଧିକ ଭୋଟ୍‌ରେ ହରାଇ ବିଧାୟକ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ତାଙ୍କୁ ମାତ୍ର ୨୪ ହଜାର ଭୋଟ୍ ମିଳିବା ସହ ସେ ଚତୁର୍ଥ ସ୍ଥାନକୁ ଖସିଆସିଥିଲେ।

# ଚୋରି କରି ଜରିମାନା ଦେଇଥିବା ଖଣି କମ୍ପାନୀକୁ ନିଲାମି ପ୍ରକ୍ରିୟାରୁ ବାଦ୍ ଦିଆଯାଉ

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଦାବି

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ପୂର୍ବରୁ ବେଆଇନ ଭାବେ ଖଣି ଉତ୍ତୋଳନ କରି ଜରିମାନା ଦେଇଥିବା କମ୍ପାନୀଗୁଡ଼ିକୁ ନୂଆ ନିଲାମିରୁ ବାଦ୍ ଦିଆଯାଉ। ରାଜ୍ୟ ସରକାର ଆଗାମୀ ଦୁଇ ମାସ ମଧ୍ୟରେ ପ୍ରାୟ ୪୦ଟି ଲୁହାପଥର ଖଣି ନିଲାମ କରିବାକୁ ଯାଉଛନ୍ତି। ତେଣୁ ଏହି ନିଲାମି ଯେପରି ସ୍ୱଚ୍ଛ ଏବଂ ରାଜ୍ୟକୁ ଅଧିକ ରାଜସ୍ୱ ଯୋଗାଇପାରିବ, ସେ ନେଇ ପଦକ୍ଷେପ ନେବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଦାବି କରିଛନ୍ତି।

ଶ୍ରୀକାନ୍ତ କହିଛନ୍ତି, ଖଣି ଲିଜ୍, ଉତ୍ତୋଳନ, ପରିବହନ ଓ ବିଦେଶକୁ ରପ୍ତାନି ଆଦି ପ୍ରକ୍ରିୟା ଓଡ଼ିଆ ଉଦ୍ୟୋଗୀଙ୍କ ନିୟନ୍ତ୍ରଣରେ ରହୁ। ଖଣି ନିଲାମି ସମ୍ପର୍କରେ ଥିବା ନିୟମକୁ ରାଜ୍ୟ ସରକାର ସର୍ବସାଧାରଣରେ ପ୍ରକାଶ କରନ୍ତୁ। ରାଜ୍ୟ ସରକାର ଖଣି ନିଲାମ ନ କରି ନିଜସ୍ୱ ସଂସ୍ଥା ନିୟନ୍ତ୍ରଣରେ ରଖନ୍ତୁ, ଯାହା ଦ୍ୱାରା ରାଜକୋଷକୁ ୧୦ଗୁଣା ଅଧିକ ରାଜସ୍ୱ ଆସିବ। ଯଦି ରାଜ୍ୟ ସରକାର ଖଣି ନିଲାମି ପାଇଁ ଏତେ ବ୍ୟାକୁଳ, ତେବେ ଯେଉଁ ଖଣି ମାଲିକମାନେ ଖଣି ଚୋରିରେ ଧରାପଡିଛନ୍ତି, ସେମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଉ। କାରଣ ଏହି କମ୍ପାନୀଗୁଡ଼ିକ ଉପରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଖଣି ଜରିମାନା କରାଯାଇଥିଲା। ଚଞ୍ଚକତା କରି ରାଜ୍ୟ ସରକାର ଏହାକୁ ପ୍ରାୟ ୧୮ ହଜାର କୋଟିକୁ ହ୍ରାସ କରିଥିଲେ। ତେଣୁ ରାଜ୍ୟର ଖଣି ଲୁଟି ଜରିମାନା ବାବଦକୁ ସୁବିଧା ହାତେଇଥିବା କମ୍ପାନୀଗୁଡ଼ିକୁ ବାଦ୍ ଦେବା ପାଇଁ ଶ୍ରୀକାନ୍ତ ଦୃଢ଼ ଦାବି କରିଛନ୍ତି। ସେହିଭଳି ନିଲାମରେ ଅଂଶଗ୍ରହଣ ପାଇଁ ଚିହ୍ନିତ ଖଣିଗୁଡ଼ିକର ନିକଟବର୍ତ୍ତୀ ଗ୍ରାମବାସୀ/ଏସ୍‌ଏଚ୍‌ଜି, ଅଥବା ସ୍ଥାନୀୟ ବେକାରି ଯୁବତୀଯୁବକଙ୍କ କୋଅପରେଟିଭ ମଧ୍ୟରେ ସୀମିତ କରାଯାଉ। ସମ୍ପତ୍ତି ଓଡ଼ିଶାବାସୀଙ୍କର , ହେଲେ ଏଠି ଅନ୍ୟମାନେ ମାଲିକଗିରି ଦେଖାଉଛନ୍ତି। ଉପଯୁକ୍ତ ଖଣିନୀତି ଅଭାବରୁ ଓଡ଼ିଆ ଗରିବିରେ ଶଢୁଛନ୍ତି, ହେଲେ ବେଆଇନ ଉତ୍ତୋଳନ କରୁଥିବା ଖଣି କମ୍ପାନୀମାନେ ରାତିରାତି କୋଟିପତି ହେଉଛନ୍ତି। ତେଣୁ ରାଜ୍ୟ ସରକାର ଜନମଙ୍ଗଳକାରୀ ଖଣିନୀତି ଆଣନ୍ତୁ ବୋଲି ଶ୍ରୀକାନ୍ତ ଦାବି କରିଛନ୍ତି। ପ୍ରକାଶ ଯେ, ୪ଦିନ ତଳେ ଖଣି ବିଭାଗୀୟ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ଆଗାମୀ ଦୁଇମାସ ମଧ୍ୟରେ ୩୬ଟି ଖଣି ନିଲାମ କରିବାକୁ ଯାଉଛନ୍ତି। ୪ଟିର ନିଲାମି ପାଇଁ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଏହିପରି ଭାବେ ୪୦ଟି ଖଣିର ନିଲାମ କରାଯିବ ବୋଲି ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୂଚନା ଦେଇଥିଲେ।

# ପୌର ନିର୍ବାଚନ ବିଳମ୍ବିତ କରିବାକୁ ଉଦ୍ୟମ

ଭୁବନେଶ୍ୱର, ୧୧।୬(ବ୍ୟୁରୋ):

ପୌର ନିର୍ବାଚନ ବିଳମ୍ବ ହେବା ପଛରେ କ'ଣ କାରଣ ରହିଛି ସେନେଇ ସାଧାରଣରେ ମଧ୍ୟ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥିତିରେ ବିରୋଧୀ ଦଳଗୁଡ଼ିକ ବିଜେଡି ଉପରେ ଦୋଷ ଲଦିବା ଆରମ୍ଭ କରିଛନ୍ତି। ନିର୍ବାଚନ ପରାଜୟ ଭୟରେ ପୌର ନିର୍ବାଚନ ଲାଗି ବିଜେଡି ଚାହୁଁ ନ ଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଯଦି ସାଧାରଣ ନିର୍ବାଚନ ପୂର୍ବରୁ ପୌର ଫଳାଫଳରେ ବିଜେଡି ଖରାପ ପ୍ରଦର୍ଶନ କରେ ତା'ର ପ୍ରଭାବ ଉଭୟ ଲୋକ ସଭା ଏବଂ ବିଧାନସଭା କ୍ଷେତ୍ରଗୁଡ଼ିକରେ ପଡିବାର ସମ୍ଭାବନା ଥିବା ବିଜେଡି ଜାଣିପାରି ବିଳମ୍ବ କରିଥିବା କଂଗ୍ରେସ ନେତାମାନେ ପୂର୍ବରୁ ଅଭିଯୋଗ କରିଥିଲେ। ବର୍ତ୍ତମାନ ସାଧାରଣ ନିର୍ବାଚନ ଶେଷ ହେବା ସହିତ ଏହାର ଫଳାଫଳ ପ୍ରକାଶ ପାଇସାରିଛି। ଗତ ମେ ୨୯ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ଲାଗି ମୁଖ୍ୟମନ୍ତ୍ରୀଭାବେ ଶପଥ ନେଇଛନ୍ତି। ତଥାପି ମଧ୍ୟ ପୌର ନିର୍ବାଚନ ନେଇ କୌଣସି ସୋର୍‌ଶବ୍ଦ ନ ମିଳିବା ନେଇ ବିରୋଧୀ ପ୍ରଶ୍ନ ଉଠାଇଲେଣି।

୨୦୧୯ ସାଧାରଣ ଗତ ନିର୍ବାଚନରେ ରାଜ୍ୟରେ ବିଜେଡି ୫ମ ଥର ଲାଗି ସରକାର କରିବାରେ ସକ୍ଷମ ହୋଇଛି। ନିର୍ବାଚନ ସରିଥିବା ୧୪୬ ବିଧାନସଭା କ୍ଷେତ୍ର ମଧ୍ୟରୁ ବିଜେଡି ୧୧୨, ଭାଜପା ୨୩ ଏବଂ କଂଗ୍ରେସକୁ ୯ଟି ଆସନରେ ସଫଳତା ମିଳିଛି। ତଥାପି ମଧ୍ୟ ଲୋକ ସଭା ଫଳାଫଳକୁ ନେଇ ବିଜେଡି ଭୟଭୀତ ଥିବା ଜଣାପଡିଛି। ଅନ୍ୟପଟେ ଗ୍ରାମାଞ୍ଚଳଗୁଡ଼ିକରେ ବିଜେଡିକୁ ଯେପରି ସଫଳତା ମିଳିଛି ସେହି ଅନୁଯାୟୀ ପୌରାଞ୍ଚଳରେ ତାହା ଦେଖିବାକୁ ମିଳିନାହିଁ। ପୌରାଞ୍ଚଳଗୁଡ଼ିକରେ ଭାଜପାର ଭୋଟ ବଢିଥିବା ଲକ୍ଷ୍ୟ କରି ଶାସକ ଦଳ ବର୍ତ୍ତମାନ ଚିନ୍ତାରେ ପଡିଯାଇଛି। ଭୁବନେଶ୍ୱର ଏବଂ ବରଗଡ ଭଳି ଦୁଇଟି ଲୋକ ସଭା ଆସନ ଭାଜପା ହାତକୁ ଚାଲିଯାଇଛି। ହେଲେ ଏହି ଦୁଇ ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭା କ୍ଷେତ୍ରଗୁଡ଼ିକରେ ବିଜେଡି ଭଲ ଫଳ ପାଇଛି। ଅର୍ଥାତ୍ ଦୁଇଟି ଭୋଟ ପାଇଁ ସାଧାରଣରେ ଲୋକମାନେ ଦୁଇ ପ୍ରକାର ପ୍ରାର୍ଥୀଙ୍କ ପାଇଁ ଭିନ୍ନଭିନ୍ନ ଚିନ୍ତା କରିଥିବା ପ୍ରମାଣ ମିଳିଛି। ରାଜ୍ୟରେ ଭୋଟ ବିଭାଜନର ପ୍ରମାଣ ମଧ୍ୟ ମିଳିଯାଇଛି। ଅନ୍ୟପଟେ ବହୁ ପୌରାଞ୍ଚଳ ଭୋଟ ଅଧିକ ମାତ୍ରାରେ ନିଜ ସପକ୍ଷରେ ନେବାରେ ଭାଜପା ଆଗରେ ରହିଛି। ତେଣୁ ବର୍ତ୍ତମାନ ଭୋଟ ହେଲେ ଏହା ବିଜେଡି ବିପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ବିଜେଡି ଚିନ୍ତା କରୁଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଯେଉଁଥିଲାଗି ପୌର ନିର୍ବାଚନ ଘୁଞ୍ଚାଇ ସବୁ ସ୍ଥାନରେ ଦଳ ପୁନର୍ବାର ନିଜର ରାଜନୈତିକ ଖସଡା ପ୍ରସ୍ତୁତ କରିବା ଉଦ୍ୟମରେ ଥିବା ଶୁଣିବାକୁ ମିଳୁଛି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ପୌର ନିର୍ବାଚନକୁ ରାଜ୍ୟ ସରକାର ଜାଣିଶୁଣି ଘୁଞ୍ଚାଇ ଚାଲିଛନ୍ତି। ଏବେ ମଧ୍ୟ ସମାନ ପ୍ରୟାସ ଜାରି ରଖିଛନ୍ତି। ଯେହେତୁ ଗତ ନିର୍ବାଚନରେ ମଧ୍ୟ ପୌରାଞ୍ଚଳରେ ଆମକୁ ଭଲ ଭୋଟ ମିଳିଛି ସେଥିଲାଗି ଏବେ ବିଜେଡି ଭୟଭୀତ ହୋଇ ନୂଆ ଉଦ୍ୟମ ଆରମ୍ଭ କରିଛି। ସବୁବେଳେ ମ୍ୟାନେଜ୍ କରି ଜିତିବାର ଅଭ୍ୟାସ ଥିବାରୁ ବର୍ତ୍ତମାନର ସ୍ଥିତି ଶାସକ ଦଳ ପାଇଁ କଷ୍ଟ ହୋଇଛି ବୋଲି ଗୋଲକ କହିଛନ୍ତି।

ଏନେଇ ବିଜେଡି ବରିଷ୍ଠ ନେତା ପ୍ରଶାନ୍ତ ନନ୍ଦ କହିଛନ୍ତି, ଭାଜପା ଅଭିଯୋଗର କୌଣସି ମୂଲ୍ୟନାହିଁ। କେହି ଚାହିଁଲେ ନିର୍ବାଚନ ଘୁଞ୍ଚାଇ ପାରିବେ ନାହିଁ। ଏହା ଏକ ବ୍ୟବସ୍ଥା। ପୌରାଞ୍ଚଳରେ ବିଜେଡିକୁ ଭଲ ସଫଳତା ମିଳିଛି ବୋଲି ପ୍ରଶାନ୍ତ କହିଛନ୍ତି।

# ଏସ୍‌ଏସ୍‌ବି ଅଧ୍ୟାପକ ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତି ପାଇଁ ହୋଇଥିବା ଏସ୍‌ଏସ୍‌ବି ଅଧ୍ୟାପକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍‌ଏସ୍‌ବି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାର ବିଭିନ୍ନ ବିଷୟ ପାଇଁ ଅନେକ ଛାତ୍ରୀଛାତ୍ର ମୌଖିକ ପରୀକ୍ଷା ଲାଗି ମନୋନୀତ ହୋଇଛନ୍ତି। ଆସନ୍ତା ୧୮ରୁ ଜୁଲାଇ ୩ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ଭେରିଫିକେଶନ କରିପାରିବେ। ପରୀକ୍ଷାର୍ଥୀମାନେ ଏସ୍‌ଏସ୍‌ବିର ଅଫିସିଆଲ ୱେବ୍‌ସାଇଟ୍ www.ssbodisha.nic.inରେ ଫଳାଫଳ ଦେଖିପାରିବେ। ଗତ ମାର୍ଚ୍ଚ ୧୦ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୋଟ ୮୩୩(ମହିଳା ୨୭୩) ସିଟ୍ ପାଇଁ ଏହି ପରୀକ୍ଷା ହୋଇଛି। ଏଥିମଧ୍ୟରେ ଏସ୍‌ଟି ପାଇଁ ୧୮୩, ଏସ୍‌ସି ପାଇଁ ୧୩୨, ଏସ୍‌ଇବିସି ପାଇଁ ୯୦, ୟୁଆର୍ ପାଇଁ ୪୨୮ ସିଟ୍ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଗ୍ରହମାନଙ୍କ ଶୁଭ ସମ୍ବନ୍ଧ ଅଭାବରୁ ଯେକୌଣସି ପ୍ରକାରର ପରିସ୍ଥିତିରେ ମଧ୍ୟ ଆପଣ ନିଜକୁ ଠିକ୍ ଭାବେ ଆଡଜଷ୍ଟ କରି ଚଳାଇ ନେଇ ପାରିବେ ନାହିଁ। ଯଦିଓ ବିଶେଷ କିଛି ସମସ୍ୟା ନାହିଁ, ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଦ୍ୱାରା ସ୍ୱାଭିମାନ ବିଡମ୍ବିତ ହେବ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଟେନସନ୍ କିଛି ମାତ୍ରାରେ ଲାଗିରହିବ। ପାରିବାରିକ କ୍ଷେତ୍ରରେ ଏମିତି କେତେକ କଥା ରହିଛି ଯାହାକୁ କହିପାରିବେ ନାହିଁ, ଯାହା ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଦୀର୍ଘଦିନରୁ ଆପଣ ଯେଉଁ କାମଟିକୁ ଆଜି ଯାଏ କରି ପାରୁ ନ ଥିଲେ, କେତେକ ବନ୍ଧୁଙ୍କ ସାହାଯ୍ୟରେ ଆଜି ତାହା ସୁବିଧାରେ ହୋଇଯିବ। ଅଫିସରେ ଅଟକି ରହିଥିବା କାମଗୁଡିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ,ପରିବହନ ସନ୍ତୋଷଜନକ ରହିବ ଏବଂ ଲାଭ ମଧ୍ୟ କିଛି କମ୍ ହେବନି।

**କର୍କଟ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କ ପକ୍ଷପାତିତାକୁ ଦେଖି ମଧ୍ୟ ନ ଦେଖିଲା ପରି ରହି ସମାଲୋଚିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ଅନ୍ୟଥା କ୍ଷତିରେ ପଡିପାରନ୍ତି। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ।

**ସିଂହ** ଆଜି ପରିବାରରେ କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଜମିଜମା, ଯାନବାହନ, ଦେଣନେଣ ପ୍ରଭୃତିକୁ କେନ୍ଦ୍ରକରି ବିତର୍କ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କିଛିଟା ହଇରାଣ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ମଧ୍ୟରେ ହିଁ ରହିବ।

**କନ୍ୟା** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ଅତୀତରେ ଉପକୃତ ହୋଇଥିବା ବନ୍ଧୁମାନଙ୍କ ନିକଟରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ ନାହିଁ । ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇଥିଲେ ଆଜି ତାହା କରିବା କାରଣରୁ ମନ ଖୁସି ରହିବ।

**ତୁଳା** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ଯୁକ୍ତିତର୍କ ଲାଗିପାରେ କିମ୍ବା ଘରୋଇ କଳହକୁ ନେଇ ପରିବାରରେ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସରକାରୀସ୍ତରରୁ ଅର୍ଥ ପାଇବା ସକାଶେ ଉଦ୍ୟମ କରି କେତେକାଂଶରେ ସଫଳତା ପାଇପାରନ୍ତି।

**ବିଛା** ଏଣୁ ତେଣୁ ଗୁଡାଏ ଚିନ୍ତା କରି ମନ ଅସ୍ଥିର ରହିବାର ସୂଚନା ରହିଛି। ଯାହାଙ୍କ ଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇବା କାରଣରୁ ମନେ ମନେ କ୍ଷୁବ୍ଧ ହୋଇ ପାରନ୍ତି। ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ମାନସିକ ସ୍ତରରେ କେତେକ ବ୍ୟତିକ୍ରମ ରହିପାରେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପରିବାରରେ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ କିନ୍ତୁ ଏଥିପାଇଁ ପରେ ମନସ୍ତାପ କରିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ,ପରିବହନ ଓ ନୂତନ କର୍ମାରମ୍ଭରେ କୌଣସି ଅସୁବିଧା ହେବନାହିଁ।

**ମକର** ମନ ଭଲ ନ ଥିବା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ତଥାପି ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ,ବନ୍ଧୁ ଗହଣରେ, ଅନ୍ୟମାନଙ୍କ ନିକଟରୁ ଶ୍ରଦ୍ଧା ଓ ସମ୍ମାନ ପାଇ ସାମୟିକ ଦୁଃଖକୁ ଭୁଲିଯିବେ। ଅର୍ଥ ସମ୍ପର୍କରୁ, ସେବା ଓ ପରୋପକାର ହେତୁ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ହେତୁ ଖୁସି ରହିପାରନ୍ତି।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। କେତେକ ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ଆଜି ଆପଣ ଆର୍ଥିକ ଦୃଷ୍ଟିକୋଣରୁ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଦଶହରା ଦଶମୀ ବୁଧବାର, ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ, ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁଶ୍ରମ ନିଷେଧ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨।୩୫ମି. ଗତେ, ଚିତ୍ରା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ,ବିଦ୍ୟାରମ୍ଭ ଓ ଗୃହ ପ୍ରତିଷ୍ଠା ପାଇଁ ଶୁଭଦିନ। ଦିବା ଘ୬।୪୯ମି. ଗତେ ଘ୮।୨୮ମି. ମଧ୍ୟେ, ଘ୩।୦୪ମି. ଗତେ ଘ୪।୪୩ମି. ମଧ୍ୟେ ଅମୃତ ବେଳା ।

## classifieds Everyday 0674-2580101, 2549302




**BRIDE WANTED**

31yrs MBA ପାସ୍‌କରି Flipkart କମ୍ପାନୀରେ ବାର୍ଷିକ ୭ଲକ୍ଷ ୮୦ ହଜାର ଦରମାରେ ଚାକିରି କରିଥିବା ବଣିଆ ପାତ୍ର ପାଇଁ ସରକାରୀ ସ୍ତରରେ ଶିକ୍ଷୟିତ୍ରୀ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୮୦୯୩୪୮୯୯୪୭। ଧ-୬୪୦୬୭

Looking for Gauda educated beautiful girl for Software Professional in Bangalore from Sambalpur age 29 5'4". Contact: 8904203320. D-12913

Wanted Brahmin homely bride for 1980 born 5'9", Diploma Engineer Brahmin boy. Contact: 8917628852, 6370737397. D-66139

**GROOM WANTED**

SM4 beautiful girl 45/ 5'4" BSC/PGDCA Govt. job working Govt. Teacher, monthly income 8LPM 20k, Unmarried, divorced, house husband. Contact: 9009491423. D-12898

Pvt. companyରେ Account holder 39 ବର୍ଷ ଝିଅ ପାଇଁ Job/Business man proposal ଆବଶ୍ୟକ। 8895398591. D-12899

କେନ୍ଦ୍ରାପଡ଼ା ସ୍ଥିତ 30 ବୟସ୍କା, ସୁନ୍ଦର, ଚାକିରିଆ ଛାଡ଼ପତ୍ର ପ୍ରାପ୍ତ ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7008080967. D-12931

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363. D-66902

**to-let**

Around 1200 sqft area 1st floor near Sainik School, DL-15, VSS Nagar, Bhubaneswar available on rent for Banks/ offices. Contact: 7855930192, 9861134232. D-65654

**education**

Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564

**LOST**

ମୁଁ ସବିତା ସାହୁ ଜଣାଉଛି ଯେ ମୋର ଜମି ପଟ୍ଟା ନଂ 663/ 672 ଖାତା ନଂ 10391000098 ପୋଡ଼ି ଯାଇଅଛି। ଧ-୧୨୯୩୪

**real estate**

**SALE**

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

ଭୁବନେଶ୍ୱର Tamando କେନ୍ଦ୍ରିୟ ବିହାର କଲୋନୀରେ 30' ରାସ୍ତା ଥାଇ plot କିଣନ୍ତୁ। 9348767829. D-66400

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

Plot for sale at Gudiapokhari NH side neartollgate.9437112668, 9438621932. D-60835

Sthitiban plot near Bigbazar, Patia to 3km Singada mouza 405 dcml Rs/- 12lakh. Contact: 8270495179. D-12900

Well renovated & reputed A/C restaurant with fast food counter all modern facilities at Cuttack road, Bhubaneswar for immediate sale. Contact: 9348600654, 9437585977, 7008257791. D-56175

**healthcare**

Home service newly open full body massage A/C room available: 7438851534. D-38555

**ASTROLOGY**

ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

**ବିବାହ ଶୁଭେଚ୍ଛା**



ପ୍ରତାପ (ବୁନୁ)
ସହିତ
ଦୀପାଞ୍ଜଳି (ଲିଜା)
ଲେଖନପୁର, ସାଲେପୁର, କଟକ
ଆଜି ଜୀବନର ଏକ ବିଶେଷ ମୁହୂର୍ତ୍ତରେ ମମତାର ଏକ ଅଛିଣ୍ଡା ଖିଅରେ, ବାନ୍ଧିହେବେ ଚୀର ବନ୍ଧନରେ।
ଶୁଭେଚ୍ଛାସହ: ଧରିତ୍ରୀ ପରିବାର
ଧ-୧୨୯୪୨

**ବିବାହ ଶୁଭେଚ୍ଛା**



ମନୋରଞ୍ଜନ (ମୁନା)
ସୌଦାମିନୀ (ପିଙ୍କି)
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛାସହ:
ବାବା, ମା, ମାମୁ, ମାଇଁ, ଭାଇ, ଭାଉଜ, ନନା, ଦିଦି, ରୋଶନି, ସୌଭାଗ୍ୟ ପରିବାର ଓ ବନ୍ଧୁବର୍ଗ।
ଧ-୧୨୯୧୦

Now Matrimonial ads. only on Wednesday & Sunday Book 1 Get 1 FREE

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମୃତ୍ୟୁଞ୍ଜୟ ମହାପାତ୍ର ଡବ୍ଲ୍ୟୁଏମ୍‌ଓରେ ଭାରତର ସ୍ଥାୟୀ ସଦସ୍ୟ



**ନୂଆଦିଲ୍ଲୀ,୧୧।୬ :** ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ)ରେ ଭାରତର ସ୍ଥାୟୀ ସଦସ୍ୟଭାବେ ନିଯୁକ୍ତି ପାଇଛନ୍ତି। ଜଣେ ବିଶିଷ୍ଟ ବୈଜ୍ଞାନିକ ତଥା ବାତ୍ୟା ସତର୍କତା ବିଶାରଦଭାବେ ଜଣାଶୁଣା ମୃତ୍ୟୁଞ୍ଜୟ ଓ ତାଙ୍କ ଟିମ୍ 'ଫନୀ' ବାତ୍ୟା ସମ୍ପର୍କରେ ଠିକ୍ ଆକଳନ କରି ପ୍ରଶଂସାର ପାତ୍ର ହୋଇଥିଲେ। ବାତ୍ୟା ଆସିବାର ସମୟ ଆକଳନ, ପୂର୍ବାଭାସ, ପବନର ଗତି ଓ ଜନଜୀବନ ଉପରେ ଏହାର ପ୍ରଭାବ, କ୍ଷୟକ୍ଷତି, ସମ୍ପର୍କରେ ସେ ଓ ତାଙ୍କ ଟିମ୍ ଠିକ୍ ସୂଚନା ପ୍ରଦାନ କରିଥିଲେ। ଗତ ୬ ବର୍ଷ ହେବ ମୃତ୍ୟୁଞ୍ଜୟ ଆଇଏମ୍‌ଡିର ବାତ୍ୟା ଚେତାବନୀ ବିଭାଗର ନେତୃତ୍ୱ ନେଇଥିଲେ। ୨୦୧୩ରେ 'ଫାଇଲିନ୍', ୨୦୧୪ରେ 'ହୁଡ୍‌ହୁଡ୍', ୨୦୧୮ରେ 'ତିତ୍‌ଲି' ପୂର୍ବ ଉପକୂଳରେ ତାଣ୍ଡବ ରଚନା କରିଥିବାବେଳେ ଆଇଏମ୍‌ଡିର ବାତ୍ୟା ଚେତାବନୀ ବିଭାଗ ଦ୍ୱାରା ଠିକ୍ ତଥ୍ୟ ଠିକ୍ ସମୟରେ ପ୍ରଦାନ କରାଯାଇଥିଲା। ଆଇଏମ୍‌ଡି ଡିଜିଭାବେ ଯୋଗଦେବା ପୂର୍ବରୁ ମୃତ୍ୟୁଞ୍ଜୟ ୧୯୮୮ରେ ପ୍ରଥମ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷାବେଳେ ଚାନ୍ଦିପୁରର ଡିଆର୍‌ଡିଓ ଲାବରେଟୋରୀରେ କାର୍ଯ୍ୟ କରିଥିଲେ।

### ଚୂଡ଼ାନ୍ତ ପର୍ଯ୍ୟାୟ ପୁସ୍ତକ ତାଲିକା ପ୍ରକାଶ କରିବ କେନ୍ଦ୍ର ସାହିତ୍ୟ ଏକାଡେମୀ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** କେନ୍ଦ୍ର ସାହିତ୍ୟ ଏକାଡେମୀ ଏଥର ଏକାଡେମୀ ପୁରସ୍କାର ଘୋଷଣା କରିବା ସହ ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ପୁସ୍ତକ ଓ ଏହାର ଲେଖକମାନଙ୍କ ନାମ ତାଲିକା ପ୍ରକାଶ କରିବ। ଏ ନେଇ ଏକାଡେମୀ ସଚିବ କେ. ଶ୍ରୀନିବାସନ୍ ଲେଖିଥିବା ଏକ ଚିଠିରୁ ସୂଚନା ମିଳିଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରତିବର୍ଷ ୪ ବିଭାଗରେ ସମୁଦାୟ ୨୪ ଭାଷାରେ ସାହିତ୍ୟିକ ତଥା ଲେଖକଙ୍କୁ ପୁରସ୍କୃତ କରିଥାଏ। ସାହିତ୍ୟ ଏକାଡେମୀ ପୁରସ୍କାର ସହ ଏକାଡେମୀ ଯୁବ ପୁରସ୍କାର, ବାଲ୍ ସାହିତ୍ୟ ପୁରସ୍କାର ଓ ଏକାଡେମୀ ଅନୁବାଦ ପୁରସ୍କାର ବଛା ବଛା ସାହିତ୍ୟିକମାନଙ୍କୁ ପ୍ରଦାନ କରାଯାଇଥାଏ। ତେବେ ଆଗାମୀ ବର୍ଷଠାରୁ ଏକାଡେମୀ ଚୟନ ପ୍ରକ୍ରିୟାର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ପୁସ୍ତକଗୁଡ଼ିକର ନାମ ଘୋଷଣା କରାଯିବ। ଏକାଡେମୀ ଏହାର ପୁରସ୍କାର ନିୟମ ପାଳନ କରି ପୁରସ୍କାର ଘୋଷଣା ସହିତ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକଙ୍କ ନାମ ଓ ଚୂଡ଼ାନ୍ତ ଚୟନରେ ଥିବା ପୁସ୍ତକଗୁଡ଼ିକର ତାଲିକା ନିଶ୍ଚିତ ଭାବରେ ଘୋଷଣା କରିବ ବୋଲି ସଚିବ କେ. ଶ୍ରୀନିବାସନ୍ ଅନୁବାଦକ ନରେନ୍ଦ୍ର ନାରାୟଣ ଦାଶଙ୍କ ଏକ ଚିଠିର ଉତ୍ତର ଦେଇ ଉଲ୍ଲେଖ କରିଛନ୍ତି। ଏକାଡେମୀ ପକ୍ଷରୁ ୨୦୧୮ ବର୍ଷ ପାଇଁ ତ୍ରିପୁରା ରାଜଧାନୀ ଅଗରତାଲାଠାରେ ଆସନ୍ତା ୧୪ ତାରିଖରେ ଅନୁବାଦ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ସାଧାରଣ ପରିଷଦ ବୈଠକ ବସି ୨୦୧୯ ମସିହା ପାଇଁ ଯୁବ ପୁରସ୍କାର ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯିବ।




### ଶ୍ରମିକଙ୍କ ଅଂଶୁଘାତ ମୃତ୍ୟୁ ଅଭିଯୋଗ

**ନିରାକାରପୁର,୧୧।୬(ଡି.ଏନ୍.ଏ.)** ଟ୍ରାକ୍ଟରରୁ ବାଲି ଅନ୍‌ଲୋଡ୍ କରୁଥିବା ସମୟରେ ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡା ଗ୍ରାମର ଅଭିମନ୍ୟୁ ପ୍ରଧାନ(୪୯) । ସେ ସ୍ଥାନୀୟ ଆର୍‌ଡି କାର୍ଯ୍ୟାଳୟ ନିକଟରେ ରହୁଥିଲେ । କାମ କରୁଥିବା ସମୟରେ ତାଙ୍କର ମୁଣ୍ଡ ବୁଲେଇ ଦେବାରୁ ସେ ତଳେ ବସି ଚେତା ହରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରିବାର ପକ୍ଷରୁ ଏହାକୁ ଅଂଶୁଘାତଜନିତ ମୃତ୍ୟୁ ବୋଲି ଅଭିଯୋଗ କରାଯାଇଛି। ଅଭିମନ୍ୟୁଙ୍କ ସ୍ତ୍ରୀ ଲେଖନ ଏ ନେଇ ନିରାକାରପୁର ପୋଲିସ ଓ ରାଜସ୍ୱ ନିରୀକ୍ଷକଙ୍କୁ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏଏସ୍‌ଆଇ ଶରତ ଚନ୍ଦ୍ର ପାଇକରାୟ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।



## ଜିଲା ଚିଠି
### ସୁବର୍ଣ୍ଣପୁର

### ବ୍ୟାରେଜ୍ ନିର୍ମାଣ କହି ଭଣ୍ଡାଇଲେ

ସମୁଦ୍ରକୁ ବହିଯାଉଥିବା ନଦୀ ଜଳ ଅଟକିବ। ରାଜ୍ୟ ସରକାର ବଡ ଯୋଜନା କରିଛନ୍ତି। ମହାନଦୀର ତଳମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେଉଛି। ୭ଟି ବ୍ୟାରେଜ୍ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ଏହା ସହ ମହାନଦୀର ଶାଖା ଓ ଉପନଦୀରେ ମଧ୍ୟ ୨୨ଟି ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରାଯିବ। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାନୀୟ ଜଳ ଓ ଜଳସେଚନର ସମସ୍ୟା ଦୂରହେବ। ୨୦୧୮ ମେ ୧୨ତାରିଖରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଓ ସଚିବ ରାଜ୍ୟବାସୀଙ୍କୁ ଏଭଳି ସୁନେଲି ସ୍ୱପ୍ନ ଦେଖାଇଥିଲେ। ବ୍ୟାରେଜ୍, ଆନିକଟ୍ ପ୍ରକଳ୍ପ ପାଇଁ ସର୍ଭେ ମଧ୍ୟ ହେଲା। ସୋନପୁର ସହରର ରାମେଶ୍ୱର ଘାଟଠାରୁ ୩ କିମି ଦୂର ଖଇରମାଳରେ ନଦୀବନ୍ଧ ପ୍ରକଳ୍ପ ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦିତ ହୋଇଛି। ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପରେ ବ୍ୟୟ ଅଟକଳ ପ୍ରସ୍ତୁତ ହେବ ବୋଲି କୁହାଗଲା। ସ୍ୱାଧୀନତାର ୭୦ବର୍ଷ ପରେ ମହାନଦୀରେ ଦ୍ୱିତୀୟ ବ୍ୟାରେଜ୍ ନିର୍ମାଣ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ। କିନ୍ତୁ ଗତ ବଜେଟ୍‌ରେ ସରକାର ଏଥିପାଇଁ ଆଦୌ ଅର୍ଥର ବ୍ୟବସ୍ଥା କଲେନି। ସରକାର ପ୍ରତିଶ୍ରୁତି ଦେଇ ଅଞ୍ଚଳବାସୀଙ୍କୁ ଭଣ୍ଡାଇଲେ। ଆସନ୍ତା ୨୮ତାରିଖରେ ବିଧାନସଭାରେ ବଜେଟ୍ ଉପସ୍ଥାପନ ହେବ। ରାଜ୍ୟ ସରକାର ଏଥିପାଇଁ ଅର୍ଥର ବ୍ୟବସ୍ଥା କରିବେ ବୋଲି ବୁଦ୍ଧିଜୀବୀ ଆଶା ବାନ୍ଧିଛନ୍ତି। ଛତିଶଗଡ ସରକାର ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରିବା ପରେ ଓଡିଶାରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା। ଏହା ଆନ୍ତଃରାଜ୍ୟ ନଦୀ ହୋଇଥିଲେ ବି ଏଥିରୁ ଓଡ଼ିଶା ୧୨ ମ୍ୟାପ୍ ଏବଂ ଛତିଶଗଡ଼ ୮ ମ୍ୟାପ୍ ଜଳ ପାଇବା କଥା। ଏଥିରେ ଛତିଶଗଡ ଖିଲାପ କରି ଶତାଧିକ ବ୍ୟାରେଜ୍ ନିର୍ମାଣ କରିଥିବାରୁ ଏହାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଜଳ ବିବାଦ ଉପୁଜିଛି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଇସ୍ୟୁକୁ ମୁଖ୍ୟ ପ୍ରସଙ୍ଗ କରାଯାଇଥିଲା। ଓଡିଶାରେ ମଧ୍ୟ ବ୍ୟାରେଜ ଓ ଆନିକଟ କରିବା ପାଇଁ ଉଭୟ ଶାସକ ଓ ବିରୋଧୀଙ୍କ ପକ୍ଷରୁ ଦାବି ଉଠିଥିଲା। କାରଣ ବିଜେଡି ୨୦୧୪ ନିର୍ବାଚନ ଇସ୍ତାହାରରେ ୧୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ନଦୀ ନାଳ ବହୁଳ ଅଞ୍ଚଳରେ ଜଳସେଚନର ଅପାର ସମ୍ଭାବନା ଥିଲେ ମଧ୍ୟ ଏହି ଦିଗ ପ୍ରତି ସରକାର ଅଣଦେଖା କରି ଆସିଥିଲେ। ଛତିଶଗଡ ଘଟଣା ପରେ ଏକ୍ଷେତ୍ରରେ ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା। ତେଣୁ ସମୁଦ୍ରକୁ ବହି ଯାଉଥିବା ମହାନଦୀର ଜଳକୁ ପିଇବା ପାଣି, ଜଳସେଚନ ନିମନ୍ତେ ବ୍ୟବହାର କରାଯିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିଲେ। ପ୍ରସ୍ତାବିତ ବ୍ୟାରେଜ୍ ମଧ୍ୟରେ ଖଇରମାଳ ଓ ଗୋଧନେଶ୍ୱର ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା। ଖଇରମାଳ, ଗୋଧନେଶ୍ୱର ବ୍ୟାରେଜ୍ ନିର୍ମାଣ ଘୋଷଣାକୁ ନେଇ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା। ଖଇରମାଳ ବ୍ୟାରେଜ୍ ନିର୍ମାଣ ହେଲେ ସୋନପୁର ସହରର ଦୁଇପାର୍ଶ୍ୱରେ ପ୍ରବାହିତ ମହାନଦୀ ଓ ତେଲନଦୀ ବର୍ଷସାରା ଜଳପୂର୍ଣ୍ଣ ରହିବ। ମିନି ଚିଲିକାର ଭ୍ରମ ସୃଷ୍ଟି ହୁଅନ୍ତା। ଖରାଦିନେ ଏହି ଉତ୍ତପ୍ତ ସହରର ତାପମାତ୍ରା କମ୍ ରହିବା ସହ ଜଳ ପର୍ଯ୍ୟଟନର ବିକାଶ ହୋଇଥାନ୍ତା। ମତ୍ସ୍ୟଜୀବୀ, ଚାଷୀ ଉପକୃତ ହୋଇଥାନ୍ତେ। ମାତ୍ର ନିର୍ବାଚନ ପରେ ମହାନଦୀ ଜଳ ସମସ୍ୟାକୁ ସବୁ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନଗୁଡିକ ଭୁଲିଯାଇଛନ୍ତି। ଏବେ ଗ୍ରୀଷ୍ମଋତୁରେ ମହାନଦୀର ଜଳ ପ୍ରବାହ କମିଛି। ଏହାର ପ୍ରଭାବ ଜିଲାର କୃଷି କ୍ଷେତ୍ରରେ ପଡିଛି। ହୀରାକୁଦ କମାଣ୍ଡ ଅଞ୍ଚଳରେ ଥିବାରୁ ଜିଲାର ୪୨.୬୧% ଜମି ରବିଋତୁରେ ଜଳସେଚିତ ହୋଇଥାଏ। ଏବେ କେନାଲ ତଳମୁଣ୍ଡକୁ ଆବଶ୍ୟକ ପାଣି ଆସୁନି। ନଦୀ ଶୁଖିଲା ପଡିଥିବାରୁ ଉଠା ଜଳସେଚନ ଓ ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡିକ ଚାଲି ପାରୁନି। ଏହି ଜିଲାରେ ମହାନଦୀ ପ୍ରାୟ ୧୦୦କିମି ଲମ୍ବା ପଥ ଦେଇ ପ୍ରବାହିତ ହେଉଛି। ମହାନଦୀ କୂଳରେ ଏହି ଜିଲା ରହିଥିଲେ ହେଁ ଜିଲା କେତେବେଳେ ମରୁଡିର ଶିକାର ହେଉଛି ତ ପୁଣି କେତେବେଳେ ବନ୍ୟା ବିଭୀଷିକାରେ ଲୋକେ ଥରି ଉଠୁଛନ୍ତି। ଜଳ ସଂରକ୍ଷଣ ପ୍ରତି ଦୃଷ୍ଟି ଦିଆ ନ ଯିବାରୁ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ପରିବର୍ତ୍ତିତ ପରିସ୍ଥିତିରେ ମହାନଦୀର ଅସ୍ତିତ୍ୱକୁ ନେଇ ଏବେ ସନ୍ଦିହାନ ହେବାକୁ ପଡୁଛି। ଓଡିଶାର ବଡ ନଦୀ ବୋଲି ଆମେ ମହାନଦୀକୁ ନେଇ ଗର୍ବ କରୁଛୁ। ହେଲେ ନଦୀର ସୁରକ୍ଷା ପ୍ରତି ଦୃଷ୍ଟି ଦେଉନୁ, କି ଜଳର ଉପଯୋଗ କରୁନୁ। ସରକାର କେବଳ ଘୋଷଣାରେ ସୀମିତ ନରଖି ଲୋକଙ୍କ ସ୍ୱାର୍ଥ ଓ ବିକାଶ ସହ ଜଡିତ ପ୍ରକଳ୍ପ ନିର୍ମାଣ କରନ୍ତୁ।

– ମୃତ୍ୟୁଞ୍ଜୟ ଶତପଥୀ

■ ରଥଯାତ୍ରା ସିଧା ପ୍ରସାରଣ ପ୍ରସଙ୍ଗ

# ସମସ୍ତ ଚ୍ୟାନେଲକୁ ମିଳିବ ସୁଯୋଗ

■ନିଲାମ ନିଷ୍ପତ୍ତିରୁ ଓହରିଲା ଶ୍ରୀମନ୍ଦିର ପ୍ରଶାସନ
■ଚ୍ୟାନେଲ ମୁଖ୍ୟଙ୍କ ସହ ବୈଠକ ଖୁବ୍‌ଶୀଘ୍ର
■ଘୋଷକଙ୍କ ଉପରେ ଲାଗିଲା କଟକଣା

**ପୁରୀ ଅଫିସ, ୧୧।୬**

ରଥଯାତ୍ରା ସିଧା ପ୍ରସାରଣକୁ ନେଇ ୟୁ ଟର୍ନ ମାରିଛି ଶ୍ରୀମନ୍ଦିର ପ୍ରଶାସନ। ଆଗକୁ ସ୍ନାନଯାତ୍ରା ଓ ରଥଯାତ୍ରା ଆସୁଥିବାରୁ ବିବାଦକୁ ଆଗକୁ ବଢାଇବାକୁ ଚାହିଁନାହିଁ। ସିଧା ପ୍ରସାରଣ ପାଇଁ ମନ୍ଦିର ପ୍ରଶାସନ ଯେଉଁ ନିଲାମ ଆହ୍ୱାନ କରିଥିଲା ସେଥିରୁ ଓହରିଯାଇଛି। ଗୋଟିଏ ନୁହେଁ ବରଂ ସମସ୍ତ ଟିଭି ଚ୍ୟାନେଲକୁ ମିଳିବ ରଥଯାତ୍ରା ସିଧା ପ୍ରସାରଣ ଅଧିକାର। ସ୍ନାନଯାତ୍ରାଠୁ ଆରମ୍ଭ କରି ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସବୁ ଚ୍ୟାନେଲ ସିଧା ପ୍ରସାରଣ କରିପାରିବେ। କୌଣସି ଚ୍ୟାନେଲକୁ ରଥଯାତ୍ରାର ସିଧା ପ୍ରସାରଣରୁ ବାଦ୍ ଦିଆଯିବ ନାହିଁ। ତେବେ ଏଥିପାଇଁ ଚ୍ୟାନେଲଗୁଡ଼ିକୁ ଶ୍ରୀମନ୍ଦିର ପାଣ୍ଠିକୁ କିଛି ଅନୁଦାନ ଦେବାକୁ ପଡ଼ିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଫଳରେ ଏହି ପ୍ରସଙ୍ଗକୁ ନେଇ ଆଗକୁ ଯେଉଁ ବଡ଼ଧରଣର ବିବାଦ ଉପୁଜିବା ଆଶଙ୍କା କରାଯାଉଥିଲା ତାହା ଏକ ପ୍ରକାର ଟଳିଯାଇଥିବା କୁହାଯାଉଛି।

ପୂର୍ବରୁ ସିଧା ପ୍ରସାରଣ ଅଧିକାର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଟେଣ୍ଡର ପେପର ଆହ୍ୱାନ କରାଯାଇ ଥିବାବେଳେ ଏଥିରେ ୭ଟି ଚ୍ୟାନେଲ ଭାଗ ନେଇଥିଲେ। ହେଲେ ଏହାକୁ ବିରୋଧ କରି ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ନିଲାମ ପ୍ରକ୍ରିୟା ଶ୍ରୀମନ୍ଦିର ଆଇନର ଉଲ୍ଲଂଘନ କରୁଥିବାରୁ ବିଜ୍ଞପ୍ତିକୁ ରଦ୍ଦ କରିବା ଲାଗି ପୁରୀର ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏହି ମାମଲା ଦାଏର କରିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ସେନା ମଧ୍ୟ ବିରୋଧ କରିଥିଲା। ସିଧା ପ୍ରସାରଣକୁ ନେଇ ବିବାଦ ଉଠିବାରୁ ମଙ୍ଗଳବାର ପରିଚାଳନା କମିଟି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିପାଇଁ ଟେଣ୍ଡର କରାଗଲେ ଏହାକୁ ନେଇ ଅଶାନ୍ତିକର ବାତାବରଣ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ଶେଷରେ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ବଦଳାଇଥିଲା।

ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ମହାପାତ୍ର କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଆମ ସମସ୍ତଙ୍କ ଦାୟିତ୍ୱ। କୌଣସି ଚ୍ୟାନେଲକୁ ରଥଯାତ୍ରା ସିଧା ପ୍ରସାରଣରୁ ବାଦ୍ ଦେବା ନିଲାମର ଉଦ୍ଦେଶ୍ୟ ନୁହେଁ। ଶ୍ରୀମନ୍ଦିର ଏହାଦ୍ୱାରା କିଛି ରାଜସ୍ୱ ପାଉ ଏହା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଖୁବ୍‌ଶୀଘ୍ର ସବୁ ଚ୍ୟାନେଲ କର୍ତ୍ତୃପକ୍ଷଙ୍କ ସହ ବୈଠକ କରାଯିବ। ମହାପ୍ରଭୁଙ୍କ ପ୍ରଚାର ପ୍ରସାର ଭଳି ଭଲ କାମରେ କିଏ କେତେ ଟଙ୍କା ଦେଇପାରିବେ ତାହା ନିଷ୍ପତ୍ତି ନିଆଯିବ। କୌଣସି ଚ୍ୟାନେଲକୁ ରଥଯାତ୍ରା ପ୍ରସାରଣରୁ ବାଦ୍ ଦିଆଯିବ ନାହିଁ। ସମସ୍ତେ ପ୍ରସାରଣ ଅଧିକାର ପାଇବେ। ନିଲାମ ପ୍ରକ୍ରିୟାରେ ଯେଉଁ ସର୍ବୋଚ୍ଚ ମୂଲ୍ୟ ଆସିଛି ତାକୁ ନଜରରେ ରଖି ଶ୍ରୀମନ୍ଦିର ପାଣ୍ଠିକୁ କିଏ କେତେ ଅର୍ଥ ଦେବେ ତାହା ମୁଖ୍ୟ ପ୍ରଶାସକ ନିଷ୍ପତ୍ତି ନେବେ। ତେବେ ଯେ କୌଣସି ଚ୍ୟାନେଲ ବ୍ୟବସାୟିକ ବିଜ୍ଞାପନ ବିନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର, ପ୍ରସାର କରିବ ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ଚ୍ୟାନେଲଠାରୁ କୌଣସି ଅର୍ଥ ନେବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏଥର ଘୋଷକମାନଙ୍କ ଉପରେ କଟକଣା ଲଗାଇଛି ମନ୍ଦିର ପ୍ରଶାସନ। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ରଥଯାତ୍ରା ସମୟରେ ବିଭିନ୍ନ ଚ୍ୟାନେଲ ଘୋଷକଙ୍କୁ ଡାକିଥାନ୍ତି। କିନ୍ତୁ ଅଧିକାଂଶ ଘୋଷକଙ୍କ ରଥଯାତ୍ରା ଏବଂ ଜଗନ୍ନାଥ ସଂସ୍କୃତି, ପରମ୍ପରା ସମ୍ପର୍କରେ ଜ୍ଞାନ କମ୍ ରହୁଥିବା ଦେଖିବାକୁ ମିଳୁଛି। ସେମାନେ ବିଭିନ୍ନ ପ୍ରସଙ୍ଗ କହିବା ବେଳେ ଭୁଲ୍ ସୂଚନା ଦେଉଛନ୍ତି। ଏମିତି କି ଅନେକ ମନଗଢା କାହାଣୀ ବି କହୁଛନ୍ତି। ଏ ନେଇ ପୂର୍ବରୁ ଅନେକ ଥର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇଛି। କିନ୍ତୁ ଚଳିତବର୍ଷ ଏଥିପାଇଁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଉଛି। ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ଉପରେ ଯେଉଁମାନଙ୍କର ଯଥେଷ୍ଟ ଜ୍ଞାନ ଥିବ ସେହିମାନଙ୍କୁ ଆଣିବା ଲାଗି ଚ୍ୟାନେଲ କର୍ତ୍ତୃପକ୍ଷଙ୍କୁ କୁହାଯିବ। ଏଥିସହ ସମ୍ପୃକ୍ତ ଘୋଷକମାନଙ୍କର ତାଲିକା ପ୍ରଦାନ ଲାଗି ଚ୍ୟାନେଲଗୁଡ଼ିକୁ ଚିଠି କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ନବୀନ



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି।

**ସୌଜନ୍ୟମୂଳକ ସାକ୍ଷାତ**

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୂଆଦିଲ୍ଲୀରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି। ଲଗାତର ପଞ୍ଚମଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ରାଷ୍ଟ୍ରପତି କୋବିନ୍ଦଙ୍କ ସହ ନବୀନଙ୍କ ଏହା ପ୍ରଥମ ସାକ୍ଷାତ। ଦୁହିଁଙ୍କ ମଧ୍ୟରେ ହୋଇଥିବା ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ସାମୁଦ୍ରିକ ଝଡ଼ ଫନୀ ପରିବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ରାଜ୍ୟରେ ହୋଇଥିବା କ୍ଷତି ସମ୍ପର୍କରେ ରାଷ୍ଟ୍ରପତି କୋବିନ୍ଦ ମୁଖ୍ୟମନ୍ତ୍ରୀଙ୍କଠାରୁ ପଚାରି ବୁଝିଥିଲେ। ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଢତାର ସହ ସମ୍ମୁଖୀନ ହୋଇଥିବା ଓଡ଼ିଆ ଜନଗଣଙ୍କ ସହ ସବୁ ସମୟରେ ସେ ଅଛନ୍ତି ବୋଲି ରାଷ୍ଟ୍ରପତି କୋବିନ୍ଦ କହିଛନ୍ତି।

### ଚିଟ୍‌ଫଣ୍ଡ ଠକେଇ: ପୋଲିସ କର୍ମଚାରୀଙ୍କ ସ୍ତ୍ରୀ ସମେତ ୨ ଗିରଫ

**ଭଦ୍ରକ ଅଫିସ,୧୧।୬**

ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଦୀର୍ଘଦିନ ପରେ ଶକୁନ୍ତଳା ସାହୁ ଏବଂ ପ୍ରତାପ ବେହେରା ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ମହିଳା ଜଣେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ ହୋଇଥିବାରୁ ତାଙ୍କୁ ଗିରଫ କରାଯାଉ ନ ଥିବା ନେଇ ଏସପି ଗଙ୍ଗାଧର ବାତୁଲଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଚିଟ୍ ଫଣ୍ଡ ଠକେଇ ଘଟଣାର ପୋଲିସ ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୨୭୪/୧୯) ରୁଜୁ ହୋଇଛି। ସହରରେ 'ବିଟି କଏନ' ନାମକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲି ଏମାନେ ଅଧିକ ସୁଧ ଦେବା ପ୍ରଲୋଭନ ଦେଖାଇ ବହୁ ଜମାରାଶି ସଂଗ୍ରହ କରି ଲୋକଙ୍କୁ ଠକିଥିଲେ ବୋଲି ପୂର୍ବରୁ ଅଭିଯୋଗ ହୋଇଥିଲା।

**ବ୍ରତୋପନୟନ ଶୁଭେଚ୍ଛା**





**ଶୁଭମ୍**
ଶୁଭମର ବ୍ରତୋପନୟନ ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
**ଶୁଭେଚ୍ଛାସହ:**
କେକେ ଘନଶ୍ୟାମ ଦାଶ ଓ ପରିବାରବର୍ଗ– ଟିଣାଶାସନ, ବିଂଝାରପୁର, ଯାଜପୁର
ଧ–୧୨୯୩୩

## ଗରମରେ ସିଝୁଛି ଓଡ଼ିଶା

# ୧୫ ଯାଏ ନିସ୍ତାର ନାହିଁ

■୪୦ ଡିଗ୍ରୀ ଉପରେ ୧୩ ସହର
■୧୦ ଜିଲାକୁ ସତର୍କ ସୂଚନା
■ସମ୍ବଲପୁର ପାରଦ ୪୫ ଡିଗ୍ରୀ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ସମଗ୍ର ରାଜ୍ୟ ଗରମ ଓ ଗୁଳୁଗୁଳିରେ ସିଝୁଛି। ସତେ ଯେପରି ଆକାଶରୁ ଅଗ୍ନି ବର୍ଷୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପରିବେଶକୁ ଉତ୍ତପ୍ତ କରି ଦେଇଛି। ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ତ୍ରାହି ତ୍ରାହି ଡାକୁଛନ୍ତି। ଖରା ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିବା ବେଳେ ସକାଳ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ହାତ, ମୁହଁ ଜଳି ପୋଡ଼ି ଯାଉଛି। ପଶ୍ଚିମ, ଆଭ୍ୟନ୍ତରୀଣ ଏବଂ ଉପକୂଳ ପ୍ରଚଣ୍ଡ ଗ୍ରୀଷ୍ମରୁ ବର୍ତ୍ତିପାରି ନାହିଁ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପର ମୁହାଁ ହୋଇଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ଦକ୍ଷିଣ ପଶ୍ଚିମ ମୌସୁମୀ କେରଳ ଛୁଇଁଥିଲେ ମଧ ଓଡ଼ିଶାକୁ କେବେ ଆସିବ, ସେ ନେଇ ଏ ପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ହୋଇନାହିଁ। ଆସନ୍ତା ୧୫ ତାରିଖ ଯାଏ ଏଭଳି ପ୍ରଚଣ୍ଡ ଗରମରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଅନ୍ୟପକ୍ଷରେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଏ ପର୍ଯ୍ୟନ୍ତ ହୋଇ ନ ଥିବାରୁ ପରିବେଶ ଉତ୍ତପ୍ତ ହୋଇ ରହିଛି। କାଁ ଭାଁ କାଳବୈଶାଖୀ ବର୍ଷା ହେଉଥିଲେ ମଧ ତାତି ରୋକିବାରେ ସହାୟକ ହେଉ ନାହିଁ।

ମଙ୍ଗଳବାର ରାଜ୍ୟର ୧୩ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହିଥିବା ବେଳେ ୪ ସହରରେ ତାପମାତ୍ରା ୪୪ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ସମ୍ବଲପୁରରେ ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୫ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ହୀରାକୁଦ ୪୪.୪, ଝାରସୁଗୁଡ଼ା ୪୪.୨, ସୋନପୁର ୪୪, ଟିଟିଲାଗଡ଼ ୪୩.୪, ତାଳଚେର ୪୨.୫, ବଲାଙ୍ଗୀର ୪୧.୮, ଅନୁଗୋଳ ୪୧.୭, ସୁନ୍ଦରଗଡ଼ ୪୧, ଭବାନୀପାଟଣା ୪୦.୬, ଭୁବନେଶ୍ୱର ୪୦.୩, ମାଲକାନଗିରି ୪୦.୨ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏହି ସମୟରେ କୋରାପୁଟ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି।

JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
| --- | --- | --- | --- |
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

"ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ



# ଅବିଶ୍ୱସନୀୟ ମନେହେଉଛି

ଭାରତର ସଂସଦୀୟ ଗଣତନ୍ତ୍ରର ଶାସନ ପଦ୍ଧତି ଦେଖିଲେ ଆଇନ ପ୍ରଣେତାମାନେ ବିଭିନ୍ନ ପ୍ରକାର ନୀତି, ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିଥାଆନ୍ତି। ଯୋଜନାର ସ୍ୱରୂପ ଦେଖି ଅମଲାତନ୍ତ୍ରୀ ବା ବିଶେଷଜ୍ଞମାନେ ତାହାକୁ କାର୍ଯ୍ୟକାରୀ କରିଥାଆନ୍ତି। ଯେହେତୁ ଲୋକଙ୍କ ସହ ସରକାରୀ ଅଧିକାରୀମାନେ ସିଧାସଳଖ ଯୋଗାଯୋଗରେ ଆସିଥାଆନ୍ତି, ସେହେତୁ ସେମାନଙ୍କୁ ବାସ୍ତବ ସରକାର ଭାବେ ଧରି ନିଆଯାଇଥାଏ। ସାଧାରଣତଃ ଭାରତବର୍ଷରେ ପ୍ରାୟ ଅଧିକାରୀ କେନ୍ଦ୍ରର ମନ୍ତ୍ରଣାଳୟ ବା ରାଜ୍ୟଗୁଡ଼ିକର ବିଭାଗରେ ଥିବା ମନ୍ତ୍ରୀଙ୍କ ପାଖରେ ଉତ୍ତରଦାୟୀ ହେଉ ନ ଥିବାରୁ ସେମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ବିଶେଷକରି ଅତ୍ୟଧିକ କ୍ଷମତାକୁ ନିଜ ହାତରେ ଠୁଳ କରି ରଖିଥିବା ସର୍ବଭାରତୀୟ ଅଧିକାରୀମାନେ ସ୍ଥଳବିଶେଷରେ ତା'ର ଅପବ୍ୟବହାର କରି ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାରର ଫାଇଦା ଉଠାଇ ଚାଲିଛନ୍ତି। କଦବା କେତେବେଳେ ଦୁର୍ନୀତି ଅଭିଯୋଗରେ କେହି ଧରାପଡ଼ିଲେ ଚାକିରିରୁ ନିଲମ୍ବିତ କିମ୍ବା ସବୁଆଡୁ ବହୁତ ଖୋଳତାଡ଼ ହେଲେ ବହିଷ୍କାର ଯାଏ କଥା ଯାଇଥାଏ। ନ ହେଲେ ଅଧିକାଂଶ ଲୁଚିଲୁଚି ଅବସର ପର୍ଯ୍ୟନ୍ତ ଚାକିରିକୁ ନେଇଯାଇଥାଆନ୍ତି। ସେଥିପାଇଁ କୁହାଯାଇଥାଏ, ସରକାରୀ ଚାକିରି ହେଉଛି ସବୁଠାରୁ ନିରାପଦ। କାର୍ଯ୍ୟ ପ୍ରତି ଉତ୍ତରଦାୟିତ୍ୱର ଘୋର ଅଭାବ ଏହିଭଳି ଅନେକଙ୍କୁ ନିକମା ଅଧିକାରୀ ବା କର୍ମଚାରୀ କରାଇଥାଏ। ଡେରିରେ ହେଲେ ମଧ୍ୟ ଏବେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୧୨ ବରିଷ୍ଠ ଆୟକର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଘଟଣା ନୂଆ ଉଦାହରଣ ସୃଷ୍ଟି କରିଛି। ଯେଉଁମାନଙ୍କ ବିରୋଧରେ ଏପରି କଠୋର ଆଭିମୁଖ୍ୟ ପୋଷଣ କରାଯାଇଛି, ସେମାନଙ୍କ ନାମରେ ଦୁର୍ନୀତି, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ଅପାରଗ ଏବଂ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏମାନଙ୍କ ମଧ୍ୟରେ ଚିଫ୍ କମିଶନର, ପ୍ରିନ୍ସିପାଲ କମିଶନର ଏବଂ କମିଶନ ର୍ୟାଙ୍କର ଅଧିକାରୀମାନେ ରହିବା ଅବଶ୍ୟ କାହାରିକୁ ଆଶ୍ଚର୍ଯ୍ୟ ଲାଗୁ ନ ଥାଇପାରେ। ଦୁର୍ନୀତିର ଇତିହାସ ଦେଖିଲେ ଅନେକ ସମୟରେ ପ୍ରଶାସନର ଶୀର୍ଷ ସ୍ଥାନରେ ଥିବା ଅଧିକାରୀ ଅମଲାତନ୍ତ୍ରରେ କଳଙ୍କ ଆଣିଥାଆନ୍ତି।

ଭାରତରେ ଯେଉଁ ସ୍ତରରେ ଦୁର୍ନୀତି ହୋଇଥିଲେ ମଧ୍ୟ ପ୍ରଥମେ ରାଜନେତାଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥାଏ। ବାସ୍ତବରେ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ତଥା ସମ୍ପୂର୍ଣ୍ଣ ସମ୍ପୃକ୍ତି ବିନା ଦୁର୍ନୀତି ଅସମ୍ଭବ। ଓଡ଼ିଶାରୁ ଆରମ୍ଭ କରି ପ୍ରତ୍ୟେକ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ବୋପରି କେନ୍ଦ୍ରୀୟ ଯୋଜନା ବା ପ୍ରକଳ୍ପ କ୍ଷେତ୍ରରେ ପର୍ସେଣ୍ଟେଜ୍ ବା ପିସି ଭଳି ଶବ୍ଦ ସହ ସମସ୍ତେ ଅଭ୍ୟସ୍ତ ଥାଆନ୍ତି। ହାତଗୁଞ୍ଜା ନ ଦେଲେ କାମ ହେବ ନାହିଁ ବୋଲି ଧାରଣା ରହିଛି। କର୍ମଚାରୀ ଓ ଅଧିକାରୀମାନଙ୍କ ବାଟ ଦେଇ ଲାଞ୍ଚ ସର୍ବୋଚ୍ଚ ସ୍ତରରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚିଥାଏ। ଲାଞ୍ଚ ଉପରକୁ ଯିବା ବାଟରେ ସେହି କାମରେ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ଛାଣି ହୋଇଯାଇଥାଏ। ଲାଞ୍ଚ ଦେଇ ଅନୈତିକ ଉପାୟରେ କାମ କରି ନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଯଦି ପ୍ରାରମ୍ଭିକ ଅବସ୍ଥାରେ ବାଧା ଦିଆଯାଇପାରନ୍ତା, ତାହା ହେଲେ ସାଧାରଣରେ ଏକ ସକାରାତ୍ମକ ବାର୍ତ୍ତା ଯାଆନ୍ତା ଯେ, ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟର ଅଧିକାରୀମାନେ ସଚ୍ଚୋଟ ଅଛନ୍ତି। ହେଲେ ସେଭଳି ବ୍ୟକ୍ତିଙ୍କୁ ପାଇବା ଲାଗି ଦିନରେ ଟର୍ଚ୍ଚ ଧରି ଖୋଜିବାକୁ ପଡ଼ିବ।

ନିକଟରେ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ସର୍ବନିମ୍ନ ସ୍ତରର ଦୁର୍ନୀତି ଦେଖିବାକୁ ମିଳିଥିଲା। ସେଠାରେ ନିକୃଷ୍ଟ ଧରଣର ରାସ୍ତାକାମ ହୋଇଥିବା ଦର୍ଶାଇ ଲୋକମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଥିଲେ। ଏପରିକି ସ୍ଥାନୀୟ ବିଧାୟକ ସର୍ବସମ୍ମୁଖରେ ଯନ୍ତ୍ରୀଙ୍କୁ ୧୦୦ ଥର ଉଠ୍‌ବସ୍ ହେବା ପାଇଁ ନିର୍ଦ୍ଦେଶ ଦେଇ ଏବେ ଅଡୁଆରେ ପଡ଼ିଛନ୍ତି। ଏ ସଂକ୍ରାନ୍ତ ଭାଇରାଲ ହୋଇଥିବା ଭିଡିଓକୁ ଦେଖିଲେ ରାସ୍ତାକାମ ନିମ୍ନମାନର ହୋଇଥିବା ଦୃଶ୍ୟମାନ ହେଉଛି। ହେଲେ ବିଧାୟକଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀଙ୍କ ଉଠ୍‌ବସ୍ ହୋଇଗଲା ଗଣମାଧ୍ୟମ ପାଇଁ ମୁଖ୍ୟ ବିଷୟ। ସେତେବେଳେ ରାଜନେତାଙ୍କୁ ଦୋଷ ଦିଆଯାଉଥିବା ବେଳେ ବାସ୍ତବ ଦୁର୍ନୀତିରେ ଜଡ଼ିତ ବ୍ୟକ୍ତି ଖସିଗଲେ। ଏଭଳି ଛୋଟ ସ୍ତରର ଦୁର୍ନୀତିଠାରୁ ଆରମ୍ଭ କରି ରାଫାଲ ଯାଏ ବଡ଼ ଦୁର୍ନୀତି ଭାରତୀୟ ସମାଜରେ ଏକ ଅଙ୍ଗ ହୋଇଯାଇଥିବାରୁ ଏଗୁଡ଼ିକର କୁପ୍ରଭାବ ଦେଖିବା ପାଇଁ କାହାରି ସମୟ ନାହିଁ। ଏହାଦ୍ୱାରା ଅପାରଗତା ଓ ଦୁର୍ନୀତି ଉଭୟେ ସାମାଜିକ ସ୍ୱୀକୃତି ଲାଭ କରିସାରିଲେଣି। ଏଭଳି ପରିସ୍ଥିତିରେ ୧୨ ଜଣ ଉଚ୍ଚପଦସ୍ଥ ଆୟକର ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ସନ୍ଦେହ ଘେରରେ ରହିଯାଉଛି। କେଉଁ ଗୋଟିଏ ଶକ୍ତିଶାଳୀ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀର କ୍ଷତି ଘଟିଥିଲେ ଏଭଳି 'ଦୃଢ଼' କାର୍ଯ୍ୟାନୁଷ୍ଠାନ ଭାରତରେ ସମ୍ଭବପର। ଯଦି କେହି କୁହେ ଯେ, ଏହା ସରକାରଙ୍କ ଦୃଢ଼ ମନୋଭାବର ପରିଚୟ, ତେବେ ତାହା ବିଶ୍ୱାସଯୋଗ୍ୟ ହେବ ନାହିଁ। ଆଜିର ଭାରତରେ କୌଣସି ପଦକ୍ଷେପ ବିନା ସ୍ୱାର୍ଥରେ ନିଆଯାଇ ନାହିଁ। ସେଥିପାଇଁ ଆୟକର ଅଧିକାରୀଙ୍କ ବାଧ୍ୟତାମୂଳକ ଅବସରକୁ ସହଜରେ ଗ୍ରହଣ କରି ହେଉନାହିଁ। ଉଦାହରଣସ୍ୱରୂପ ଏହି ୧୨ ଜଣଙ୍କ ମଧ୍ୟରୁ କେତେ ଜଣଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆସିଛି। ଯଦି ଏହି ଅପରାଧ ପାଇଁ ଅଧିକାରୀଙ୍କୁ ବିଦା କରାଗଲା, ତେବେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଶୀର୍ଷ ଅଧିକାରୀଙ୍କ ବିରୋଧରେ ଅଣାଯାଇଥିବା ଯୌନ ବ୍ୟଭିଚାର ଅଭିଯୋଗକୁ କେଉଁ ଭାବେ ରଫାଦଫା କରିଦିଆଗଲା ସେ ସମ୍ପର୍କରେ ପ୍ରଶ୍ନ ଉଠୁଛି। ନ୍ୟାୟ ସମ୍ମୁଖରେ ସମସ୍ତଙ୍କ ପାଇଁ ଗୋଟିଏ ମାପକାଠି। କିନ୍ତୁ ଭାରତରେ କେବଳ କଥାରେ କୁହାଯାଏ, 'ନ୍ୟାୟ ତା' ବାଟରେ ଯିବ'। ନ୍ୟାୟର ଯେହେତୁ ଆଖିରେ ପୁଟୁଳି ବନ୍ଧାଯାଇଛି, ସେଥିପାଇଁ ନିଜ ବାଟ ଖୋଜି ଯିବା ସମ୍ଭବପର ହୁଏ ନାହିଁ। ଏ ଦେଶରେ ମୁଷ୍ଟିମେୟ ଲୋକ ବ୍ୟବସ୍ଥାକୁ ହାତେଇ ନେବା ଫଳରେ ସବୁ ପଦକ୍ଷେପ-ଭଲ ହେଉ ବା ମନ୍ଦ-ଅବିଶ୍ୱସନୀୟ ମନେହେଉଛି।

# କାହିଁ ସେଦିନର ଲୁହ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଓଡ଼ିଶାରେ ଫନୀର ତାଣ୍ଡବ ପରେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଖାଇବାକୁ ପାଉନାହାନ୍ତି। ଜୀବିକା ହରାଇଛନ୍ତି। ଅବଶ୍ୟ ସରକାର ଯଥାସାଧ୍ୟ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏନଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ପୋଲିସ ବାହିନୀ ଇତ୍ୟାଦି ଜନଜୀବନର ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅକ୍ଳାନ୍ତ ଉଦ୍ୟମ କରିଛନ୍ତି। ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବହୁ କୁଶଳୀ କର୍ମଚାରୀ ଓଡ଼ିଶାକୁ ଆସି ଦିନରାତି ପରିଶ୍ରମ କରିଛନ୍ତି। ମାତ୍ର ସମସ୍ତଙ୍କ ମନରେ ଥିଲା ଗୋଟିଏ ପ୍ରଶ୍ନ। ଯେଉଁମାନେ ନିର୍ବାଚନ ପୂର୍ବରୁ ଭୋଟ ମାଗିବା ପାଇଁ ଘର ଘର ବୁଲୁଥିଲେ ଏହି ଦୁର୍ଦ୍ଦିନ ସମୟରେ ସେମାନେ କାହାନ୍ତି? ଯେଉଁମାନେ ଦୀନଦୁଃଖୀ ଓ ଦରିଦ୍ରମାନଙ୍କ ପାଇଁ କାନ୍ଦୁଛନ୍ତି ବୋଲି କହିଥିଲେ ଆଜି ସେମାନଙ୍କ ଲୁହ କାହିଁ? ଆଜି ମନେପଡନ୍ତି ସେମାନେ ଯେଉଁମାନେ ମଣିଷର ଦୁର୍ଦ୍ଦିନ ସମୟରେ ଅଶ୍ରୁପାତ କରିବାର ଅଭିନୟ କରୁ ନ ଥିଲେ, ବରଂ ମଣିଷର ଦୁର୍ଦ୍ଦଶା ଦେଖି ଯନ୍ତ୍ରଣାରେ ଛଟପଟ ହେଉଥିଲେ ଓ ସମସ୍ତଙ୍କ ଅନ୍ତରାଳରେ ଅଶ୍ରୁପାତ କରୁଥିଲେ।

ଗୋପବନ୍ଧୁଙ୍କ ଜୀବନର କଥା। ସେତେବେଳେ ଚାରିଆଡେ ବନ୍ୟା। ଅର୍ଦ୍ଧରାତ୍ର ସମୟ। ଭୀଷଣ ବର୍ଷା ହେଉଥାଏ। ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ହଠାତ୍ କାହାର ବିକଳ କ୍ରନ୍ଦନ ଶୁଣିଲେ। ଆଲୁଅ ଜାଳି ଦେଖିଲେ ଗୋପବନ୍ଧୁ ପିଲାଙ୍କ ଭଳି ଭୋ ଭୋ କାନ୍ଦୁଛନ୍ତି। ପଣ୍ଡିତ ଗୋଦାବରୀଶ ପଚାରିଲେ, ''କ'ଣ ହେଲା, କାନ୍ଦୁଛନ୍ତି କାହିଁକି?'' ଗୋପବନ୍ଧୁ କାନ୍ଦି କାନ୍ଦି କହିଲେ, ''ଆଜି ବନ୍ୟାଞ୍ଚଳକୁ ଯାଇଥିଲି। ଲୋକଙ୍କ ଦୁଃଖ କହିଲେ ନ ସରେ। ଘରେ କାହାରି ଚାଳ ନାହିଁ। ବର୍ଷାରେ ସେମାନେ କେତେ କଷ୍ଟ ନ ଭୋଗିବେ? ''ଦୀନଦୁଃଖୀଙ୍କ ସେବା, ବନ୍ୟାବାତ୍ୟା-ପ୍ରପୀଡିତ ଲୋକଙ୍କ ଦୁଃଖଦୈନ୍ୟ ଦୂରକରିବା ପାଇଁ ତାଙ୍କର ସମଗ୍ର ଜୀବନ କଟିଥିଲା। ବନ୍ୟାପ୍ରପୀଡିତ ଲୋକଙ୍କ ସେବା ପାଇଁ ସେ ନିଜ ପୁଅକୁ ମୃତ୍ୟୁଶଯ୍ୟାରେ ଛାଡି ଚାଲିଯାଇଥିଲେ। ପ୍ରଳୟଙ୍କରୀ ବାତ୍ୟାରେ ଘର ହରାଇଥିବା ଲୋକଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଘର ଦେବା, ଭୋକ ଉପାସରେ ଶଢୁଥିବା ନିରନ୍ନ ଜନତାର ମୁଖରେ ଗଣ୍ଡାଏ ଅନ୍ନ ଦେବା ପାଇଁ ଗୋପବନ୍ଧୁ ସର୍ବଦା ଚିନ୍ତିତ ଥିଲେ। ୧୯୨୦ ମାର୍ଚ୍ଚରେ ସେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରତିନିଧି ଭାବରେ ଓଡ଼ିଶାର ବନ୍ୟା ଓ ମରୁଡି ଚିତ୍ରକୁ ଯେଭଳି ଯଥାର୍ଥ ଭାବରେ ଭାବବିହ୍ୱଳ ହୋଇ ଉପସ୍ଥାପନ କରିଥିଲେ ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ସେ କହିଥିଲେ, ''ଏ ଦେଶରେ ଯଦି କୌଣସି ଲୋକ ଉପବାସରେ ମୃତ୍ୟୁବରଣ କରେ ତେବେ ତା'ର ନିଃଶ୍ୱାସ ସରକାରଙ୍କ ଉପରେ ପଡିବ। ସରକାର ଦୁଃଖୀଦରିଦ୍ର ଜନତାର ମୁହଁରେ ଅନ୍ନ ଦିଅନ୍ତୁ। ଏତିକି କହୁ କହୁ ଗୋପବନ୍ଧୁ ବ୍ୟବସ୍ଥାପକ ସଭାରେ ଭୋଭୋ ହୋଇ କାନ୍ଦିଉଠିଲେ। ଏହି ଘଟଣାରେ ଲାଟ୍ ସାହେବଙ୍କ ହୃଦୟ ତରଳିଯାଇଥିଲା ଓ ସେ ନିଜେ ବନ୍ୟାଞ୍ଚଳକୁ ଆସି ଲୋକଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିଥିଲେ ଓ ସାହାଯ୍ୟ ଯୋଗାଇ ଦେଇଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଜୀବନର କଥା। ସେ ଆମେରିକାରୁ ଫେରି ବେଲୁଡ ମଠରେ ଗୋଟିଏ କୋଠରିରେ ରହୁଥାନ୍ତି। ତାଙ୍କ ପାଖ କୋଠରିରେ ରହୁଥାନ୍ତି ସ୍ୱାମୀ ବିଜ୍ଞାନାନନ୍ଦ। ରାତି ଅଧରେ ବିଜ୍ଞାନାନନ୍ଦ ଶୁଣିଲେ ଏକ ଚାପା କାନ୍ଦଣାର ସ୍ୱର। ବାହାରକୁ ଆସି ଝରକାବାଟେ ଦେଖିଲେ ବିବେକାନନ୍ଦ ତାଙ୍କ କୋଠରି ଭିତରେ ଚଟାଣ ଉପରେ ମୁହଁ ତଳକୁ କରି କଇଁକଇଁ ହୋଇ କାନ୍ଦୁଛନ୍ତି। ବିଜ୍ଞାନାନନ୍ଦ ତାଙ୍କ କାନ୍ଦିବାର କାରଣ ପଚାରନ୍ତେ ସେ କହିଲେ, ଐଶ୍ୱର୍ଯ୍ୟଶାଳୀ ଆମେରିକାକୁ ଦେଖିବା ପରେ ଭାରତରେ ଦୁଃଖକଷ୍ଟପୀଡ଼ିତ, କ୍ଷୁଧାର୍ତ୍ତ ଓ ରୁଗ୍ଣ ଜନସାଧାରଣଙ୍କ କଥା ଭାବିବା ବେଳକୁ ମୁଁ ନ କାନ୍ଦି ରହି ପାରୁନାହିଁ। ଆଉ ଦିନକର ଘଟଣା ବିବେକାନନ୍ଦ ଆଶ୍ରମରେ ଋଗ୍‌ବେଦର ଅଧ୍ୟାପନା କାର୍ଯ୍ୟ କରୁଥାନ୍ତି। ପାଖରେ ବସିଥାନ୍ତି ତାଙ୍କର ଶିଷ୍ୟ ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ। ଏହି ସମୟରେ ନାଟ୍ୟ ସମ୍ରାଟ୍ ଗିରୀଶଚନ୍ଦ୍ର ଘୋଷ ସେଠାରେ ପହଞ୍ଚିଲେ। ସ୍ୱାମିଜୀ ବ୍ରହ୍ମଜ୍ଞାନ ସମ୍ପର୍କରେ ବୁଝାଉଥାନ୍ତି। କୌତୁକ ଛଳରେ ଗିରୀଶ ବାବୁ ବିବେକାନନ୍ଦଙ୍କୁ ପଚାରିଲେ, ''ଆଚ୍ଛା ନରେନ୍! ବେଦବେଦାନ୍ତ ତ ଅନେକ ପଢିଛ। କ୍ଷୁଧିତର ଅନ୍ନ ପାଇଁ ହାହାକାର, ଦରିଦ୍ରର ଦୁଃଖ, ଅନ୍ୟାୟ ଓ ଅତ୍ୟାଚାର- ଯାହା ଆମେ ସଚରାଚର ଦେଖିବାକୁ ପାଉ- ତା'ର କୌଣସି ପ୍ରତିବିଧାନ ତୁମ ବେଦବେଦାନ୍ତ ଲେଖିଛି କି? ଜଣେ ଗୃହିଣୀ, ଯିଏ ପ୍ରତ୍ୟହ ପଚାଶଜଣ ଲୋକଙ୍କୁ ଅନ୍ନ ବିତରଣ କରୁଥିଲେ ଆଜି ତିନିଦିନ ହେଲା ଅନ୍ନାଭାବ ହେତୁ ପୁତ୍ରକନ୍ୟା ସହ ଅନାହାରରେ ଅଛନ୍ତି। କେହି କେହି ମହିଳା ଲାଞ୍ଛିତା ଓ ଉତ୍ପୀଡିତା ହୋଇ ପ୍ରାଣତ୍ୟାଗ କରୁଛନ୍ତି। ନରେନ୍, ବେଦବେଦାନ୍ତରୁ ଏହାର କିଛି ପ୍ରତିକାର ପାଇଛ? ଗିରୀଶବାବୁଙ୍କ ଏହି କଥା ଶୁଣି ବିବେକାନନ୍ଦଙ୍କ ଚକ୍ଷୁଦ୍ୱୟ ଅଶ୍ରୁସିକ୍ତ ହୋଇଗଲା। ଭାବାବେଗକୁ ଦମନ କରି ନ ପାରି ସେ ବିଚଳିତ-ହୃଦୟରେ ତତ୍‌କ୍ଷଣାତ୍ ସେ ସ୍ଥାନ ପରିତ୍ୟାଗ କରି ଅନ୍ୟ କକ୍ଷକୁ ଚାଲିଗଲେ।

ସ୍ୱାମିଜୀ ପ୍ରସ୍ଥାନ କରିବା ପରେ ଗିରୀଶ ବାବୁ ଶିଷ୍ୟମାନଙ୍କୁ କହିଲେ- ଦେଖିଲ! ତୁମ ଗୁରୁଙ୍କ ହୃଦୟ କିପରି ଅନୁକମ୍ପାପୂର୍ଣ୍ଣ। ମଣିଷର ଦୁଃଖ କଷ୍ଟ ଶୁଣିବା ପରେ ବେଦବେଦାନ୍ତର ଯେଉଁ ବ୍ୟାଖ୍ୟା ହେଉଥିଲା ସେସବୁ କୁଆଡେ ଅନ୍ତର୍ହିତ ହୋଇଗଲା। କିଛି ସମୟ ପରେ ବିବେକାନନ୍ଦ ଫେରି ଆସିଲେ। ସ୍ୱାମୀ ସଦାନନ୍ଦଙ୍କୁ କହିଲେ, ତୁମେ ରୁଗ୍ଣ ଓ ଆର୍ତ୍ତର ସେବା ପାଇଁ ଗୋଟିଏ ସେବାଶ୍ରମ ପ୍ରତିଷ୍ଠା କର। ସଦାନନ୍ଦ ଗୁରୁ-ଆଜ୍ଞା ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ସ୍ୱାମିଜୀ ଗିରୀଶବାବୁଙ୍କୁ କହିଲେ- ଦେଖ ଜଗତର ଦୁଃଖକଷ୍ଟ ଦୂର କରିବା ପାଇଁ ମୁଁ ସହସ୍ରବାର ଜନ୍ମଗ୍ରହଣ କରିବାକୁ ପ୍ରସ୍ତୁତ ଅଛି। ନିଜ ମୁକ୍ତି ମୁଁ ଚାହେଁନାହିଁ। ମୁଁ ପ୍ରତ୍ୟେକଙ୍କୁ ମୁକ୍ତ ହେବା ପାଇଁ ସାହାଯ୍ୟ କରିବାକୁ ଚାହେଁ।

ଆଜି କାହିଁ ସେହି ଲୁହ? ଯେତେବେଳେ ଲୋକେ ବାତ୍ୟା ବା ବନ୍ୟାପ୍ରପୀଡିତ ହେଉଛନ୍ତି କିଛି ଲୋକଙ୍କ ପାଇଁ ତାହା ଠିକ୍ ସୁଯୋଗ ପାଲଟି ଯାଉଛି। ବ୍ୟବସାୟୀମାନେ ଅତ୍ୟାବଶ୍ୟକ ଜିନିଷଗୁଡିକର ମୂଲ୍ୟବୃଦ୍ଧି କରି ବେଶ୍ ଦି ପଇସା ଅଧିକ ରୋଜଗାର କରୁଛନ୍ତି। ଅତୀତରେ ଓଡ଼ିଶାରେ ରିଲିଫ ସାମଗ୍ରୀ ଲୁଟ୍ ହୋଇଥିବାର ଖବର ମଧ୍ୟ ପ୍ରକାଶିତ ହୋଇଛି। ଲୋକଙ୍କ ଦୁର୍ଦ୍ଦିନ ସମୟରେ ମନେପଡନ୍ତି ବିବେକାନନ୍ଦ ଓ ଗୋପବନ୍ଧୁ। ସେମାନେ କେବେ କାନ୍ଦିବାର ଅଭିନୟ କରିନାହାନ୍ତି। ଯନ୍ତ୍ରଣାରେ ଦଗ୍ଧୀଭୂତ ହୋଇ ସତରେ ଲୁହ ଗଡାଇଛନ୍ତି। ଅବଶ୍ୟ ଆଜିର ତଥାକଥିତ ଆତ୍ମଘୋଷିତ ଜନସେବକମାନେ ବର୍ଷକୁ ଥରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପିନ୍ଧାଇ ଦିଅନ୍ତି। ମାତ୍ର ବନ୍ୟା, ବାତ୍ୟା, ଦୁର୍ବିପାକ ସେମାନଙ୍କ ସମୃଦ୍ଧି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପାଲଟିଯାଏ।

ବିଶିଷ୍ଟ ଲେଖକ ମନୋଜ ଦାସ ଗୋଟିଏ ପ୍ରବନ୍ଧରେ ରୋମ୍ ସମ୍ରାଟ ନିରୋଙ୍କ ଅଶ୍ରୁପାତ କଥା ସ୍ମରଣ କରାଇ ଦେଇଛନ୍ତି। ଦିନେ ନିରୋ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କଥା ଭାବି କାନ୍ଦିବାର ପ୍ରେରଣା ଅନୁଭବ କରିଥିଲେ। କାନ୍ଦ କାନ୍ଦ ଅବସ୍ଥାରେ ଜଣେ କର୍ମଚାରୀଙ୍କୁ କହିଲେ, ଛିଡା ହୋଇ ଦେଖୁଛ କ'ଣ? ମୋ ଲୁହ ତଳେ ପଡି ନଷ୍ଟ ହେବା ପୂର୍ବରୁ ଧରି ରଖ। କେହି ଜଣେ ଦୌଡିଯାଇ ସୁନାର ପାତ୍ର ନେଇ ଆସିଲା। ଲେଖକ କହିଛନ୍ତି ସେ ଯୁଗରେ ଫଟୋଗ୍ରାଫର ଥିଲେ ନିରୋ ଅବଶ୍ୟ ସେମାନଙ୍କୁ କ୍ୟାମେରା ସଜଡାସଜଡି କରିବାର ସୁଯୋଗ ଦେଇ ଅଶ୍ରୁପାତ କରିଥାନ୍ତେ। ସୁନାପାତ୍ର ଆସିବା ବେଳକୁ ଲୁହ ତଥାପି ଉଦ୍‌ଗତ ଅବସ୍ଥାରେ ରହିଥିଲା କି ଶୁଖିଯାଇଥିଲା ଜଣାନାହିଁ। ନିରୋଙ୍କ ସମ୍ପର୍କିତ ଏହି କାହାଣୀ ଅତିରଞ୍ଜିତ ହୋଇପାରେ, କିନ୍ତୁ ଆଜି ଦେଶପ୍ରାଣତା ଦୃଷ୍ଟିରୁ ଅଶ୍ରୁପାତ ଅଥବା ତଦନୁରୂପ କାର୍ଯ୍ୟାନୁଷ୍ଠାନ କରୁଥିବା ବହୁ ବ୍ୟକ୍ତି ଯେ ଉପରୋକ୍ତ କିମ୍ବଦନ୍ତୀର ନିରୋଙ୍କ ପର୍ଯ୍ୟାୟରେ ପଡିବେ, ଏକଥା କହିଲେ ଅତିରଞ୍ଜନର ସମ୍ଭାବନା ନାହିଁ।

ମୋ- ୯୪୩୭୩୨୯୨୬୩

# ନିର୍ଯାତିତ ଶୈଶବ ଓ ସାର୍ବଜନୀନ ଶିକ୍ଷା



ସବ୍ୟସାଚୀ ଅମିତାଭ

ଆମ ସମାଜରେ ଶିଶୁର ବିକାଶରେ ଶିଶୁଶ୍ରମିକ ପ୍ରଥା ଏକ ବଡ଼ ବାଧକ। ଶିଶୁ ଶ୍ରମିକ ନିଷେଧ ଆଇନ ଅନୁଯାୟୀ ୧୪ ବର୍ଷରୁ କମ୍ ସମସ୍ତ ପିଲା ଶିଶୁ ଭାବେ ପରିଗଣିତ। ଯଦି ଏହି ବୟସର କୌଣସି ପିଲା ନିଜର ଶିକ୍ଷା ଓ ଶୈଶବକୁ ଜଳାଞ୍ଜଳି ଦେଇ ଶ୍ରମଯୁକ୍ତ କାର୍ଯ୍ୟରେ ନିଯୁକ୍ତ ହୁଏ, ତେବେ ତାକୁ ଶିଶୁ ଶ୍ରମିକ ଆଖ୍ୟା ଦିଆଯାଇଥାଏ। ଶିଶୁଟିଏ ଜନ୍ମ ନେବା ପରେ ତା'ର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶର ପରିପୁଷ୍ଟି ପାଇଁ ତା'ର ସବୁ ପ୍ରକାର ଅଧିକାର ରହିଛି। ମାତ୍ର ଉପଯୁକ୍ତ ପରିବେଶ ଓ ସମାଜ ବିନା ଏ ସମସ୍ତର ବିକାଶ ସମ୍ଭବପର ହୁଏନି। ମାନବ ସମ୍ବଳର ବିକାଶ ଶିଶୁମାନଙ୍କ ଶାରୀରିକ, ମାନସିକ, ସାମାଜିକ, ଅର୍ଥନୈତିକ ଉନ୍ନତି ଉପରେ ନିର୍ଭର କରିଥାଏ। ଯଦି ଶିଶୁ ଶିକ୍ଷାଲାଭ ସହ କୌଣସି କାର୍ଯ୍ୟରେ ସାମୟିକ ନିଯୁକ୍ତ ହୁଏ, ତେବେ ସେ ଶିଶୁ ଶ୍ରମିକ ନୁହେଁ, କାରଣ ଏହାଦ୍ୱାରା ଶିଶୁର ଅଧିକାର କ୍ଷୁଣ୍ଣ ହୋଇ ନ ଥାଏ। ଦେଶରେ ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୫ କୋଟିରୁ ଅଧିକ ବୋଲି ଏକ ତଥ୍ୟରୁ ଜଣାଯାଇଛି। ଯଦି ଆମ ରାଜ୍ୟ ଓଡ଼ିଶା କଥା ବିଚାର କରିବା ତେବେ ଏହି ସଂଖ୍ୟା ୮ ଲକ୍ଷ ଟପିବ।

ଶିଶୁ ଶ୍ରମିକ ସମସ୍ୟାର ଅନେକ କାରଣ ରହିଛି। ପାରମ୍ପରିକ କୌଳିକ ବ୍ୟବସାୟ ବା ବୃତ୍ତିରେ ଶିଶୁମାନଙ୍କ ନିଯୁକ୍ତି, ଆର୍ଥିକ ଦୁରବସ୍ଥା, ୧୪ ବର୍ଷ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାର ଅଭାବ, ବିଦ୍ୟାଳୟରେ ଅନାକର୍ଷଣୀୟ ଶିକ୍ଷା ପରିବେଶ, ମାଆବାପାଙ୍କ ନିରକ୍ଷରତା ଓ ଅବହେଳା, ଉପଯୁକ୍ତ ଖାଦ୍ୟର ଅଭାବ, ଶିଶୁ ଶ୍ରମିକ ଆଇନରେ ସ୍ଥାଣୁତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ଦୂରଦୃଷ୍ଟିର ଅଭାବ ଆଦି କାରଣ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ।

ତେବେ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ସମ୍ଭବପର କି? ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଯଦିଓ ଏକ ଜଟିଳ ସମସ୍ୟା ତଥାପି ଏହି ସମସ୍ୟା ବିରୋଧରେ ଏକ ବିଧିବଦ୍ଧ ସାମୂହିକ ସଂଗ୍ରାମର ଆବଶ୍ୟକତା ରହିଛି। ଉକ୍ତ କୁପ୍ରଥା ବିରୋଧରେ ଜନମତ ସଂଗ୍ରହ କରିବା ଏହି ସଂଗ୍ରାମର ଲକ୍ଷ୍ୟ। ଏହାସହ ଅନ୍ୟ କିଛି ଦିଗକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ତାହା ହେଲା- ବାଧ୍ୟତାମୂଳକ ଶିକ୍ଷାର ଠିକ୍ ପ୍ରଚଳନ, ଶିଶୁ ଶ୍ରମିକ ଆଇନର ଉପଯୁକ୍ତ ପ୍ରବର୍ତ୍ତନ, ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଶିଶୁ ଶ୍ରମିକ ପରିବାରଗୁଡ଼ିକୁ ସାମିଲ କରିବା ତଥା ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଶିଶୁ ଶ୍ରମିକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା।

ଶିଶୁ ଶ୍ରମିକ ନିରାକରଣ ପ୍ରକ୍ରିୟାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଉପଲକ୍ଷେ

ବିଗତ ଦଶକରେ ଶିକ୍ଷା ତଥା ବିକାଶର କଚ୍ଛପ ଗତିକୁ ଲକ୍ଷ୍ୟକରି ଭାରତ ସରକାର ସାମାଜିକ ଓ ଆର୍ଥିକ ଉନ୍ନତିରେ ପଞ୍ଚାୟତକୁ ସାମିଲ କରିବା ପାଇଁ ନିଷ୍ପତ୍ତି ନେଲେ, ଯାହା ସମ୍ବିଧାନର ୭୩ତମ ସଂଶୋଧନ ଅଧିନିୟମ ଭାବେ ପରିଚିତ। ଏହି ସଂଶୋଧିତ ଅଧିନିୟମର ଧାରା ୨୪୩ ଅନୁଯାୟୀ ଗୋଷ୍ଠୀକୁ ଶିକ୍ଷା ପରିଚାଳନା ଭାର ଦିଆଯାଇଛି। ୨୦୦୧ ମସିହା ପରଠାରୁ ରାଜ୍ୟସ୍ତରରେ ଶିକ୍ଷାର ହାର କ୍ରମାଗତ ବଢୁଛି। ତେବେ ବହୁ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏବେ ମଧ୍ୟ ଅଗମ୍ୟ ଗ୍ରାମାଞ୍ଚଳ ଓ କିଛି ସହରାଞ୍ଚଳରେ ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ଶିକ୍ଷାଠାରୁ ବେଶ୍ ଦୂରରେ ରହିଛନ୍ତି। ପ୍ରାଥମିକସ୍ତରରେ ଅଧାରୁ ପାଠ ଛାଡୁଥିବା ସାଧାରଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ଥିବାବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୦ ପ୍ରତିଶତରୁ ଅଧିକ। ସେହିପରି ଉଚ୍ଚ ପ୍ରାଥମିକ (୩ୟରୁ ୭ମ)ସ୍ତରରେ ସାଧାରଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୯ ପ୍ରତିଶତ ଥିବାବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮୦ ପ୍ରତିଶତ ଟପିଛି। ସରକାରୀ ପରିସଂଖ୍ୟାନରୁ ଜଣାଯାଇଛି, ଓଡ଼ିଶାରେ ୭୦୦ରୁ ଅଧିକ ପ୍ରାଥମିକ ସ୍କୁଲରେ କୌଣସି ଘର ନାହିଁ, ପାଖାପାଖି ୧୦୦୦ ସ୍କୁଲର ପିଲା ମୁକ୍ତାକାଶ ତଳେ ପାଠ ପଢ଼ନ୍ତି। ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ୧୦୦ ପିଲାଙ୍କ ମଧ୍ୟରୁ ୩୮ ଜଣ ଓ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ମାତ୍ର ୧୮ ଜଣ ସ୍କୁଲ ଆସିବାର ସୁଯୋଗ ପାଆନ୍ତି। ଜାତି, ଲିଙ୍ଗଗତ ବୈଷମ୍ୟ ଓ ସାର୍ବଜନୀନ ଶିକ୍ଷାର ଅଭାବ ବିଶେଷକରି ମହିଳା ଓ ପଛୁଆବର୍ଗର ଶିଶୁଙ୍କ ଶିକ୍ଷାରେ ଅନ୍ତରାୟ ସୃଷ୍ଟି କରୁଛି।

୯୦ ପ୍ରତିଶତରୁ ଅଧିକ ଶିଶୁ ଶ୍ରମିକ ଗ୍ରାମାଞ୍ଚଳର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ପଞ୍ଚାୟତସ୍ତରରେ ଉଦ୍ୟମ ହେଲେ ହିଁ ଶିଶୁ ଶ୍ରମିକ ସମସ୍ୟା ଦୂର ହୋଇପାରିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ଶିଶୁମାନଙ୍କ ଉନ୍ନତି ପାଇଁ ବ୍ୟବସ୍ଥା ଥିବାବେଳେ ଏହି ବିଷୟକୁ ପ୍ରାୟତଃ ଅଣଦେଖା କରାଯାଏ। ଗ୍ରାମସଭା ଓ ପଲ୍ଲିସଭା ଜରିଆରେ ଶିଶୁ ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଯୋଜନା ପ୍ରସ୍ତୁତ କରାଯିବା ଦରକାର। ପ୍ରାଥମିକ ଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଅଧିକ ବ୍ୟୟବରାଦ ହେବା ଆବଶ୍ୟକ।

ଶିଶୁ ଶ୍ରମିକ ପ୍ରଥାର ନିରାକରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାର ବିଶେଷ ଭୂମିକା ରହିଛି। ସେଗୁଡିକ ହେଲା- ପଞ୍ଚାୟତ ରାଜସ୍ୱରୁ ପ୍ରାଥମିକ ଶିକ୍ଷା ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହ, ସ୍କୁଲ ଯାଉ ନ ଥିବା ପିଲାଙ୍କୁ ଚିହ୍ନଟ କରିବା, ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା, ପିଲାମାନଙ୍କୁ ସ୍କୁଲରେ ନାଁ ଲେଖାଇବା ପାଇଁ ପ୍ରବର୍ତ୍ତାଇବା ଓ ସ୍କୁଲ ପରିଚାଳନାକୁ ତଦାରଖ କରିବା। ଏହାସହ ପଞ୍ଚାୟତସ୍ତରର ନିର୍ବାଚିତ ପ୍ରତିନିଧିମାନେ ଏନ୍‌ଜିଓଙ୍କ ସହାୟତାରେ ଲୋକଙ୍କୁ ଶିଶୁ ଶ୍ରମିକଙ୍କ ଅବସ୍ଥା ବାବଦରେ ସଚେତନ କରାଇବା ସହିତ ଏହାର ସମାଧାନ ପାଇଁ ବାଟ ବାହାର କରିବା ଆବଶ୍ୟକ। ଏପରି କରାଗଲେ ଶିଶୁ ଶ୍ରମିକ ପ୍ରଥାର ବିଲୋପ ସହଜରେ ହୋଇପାରିବ।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ଆସାମର ଦିସ୍‌ପୁରରେ ଥିବା ଅକ୍ଷର ଫୋରମ୍ ସ୍କୁଲ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏଠାରେ ପାଖାପାଖି ୧୧୦ ପିଲା ପଢୁଥିବା ବେଳେ ଏମାନେ ସ୍କୁଲ ଫି ବାବଦରେ ପ୍ଲାଷ୍ଟିକ୍‌ର ବର୍ଜ୍ୟବସ୍ତୁ ଦାଖଲ କରିଥାଆନ୍ତି। ପ୍ରତି ସପ୍ତାହରେ ପିଲାଙ୍କୁ ବର୍ଜ୍ୟ ପ୍ଲାଷ୍ଟିକ୍‌ଗୁଡିକୁ ଏକ ଥଳିରେ ଆଣିବାକୁ ପଡ଼ିଥାଏ। ଏହାକୁ ସ୍କୁଲ ଘର, ଶୌଚାଳୟ ଓ ସଡ଼କ ନିର୍ମାଣରେ ବ୍ୟବହାର କରାଯାଉଛି। ନ୍ୟୁୟର୍କରେ ରହୁଥିବା ପାରମିତା ଶର୍ମା ଓ ତାଙ୍କ ସ୍ୱାମୀ ମଜିନ ମୁଖ୍‌ତାର ଏହି ସ୍କୁଲ ନିର୍ମାଣ କରିଥିଲେ। ପ୍ରଥମେ ସେ ଏଠାରେ ପଢୁଥିବା ପିଲାଙ୍କୁ ମାଗଣାରେ ପଢାଉଥିଲେ। ପରେ ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣକୁ ରୋକିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଦିସ୍‌ପୁରରେ ପାଖାପାଖି ୧୦ ଲକ୍ଷ ଲୋକ ରହୁଥିବା ବେଳେ ଏଠାରେ ପ୍ରତିଦିନ ୩୭ ଟନ୍ ବର୍ଜ୍ୟବସ୍ତୁ ବାହାରିଥାଏ। ପୂର୍ବରୁ ଏଠାକାର ଲୋକେ ପ୍ଲାଷ୍ଟିକ୍‌କୁ ପୋଡ଼ି ଦେଉଥିବାରୁ ପରିବେଶ ପ୍ରଦୂଷଣର ମାତ୍ରା ବଢ଼ି ଯାଉଥିଲା। ଏବେ କିନ୍ତୁ ଏହାର ପୁନଃବ୍ୟବହାର ଫଳରେ ପ୍ରଦୂଷଣ ମାତ୍ରା ହ୍ରାସ ପାଇଛି।

## ୨୫ ବର୍ଷ ତଳେ ଧରିତ୍ରୀ

୧୨ ଜୁନ୍ ୧୯୯୪

- ଭାରତରେ ମାଲ ପରିବହନର ସମ୍ପ୍ରସାରଣ ନିମନ୍ତେ ୯୪ ନିୟୁତ ଡଲାର ଋଣ ସାହାଯ୍ୟ କରିବାକୁ ବିଶ୍ୱବ୍ୟାଙ୍କର ଘୋଷଣା।
- ବାଂଲାଦେଶର ବିବାଦୀୟ ଲେଖିକା ତସ୍‌ଲିମା ନସରିନଙ୍କୁ ହତ୍ୟା କରିବା ଲାଗି ଜଣେ ମୁସଲମାନ ନେତା ମୁଫ୍‌ତି ସୟଦ ନଜ୍ରୁଲ ଏକଲକ୍ଷ ଟାକା ପୁରସ୍କାର ଘୋଷଣା କରିଛନ୍ତି।

## ଚିରନ୍ତନୀ

ପୃଥିବୀ-ଗ୍ରହର କୁହାଟ ଉଠଇ
ସୌର ଜଗତ ମଥି
ସବୁଠାରୁ ବଡ଼ ଫଉଜ ହୋଇଛି ରଥୀ!
ଆଣବିକ ବୋମାଠାରୁ ବଳି ବଳୀୟାନ
ପଦନିକ୍ଷେପେ ପାହାଡ଼ ଲସଇ
ଅଗଣିତ ଆଗୁଆନ!


(ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | 3 | | 2 | E | C | | 8 | | | | 5 |
| | 0 | 3 | D | C | | | | 5 | B | | | | | 4 |
| A | 6 | | 7 | | 1 | | | | | C | 2 | | | |
| D | | | B | | | | | 8 | | | | A | 2 | 3 |
| E | 1 | | 8 | | | | 7 | 3 | | | 6 | | | |
| | | | | | | 7 | | 1 | | E | | | | 2 |
| 9 | 8 | A | | | | 6 | | D | | | 5 | | | 7 |
| 6 | D | 4 | | | C | | 2 | | | | A | | | 8 |
| | | 1 | | 4 | | | 0 | E | | 9 | | | | |
| 7 | | E | 2 | 8 | | | | | | | | | 4 | |
| 3 | | | 9 | | 0 | | | 6 | | | | | | |
| | | | | | | 5 | A | | | | 0 | | | 9 |
| | | 6 | E | A | | 3 | | | | | | | | C |
| | C | D | | 7 | | | 1 | | 4 | | | | | 0 |
| | 7 | | | 2 | | 0 | B | 4 | D | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟ ଖବର ଛାପୁଥିବା କାଗଜ

ମହାଶୟ,

ଧରିତ୍ରୀ ହିଁ ନିରପେକ୍ଷ, ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରିଆସୁଥିବାରୁ ସାରା ଓଡ଼ିଶା ଓ ବାହାରେ ଏତେସଂଖ୍ୟକ ପାଠକ ବୃଦ୍ଧି ହୋଇଛନ୍ତି। ଯେଉଁ ଖବର ସତ୍ୟ ଅଥଚ ଆପଣା ଉପରେ ବିପଦ ଆସିବାର ସମ୍ଭାବନା ଥାଏ, ସେ ପ୍ରକାର ଖବର ଛାପିବାକୁ ଅନ୍ୟ ଖବରକାଗଜ ଭୟ କରୁଥିବା ବେଳେ ଏକମାତ୍ର ଧରିତ୍ରୀ ହିଁ ନିର୍ଭୀକତାର ପରିଚୟ ଦେଇ ଛାପିଥାଏ। ଏଥିପାଇଁ ଧରିତ୍ରୀ ପାଠକଙ୍କ ନିକଟରେ ଆଦୃତ ହୋଇ ରହିଛି ଓ ରହିବ। ସବୁଠାରୁ ଆନନ୍ଦର କଥା ଏହା କାହାର ମୁହଁ ଦେଖେନା, ଦେଖେ ଲେଖାକୁ। ଉତ୍ସାହିତ କରିଆସିଛି ନୂତନ ଲେଖକ ପିଢ଼ିକୁ ଓ ସୃଷ୍ଟି କରିଛି ପ୍ରକୃତ ପାଠକ ଗୋଷ୍ଠୀକୁ।

ସାରଥି ମଲିକ, ଅମରପାଲି, ବୀରମହାରାଜପୁର, ସୋନପୁର

### ସେସୁର ଗ୍ରାହକ ଶୋଷଣ

ସେସୁ ମାସିକିଆ ବିଲ୍ ଆଦାୟ ବଦଳରେ ମେ ମାସରେ ଦେଢ଼ମାସର ବିଲ୍ କରିଛି। ଅର୍ଥାତ୍ ଯେଉଁ ୧୫ ଦିନର ବିଲ୍ ଜୁନ୍ ୧୫ ତାରିଖରେ ହୋଇଥାନ୍ତା, ଏହା ଜୁନ୍ ଶେଷରେ ଆଦାୟ ହୋଇଥାନ୍ତା। ତାହା ଏବେ ଆଦାୟ ପାଇଁ ମେ ମାସ ବିଲ୍‌ରେ ରଖିଛନ୍ତି। ବାତ୍ୟା ଲାଗି ଲୋକେ ଦୁର୍ଦ୍ଦଶାରେ ଥିବା ବେଳେ ସେସୁର ଏହା ଏକ ଅମାନବୀୟ କାର୍ଯ୍ୟ। ପୁନଶ୍ଚ ଏହା ଆଦାୟ ପାଇଁ ୧୫ ଦିନ ସମୟ ଦିଆଯାଇଥାଏ। କିନ୍ତୁ ଏହା ୪ ଦିନ ମଧ୍ୟରେ ଦେବାକୁ ବିଲ୍‌ରେ ରହିଛି। ଏପରି କରିବା ଦ୍ୱାରା ସେସୁ ଶହ ଶହ ଟଙ୍କା ଗ୍ରାହକଙ୍କଠାରୁ ଲୁଟୁଛି। ଯେହେତୁ ୟୁନିଟ୍ ଯେତେ ଅଧିକ ହେବ, ଦର ମଧ୍ୟ ୟୁନିଟ୍ ପିଛା ସେତେ ଅଧିକ ହେବ। ଏଣୁ ସେସୁ ବିଲ୍‌କୁ ଦୁଇ ତୃତୀୟାଂଶ ଏକମାସ ଏବଂ ଏକ ତୃତୀୟାଂଶ ୧୫ ଦିନ ଆଧାରରେ ସଂଶୋଧନ କରି ପଇଠ ହୋଇଥିବା ବିଲ୍‌ରେ ଅଧିକ ନିଆଯାଇଥିବା ଟଙ୍କାକୁ ପରବର୍ତ୍ତୀ ବିଲ୍‌ରେ କାଟନ୍ତୁ।

ପଣ୍ଡିତ ରାମକୃଷ୍ଣ ମିଶ୍ର, ଏଏଲ୍-୫୩, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

### ମାଟ୍ରିକ୍ ପରୀକ୍ଷା ଫଳର ସରକାରୀ ସମୀକ୍ଷା

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ବିଭିନ୍ନ ଦୃଷ୍ଟିକୋଣରୁ ନୈରାଶ୍ୟଜନକ। ଚଳିତ ବର୍ଷ ୭୦.୭୮ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି ଯାହା ଗତ ୭ ବର୍ଷରେ ସର୍ବନିମ୍ନ। ଚଳିତ ବର୍ଷ ୮୨ ହାଇସ୍କୁଲରେ କେହି ପାସ୍ କରିନାହାନ୍ତି। ଏହିସବୁ ହାଇସ୍କୁଲର ଦୁର୍ବଳ ପ୍ରଦର୍ଶନ ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସୂଚନା ଦେଇଛନ୍ତି। ଗତବର୍ଷ ସମୀକ୍ଷାର ଫଳ କ'ଣ ହେଲା, ତାହା ପ୍ରକାଶ ପାଇନାହିଁ। ଚଳିତ ବର୍ଷର ସମୀକ୍ଷା ଫଳ କ'ଣ ହେବ ତାହା ଜନସାଧାରଣ ଜାଣିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୧୬ରେ ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ମିଳନୀ

**ବାଲେଶ୍ୱର ଅଫିସ, ୧୧।୬:** ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ୮ମ ବାର୍ଷିକ ଜିଲା ସମ୍ମିଳନୀ ପାଇଁ ମଙ୍ଗଳବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟନାଥ ଷଡ଼ଙ୍ଗୀ ଏଥିରେ ଅଧକ୍ଷତା କରିଥିଲେ। ଚଳିତ ଜୁନ୍ ୧୬ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ମିଳନୀରେ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସଦର ବିଧାୟକ ମଦନମୋହନ ଦତ୍ତ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ସମ୍ବିତ୍ କୁମାର ନାୟକ ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ମିଳନୀରେ ଜିଲାର ୨୫ଟି ଆଞ୍ଚଳିକ ସଂଘରୁ ପ୍ରାୟ ୪୦୦ ପ୍ରତିନିଧି ଯୋଗଦେବେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ବରିଷ୍ଠ ନାଗରିକମାନଙ୍କର ସାମାଜିକ ସୁରକ୍ଷା ଆଇନ ଉପରେ ଗୁରୁତ୍ୱ ଦିଆଯିବା ସହ ସମାଜରେ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତାକୁ ସରକାର ବିନିଯୋଗ କରିବା ପାଇଁ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯିବ। ତେଣୁ ସମ୍ମିଳନୀର ସଫଳତା ପାଇଁ ମଞ୍ଚ ତରଫରୁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। ମଞ୍ଚର ଜିଲା ସମ୍ପାଦକ ତଥା ରାଜ୍ୟ ଉପସଭାପତି ଲକ୍ଷ୍ମୀଧର ବେହେରା ସମ୍ମିଳନୀର ପ୍ରସ୍ତୁତି ସଂପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଅଭ୍ୟର୍ଥନା କମିଟିର ଅଧକ୍ଷ ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ହରମୋହନ ଦାଶ, ଡା. ହରିଶ୍ଚନ୍ଦ୍ର ବେହେରା, ପ୍ରଫେସର ଅନନ୍ତ କୁମାର ପ୍ରଧାନ, ଶରତ ଚନ୍ଦ୍ର ଦାଶ, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବହୁ କର୍ମକର୍ତ୍ତା ଓ ସଦସ୍ୟ ସମ୍ମିଳନୀର କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରତିନିଧିମାନଙ୍କ ଆତିଥ୍ୟ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

### ରଜ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା



**ବାହାନଗା, ୧୧।୬(ଡି.ଏନ.ଏ.):** ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପରିସରରେ ଏକ ଦିବସୀୟ ରଜ ଉତ୍ସବ ପାଳନ ଲାଗି ପ୍ରସ୍ତୁତି ବୈଠକ ଗତ ରବିବାର ଅନୁଷ୍ଠିତ ହୋଇଛି। ରଜ ଉତ୍ସବ ଗୋପାଳପୁର ନାଗରିକ ମଞ୍ଚ ଓ ଗୋପାଳପୁର ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ବୈଠକରେ ସଭାପତିତ୍ୱ କରିଥିଲେ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି। ନାଗରିକ ମଞ୍ଚର ଆବାହକ ସୁଦର୍ଶନ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିରୁଦ୍ଧ ଦାସ, ସତ୍ୟାନନ୍ଦ ପଣ୍ଡା, ଜୟଶ୍ରୀ ପଣ୍ଡା, ଗିରିଶ ଚନ୍ଦ୍ର ଦାଶ, ଶରତ ପଣ୍ଡା, ସଂଯୁକ୍ତା ମିଶ୍ର, ଦିବାକର ସାହୁ ପ୍ରମୁଖ ଉପସ୍ଥିତ ରହି କିପରି ଶାନ୍ତିଶୃଙ୍ଖଳାରେ ରଜ ଉତ୍ସବ ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ମହିଳାମାନଙ୍କ ପାଇଁ ଶଙ୍ଖ ଫୁଙ୍କା ପ୍ରତିଯୋଗିତା, ହୁଳିହୁଳି ଓ କାନ୍ଦଣା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଝିଅମାନଙ୍କ ପାଇଁ ପୁଚି, ମ୍ୟୁଜିକ ଚେୟାର ଓ ଦୋଳି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରଜଦୋଳି ଗୀତ, ପିଠାପଣା, ରଜ ପାନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ରଜ ଦିନ ଅନୁଷ୍ଠିତ ହେବ। ଶେଷରେ ସଞ୍ଜୁକ୍ତା ମିଶ୍ର ଧନ୍ୟବାଦ ଦେଇଥିଲେ।

### ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଲା ଚାମ୍ବର୍ସ ଅଫ୍ କମର୍ସ

**ବାଲେଶ୍ୱର ଅଫିସ,୧୧।୬:** ଫକୀରମୋହନ ସ୍ୱୟଂଶାସିତ ଯୁକ୍ତ ୩ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ବାଲେଶ୍ୱର ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ ମଙ୍ଗଳବାର ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଫଳ ପ୍ରକାଶନ ପରେ ୧୦୯୮ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ଆନନ୍ଦ ଦେ, ୧୦୮୨ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶତାବ୍ଦୀ ମହାପାତ୍ର ଏବଂ ୧୦୮୦ ନମ୍ବର ରଖି ତୃତୀୟ ହୋଇଥିବା ଓଷା ରାଠିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ୧୫ରୁ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ

# ମାଛଧରା ଜେଟି ଚଳଚଞ୍ଚଳ



ବାହାବଳପୁର ଜେଟିରେ ମାଛଧରା ପାଇଁ ପ୍ରସ୍ତୁତ ହେଉଥିବା ବୋଟ୍ ଓ ଟ୍ରଲର।

**ରୂପ୍ସା, ୧୧।୬(ଡି.ଏନ.ଏ.)**

ଦୁଇମାସ ସମୁଦ୍ରରୁ ମାଛ ମାରିବା କଟକଣା ପରେ ଆସନ୍ତା ୧୫ତାରିଖରୁ ସମୁଦ୍ରକୁ ଯିବା ଲାଗି ମତ୍ସଜୀବୀମାନେ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। କଇଁଛ ଓ ମାଛମାନଙ୍କର ଅଣ୍ଡା ଦେବା ଋତୁ ଯୋଗୁ ମତ୍ସ୍ୟ ବିଭାଗ ପକ୍ଷରୁ ସବୁବର୍ଷ ଭଳି ଏଥର ଗତ ଏପ୍ରିଲ ୧୫ରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ନିଷେଧାଦେଶ ଜାରି ହୋଇଥିଲା। ଫଳରେ ଟ୍ରଲର ମାଲିକ, ଡ୍ରାଇଭର, କର୍ମଚାରୀ, ବରଫ କାରଖାନାର କର୍ମଚାରୀଙ୍କ ସମେତ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀମାନେ ୨ ମାସ ହେବ ହାତ ବାନ୍ଧି ବସିଥିଲେ। ୩ଦିନ ପରେ ପୁଣି ମାଛଧରା ଆରମ୍ଭ ହେଉଥିବାରୁ ବାଲେଶ୍ୱର ଜିଲାର ଜଳକା ନଦୀ ମୁହାଣ ସନ୍ନିକଟ ସଦର ବ୍ଲକର ବାହାବଳପୁର ଓ ବୁଢାବଳଙ୍ଗ ମୁହାଣସ୍ଥିତ ବଳରାମଗଡି ମାଛଧରା କେନ୍ଦ୍ର ସମେତ ଡଗରା, କୀର୍ତ୍ତନିଆ, ତାଳସାରି, ଭୋଗରାଇ, କଷାଫଳ ଆଦି ମାଛଧରା କେନ୍ଦ୍ର ଚଳଚଞ୍ଚଳ ହୋଇଉଠିଛି। ଭୁଟୁଭୁଟି, ଟ୍ରଲର, ଲଞ୍ଚ, ଶ୍ରୀନଲେଟର ମାଲିକମାନେ ଇଞ୍ଜିନ ମରାମତି ସହ ରଙ୍ଗ ଦେବା କାର୍ଯ୍ୟ ଶେଷ କରିଛନ୍ତି। ଗୋଦାମରେ ପଡିରହିଥିବା ଜାଲକୁ ମରାମତି କରାଯାଇଛି। ଜେଟି ଉପକୂଳରେ ଥିବା ବରଫ କଳ ମାଲିକମାନେ ମଧ୍ୟ ଜୋରସୋରରେ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

ରୂପ୍ସା ଅଞ୍ଚଳର ମହିଳା ଅନୁ ବାରିକ କୁହନ୍ତି, ୨ ମାସ ହେବ ସମୁଦ୍ର ଲୁଣି ମାଛ ପାଟିରେ ବାଜିନି। ଏବେ ବଜାରରେ ଚିଙ୍ଗୁଡି, ଇଲିଶି ସାଙ୍ଗକୁ ବିଭିନ୍ନ ପ୍ରକାର ମାଛ ଉପଲବ୍ଧ ହେବ। ବୋଟ୍ ମାଲିକ ବିବେକ ଦାସ କହନ୍ତି, ୨ ମାସ ହେବ ମାଛଧରା କଟକଣା ଯୋଗୁ ଗୁଜରାଣ ମେଣ୍ଟାଇବାରେ ଅସୁବିଧା ଦେଖାଦେଇଛି। ଏହି ସମୟ ଭିତରେ ଆମେ ବୋଟ ତଳେ ଆଲକାତରା ଦେବା ସହ ଟ୍ରଲର ରଙ୍ଗ ଦେଇ ଇଞ୍ଜିନ ମରାମତି କରିଛୁ। ପର୍ଯ୍ୟାପ୍ତ ପରିମାଣରେ ମାଛ ଆମଦାନୀ ହେଲେ ୨ ମାସର କ୍ଷତି ଭରଣା ହୋଇପାରିବ। ବାହାବଳପୁର ମତ୍ସଜୀବୀ ଓ ମତ୍ସ ବ୍ୟବସାୟୀ ସଂଘର ସଭାପତି ବିକାଶ ଦାସ ଓ ସମ୍ପାଦକ ଗୋରାଚାନ୍ଦ ଜେନା କହନ୍ତି, ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରି ୧୪ ତାରିଖ ରାତି ୧୨ଟା ପରେ ସମସ୍ତେ ବୋଟ୍, ଲଞ୍ଚ, ଟ୍ରଲର ନେଇ ସମୁଦ୍ରକୁ ମାଛ ମାରିବା ପାଇଁ ବାହାରି ଯିବେ। ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀଙ୍କ କହିବାନୁଯାୟୀ ପ୍ରଜନନ ଋତୁ ଶେଷ ହେବା ମାତ୍ରେ ନିର୍ଦ୍ଧାରିତ ସମୟରେ ସମୁଦ୍ରକୁ ମାଛ ମାରିବା କଟକଣା ଉଠାଇ ଦିଆଯିବ। ପାଣିପାଗ ସୂଚନା ପ୍ରତି ଧ୍ୟାନ ରଖି ସମୁଦ୍ରରେ ଫିସିଂ ଆରମ୍ଭ ହେଲେ କୌଣସି ସମସ୍ୟା ରହିବ ନାହିଁ।

## ୩ ବଖରା ଜଳିଗଲା

**ବାହାନଗା, ୧୧।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ରେମୁଣା ବ୍ଲକ ଶ୍ରଜଙ୍ଗ ପଞ୍ଚାୟତର ଇଙ୍କଡ ଗ୍ରାମରେ ଅଗ୍ନିକାଣ୍ଡ ଘଟି ରାମଚନ୍ଦ୍ର ସାହୁଙ୍କ ୩ ବଖରା ଘର ପୋଡିଯାଇଛି। ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଗ୍ରାମବାସୀ ନିଆଁକୁ ଲିଭାଇବାକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ନୀଳଗିରିରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ଘରର ସମସ୍ତ ଆସବାବପତ୍ର, ଚାଉଳ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଧ୍ୱଂସ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନ ଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁ ନିଆଁ ଲାଗି ଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଶ୍ରୀଜଙ୍ଗ ଆରଆଇ ରାକେଶ କୁମାର ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି।





ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ।

## ଖରିଫ ଧାନ ବିକ୍ରିକୁ ୩ ମାସ ବିତିଲା, ମିଳିଲାନି ପ୍ରାପ୍ୟ

**ବାଲେଶ୍ୱର ଅଫିସ, ୧୧।୬**

ବାଲେଶ୍ୱର ସଦର ବ୍ଲକ ଅଧୀନ ନଗ୍ରମ ସେବା ସମବାୟ ସମିତିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଧାନ ବିକ୍ରି ସହାୟକ ମୂଲ୍ୟ ମିଳି ନ ଥିବାରୁ ଚାଷୀମାନେ ସୋମବାର ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସଦର ବ୍ଲକ ଅଧୀନ ନଗ୍ରମ ସେବା ସମବାୟ ସମିତିରେ ମାର୍ଚ୍ଚ ୧୫ରୁ ୩୦ ତାରିଖ ମଧ୍ୟରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିଥିଲେ। ଧାନବିକ୍ରିକୁ ୩ ମାସ ବିତିବା ସତ୍ତ୍ୱେ ଚାଷୀଙ୍କ ଆକାଉଣ୍ଟକୁ ଧାନ ସହାୟକ ମୂଲ୍ୟ ମିଳୁନାହିଁ। ଚାଷୀ ସେବା ସମବାୟ ସମିତିରେ ବହୁବାର ପହଞ୍ଚି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମିତି ସଭାପତି ଏ ବିଷୟରେ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଚାଷୀଙ୍କୁ ଧାନ ଟଙ୍କା ମିଳି ନ ଥିଲା। ଗୋଟିଏ ପଟେ ଚାଷୀଙ୍କୁ ଧାନ ଟଙ୍କା ମିଳି ନ ଥିବା ବେଳେ ରବିଧାନ କ୍ରୟ ନ ହେବାରୁ ସମିତି ସଭାପତି କେତେକ ଚାଷୀଙ୍କ ସହିତ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଜିଲା ଯୋଗାଣ ଅଧିକାରୀ ରବିନାରାୟଣ ପୃଷ୍ଟି ୨ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ବିକ୍ଷୋଭରୁ ଓହରିଥିଲେ।

## ୩ ମଦବେପାରୀ ଗିରଫ

**ସୋର, ୧୧।୬(ଡି.ଏନ୍.ଏ.)**

ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶରେ ସୋର ଅବକାରୀ ଥାନା ଓ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଖଇରା ଥାନା ଅନ୍ତର୍ଗତ ବାଉଁଶଗଡିଆ ଗ୍ରାମରେ ଚଢାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯାଇଛି। ଏଥିରେ ୩୪୦ ଲିଟର ଦେଶୀ ରନ୍ଧା ମଦ ସହିତ ୬ହଜାର ଲିଟର ପୋଚ, ୧୨ଟି ଡେକଚି ସହିତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରଫୁଲ ସେଠୀ, ତେଲା ମାଝୀ ଓ ବାବୁରାମ ସାମଲ। ଚଢାଉରେ ସୋର ଅବକାରୀ ସବ୍‌ଇନ୍ସପେକ୍ଟର କୁଳମଣି ମହାରଣା, ଅବକାରୀ ଉପଅଧୀକ୍ଷକ ଅମରେନ୍ଦ୍ର ଜେନା, ବାଲେଶ୍ୱର ମୋବାଇଲ ସ୍କାଡ୍‌ର ଉଦୟ ଲାଲ ନାୟକ ପ୍ରମୁଖ ଥିଲେ। କେସ୍ (ନଂ.୫୫/୧୯)।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



କହ୍ନେଇଲାଲ୍ ସ୍ମୃତି କମିଟି ପକ୍ଷରୁ ସମାରୋହ ଆୟୋଜନ ନେଇ ଆଲୋଚନା କରାଯାଉଛି।

## ଗାଳ୍ପିକ ଅମରେଶଙ୍କୁ 'କହ୍ନେଇ କଥା ପୁରସ୍କାର'

**ବାଲେଶ୍ୱର ଅଫିସ, ୧୧।୬**

ଓଡ଼ିଆ କଥା ସାହିତ୍ୟର ପ୍ରଚଣ୍ଡ ପ୍ରତିଭାଧାରୀ ଗାଳ୍ପିକ ସ୍ୱର୍ଗତ କହ୍ନେଇଲାଲ୍ ଦାସଙ୍କ ସ୍ମୃତିରେ ପ୍ରଦତ୍ତ 'କହ୍ନେଇ କଥା ପୁରସ୍କାର' ଚଳିତବର୍ଷ ପାଇଁ ଯୁବ ଗାଳ୍ପିକ ଅମରେଶ ବିଶ୍ୱାଳଙ୍କୁ ପ୍ରଦାନ କରାଯିବ ବୋଲି ସ୍ମୃତି ସଂସଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ସନ୍ଧ୍ୟାରେ କହ୍ନେଇଲାଲଙ୍କ ୭୨ତମ ସମାରୋହ ପାଳନ ପାଇଁ ପ୍ରସ୍ତୁତି ବୈଠକ କରାଯାଇ ସମାରୋହର ରୂପରେଖ ପ୍ରସ୍ତୁତ କରାଯାଇଛି।

କବି ଶ୍ରୀଦେବ ଓ ଗାଳ୍ପିକ ଗୌତମବୁଦ୍ଧ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସଂସଦ ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ପ୍ରଖ୍ୟାତ ଲେଖକ, ନାଟ୍ୟକାର, ଚଳଚ୍ଚିତ୍ର ନିର୍ଦ୍ଦେଶକ ଗିରିଶ କର୍ନାଡ଼ଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଅଣାଯିବା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂସଦ ସମ୍ପାଦକ କବି ଉତ୍ପଳ ମହାନ୍ତି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେବା ସହ ଚଳିତବର୍ଷର ବଜେଟ୍ ବାବଦରେ ଆଲୋଚନା କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟିର ମୁଖ୍ୟ କୃଷ୍ଣକୁମାର ମହାନ୍ତି ପୁରସ୍କାର ପାଇଁ ସମ୍ଭାବ୍ୟ ନାମ ତାଲିକା ପ୍ରକାଶ କରିବା ପରେ ତନ୍ମଧ୍ୟରୁ ଅମରେଶ ବିଶ୍ୱାଳଙ୍କୁ ଉପସ୍ଥିତ କର୍ମକର୍ତ୍ତାମାନେ ସର୍ବସମ୍ମତି କ୍ରମେ ମନୋନୀତ କରିଥିଲେ। ତଦନୁସାରେ ଚଳିତ ଜୁନ୍ ୨୭ତାରିଖ ଗୁରୁବାର ସନ୍ଧ୍ୟାରେ କଳିଙ୍ଗ ହୋଟେଲ ସମ୍ମିଳନୀ କକ୍ଷରେ ଜୟନ୍ତୀ ସମାରୋହ ପାଳନ କରାଯିବା ସହ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ସମାରୋହରେ ବିଶିଷ୍ଟ ଗାଳ୍ପିକା ସରୋଜିନୀ ସାହୁ ଏବଂ କଥାକାର ସଦାନନ୍ଦ ତ୍ରିପାଠୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। 'କହ୍ନେଇ କଥା ପୁରସ୍କାର' ବିଜେତାଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢ଼ୌକନ ସହ ୫ ହଜାର ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ହୋଇଛି। ଗାଳ୍ପିକ ନିବାରଣ ଜେନା, ଗଙ୍ଗାଧର ବିଶ୍ୱାଳ, ରଞ୍ଜନ ବାଗ, ବ୍ୟୋମନାଥ ରଥ, ସ୍ମୃତି ଦାସ, ଦିଲୀପ ପାଲ, ଶୁଭେନ୍ଦୁ ଦାସ, ଅଞ୍ଜନ ଚାନ୍ଦ, ରାମ ନାରାୟଣ ଦେ ଓ ସହସମ୍ପାଦକ ଯାଦବେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ■ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଗୁରୁତ୍ୱାରୋପ

# 'ଅର୍ଥନୈତିକ ଗଣନାକୁ ତ୍ରୁଟିଶୂନ୍ୟ କର'

**ବାଲେଶ୍ୱର ଅଫିସ, ୧୧।୬**

ଅର୍ଥନୈତିକ ଗଣନାରେ ଠିକ୍ ତଥ୍ୟ ସଂଗ୍ରହ ପାଇଁ ୭ମ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ସୋମବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୭ମ ଅର୍ଥନୈତିକ ଗଣନା ଲାଗି କରାଯାଇଥିବା ପ୍ରସ୍ତୁତି ଏବଂ ଏଥିରେ ଅନୁସୃତ ହେବାକୁ ଥିବା ପଦ୍ଧତି ସମ୍ପର୍କରେ ଆଲୋଚନା କରାଯିବା ସହ ପ୍ରଶିକ୍ଷଣ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ।



ଜିଲାପାଳ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଅର୍ଥନୈତିକ ଗଣନାରେ ନିୟୋଜିତ ସୁପରଭାଇଜର ଓ ଗଣନାକାରୀଙ୍କ ଉପଯୁକ୍ତ ପ୍ରଶିକ୍ଷଣ ଉପରେ ଜିଲାପାଳ ରାଉତ ଗୁରୁତ୍ୱାରୋପ କରିଥିଲେ। ଜିଲା ଓ ବ୍ଲକସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରି ଉପଯୁକ୍ତ ତାଲିମ ପ୍ରଦାନ ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ସବ୍ୟସାଚୀ ଦତ୍ତ ୭ମ ଅର୍ଥନୈତିକ ଗଣନାର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଦେଶର ଭୌଗୋଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ଉଦ୍ୟୋଗଗୁଡିକର ସମ୍ପୂର୍ଣ୍ଣ ଗଣନାକୁ ଅର୍ଥନୈତିକ ଗଣନା କୁହାଯାଏ। ଅର୍ଥନୈତିକ ଗଣନା ଦ୍ୱାରା ସଂଗ୍ରହ କରାଯାଉଥିବା ତଥ୍ୟ ଦେଶର ଯୋଜନା ପ୍ରଣୟନ ଓ ଉଦ୍ୟୋଗଗୁଡିକର ବିଭିନ୍ନ ଅର୍ଥନୈତିକ ଅବଦାନକୁ ଆକଳନ କରିବା ପାଇଁ ଆବଶ୍ୟକ ହୋଇଥାଏ। ପ୍ରଥମ ଥର ପାଇଁ ୧୯୭୭ ମସିହାରେ ଭାରତ ସରକାରଙ୍କ ଅଧୀନ କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥା ଏବଂ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ସଂସ୍ଥା ଦ୍ୱାରା ଅର୍ଥନୈତିକ ଗଣନା କାର୍ଯ୍ୟ କରାଯାଇଥିଲା। ସେବେଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ୬ଟି ଅର୍ଥନୈତିକ ଗଣନା ଶେଷ ହୋଇଛି। ୨୦୧୩ ମସିହାରେ ଅନୁଷ୍ଠିତ ଷଷ୍ଠ ଅର୍ଥନୈତିକ ଗଣନା ଅନୁଯାୟୀ ବାଲେଶ୍ୱର ଜିଲାରେ ମୋଟ ୧ଲକ୍ଷ ୩ହଜାର ୯୬୭ଟି ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଉଦ୍ୟୋଗ ରହିଥିବା ଜଣାପଡିଛି। ଗଣନା କାର୍ଯ୍ୟ ବାଲେଶ୍ୱରର ସମସ୍ତ ଗ୍ରାମ ତଥା ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟ ପାଇଁ ମୋଟ ୬୪୬ ସୁପରଭାଇଜର ଏବଂ ୨୨୮୦ଜଣ ଗଣନାକାରୀ ନିୟୋଜିତ ହୋଇଛନ୍ତି। ଏଥର ଗଣନା କାର୍ଯ୍ୟ କମନ ସର୍ଭିସ୍ ସେଣ୍ଟର( ଇ ଗଭର୍ନାନ୍ସ ସର୍ଭିସେସ) ଇଣ୍ଡିଆ ଲିମିଟେଡ୍ ଦ୍ୱାରା ସମ୍ପାଦନ କରାଯାଉଛି। ଜୁଲାଇରେ ଆରମ୍ଭ ହେବାକୁ ଥିବା ଏହି ଗଣନା କାର୍ଯ୍ୟ ସେପ୍ଟେମ୍ବର ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମଥର ପାଇଁ ୭ମ ଅର୍ଥନୈତିକ ଗଣନା କାର୍ଯ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମାଧ୍ୟମରେ ପରିଚାଳନା କରାଯାଉଛି। ଜିଲାର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ପ୍ରତ୍ୟେକ ପରିବାର ଓ ବ୍ୟବସାୟିକ ଅନୁଷ୍ଠାନକୁ ଯାଇ ତଥ୍ୟ ସଂଗ୍ରହ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର ଡିଆଇସି ହରିହର ଜେନା, ଏଡି(ପ୍ଲାନିଂ) ଅକ୍ଷୟ କୁମାର ଓତା, ସୂଚନା ଓ ଲୋକସମ୍ପର୍କ ସହ ଅଧିକାରୀ ଦୀପକ କୁମାର ସାହୁ, ଡିପିଏମୟୁ ଏସ୍‌ଓ ମହେନ୍ଦ୍ର କୁମାର ସିଂ, ଏଏସ୍‌ଓ ବନମାଳୀ ମହାପାତ୍ର, ସିଏସ୍‌ସି ଜିଲା ମ୍ୟାନେଜର ଅରୂପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୧୪ରୁ ଡାଲଙ୍ଗ ରଜ ମହୋତ୍ସବ

**ଖଇରା, ୧୧।୬(ଡି.ଏନ.ଏ.):** ଚଳିତବର୍ଷ ପ୍ରଥମ କରି ଖଇରା ବ୍ଲକର ଡାଲଙ୍ଗ ଗ୍ରାମରେ ରଜ ମହୋତ୍ସବ ପାଳିତ ହେବ। ଏହା ୧୩ ଓ୧୪ ତାରିଖ ୨ଦିନ ଧରି ଚାଲିବ। ୨ଦିନ ଧରି କୁନି କୁନି ପିଲାଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ, ପୁଚି, ସ୍କିପିଂ ଓ ରଜ ଦୋଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ସହ ସନ୍ଧ୍ୟାରେ ଓଡିଶାର ନାମିଦାମୀ କଳାକାରଙ୍କ ଦ୍ୱାରା ଅର୍କେଷ୍ଟ୍ରା ପରିବେଷଣର କାର୍ଯ୍ୟକ୍ରମ ରହିଛି। ଏନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଗୟାଧର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଅନୀଲ କୁମାର ବେହେରା, ଶ୍ୟାମସୁନ୍ଦର ପୃଷ୍ଟି, ବିରଞ୍ଜନ ଜେନା, ଟିକିନା ପାଣିଗ୍ରାହୀ, ଶଙ୍କର୍ଷଣ ବାରିକ, ସନ୍ଦୀପ ସାହୁ, ଅଜୟ ପୃଷ୍ଟି, ଦୀପକ ପାଣିଗ୍ରାହୀ, ଈଶ୍ୱର ମଲ୍ଲିକ ଓ ରାମକୃଷ୍ଣ ପୃଷ୍ଟି ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ।



ଡାଲଙ୍ଗ ଗ୍ରାମରେ ରଜ ଉତ୍ସବ ପାଳନ ନେଇ ଆୟୋଜିତ ବୈଠକ।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 323/2018**

**Syndicate Bank, Sikharpur Branch,**
Sikharpur, Dist.: Nayagarh ...Applicant
**Versus**
**Mrs. Pranati Maharana and others** ...Defendants
To
1. **Mrs. Pranati Maharana,** W/o: Harihar Maharana, At/P.O.: Sikharpur, Via: Saranakul, Dist.: Nayagarh-752080
2. **Mr. Harihar Maharana,** S/o: Narayan Maharana, At/P.O.: Sikharpur, Via: Saranakul, Dist.: Nayagarh-752080

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 323/2018** in the Court of Debts Recovery Tribunal at Cuttack for a recovery of **Rs.22,25,696.37** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **12th day of July, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **29th day of April 2019.**

Sd/- Registrar
Debts Recovery Tribunal

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 326/2018**

**Syndicate Bank, B.K. Road Branch,**
B.K. Road, Dist.: Cuttack ...Applicant
**Versus**
**M/s. Shibani Jewellers and others** ...Defendants
To
1. **M/s. Shibani Jewellers,** At: Mangalabag, In front of Baghamangala Temple, P.O.: Buxibazar, Dist.: Cuttack-753001, Represented through its Proprietor Sri Sudhakar Dalai.
2. **Sri Sudhakar Dalai,** S/o: Kunja Bihari Dalai, At: Oria Bazar, Near Urdu Girls School, P.O.: Buxibazar, Dist.: Cuttack-753001.
3. **Sri Ajit Ray,** S/o: Late Baishnab Charan Ray, Town Hall Road, P.O.: Telenga Bazar, Dist.: Cuttack.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 326/2018** in the Court of Debts Recovery Tribunal at Cuttack for a recovery of **Rs.21,17,775.68** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **12th day of July, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **29th day of April 2019.**

Sd/- Registrar
Debts Recovery Tribunal

## ସଂକ୍ଷେପରେ

### ରାସ୍ତା ଜାମ୍, ବଢୁଛି ଦୁର୍ଘଟଣା



**ଭୋଗରାଇ, ୧୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର, କମର୍ଦ୍ଦା-ବାଲିଆପାଳ ମୁଖ୍ୟ ରାସ୍ତାରେ ମେଟାଲ, ବାଲି, ଚିପ୍ସ, ଇଟା ଆଦି ନିର୍ମାଣ ସାମଗ୍ରୀ ପକାଯାଇ ରାସ୍ତାକୁ ଅବରୋଧ କରାଯାଉଛି। ଏଥିସହିତ ରାସ୍ତାକୁ ଲାଗି ହାଟବଜାର ରାସ୍ତାରେ ଗୃହପାଳିତ ପ୍ରାଣୀଙ୍କୁ ବାନ୍ଧିବା, ଜାଳେଣି ପାଇଁ ଗୋବର ରାସ୍ତାରେ ଶୁଖାଇବା ଏବଂ ଧାନ ଶୁଖାଇବା ଭଳି କାର୍ଯ୍ୟ କରାଯାଉଛି। ଫଳରେ ବାଇକ୍ ଓ ଚାରିଚକିଆ ଯାନର ଗମନାଗମନରେ ଘୋର ଅସୁବିଧା ହେବା ସହିତ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ଦୁଇପାର୍ଶ୍ୱରେ ଜବରଦଖଲକାରୀ କବ୍ଜା ରଖିଥିବା ବେଳେ ଥାନାଛକ-ଦେଉଳା-ଗଣେଶ୍ୱରପୁର ରାସ୍ତା, ଥାନାଛକ-ଭୋଗରାଇ ରାସ୍ତାଗୁଡ଼ିକୁ ଜବରଦଖଲକାରୀମାନେ ବେଆଇନ ଭାବେ ରାସ୍ତା ଅବରୋଧ କରି ରଖିଛନ୍ତି। କେତେକ ଜବରଦଖଲକାରୀ ସରକାରୀ ରାସ୍ତାକୁ ଅବରୋଧ କରି ପକ୍କାଘର ନିର୍ମାଣ କରି ଦୋକାନଘାଟ ଖୋଲିଥିବାରୁ ଜନସାଧାରଣ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବେଆଇନ ମଦ ବିକ୍ରି ନେଇ ତାତିଲେ ମହିଳା

**ରାସ୍ତାରେ ଭାଙ୍ଗିଲେ ମଦ ବୋତଲ**

**ଜଳେଶ୍ୱର, ୧୧।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ସୁଗୋ ପଞ୍ଚାୟତରେ ବେଆଇନ ମଦ କାରବାର ନେଇ ମହିଳା ତାତି ଉଠିଛନ୍ତି। ଏହାକୁ ରୋକିବାକୁ ପୂର୍ବରୁ ବାରମ୍ବାର ଆନ୍ଦୋଳନ, ବିକ୍ଷୋଭ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି। ଶେଷରେ ଏହି ଅଞ୍ଚଳର ମହିଳାମାନେ ମଙ୍ଗଳବାର ସନ୍ଧ୍ୟାରେ ଏକାଠି ହୋଇ ଚୋରା ମଦ ବେପାରୀଙ୍କ ଘର ଭିତରୁ ଲକ୍ଷାଧିକ ଟଙ୍କାର ଦେଶୀ ଓ ବିଦେଶୀ ମଦ ବୋତଲକୁ ଆଣି ସୁଗୋ-କମାରଶାଳିଆ ରାସ୍ତା ଉପରେ କଚାଡି ଫିଙ୍ଗିଥିଲେ। ଏହାସହ ରାସ୍ତା ଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଜଳେଶ୍ୱର ଥାନା ପୋଲିସ ପହଞ୍ଚି ଚୋରା ମଦ କାରବାର କରୁଥିବା ବେପାରୀଙ୍କୁ ଗିରଫ କରିବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ଫେରାର ହୋଇଯାଇଥିଲେ। ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ମହିଳା ମାଳତୀ ଭୂୟାଁ, ସାବିତ୍ରୀ ପାତ୍ର, ଅଳକା ବାରିକ, ଅନୀତା ଜେନା, ଟୁନୁ ପାତ୍ର, ଜଲି ପାତ୍ର, ଶୀତଳା ଭୂୟାଁ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

## ଲୋକପ୍ରତିନିଧିଙ୍କୁ ନେଇ କର୍ମଶାଳା

**ଖଇରା, ୧୧।୬(ଡି.ଏନ.ଏ.):** ଖଇରା ବିଇଓ ଧରଣୀଧର ପାତ୍ରଙ୍କ ଆବାହକତ୍ୱରେ ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କର ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଧିକାରୀ ପାତ୍ର, ଏବିଇଓ ଗୋଲକ ପ୍ରସାଦ ପାଢୀ ଓ ସୁଦର୍ଶନ ରାଉତ ଯୋଗ ଦେଇ ପ୍ରତ୍ୟେକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି। ଏହାର ସଫଳତା ପାଇଁ ଲୋକପ୍ରତିନିଧିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପଞ୍ଚାୟତରେ ରହିଥିବା ଷ୍ଟାଣ୍ଡିଂ କମିଟି ମାଧ୍ୟମରେ ସରପଞ୍ଚମାନେ ପ୍ରତ୍ୟେକ ବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମିକୁ ସଜାଡିବା ସହ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେଇପାରିବେ ବୋଲି ପ୍ରକାଶ କରିଥିଲେ। ସର୍ବୋପରି ଶିକ୍ଷାର ମାନକୁ କିଭଳି ବଢାଯାଇପାରିବ ସେଥିପ୍ରତି ଶିକ୍ଷାବିଭାଗ ଓ ଲୋକ ପ୍ରତିନିଧିମାନଙ୍କ ମିଳିତ ସହଯୋଗ ଦରକାର ବୋଲି ଅଧିକାରୀମାନେ ଉଲ୍ଲେଖ କରିଥିଲେ। ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ସୁଶାନ୍ତ ମହାକୁଡ, ଖଇରା ସରପଞ୍ଚ ସୁଦର୍ଶନ ସେଠୀ, ସାରଡାଙ୍ଗ ସରପଞ୍ଚ ହରିହର କୁଣ୍ଡୁ, ଝିଙ୍କିରିଆ ସରପଞ୍ଚ ମଧୁସୂଦନ ମାଝୀ ଯୋଗ ଦେଇ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତ୍ୟନ୍ତ ପ୍ରୀତି କଲେ ଲଣ୍ଡଭଣ୍ଡ,**
**ଅତ୍ୟନ୍ତ ପ୍ରୀତି ହଗେ ବାବୁ ମୁଣ୍ଡ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ । ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇ ନ ଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଧଡ଼ ଧଡ଼,**
**ଘରେ ଭାତ ନାହିଁ;**
**ବୁଢ଼ୀ କି ତଡ଼।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପାଇପ୍ ଫାଟି ବୋହିଯାଉଛି ପାଣି

**ଟେଣ୍ଡର ହେବାର ଦେଢ ବର୍ଷ ବିତିଲା, ହୋଇପାରୁନି ମରାମତି**

**ଖଇରା, ୧୧।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବଜାରରେ ପାଣି ସମସ୍ୟା ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ସମଗ୍ର ବିଶ୍ୱରେ ଭୂତଳ ଜଳସ୍ତର ହ୍ରାସ ନେଇ ପରିସ୍ଥିତି ଉଦ୍‌ବେଗଜନକ ହୋଇପଡୁଥିବା ବେଳେ ଖଇରା ବଜାରରେ ୫ବର୍ଷ ହେଲା ରାସ୍ତାରେ ହଜାର ହଜାର ଲିଟର ପାଣି ବୋହି ନଷ୍ଟ ହୋଇଯାଉଛି।

ଖଇରା ବିଷ୍ଣୁପୁର ଗ୍ରାମରେ ଥିବା ପାଣି ପ୍ରକଳ୍ପରୁ ଖଇରା ବଜାର ସମେତ ଆଳନ୍ଦା, ଜିଆଣିପଦା ଅଞ୍ଚଳକୁ ପାଣି ପାଇପ ସଂଯୋଗ କରାଯାଇଛି। ୫ବର୍ଷ ତଳେ ରାସ୍ତା କାମ ସମୟରେ ପାଇପ ଫାଟି ପାଣି ଲିକ୍ ହୋଇଥିଲା। ଖଇରା ହାଇସ୍କୁଲ ନିକଟରେ ପାଇପ ଫାଟିବାରୁ ରାସ୍ତା ଉପରେ ପାଣି ବୋହି କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ପାଣିର ସ୍ପିଡ୍ ମଧ୍ୟ ହ୍ରାସ ପାଉଥିବା ନେଇ ଜିଆଣିପଦା ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ଏଥିସହ ଦୂଷିତ ପାଣି ପାଇପ ପାଣି ସହିତ ମିଶୁଥିବାରୁ ଗ୍ରାମବାସୀ ଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ସେମାନେ ଅଭିଯୋଗ କରିଥିଲେ। ଦେଢବର୍ଷ ତଳେ ମରାମତି ପାଇଁ ଆନୁମାନିକ ୧୫ଲକ୍ଷ ଟଙ୍କାର ଟେଣ୍ଡର କାମ ଶେଷ ହୋଇସାରିଛି। ହେଲେ ଠିକାଦାର ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢି ବଢି ଚାଲିଛି। ପାଣି ଲିକ୍ ହେଉଥିବା ସ୍ଥାନକୁ ସେହି ରାସ୍ତା ଦେଇ ଯାଉଥିବା ବ୍ଲକ, ତହସିଲ ସମେତ ସମସ୍ତ ଅଧିକାରୀଙ୍କ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ କେହି ସମାଧାନ ପାଇଁ ପଦେ ବି ପାଟି ଖୋଲୁନାହାନ୍ତି। ଏ ସମ୍ପର୍କରେ ଖଇରା ସରପଞ୍ଚ ସୁଦର୍ଶନ ସେଠୀଙ୍କୁ ପଚାରିବାରେ ସମିତି ବୈଠକରେ ଅଭିଯୋଗ କରିବା ପରେ ଟଙ୍କା ମଞ୍ଜୁର ହେବା ସହ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ନ ହେବା ସମ୍ପର୍କରେ ବିଭିନ୍ନ ସମୟରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କିଛି ଫଳ ମିଳିନାହିଁ। ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ସୁଶାନ୍ତ ସ୍ୱାଇଁଙ୍କୁ ଏ ସମ୍ପର୍କରେ ପଚାରିବାରେ ଠିକାଦାରଙ୍କୁ ବାରମ୍ବାର ତାଗିଦ୍ କରାଯିବା ସତ୍ତ୍ୱେ କାମ ଆରମ୍ଭ ନ କରିବା ପରେ ତାଙ୍କୁ ନୋଟିସ୍ କରାଯାଇଛି ବୋଲି କହିଛନ୍ତି।



ପାଇପ୍ ଫାଟି ରାସ୍ତାରେ ପାନୀୟଜଳ ବୋହି ଯାଉଛି।

# ଡ୍ରେନେଜ କାମ ଅଧାପନ୍ତରିଆ

**ସୋର, ୧୧।୬(ଡି.ଏନ.ଏ.)**



ସରୁନି ଡ୍ରେନ୍ କାମ।

ସୋର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡରେ ଡ୍ରେନେଜ୍ କାମ ଆରମ୍ଭ ହୋଇଛି। କାମଗୁଡ଼ିକ ଅଧାପନ୍ତରିଆ ଓ ବିଳମ୍ବ କରାଯାଉଥିବାରୁ ୱାର୍ଡବାସୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏଥିସହିତ ଡ୍ରେନେଜ୍‌ଗୁଡ଼ିକ ଘରଠାରୁ ଯଥେଷ୍ଟ ଉଚ୍ଚ କରାଯାଇଛି। ଆଉ କିଛିଦିନ ମଧ୍ୟରେ ବର୍ଷାଋତୁ ପହଞ୍ଚିବା ଫଳରେ ଜଳ ନିଷ୍କାସନ ହେବା କଷ୍ଟକର ହୋଇପଡ଼ିବ ବୋଲି ୱାର୍ଡବାସୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଡ୍ରେନ ରେଳ ବିଭାଗ ଜମିରେ ଯାଉଥିବାରୁ ରେଳ ବିଭାଗ ଡ୍ରେନ୍ ନିର୍ମାଣ ପାଇଁ ଅନୁମତି ଦେଉ ନ ଥିବା କୁହାଯାଉଛି। ରେଳ ବିଭାଗ ଓ ସୋର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଉଭୟ ସହମତି ଭିତ୍ତିରେ ଜଳ ନିଷ୍କାସନ କରାଯିବା ଓ ଡ୍ରେନେଜ୍ କାମ କରାଯିବା ପାଇଁ ଦାବି କରାଯାଇଛି। ବିଶେଷ କରି ଏହାକୁ ଯଥାଶୀଘ୍ର ସମାଧାନ କରା ନ ଗଲେ କମରପୁର, ବଢ଼େଇସାହି, ଅନ୍ନପୂର୍ଣ୍ଣା ରାଇସ୍ ମିଲ୍ ଓ ରାଜେନ୍ଦ୍ର ମିଲ୍ ବାସିନ୍ଦା ନାହିଁ ନ ଥିବା ହଇରାଣ ହେବାର ଆଶଙ୍କା ଦେଖାଦେଇଛି।


## CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଆଡ୍‌ଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ
ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

DHARITRI Career appointment Every Wednesday and Saturday

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ।
ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ, ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨୦୦୦୦/-ର ଅନ୍ୟାନ୍ୟ ସୁବିଧା
+ ମୋବାଇଲ + ଲାପ୍‌ଟପ୍
9450268843
9499322173
H. No. 412, Subhash Nagar Jind, Haryana.

TO LET

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ। ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସୁପରଭାଇଜରଙ୍କୁ ମାଡ଼: ୨ ଜଣଙ୍କ ନାଁରେ ମକଦ୍ଦମା

**ଭଣ୍ଡାରିପୋଖରୀ, ୧୧।୬(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁରହିଛି। ଏକ କମ୍ପାନୀ ଆଖୁଆପଦା ପଡିଆରୁ ମାଟି ଉଠାଇ ଆଣୁଥିବା ବେଳେ ୨ ଜଣ ଯୁବକ ସେଠାରେ ସୁପରଭାଇଜର ବସନ୍ତ ସିଂଙ୍କୁ ମାରଧର କରିବା ସହ ଜିନିଷ ଛଡାଇ ନେଇଥିଲେ । ଏ ନେଇ ଡିବିଏଲ୍ କମ୍ପାନୀର ସିନିୟର ମ୍ୟାନେଜର ତଥା ପ୍ରୋଜେକ୍ଟ ଅଫିସର ଉମେଶ ଚନ୍ଦ୍ର ଜେନା ସୋମବାର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଭିତ୍ତିରେ ୨ ଜଣଙ୍କ ନାମରେ ଏକ ମାମଲା(ନଂ ୯୪/୧୯) ରୁଜୁ କରିଥିବା କହିଛି।

### ଅସ୍ୱାଭାବିକ ସ୍ଥିତିରେ ବୃଦ୍ଧଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୧୧।୬(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ତେସିଙ୍ଗା ପଞ୍ଚାୟତ ସାନବନସ୍ଥା ଗ୍ରାମରେ ମହେଶ୍ୱର ବିଶ୍ୱାଳ ନାମକ ଜଣେ ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ଘରେ ବସିଥିବା ସମୟରେ ହଠାତ୍ ତଳେ ଟଳିପଡିଥିଲେ। ପରିବାର ଲୋକେ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଆସିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୁଶଗଡିଆ ଗ୍ରାମର ତାଙ୍କ ଝିଅ ମମତା ଜେନା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶବ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୩/୧୯) ରୁଜୁ କରାଯାଇଥିବା ପୋଲିସ କହିଛି।

### ଷ୍ଟେଶନରୁ ନାବାଳିକା ଉଦ୍ଧାର

**ଭଦ୍ରକ ଅଫିସ,୧୧।୬:** ଭଦ୍ରକ ରେଳ ଷ୍ଟେଶନସ୍ଥିତ ଏକ ଯାତ୍ରୀବାହୀ ଟ୍ରେନରୁ ଜଣେ ନାବାଳିକାଙ୍କୁ ସୋମବାର ଅପରାହ୍ନରେ ଉଦ୍ଧାର କରାଯାଇ ଭଦ୍ରକ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ନାବାଳିକା ଜଣକ ବିନା ଟିକେଟ୍‌ରେ ଯାଉଥିବା ଦେଖି ଟ୍ରେନର ଟିଟିଆଇ ଆରପିଏଫ୍ କର୍ମକର୍ତ୍ତାଙ୍କୁ ଖବର ଦେଇଥିଲେ। ଆରପିଏଫ୍ କର୍ମକର୍ତ୍ତା ନାବାଳିକାଙ୍କୁ ଉଦ୍ଧାର କରି ପଚରା ଉଚରା କରିଥିଲେ। ତାଙ୍କ ଘର ରାଉରକେଲା ଅଞ୍ଚଳ ବାଲାଜିଜୋଡି ଗ୍ରାମରେ । ସେ ରାଗି ଘରୁ ଟ୍ରେନ ଯୋଗେ ଭଦ୍ରକ ଚାଲି ଆସିଥିବା ଜଣାପଡିଥିଲା। ଏହାପରେ ଚାଇଲ୍ଡ ଲାଇନ କର୍ମକର୍ତ୍ତାଙ୍କୁ ଖବର ଦିଆଯିବାରୁ ସେମାନେ ନାବାଳିକାଙ୍କୁ ନେଇ ପରିବାର ଲୋକଙ୍କ ସହ ଯୋଗାଯୋଗ କରୁଥିବା ସୂଚନା ମିଳିଛି।

### ନଈରେ ବୁଡ଼ି ଯୁବକ ନିଖୋଜ

**ତିହିଡ଼,୧୧।୬(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ବାରସର ପଞ୍ଚାୟତ ସାପକାଟିଆ ଗ୍ରାମର ବାପି ଦାସ (୨୮) ନାମକ ଜଣେ ଯୁବକ ଗେଙ୍ଗୁଟି ନଈରେ ବୁଡ଼ି ନିଖୋଜ ହୋଇ ଯାଇଥିବା ଆଶଙ୍କା କରାଯାଉଛି। ମଙ୍ଗଳବାର ମଧ୍ୟାହ୍ନରେ ସେ ନଈକୁ ଗାଧୋଇବାକୁ ଯାଇଥିଲେ । ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସନ୍ଦେହ କରି ଖୋଜାଖୋଜି କରିଥିଲେ। ସେମାନେ କୌଣସି ସନ୍ଧାନ ନ ପାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଖୋଜିବା କାର୍ଯ୍ୟ ଚଳାଇଛନ୍ତି ।

### ରାସ୍ତାରେ ନର୍ଦ୍ଦମା ପାଣି; ଲୋକେ ପ୍ରଶାସନର ଦ୍ୱାରସ୍ଥ

**ଭଦ୍ରକ ଅଫିସ,୧୧।୬:** ସାମାନ୍ୟ ବର୍ଷା ହେଲେ ନାଳନର୍ଦ୍ଦମା ପାଣି ରାସ୍ତାରେ ଭାସୁଛି। ଭଦ୍ରକ ପୌରାଞ୍ଚଳ ଅଧୀନ ୨୨ ନମ୍ବର ୱାର୍ଡର ବାସିନ୍ଦା ଏ ନେଇ ମଙ୍ଗଳବାର ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ପ୍ରଦୀପ ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ୱାର୍ଡରେ ନାଳନର୍ଦ୍ଦମା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଗତ ଦୁଇତିନି ଦିନ ତଳେ ହୋଇଥିବା ସାମାନ୍ୟ ବର୍ଷାରେ ରାସ୍ତାରେ ନର୍ଦ୍ଦମା ପାଣି ଜମି ରହିଥିଲା। ଫଳରେ ୱାର୍ଡରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଆଗକୁ ବର୍ଷାଦିନ ଆସିଲେ ଅବସ୍ଥା ଅସମ୍ଭାଳ ହେବ । ତୁରନ୍ତ ନାଳନର୍ଦ୍ଦମା ସଜାଡିବାକୁ ସେମାନେ ଦାବି କରିଛନ୍ତି।

# ଗାଁକୁ ଗାଁ ଘୂରିବ କ୍ଷମତା ଏକ୍ସପ୍ରେସ

- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟକ୍ରମ
- ଭିନ୍ନକ୍ଷମ, ବରିଷ୍ଠ ନାଗରିକଙ୍କ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟପରୀକ୍ଷା ଓ ପରାମର୍ଶ ବ୍ୟବସ୍ଥା
- ଏଣିକି ଘର ନିକଟରେ ମିଳିବ ୧୩ କିସମର ସେବା

**ଭଦ୍ରକ ଅଫିସ,୧୧।୬**

ଏଣିକି ଭିନ୍ନକ୍ଷମଙ୍କ ସମେତ ବରିଷ୍ଠ ନାଗରିକ, ଭିକ୍ଷୁକ, କିନ୍ନରମାନଙ୍କୁ ନିଜ ଗାଁ ମୁଣ୍ଡ ତଥା ଘରପାଖରେ ବିଭିନ୍ନ ସେବା ଓ ପରାମର୍ଶ ଯୋଗାଇ ଦିଆଯିବ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର 'କ୍ଷମତା ଏକ୍ସପ୍ରେସ'କୁ ଉଦ୍‌ଘାଟନ କରି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ ସେବାମୂଳକ କାର୍ଯ୍ୟକୁ ପର୍ଯ୍ୟାୟକ୍ରମେ ଲୋକଙ୍କ ଘରପାଖରେ ପହଞ୍ଚାଇବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ହତା ପରିସରରେ 'କ୍ଷମତା ଏକ୍ସପ୍ରେସ' ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚରମ୍ପା ସିଆର୍‌ଏସ୍‌ଆର୍ ଅନୁଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏକ ବସ୍ ବିଭିନ୍ନ ଗାଁକୁ ଗାଁ ବୁଲି ଉପରୋକ୍ତ ଶ୍ରେଣୀଭୁକ୍ତ ଲୋକଙ୍କୁ ମାଗଣା ସେବା ଯୋଗାଇବ। 'କ୍ଷମତା ଏକ୍ସପ୍ରେସ' ଜରିଆରେ ମୋଟ୍ ୧୩ କିସମର ସେବା ଯୋଗାଇ ଦିଆଯିବ। ଏଥିରେ ଭିନ୍ନକ୍ଷମଙ୍କ ଲାଗି ବିବାହ ପ୍ରୋତ୍ସାହନ ପରାମର୍ଶ, ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଭତ୍ତା ସମ୍ବନ୍ଧୀୟ ପଞ୍ଜୀକରଣ ଓ ପରାମର୍ଶ, ଛାତ୍ରବୃତ୍ତି ସମ୍ବନ୍ଧୀୟ ପରାମର୍ଶ, ଧନ୍ଦାମୂଳକ ଓ ଦକ୍ଷତା ତାଲିମ ନିରୂପଣ, ଫିଜିଓଥେରାପି ସେବା ପ୍ରଦାନ, ସହାୟକ ଉପକରଣର ମରାମତି ତଥା ପରାମର୍ଶ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ ଏବଂ ମାପ ସଂଗ୍ରହ, ଭିନ୍ନକ୍ଷମମାନଙ୍କ ଲାଗି ସହାୟକ ଉପକରଣ ନିରୂପଣ, ଦୃଷ୍ଟିଶକ୍ତି ପରୀକ୍ଷା ଓ ନିରୂପଣ, ମାନସିକ ସମ୍ବନ୍ଧୀୟ ପରୀକ୍ଷା, କାନ ପରୀକ୍ଷା ଏବଂ ସ୍ପିଚ୍‌ଥେରାପି, ଭିନ୍ନକ୍ଷମ ଚିହ୍ନଟ ଆଦି ବ୍ୟବସ୍ଥା ରହିଛି। ସିଆର୍‌ଏସ୍‌ଆରର ମୁଖ୍ୟ ଡ. ଭଗବାନ ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅତିଥିଙ୍କ ଦ୍ୱାରା କ୍ଷମତା ଏକ୍ସପ୍ରେସ ଉଦ୍‌ଘାଟନ କରାଯାଉଛି।

# 'ସାହିତ୍ୟ ଓ ଆଧ୍ୟାତ୍ମିକତା ବାଟ ଦେଖାଏ'

**ପୁସ୍ତକ ଲୋକାର୍ପଣ ଅବସରରେ କବିତା ପାଠୋତ୍ସବ**

**ବାସୁଦେବପୁର, ୧୧।୬(ଡି.ଏନ୍.ଏ.)**

ସାହିତ୍ୟ ଓ ଆଧ୍ୟାତ୍ମିକତା ପରସ୍ପର ପରିପୂରକ। ସାହିତ୍ୟ ମାଧ୍ୟମରେ ଆଧ୍ୟାତ୍ମିକ ଚେତନାର ଉତ୍ତରଣ ଯୁଗେ ଯୁଗେ ସମାଜକୁ ମାର୍ଗଦର୍ଶନ କରି ଆସିଛି। ଏହା କବିଙ୍କୁ ମଧ୍ୟ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥାଏ ବୋଲି ଭଦ୍ରକ ଜିଲା ବାସୁଦେବପୁର ବେତଡା ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ପୁସ୍ତକ ଲୋକାର୍ପଣ ସାରସ୍ୱତ ସମାରୋହରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଡ. ସୁରେନ୍ଦ୍ର ମହାନ୍ତିଙ୍କ ଲିଖିତ 'ହେତୁବାଦ ଓ ଆଧ୍ୟାତ୍ମବାଦ' ଶୀର୍ଷକ ପୁସ୍ତକକୁ ଉନ୍ମୋଚନ କରିବା ଅବସରରେ ବକ୍ତାମାନେ ଆହୁରି କହିଥିଲେ, ସାମ୍ପ୍ରତିକ ସମୟରେ ସାହିତ୍ୟ ପ୍ରତି ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର ରୁଚି ରଖିବା ଉଚିତ। ସାହିତ୍ୟ ଦ୍ୱାରା ସମାଜର ପରିବର୍ତ୍ତନ ସମ୍ଭବ ଏକଥା ଭୁଲିଯିବା ଉଚିତ ନୁହେଁ।

ଏହି କାର୍ଯ୍ୟକ୍ରମ ଅବସରରେ ଆୟୋଜିତ କବିତା ପାଠୋତ୍ସବ ସମାରୋହକୁ ଅଧିକ ସରସ ସୁନ୍ଦର କରିଥିଲା। ଦୀନକୃଷ୍ଣ ସାହିତ୍ୟ ସଂସଦର ସଭାପତି ବିପିନି ବିହାରୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ।

ସାହିତ୍ୟ ସମାଜକୁ କିଭଳି ମାର୍ଗଦର୍ଶନ କରି ଆସିଛି, ସେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବରେ ଆଧ୍ୟାତ୍ମିକ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସାହିତ୍ୟରେ ଆଧ୍ୟାତ୍ମିକତା ଏକ ଚିରନ୍ତନ ବିଭବ ବୋଲି ବର୍ଣ୍ଣନା କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ସାହିତ୍ୟିକ ବ୍ରଜେନ୍ଦ୍ର ଗିରି, ପଣ୍ଡିତ ଦୈତାରି ମହାପାତ୍ର, ଅଧ୍ୟାପକ ନିହାର ରଞ୍ଜନ କର, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡା, ଡ. ରଘୁନାଥ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦୀନକୃଷ୍ଣ ସାହିତ୍ୟ ସଂସଦ ପକ୍ଷରୁ ଲେଖକ ଡ. ସୁରେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇ ତାଙ୍କ ରଚିତ 'ହେତୁବାଦ ଓ ଆଧ୍ୟାତ୍ମବାଦ' ପୁସ୍ତକକୁ ଅତିଥିଗଣ ଉନ୍ମୋଚନ କରିଥିଲେ। 'ରଙ୍ଗରାଗ'ର ସମ୍ପାଦକ ପ୍ରଦୀପ୍ତ ମହାନ୍ତି, 'ଆମ ଗାଁର ସମ୍ପାଦକ କବି ରତ୍ନାକର ପଣ୍ଡା କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ସମ୍ବର୍ଦ୍ଧିତ ପ୍ରତିଭାଙ୍କର ମାନପତ୍ର ପାଠ କରିଥିଲେ। ଅଧ୍ୟକ୍ଷ ବେଣୁଧର ପରିଡା ସଭାରେ ପୌରୋହିତ୍ୟ କରିଥିଲେ।



ପୁସ୍ତକ ଲୋକାର୍ପଣ ସଭାରେ ଉପସ୍ଥିତ ଅତିଥି।

# ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ଆପ୍ରୋଚ ରୋଡ଼ ନିର୍ମାଣ

**ତିହିଡ଼ି,୧୧।୬(ଡି.ଏନ.ଏ.)**

ଭଦ୍ରକ-ଚାନ୍ଦବାଲି ରାସ୍ତାର କାନପୁର ଘୋଷରା ଉପରେ ନିର୍ମିତ ପୋଲର ଆପ୍ରୋଚରୋଡ଼ ନିର୍ମାଣ କାର୍ଯ୍ୟ ପୋଲିସ ଓ ପ୍ରଶାସନର ଉପସ୍ଥିତିରେ ସୋମବାରଠାରୁ ଆରମ୍ଭ ହୋଇଛି। ପୂର୍ବରୁ ସ୍ଥାନୀୟ ଅଧିବାସୀଙ୍କ ବିରୋଧ ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଉଲ୍ଲେଖନୀୟ ଯେ, କାନପୁର ଘୋଷରାରେ ପୋଲ ତିଆରି ସରିଥିଲେ ମଧ୍ୟ ଆପ୍ରୋଚ ରୋଡ଼ ନିର୍ମାଣ ହୋଇ ନ ଥିବାରୁ ଲୋକେ ଓ ଯାନବାହନ ଡାଇଭର୍ସନ ରୋଡ଼ ଦେଇ ଯାତାୟାତ କରୁଥିଲେ। ଏଣୁ ବର୍ଷା ସମୟରେ ଯାତାୟାତ ନେଇ ସମସ୍ୟା ଉପୁଜୁଥିଲା।

କିଛିମାସ ପୂର୍ବେ ଆପ୍ରୋଚରୋଡ଼ ନିର୍ମାଣ ଉଦ୍ୟମ କରାଯିବା ବେଳେ ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସନ ଲାଗି ଉକ୍ତ ରାସ୍ତାରେ ୨ଟି ପୋଲ ନିର୍ମାଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରି ନିର୍ମାଣ କାମ କରାଇ ଦେଇ ନ ଥିଲେ। ତିହିଡ଼ି ତହସିଲ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ତହସିଲଦାର ଅନୀତା ନାୟକ, ଚାନ୍ଦବାଲି ଏସଡିପିଓ ଉମାଶଙ୍କର ମହାରଣା, ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଏବଂ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଆପ୍ରୋଚରୋଡ଼ ନିର୍ମାଣ କରାଯାଇଥିଲା।

# କାର୍ ଚଢ଼ିଯିବା ଘଟଣାରେ ଡ୍ରାଇଭର ଗିରଫ

**ଭଣ୍ଡାରିପୋଖରୀ, ୧୧।୬(ଡି.ଏନ୍.ଏ.)**

ରବିବାର ରାତିରେ ବରଯାତ୍ରୀଙ୍କ ଶୋଭାଯାତ୍ରା ଯିବା ବେଳେ କାର୍ ଚଢିଯିବାରୁ ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଥିଲେ। ଯାଜପୁର ଅଞ୍ଚଳରୁ ଆସିଥିବା ବରଯାତ୍ରୀ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ କୋରକରା ଗ୍ରାମକୁ ଯାଉଥିବା ବେଳେ ଏହି କାର ( ନଂ. ଓଡି ୩୪ ଜି ୪୯୨୪) ଶୋଭାଯାତ୍ରା ଦେଖୁଥିବା ଲୋକଙ୍କ ଉପରେ ଚଢିଯାଇଥିଲା। ଏହି ଘଟଣାରେ ଭଣ୍ଡାରିପୋଖରୀ ପୋଲିସ ସମ୍ପୃକ୍ତ କାର୍ ଡ୍ରାଇଭର ଯାଜପୁର ଜିଲା କୁଞ୍ଜବିହାରୀପୁର ଅଞ୍ଚଳର ବିଶ୍ୱଜିତ ମିତ୍ରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

## ସେଲ୍‌ଫି କର୍ଣ୍ଣର



ବଳରାମ



ବିଶ୍ୱ



ପପି



ତପନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବାର୍ଦ୍ଧକ୍ୟ ଭତ୍ତା ଦେବାରେ ପାତରଅନ୍ତର

**ଆରଡି, ୧୧।୬(ଡି.ଏନ.ଏ.)**

ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କ୍ଷେତ୍ରରେ ପ୍ରକୃତ ହିତାଧିକାରୀଙ୍କୁ ଉପେକ୍ଷା କରି ପାତରଅନ୍ତର ନୀତି ପୋଷଣ କରାଯାଇ ଆସୁଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତର କେତେକ ଗାଁରେ ଏଭଳି ବ୍ୟତିକ୍ରମ ପଦାକୁ ଆସିଛି। ସୁନ୍ଦରପୁର ଗାଁର ରଘୁନାଥ ସାହୁ (୬୫) । ୫ ବର୍ଷ ଧରି ଫର୍ମ ପୂରଣ କରି ପକାଉ ଥିଲେ ବି ତାଙ୍କୁ ଏଯାଏ ଭତ୍ତର ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଠାରୁ କମ ବୟସର ବ୍ୟକ୍ତି ଭତ୍ତା ପାଉଥିବା ବେଳେ ତାଙ୍କୁ କାହିଁକି ଉପେକ୍ଷା କରାଯାଇଛି, ସେ ନେଇ ସେ ପ୍ରଶ୍ନ ଉଠାଛନ୍ତି। ଏ ପରି କି ହାତଗୁଞ୍ଜା ନ ଦେଲେ ଭତ୍ତା ମଞ୍ଜୁରୀ ହେଉ ନ ଥିବାରୁ କେତେକ ଆଶାୟୀ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକଙ୍କୁ ପଚାରିବାରୁ କହିଛନ୍ତି, କାଗଜ ପତ୍ରରେ ତ୍ରୁଟି କାରଣରୁ ଏଭଳି ଘଟିଥିବା ସେ ଅନୁମାନ କରୁଛନ୍ତି। ଏ ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ।

# ନିଆଁ ଲାଗି ଜଳିଗଲା ୬ ବଖରା

**ଭଦ୍ରକ ଅଫିସ, ୧୧।୬**

ଭଦ୍ରକ ସହର ୪ ନମ୍ବର ୱାର୍ଡ ଡଗରାସାହି ଲକ୍ଷ୍ମୀମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ନରେ ଶେଖ୍ ମେହେମୁଦ୍ ଅଲ୍ଲୀଙ୍କ ଘରେ ନିଆଁ ଲାଗି ୬ ବଖରା ଚାଳ ଘର ପୋଡିଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗି ରହିଥିବା ବେଳେ ଏଭଳି ଅଗ୍ନିକାଣ୍ଡ ଘଟିବାରୁ ମାତ୍ର ୩୦ ମିନିଟ୍ ଭିତରେ ୬ଟି ଘର ଜଳିଯାଇଥିଲା। ନିଆଁର ପ୍ରକୋପ ଅଧିକ ଥିବାରୁ କୌଣସି ଆସବାବପତ୍ର ଉଦ୍ଧାର ହୋଇ ପାରି ନ ଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ । ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଭଦ୍ରକ ଦମକଳ ବାହିନୀ କର୍ମଚାରୀ ଆସି ନିଆଁ ଲିଭାଇଥିଲେ।



ପୋଡି ଯାଇଥିବା ଘର।

# ଫନୀ ସତ୍ତ୍ୱେ ଫେରିଲେ ବାଇଚଢ଼େଇ

**ଆରଡି,୧୧।୬(ଡି.ଏନ.ଏ.)**

୧୯୯୯ ମହାବତ୍ୟା ପରଠାରୁ ଉଭାନ ହୋଇଯାଇଥିଲେ ବାଇଚଢେଇ । ଗତ ୪ ବର୍ଷ ଧରି ସେମାନେ ପୁଣି ଫେରି ଭଦ୍ରକ ଜିଲାର ୨ଟି ନିର୍ଦ୍ଦିଷ୍ଟ ଗାଁରେ ବସା ବାନ୍ଧିଥିଲେ । ଚଳିତ ବର୍ଷ ଫନୀ ବାତ୍ୟା ପରେ ବାଇଚଢେଇଙ୍କ ପ୍ରତ୍ୟାବର୍ତ୍ତନ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏବେ ଆରଡି ନିକଟସ୍ଥ ଖଟୁଆ ପାଟଣା ଗାଁକୁ ଫେରି ଆସିଛନ୍ତି ଏହି ପକ୍ଷୀ । କିନ୍ତୁ ନିକଟସ୍ଥ କୁଳେଇପଦା ଗାଁକୁ ପୂର୍ବ ବର୍ଷ ଭଳି ଏଥର ଫେରି ନାହାନ୍ତି।

ବାଇଚଢେଇଙ୍କୁ ଇଂଲିଶରେ ୱେଭିଙ୍ଗ ବାର୍ଡ କୁହାଯାଏ। କେହି କେହି ଏମାନଙ୍କୁ କାରିଗର ପକ୍ଷୀ କହିଥାନ୍ତି। ତାଳ କିମ୍ବା ନଡିଆ ଗଛରେ ସେମାନେ ବସା ବାନ୍ଧି ରହନ୍ତି। କୁନି କୁନି ଚଞ୍ଚୁରେ ନଡିଆ, ଖଡି, ବତା ପତ୍ରରେ ସେମାନେ ବାନ୍ଧୁଥିବା ବସାର କାରିଗରି କୌଶଳ ସମସ୍ତଙ୍କୁ ମୁଗ୍ଧ କରିଥାଏ। ଏହି ବସା ୨ ପ୍ରକାରର । ଅଣ୍ଡିରା ଓ ମାଈ ଚଢେଇଙ୍କ ଲାଗି ଅଲଗା ଅଲଗା ବସା ହୋଇଥାଏ। ଜୁନ ମାସ ବେଳକୁ ମାଈ ଚଢେଇ ଅଣ୍ଡା ଦେଇ ଛୁଆ ଫୁଟାନ୍ତି। ଅଗଷ୍ଟ ଶେଷ ଆଡକୁ ବସା ଛାଡି କୁଆଡେ ଚାଲି ଯାଆନ୍ତି । ପୁଣି ବର୍ଷକ ପରେ ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ ବାହୁଡି ଆସନ୍ତି।

ଏହି ପକ୍ଷୀ ଦେଖିବାକୁ ଧୂସର ବର୍ଣ୍ଣର । ମୁଣ୍ଡ ଉପରେ ହଳଦିଆ ରଙ୍ଗ ବେଶ୍ ମାନିଥାଏ । ପୂର୍ବରୁ ଭଦ୍ରକ ଜିଲାର ଆରଡି ଅଞ୍ଚଳରେ ବାଇଚଢେଇ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଥିଲେ। ଏବେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବାଇଚଢ଼େଇଙ୍କୁ ନେଇ ଆମ ସମାଜରେ ବହୁ ଲୋକଗୀତ ରହିଛି । ବାଇ ଚଢେଇ ବସାକୁ ଘର ପିଣ୍ଡାରେ ଝୁଲାଇଲେ ଧନ ବୃଦ୍ଧି ହୁଏ ବୋଲି କୁହାଯାଏ। ତେଣୁ ସହରର ଯାନି ଯାତରା, ମେଳା ମଉଛବରେ ବିକ୍ରି ହେଉଥିବା କୃତ୍ରିମ ବାଇ ଚଢେଇ ବସାକୁ ଲୋକେ କିଣି ଆଣି ନିଜ ଘରେ ଟଙ୍ଗାଇ ଥାନ୍ତି । ଖଟୁଆ ପାଟଣା ଗ୍ରାମର ଜିତେନ୍ଦ୍ର ନାୟକ କହନ୍ତି, ତାଙ୍କ ଗାଁକୁ ୪ ବର୍ଷ ହେଲା ବାଇଚଢେଇ ଫେରିବା ଘଟଣାରେ ଗାଁ ଲୋକଙ୍କ ସମେତ ପରିବେଶବିତ୍ ବେଶ୍ ଉତ୍ସାହିତ। କୁଳେଇପଦାର ପ୍ରତାପ ଭଞ୍ଜ କହିଛନ୍ତି, ବିରଳପ୍ରାୟ ବାଇଚଢେଇଙ୍କ ସୁରକ୍ଷା ଲାଗି ବିଭିନ୍ନ ମହଲରୁ ଉଦ୍ୟମ ହେବା ଆବଶ୍ୟକ । ଗତବର୍ଷ ଏଠାରେ ଯେଉଁ ତାଳଗଛରେ ବାଇଚଢେଇ ବସା କରିଥିଲେ ସେହି ଗଛ ଉପରକୁ ଏକ ଶାଳିଆପାତିନି ଚଢି ଏମାନଙ୍କୁ ଆକ୍ରମଣ କରିଥିଲା । ଏଣୁ ଅଧା ଗଢା ଛାଡି ଏହି ପକ୍ଷୀମାନେ କେଉଁ ଆଡେ ଚାଲି ଯାଇଥିଲେ । ଚଳିତବର୍ଷ ଭୟରେ ସେମାନେ ଆସି ନ ଥିବା ଅନୁମାନ କରାଯାଉଛି।



ଖଟୁଆପାଟଣାର ଏକ ନିର୍ଦ୍ଦିଷ୍ଟ ତାଳଗଛରେ ବାଇଚଢେଇ ବାନ୍ଧିଥିବା ବସା।



ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ମୋ ନିଯୁକ୍ତି ନେଇ ପ୍ରକାଶ ପାଇଥିବା ଖବର ସମ୍ପୂର୍ଣ୍ଣ ମିଛ।

-ସୁଷମା ସ୍ୱରାଜ,
ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ

## ସଂକ୍ଷେପରେ

### ଶାହଙ୍କୁ ଭେଟିଲେ ୪ ରାଜ୍ୟପାଳ

**ନୂଆଦିଲ୍ଲୀ,୧୧।୬(ପି.ଟି.) :** ୪ ରାଜ୍ୟର ରାଜ୍ୟପାଳ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ସାକ୍ଷାତ କରି ରାଜ୍ୟଗୁଡ଼ିକର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ, ଗୁଜରାଟ ରାଜ୍ୟପାଳ ଓମ୍‌ପ୍ରକାଶ କୋହଲି, କର୍ଣ୍ଣାଟକ ରାଜ୍ୟପାଳ ଭାଜୁଭାଇ ଭାଲା, ଉତ୍ତରାଖଣ୍ଡ ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟ ଶାହଙ୍କ ସହ ସାକ୍ଷାତ୍‌କରି ଭିନ୍ନ ଭିନ୍ନଭାବେ ଆଲୋଚନା କରିଛନ୍ତି। ଜୁନ୍ ୧ରେ ଦାୟିତ୍ୱ ଗ୍ରହଣ କରିବା ପରେ ଶାହଙ୍କ ପ୍ରଥମ ଥର ଲାଗି ରାଜ୍ୟପାଳମାନଙ୍କୁ ଭେଟିଛନ୍ତି।

### ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୧।୬(ପି.ଟି.) :** ଜମ୍ମୁ-କଶ୍ମୀରର ସୋପିଆନ୍‌ରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୨ ଆତଙ୍କବାଦୀ ମଙ୍ଗଳବାର ନିହତ ହୋଇଛନ୍ତି। ସୋପିଆନ୍‌ର ଆୱ୍ନୀରା ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିଥିବା ଖବର ପାଇ ସୁରକ୍ଷାକର୍ମୀମାନେ ଚାରିପଟୁ କର୍ଡନ କରି ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିଲେ ବୋଲି ପୋଲିସ ମୁଖପାତ୍ର କହିଛନ୍ତି। ଆତଙ୍କବାଦୀଙ୍କ ପଟୁ ଗୁଳିମାଡ଼ କରାଯିବା ପରେ ସୁରକ୍ଷାକର୍ମୀ ଏହାର ଜବାବ୍ ଦେଇଥିଲେ। ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି ବୋଲି ପୋଲିସ ମୁଖପାତ୍ର କହିଛନ୍ତି।

### ୧୧୦ ଘଣ୍ଟା ପରେ ବୋର୍‌ୱେଲ୍‌ରୁ ମୃତ ଶିଶୁ ଉଦ୍ଧାର

**ସଙ୍ଗ୍ରୁର୍(ପଞ୍ଜାବ),୧୧।୬(ପି.ଟି.) :** ପଞ୍ଜାବର ସଙ୍ଗ୍ରୁର୍‌ରେ ବୋର୍‌ୱେଲ୍‌ରେ ଖସିପଡ଼ି ୧୫୦ ଫୁଟ ତଳକୁ ଚାଲିଯାଇଥିବା ଏକ ୨ ବର୍ଷର ଶିଶୁ ଫତେବୀର ସିଂଙ୍କୁ ୧୧୦ ଘଣ୍ଟା ପରେ ମଙ୍ଗଳବାର ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କରିଛି। ତେବେ ଶିଶୁଟିକୁ ବଞ୍ଚାଯାଇ ପାରିନାହିଁ। ବୋର୍‌ୱେଲ୍‌ରୁ ଉଦ୍ଧାର କରାଯିବା ପରେ ଶିଶୁଟିକୁ ସଙ୍ଗେ ସଙ୍ଗେ କଡ଼ା ସୁରକ୍ଷା ସହ ଆମ୍ବୁଲାନ୍ସରେ ଚଣ୍ଡିଗଡସ୍ଥିତ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ(ପିଜିଆଇଏମ୍‌ଇଆର୍)କୁ ନିଆଯାଇଥିଲା। ତେବେ ଶିଶୁଟି ମୃତ୍ୟୁବରଣ କରିଥିବା ଡାକ୍ତର କହିଥିଲେ। ପ୍ରକାଶଥାଉ କି, ଗତ ଗୁରୁବାର ଅପରାହ୍ନ ୪ଟାରେ ଶିଶୁଟି ଭଗବାନ୍‌ପୁର ଗ୍ରାମରେ ଖେଳୁଥିବାବେଳେ ୭ ଇଞ୍ଚ ଚଉଡ଼ା ଓ ୧୨୫ ଫୁଟ ଗଭୀରର ଏକ ବୋର୍‌ୱେଲ୍‌ରେ ଗଳିପଡ଼ିଥିଲା। ଶିଶୁଟିକୁ ଜୀବିତ ଉଦ୍ଧାର କରିବା ଲାଗି ଚେଷ୍ଟା କରାଯାଇଥିବାବେଳେ ସବୁ ଉଦ୍ୟମ ଫେଲ୍ ମାରିଛି।

### ଆଜି ନୂଆ ମନ୍ତ୍ରୀଙ୍କ ପ୍ରଥମ ବୈଠକ

**ନୂଆଦିଲ୍ଲୀ,୧୧।୬(ପି.ଟି.) :** କେନ୍ଦ୍ର ସରକାରରେ ସ୍ଥାନ ପାଇଥିବା ନୂଆ ମନ୍ତ୍ରୀମାନଙ୍କ ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆମନ୍ତ୍ରୀଙ୍କୁ ସରକାରଙ୍କ ରୋଡ୍‌ମ୍ୟାପ ସମ୍ପର୍କରେ ସୂଚନା ଦେବେ ବୋଲି ଜଣାପଡ଼ିଛି। ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଓ ଯୋଜନାର ସୁଫଳ କିପରି ସେମାନଙ୍କୁ ମିଳିବା, ସେ ନେଇ ମୋଦି ବୈଠକ ପରେ ଉଦ୍‌ବୋଧନ ଦେବେ। ମନ୍ତ୍ରୀମାନଙ୍କ ବୈଠକ ପରେ କେନ୍ଦ୍ର କ୍ୟାବିନେଟ ବୈଠକ ବୁଧବାର ବସିବ। ସଂସଦର ପ୍ରଥମ ଅଧିବେଶନରେ ବିଭିନ୍ନ ପ୍ରଶ୍ନର ଉତ୍ତର ମନ୍ତ୍ରୀମାନେ ଦେବା ଲାଗି ନିଜକୁ ପ୍ରସ୍ତୁତ ରହିବାକୁ ବୈଠକରେ ପରାମର୍ଶ ଦିଆଯିବ ବୋଲି ଜଣାପଡ଼ିଛି।

[ଇତିହାସର ଆଇନାରେ]

### ଜୁନ୍ ୧୨ର ପ୍ରମୁଖ ଘଟଣା

୧୯୬୪ ଜୁନ୍ ୧୨ରେ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷ ବିରୋଧୀ ନେତା ନେଲସନ୍ ମଣ୍ଡେଲାଙ୍କୁ କାରାଦଣ୍ଡାଦେଶ ଦିଆଯାଇଥିଲା। ସେ ମୁକ୍ତହେବା ପରେ ପରବର୍ତ୍ତୀ ଅବସ୍ଥାରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

୨୦୧୬ ଜୁନ୍ ୧୨ରେ ଫ୍ଲୋରିଡାର ଓର୍ଲାଣ୍ଡୋସ୍ଥିତ ଗେ ନାଇଟ କ୍ଲବ୍‌ରେ ଜଣେ ବନ୍ଧୁକଧାରୀଙ୍କ ଅଚାନକ ଆକ୍ରମଣରେ ୪୯ଜଣ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୫୮ ଆହତ ହୋଇଥିଲେ।

## ଫେଲ୍ ମାରିଛି କେନ୍ଦ୍ରର ଶସ୍ୟ ବୀମା ଯୋଜନା

# ଚାଷୀଙ୍କୁ ମିଳିନି ୫ ହଜାର କୋଟି

**ନୂଆଦିଲ୍ଲୀ,୧୧।୬**



କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ବିଫଳ ହୋଇଛି। ୨୦୧୮ ଡିସେମ୍ବରରେ ଖରିଫ ଋତୁ ଶେଷ ହୋଇଥିବାବେଳେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କ ଦାବିର ୪୦% ଅର୍ଥ ବୀମା କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପଇଠ କରିନାହାନ୍ତି। ଏହି ବକେୟା ଅର୍ଥର ପରିମାଣ ୫ ହଜାର କୋଟି ଟଙ୍କା ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ଖରିଫ ଋତୁ ଶେଷରେ ଦେଶର ବିଭିନ୍ନ ଭାଗରେ ବ୍ୟାପକ ଫସଲହାନି ନେଇ ରିପୋର୍ଟ ଆସିଥିଲା। ନଷ୍ଟ ହୋଇଥିବା ଫସଲ ବାବଦକୁ ଚାଷୀମାନେ ମୋଟ ୧୨,୮୬୭ କୋଟି ଟଙ୍କା ଦାବି କରିଥିଲେ। ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଏହାକୁ ପ୍ରମାଣୀକୃତ କରିଥିଲେ। ପିଏମ୍‌ଏଫ୍‌ବିୱାଇର ନିର୍ଦ୍ଦେଶାବଳୀ ଅନୁସାରେ ଅମଳ ଶେଷ ହେବାର ଦୁଇମାସ ମଧ୍ୟରେ ଚାଷୀଙ୍କୁ ଏହା ପଇଠ କରାଯିବା ଉଚିତ। ଅର୍ଥାତ୍ ୨୦୧୮ ଖରିଫର ଦାବି ଅର୍ଥ ୨୦୧୯ ଫେବୃୟାରୀରେ ଚାଷୀଙ୍କୁ ମିଳିଯିବା ଦରକାର ଥିଲା। ହେଲେ ବୀମା କମ୍ପାନୀଗୁଡ଼ିକ ଅଦ୍ୟାବଧି କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ମୋଟ ଦାବି ଅର୍ଥର ୪୦% ଅର୍ଥାତ୍ ୫,୧୭୧ କୋଟି ଟଙ୍କା ଦେବାରେ ବିଫଳ ହୋଇଛନ୍ତି। ମେ ୧୦ ସୁଦ୍ଧା ଏତିକି ପରିମାଣ ଅର୍ଥ ବକେୟା ଥିବା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟରୁ ଆର୍‌ଟିଆଇରେ ସୂଚନା ମିଳିଛି। ଉଭୟ ପିଏମ୍‌ଏଫ୍‌ବିୱାଇ ଏବଂ ପୁନର୍ଗଠିତ ପାଣିପାଗ ଭିତ୍ତିକ ଶସ୍ୟ ବୀମା ଯୋଜନା (ଆର୍‌ଡବ୍ଲ୍ୟୁବିସିଆଇଏସ୍)ର ତଥ୍ୟ ମନ୍ତ୍ରଣାୟଳ ପକ୍ଷରୁ ଦିଆଯାଇଛି। ଆର୍‌ଡବ୍ଲ୍ୟୁବିସିଆଇଏସ୍‌ରେ ୫% ବୀମା ଦିଆଯାଉଥିବାବେଳେ ପିଏମ୍‌ଏଫ୍‌ବିୱାଇରେ ଅବଶିଷ୍ଟ ବୀମା ପ୍ରଦାନ କରାଯାଏ। ଯେଉଁ ଋତୁରେ ବୃଷ୍ଟିପାତ ୧୦% ନିଅଣ୍ଟ ହୋଇ ଦେଶର ବିଭିନ୍ନ ଭାଗରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି, ସେଭଳି ସମୟରେ ଚାଷୀଙ୍କୁ ସେମାନଙ୍କ ବୀମା ଅର୍ଥ ମିଳିବାରେ ବିଳମ୍ବ ହୋଇଛି। ଏହି କ୍ଷେତ୍ରରେ ମହାରାଷ୍ଟ୍ରର ସର୍ବାଧିକ ୩,୮୯୩ କୋଟି ଦାବିରୁ ୩୬% ଅର୍ଥାତ୍ ୧,୪୧୬ ଟଙ୍କା ବାକି ରହିଛି। ଏମିତି ୬ଟି ରାଜ୍ୟ ରହିଛି ଯେଉଁଠି ବୀମା ଦାବିର ୧୦୦% ଅର୍ଥ ପଇଠ କରିବା ବାକି ଅଛି। ତହିଁରୁ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ତେଲେଙ୍ଗାନା ସବୁଠୁ ବେଶି ମରୁଡ଼ିର ସମ୍ମୁଖୀନ ହେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏର ପ୍ରଥମ ପାଳିରେ ସରକାର ପିଏମ୍‌ବିଏଫ୍‌ବିୱାଇକୁ ପ୍ରୋତ୍ସାହିତ କରିଥିଲେ। ଫସଲହାନିଜନିତ ଗ୍ରାମାଞ୍ଚଳରେ ଦୁର୍ଦ୍ଦଶା ଦୂର କରିବା ଥିଲା ଏହାର ଲକ୍ଷ୍ୟ, ଯାହାକି ପୂରଣ ହୋଇନାହିଁ। ଭାରତରେ ଋତୁକାଳୀନ ଫସଲହାନିର ଏକ ମୁଖ୍ୟ କାରଣ ହେଉଛି ବୃଷ୍ଟିପାତର ଅଭାବ। କାରଣ ଦେଶର ୬୫% ଫସଲ ଅଞ୍ଚଳ ବର୍ଷା ଉପରେ ନିର୍ଭର କରେ। ତେଣୁ ବୃଷ୍ଟିପାତରେ ନିଅଣ୍ଟ ବେଳେ ଶସ୍ୟବୀମା ଦାବି ଅର୍ଥ ପଇଠ କରିବା ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ଖରିଫ୍ ଋତୁ ପାଇଁ ବୁଣାବୁଣି କାର୍ଯ୍ୟ ଜୁନ୍ ଓ ଜୁଲାଇରେ କରାଯାଏ। ଭାରତରେ ମୋଟ ବୃଷ୍ଟିପାତର ୭୦% ମୌସୁମୀର ଅବଦାନ, ଯାହାକି ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ହୋଇଥାଏ। ୨୦୧୮ରେ ମୌସୁମୀ ସ୍ୱାଭାବିକଠାରୁ କମ୍ ଥିଲା। ଦୀର୍ଘ ସମୟ ଅବଧିଠାରୁ ୯.୪% କମ୍ ବୃଷ୍ଟିପାତ ହୋଇଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହା ଥିଲା ନିଅଣ୍ଟିଆ ବୃଷ୍ଟିପାତରେ ଲଗାତର ପଞ୍ଚମ ବର୍ଷ। ଏଥିଯୋଗୁ ୭ ରାଜ୍ୟ ନିଜକୁ ମରୁଡ଼ିଗ୍ରସ୍ତ ଘୋଷଣା କରିଥିଲେ। ଏହି ରାଜ୍ୟଗୁଡ଼ିକରେ ମୋଟ ୧୫ ନିୟୁତ ହେକ୍ଟର ଚାଷଜମିର ଫସଲ ପ୍ରଭାବିତ ହୋଇଥିଲା।

## ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପ୍ରଶାନ୍ତ କନୋଜିଆଙ୍କୁ ତୁରନ୍ତ ମୁକ୍ତ କର

**ନୂଆଦିଲ୍ଲୀ,୧୧।୬(ପି.ଟି.)**



ଯୋଗୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରି ଗିରଫ ହୋଇଥିବା ଖବରଦାତା ପ୍ରଶାନ୍ତ କନୋଜିଆଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ପ୍ରଶାନ୍ତଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ସହ ସାଲିସ କରାଯାଇ ପାରିବ ନାହିଁ। ସମ୍ବିଧାନଠାରୁ ଏହି ଅଧିକାର ମିଳିଥିବାରୁ ଏହାର ଉଲ୍ଲଂଘନ କରାଯାଇପାରିବ ନାହିଁ ବୋଲି ଇନ୍ଦିରା ବାନାର୍ଜୀ ଓ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ପ୍ରକାଶ ଯେ, ପ୍ରଶାନ୍ତ ଟୁଇଟର ଓ ଫେସ୍‌ବୁକ୍‌ରେ ଏକ ଭିଡିଓ ଶେୟାର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ନୌସ୍ଥିତ ଅଫିସ ବାହାରେ ଜଣେ ମହିଳା ବିଭିନ୍ନ ଗଣମାଧ୍ୟମର ଖବରଦାତାଙ୍କୁ ସମ୍ବୋଧିତ କରୁଥିବାବେଳେ ଯୋଗୀ ଆଦିତ୍ୟନାଥଙ୍କ ନିକଟକୁ ବିବାହ ପାଇଁ ପ୍ରସ୍ତାବ ପଠାଇଥିବା ଏଥିରେ ଦେଖିବାକୁ ମିଳିଥିଲା। ଯୋଗୀଙ୍କ ଛବି ଖରାପ କରିବା ଉଦ୍ଦେଶ୍ୟରେ ପ୍ରଶାନ୍ତ ଏହି ଭିଡିଓ ଅପ୍‌ଲୋଡ୍ କରିଥିବା ଦର୍ଶାଇ ହଜରତ୍‌ଗଞ୍ଜ ଥାନାର ଜଣେ ସବ୍-ଇନ୍ସପେକ୍ଟର ଶୁକ୍ରବାର ମାମଲା ରୁଜୁ କରିଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା। ଫଳରେ ପ୍ରଶାନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନର ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ନାଗରିକଙ୍କ ସ୍ୱାଧୀନତା ଅଧିକାର ପବିତ୍ର, ଯହିଁରେ ହସ୍ତକ୍ଷେପ କରାଯାଇ ପାରିବ ନାହିଁ। ତେଣୁ ରାଜ୍ୟ ସରକାର ପ୍ରଶାନ୍ତଙ୍କୁ ମୁକ୍ତକରିବା ପାଇଁ ଉଦାରତା ଦେଖାନ୍ତୁ। ତେବେ ପ୍ରଶାନ୍ତଙ୍କୁ ଜାମିନ ପ୍ରଦାନର ଅର୍ଥ ତାଙ୍କ ପୋଷ୍ଟ ବା ଟୁଇଟ୍‌ଗୁଡ଼ିକୁ ଅନୁମତି ଦିଆଯିବା ବୋଲି ଧରିନିଆଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ସ୍ତ୍ରୀ ଜାଗିଷା ଆରୋରା ଏହାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ୟୁପି ପୋଲିସ ପ୍ରଶାନ୍ତଙ୍କୁ ଅସାମ୍ବିଧାନିକ ଭାବେ ଗିରଫ କରିଥିଲା। ସ୍ୱାମୀଙ୍କୁ ଜାମିନ ମିଳିବା ପରେ ସମ୍ବିଧାନ ପ୍ରତି ତାଙ୍କ ଆସ୍ଥାକୁ ପୁନଃ ସ୍ଥାପିତ କରିଛି ବୋଲି ସେ କହିଛନ୍ତି।



କୋଲକାତାସ୍ଥିତ ବିଦ୍ୟାସାଗର କଲେଜ ପରିସରରେ ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଉନ୍ମୋଚନ ପରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମେ ୧୪ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ ସମୟରେ ଭାଜପା-ଟିଏମ୍‌ସି ମଧ୍ୟରେ ସଂଘର୍ଷ ବେଳେ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଆଯାଇଥିଲା।

### ପଶ୍ଚିମବଙ୍ଗରେ ଆଉ ୨ ମୃତ, ୩ ଆହତ

**କୋଲକାତା,୧୧।୬ (ଆଇଏଏନ୍‌ଏସ୍) :** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ପୁଣି ୨ ଜଣ ବୋମାମାଡ଼ରେ ପ୍ରାଣ ହରାଇଥିବାବେଳେ ୩ ଆହତ ହୋଇଥିବା ଜଣାପଡ଼ିଛି। କାଙ୍କିନାଡା ଅଞ୍ଚଳର ବରୁଇପଡ଼ାଠାରେ ଏହି ଘଟଣା ଘଟିଛି। ଭାଜପା ସମର୍ଥକ ଏଭଳି କରିଥିବା ମନ୍ତ୍ରୀ ଜ୍ୟୋତିପ୍ରିୟ ମଲ୍ଲିକ ଅଭିଯୋଗ କରିଥିବାବେଳେ ଭାଜପାର ବାରାକ୍‌ପୋର ଏମ୍‌ପି ଅର୍ଜୁନ୍ ସିଂ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ଶରଦ କୁମାର ମଧ୍ୟବର୍ତ୍ତିକାଳୀନ ସିଭିସି

**ନୂଆଦିଲ୍ଲୀ,୧୧।୬(ପି.ଟି.)**



ଭିଜିଲାନ୍ସ କମିଶନର ଶରଦ କୁମାରଙ୍କୁ ମଧ୍ୟବର୍ତ୍ତିକାଳୀନ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର (ସିଭିସି)ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଦ୍ୱାରା ନୂଆ ସିଭିସି ବଛା ନ ଯିବା ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱରେ ରହିବେ। ସିଭିସି କେ.ଭି. ଚୌଧୁରୀ ଓ ଭିସି ଟି.ଏମ୍. ଭାସିନ୍‌ଙ୍କ କାର୍ଯ୍ୟକାଳ ଯଥାକ୍ରମେ ରବିବାର ଓ ସୋମବାର ଶେଷ ହୋଇଛି। ଅନ୍ୟ ଭିଜିଲାନ୍ସ କମିଶନର ଶରଦ କୁମାରଙ୍କୁ ଏଥିଲାଗି କାମଚଳା ସିଭିସିଭାବେ ଅବସ୍ଥାପିତ କରାଯାଇଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଶରଦ କୁମାର ପୂର୍ବରୁ ଆତଙ୍କବାଦ ନିରୋଧ ତଦନ୍ତ କମିଟି ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ)ର ମୁଖ୍ୟ ଥିଲେ। ଗତବର୍ଷ ଜୁନ୍ ୧୨ ତାରିଖରେ ସେ ଭିସିଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆସନ୍ତାବର୍ଷ ଅକ୍ଟୋବରରେ ସିଭିସିରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ।

# ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତି

**ନୂଆଦିଲ୍ଲୀ,୧୧।୬**



ଜୁନ୍ ୧୭ରୁ ସଂସଦର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାବେଳେ ଭାଜପା ଏମ୍‌ପି ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତିଭାବେ ନିଯୁକ୍ତି ପାଇଛନ୍ତି। ସଂସଦରେ ତାଙ୍କ ଅଭିଜ୍ଞତାକୁ ଆଧାର କରି ରାଷ୍ଟ୍ରପତି ଭବନ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ବୀରେନ୍ଦ୍ର କୁମାର ମଧ୍ୟପ୍ରଦେଶରୁ ୭ଥର ଏମ୍‌ପି ହେବାର ଗୌରବ ଅର୍ଜନ କରିଛନ୍ତି। ଟିକମ୍‌ଗଡ଼ର ଏହି ନେତା କାମଚଳା ବାଚସ୍ପତି ହେବା ପରେ ନବନିର୍ବାଚିତ ଏମ୍‌ପିଙ୍କୁ ଶପଥପାଠ କରାଇବା ସହ ଲୋକ ସଭାରେ ଅଧ୍ୟକ୍ଷତା କରି ନୂଆ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ସହଯୋଗ କରିବେ।

୧୯୯୬ ମସିହାରୁ ପ୍ରତ୍ୟେକ ନିର୍ବାଚନ ଜିତିଆସୁଥିବା ବୀରେନ୍ଦ୍ର କୁମାର ତୃତୀୟ ବରିଷ୍ଠତମ ଏମ୍‌ପି। ୮ଥର ଏମ୍‌ପି ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ନୂଆ ଟିମ୍‌ରେ ନ ଥିବାବେଳେ ଏହି ପଦରେ ରହିବେ ବୋଲି ଆଶା କରାଯାଉଥିଲା। ହେଲେ ଶେଷରେ ବୀରେନ୍ଦ୍ର କୁମାରଙ୍କୁ କାମଚଳା ବାଚସ୍ପତି କରାଯାଇଛି।

# ଭୟଙ୍କର ବାତ୍ୟାର ରୂପ ନେଉଛି 'ବାୟୁ'


**ନୂଆଦିଲ୍ଲୀ,୧୧।୬(ପି.ଟି.)**

- ଗୁଜରାଟରେ ହାଇ ଆଲର୍ଟ
- ରାଜକୋଟ୍‌ରେ ଶିକ୍ଷାନୁଷ୍ଠାନ ଛୁଟି
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ରାଜ୍ୟରେ ଏନ୍‌ଡିଆର୍‌ଏଫ୍ ମୁତୟନ
- ପ୍ରସ୍ତୁତି ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ



ଭୟଙ୍କର ରୂପ ନେଉଛି ବାତ୍ୟା 'ବାୟୁ'। ଆରବସାଗରରୁ ଗୁଜରାଟ ଉପକୂଳ ଆଡ଼କୁ ଏହା ମୁହାଁଇଥିବାବେଳେ ଏହି ଝଡ଼ବାତ୍ୟା ଉଗ୍ରରୂପ ଧାରଣ କରିବାର ଆଶଙ୍କା ରହିଛି। ଫଳରେ ଗୁଜରାଟରେ ହାଇଆଲର୍ଟ ଜାରି କରାଯାଇଛି। ଗୁଜରାଟର ପୋରବନ୍ଦର ଓ ମହୁଭା ମଧ୍ୟରେ ଗୁରୁବାର ସକାଳେ ଏହା ମାଡ଼ହୋଇ ତାଣ୍ଡବ ରଚିବ ବୋଲି କୁହାଯାଉଛି। ଘଣ୍ଟାକୁ ୧୨୦ ରୁ ୧୩୫ କିମି ବେଗରେ ପବନ ମଧ୍ୟ ବହିବ। ଦୁଇଦିନ ପ୍ରବଳ ଝଡ଼ବର୍ଷା ରାଜ୍ୟରେ ବହୁଳ କ୍ଷତି ଘଟାଇବାର ଆଶଙ୍କା ରହିଛି। ପରିସ୍ଥିତିକୁ ଦେଖି ରାଜକୋଟରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏଥିସହ ରାଜ୍ୟରେ ୨୬ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମୁତୟନ କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯିବା ସହ ସୌରାଷ୍ଟ୍ର ଓ କଚ୍ଛରେ ଏହାର ପ୍ରଭାବ ପଡ଼ିବ ହେବ ବୋଲି କୁହାଯାଇଛି। ପଶ୍ଚିମ ଉପକୂଳରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବାର ଆଶଙ୍କା କରାଯାଉଛି। କେବଳ ଗୁଜରାଟ ନୁହେଁ କେରଳ, କର୍ଣ୍ଣାଟକ, ଦକ୍ଷିଣ ମୁମ୍ବାଇ, ଗୋଆ ଓ ଲାକ୍ଷାଦୀପ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ଦର୍ଶାଯାଇଛି। ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ସଜାଗ ରହିବା ସହ ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରି ଉପଯୁକ୍ତ ବ୍ୟବସ୍ଥା ଓ ସେବା ଯୋଗାଇ ଦେବା ଲାଗି କୁହାଯାଇଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା, ପିଇବା ପାଣିର ସୁବିଧା, ବିଜୁଳି ଯୋଗାଣ ଆଦି ସେବା ଯୋଗାଇବା ଲାଗି ପରାମର୍ଶ ଦିଆଯାଇଛି। ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ, ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ଅଧିକାରୀ, କ୍ୟାବିନେଟ ସଚିବ ପ୍ରମୁଖ ଯୋଗଦେଇଥିଲେ। ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଭାରତୀୟ ତଟରକ୍ଷୀ ବାହିନୀ, ସ୍ଥଳ ସେନା, ନୌସେନା ଓ ବାୟୁସେନାକୁ ସଜାଗ ରହିବା ଲାଗି କୁହାଯାଇଛି। ୨୪ ଘଣ୍ଟା କଣ୍ଟ୍ରୋଲ ରୁମ୍ ଖୋଲା ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଝଡ଼ବାତ୍ୟା ଯୋଗୁ ଉପକୂଳ ଗୁଜରାଟରେ ଦେଢ଼ ମିଟର ପର୍ଯ୍ୟନ୍ତ ଜୁଆର ଉଠିବାର ଆଶଙ୍କା କରାଯାଉଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ପଶ୍ଚିମ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରକାଶଥାଉ କି, ଗତ ମାସରେ ବାତ୍ୟା 'ଫନୀ' ଓଡ଼ିଶାରେ ତାଣ୍ଡବ ରଚିବା ସହ ବ୍ୟାପକ କ୍ଷୟକ୍ଷତି କରିଥିଲା। ଏଥିରେ ପ୍ରାୟ ୬୦ ଜଣଙ୍କ ଜୀବନ ଯାଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଳା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୧ | ୨୫.୭ |
| ଚାନ୍ଦବାଲି | ୪୦.୦ | ୨୮.୨ |
| କଟକ | ୩୯.୮ | ୨୫.୦ |
| ପାରାଦ୍ୱୀପ | ୩୪.୧ | ୨୯.୨ |
| ଭୁବନେଶ୍ୱର | ୪୦.୩ | ୨୬.୬ |
| ଗୋପାଳପୁର | ୩୨.୪ | ୨୭.୫ |
| ପୁରୀ | ୩୫.୬ | ୨୭.୮ |
| ଅନୁଗୋଳ | ୪୧.୭ | ୧୯.୬ |
| ବାରିପଦା | ୩୭.୨ | ୨୭.୫ |
| ଝାରସୁଗୁଡ଼ା | ୪୪.୨ | ୨୯.୬ |
| କେନ୍ଦୁଝର | ୩୯.୨ | ୨୫.୦ |
| ସମ୍ବଲପୁର | ୪୫.୦ | ୩୦.୦ |
| ସୁନ୍ଦରଗଡ଼ | ୪୧.୦ | ୨୪.୦ |
| ହୀରାକୁଦ | ୪୪.୪ | ୨୯.୬ |
| ତାଳଚେର | ୪୨.୫ | ୨୬.୩ |
| ଭବାନୀପାଟଣା | ୪୦.୬ | ୩୧.୦ |
| ବଲାଙ୍ଗୀର | ୪୧.୮ | ୨୫.୦ |
| କୋରାପୁଟ | ୩୪.୪ | ୨୩.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୪ | ୨୩.୫ |
| ମାଲକାନଗିରି | ୪୦.୨ | ୨୨.୪ |
| ସୋନପୁର | ୪୪.୦ | ୨୭.୦ |
| ଦାରିଙ୍ଗିବାଡ଼ି | ୩୫.୦ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍

# ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍

**ମୁମ୍ବାଇ:** ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ଟୁଇଟର ଆକାଉଣ୍ଟକୁ ସୋମବାର ରାତିରେ ହ୍ୟାକ୍ (ବିନା ଅନୁମତିରେ ଅନ୍ୟ ନେଟୱର୍କରେ ପ୍ରବେଶ) କରାଯାଇଛି। ତାଙ୍କର ପ୍ରୋଫାଇଲ୍ ପିକ୍ଚରକୁ ବଦଳାଯାଇ ସେ ସ୍ଥାନରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ପୋଷ୍ଟ କରାଯାଇଛି। ଅମିତାଭଙ୍କ ଟୁଇଟର ବାୟୋଗ୍ରାଫିରେ ସାଧାରଣତଃ ଅଭିନେତା...ଠୁ ଆରମ୍ଭ ହୋଇ ସେ ସମ୍ପର୍କିତ କିଛି ଲେଖା ଉଲ୍ଲେଖ ଥାଏ। ଏହି ଲେଖା ପରିବର୍ତ୍ତେ 'ଲଭ୍ ପାକିସ୍ତାନ' ବୋଲି ଲେଖାଯାଇଛି। ତାଙ୍କ ଟୁଇଟର ଆକାଉଣ୍ଟରୁ ୩ଟି ପୋଷ୍ଟ ଉଡାଇ ଦିଆଯିବା ସହିତ ଭେରିଫାଏଡ୍ ପ୍ରୋଫାଇଲ୍‌ର କଭର ଇମେଜକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଗୋଟିଏ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ସହିତ ପାକିସ୍ତାନୀ ପତାକା ଲଗାଯାଇଛି। ଏଥିସହିତ ଟୁଇଟ୍ କରାଯାଇଛି, 'ସାରା ଦୁନିଆକୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ତୁର୍କୀ ଫୁଟବଲ ଖେଳାଳିଙ୍କୁ ଆଇସ୍‌ଲାଣ୍ଡ ରିପବ୍ଲିକ୍‌ର ଅସମ୍ମାନଜନକ ବ୍ୟବହାରକୁ ଆମେ ତୀବ୍ର ନିନ୍ଦା କରୁ। ଆମେ ମୃଦୁଭାଷାରେ କହୁଥିଲେ ମଧ୍ୟ ଏକ ବାଡ଼ି ଧରିଛୁ ଏବଂ ବଡ଼ ଧରଣର ସାଇବର ଆକ୍ରମଣ ସମ୍ପର୍କରେ ସୂଚାଇ ଦେଉଛୁ।' ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକିଂ ସମ୍ପର୍କରେ ତୁରନ୍ତ ମହାରାଷ୍ଟ୍ର ସାଇବର ସଂସ୍ଥାକୁ ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ ତଦନ୍ତ କାର୍ଯ୍ୟ ଜାରି ରହିଥିବା ଜଣେ ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ଅମିତାଭଙ୍କର ଟୁଇଟର ଆକାଉଣ୍ଟର ୩୭.୪ ନିୟୁତ ଅନୁଗାମୀ ଅଛନ୍ତି। ସେ ନିୟମିତ ଉକ୍ତ ଆକାଉଣ୍ଟରେ ଶେୟାର କରିବା ସହିତ ଏହାକୁ 'ସମ୍ପ୍ରସାରିତ ପରିବାର' ବୋଲି ବର୍ଣ୍ଣନା କରନ୍ତି।



## ସଂକ୍ଷେପରେ

### ୩ ଏନ୍ଏସିକୁ ପୌର ପରିଷଦ ଘୋଷଣା ମାମଲା
## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

**କଟକ ଅଫିସ, ୧୧।୬:** ଗଞ୍ଜାମ ଜିଲାର ୩ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)କୁ ପୌର ପରିଷଦ ଘୋଷଣା ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି ହୋଇଛି। ଏହି ଏନ୍ଏସିଗୁଡ଼ିକ ହେଉଛି ଆସ୍କା, ଭଞ୍ଜନଗର ଏବଂ ଛତ୍ରପୁର। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଏନ୍ଏସିଗୁଡ଼ିକୁ ପୌର ପରିଷଦ କରିବା ନେଇ ମାମଲା ରୁଜୁ କରାଯାଇଥିଲା। ମଙ୍ଗଳବାର ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଧରାପଡ଼ିଲା ମାଇକ୍ରୋଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କ ଚାଲାଖି

**ସମ୍ବଲପୁର, ୧୧।୬(ବ୍ୟୁରୋ):** ସମ୍ବଲପୁର ଜିଲା ରେଙ୍ଗାଲିରେ ଜଣେ ମାଇକ୍ରୋଫାଇନାନ୍ସ କମ୍ପାନୀର ମ୍ୟାନେଜରଙ୍କ ମିଛ ଅଭିଯୋଗ ଉପରେ ପୋଲିସ ପର୍ଦ୍ଦାଫାସ କରିଛି । ୫ ଲକ୍ଷ ୫୨ ହଜାର ୪୯୦ ଟଙ୍କା ଲୁଟ୍ ହୋଇଥିବା ନେଇ ମିଛ ଅଭିଯୋଗ କରି ଏବେ ନିଜେ ମ୍ୟାନେଜର ଫସି ଯାଇଛନ୍ତି। ଏହି ଯୁବକ ଜଣକ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ପାଲୁର ଗ୍ରାମର ଆକାଶ ଆଲୁ । ସେ ହିଁ ଏହି ଟଙ୍କା ହଡପ କରିବା ପାଇଁ ଯୋଜନା କରି ନିଜେ ଅଭିଯୋଗ କରିଥିବା ସଦର ଏସ୍ଡିପିଓ ଭବାନୀ ଶଙ୍କର ଉଦଗାତା ଅଇଁଠାପାଲି ଏସ୍ଡିପିଓ ଅଫିସରରେ ମଙ୍ଗଳବାର ସୂଚନା ଦେଇଛନ୍ତି । ପିପୁଲ୍ସ ଫୋରମ ମାଇକ୍ରୋ ଫାଇନାନ୍ସ କମ୍ପାନୀର ରେଙ୍ଗାଲି ଶାଖାରେ ସେ ମ୍ୟାନେଜର ଭାବେ କାମ କରୁଥିଲେ। ଗତ ଶନିବାର ଓ ରବିବାର ସ୍ଥାନୀୟ ଅଞ୍ଚଳରୁ ଋଣ ଗ୍ରହୀତାମାନଙ୍କଠାରୁ ସଂଗ୍ରହ ହୋଇଥିବା ଟଙ୍କାକୁ ସେ ରହୁଥିବା ଭଡା ଘରେ ରଖିଥିଲେ। ହେଲେ ଏହାକୁ ସେ ହଡପ କରିବା ପାଇଁ ସେ ଯୋଜନା କରିଥିଲେ । ସୋମବାର ସେ ରେଙ୍ଗାଲି ଥାନାରେ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ, ସଂଗ୍ରହ ହୋଇଥିବା ଟଙ୍କାକୁ ଧରି ସେ ସ୍ଥାନୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଜମା କରିବାକୁ ବାହାରିଥିଲେ। ସେହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସିଥିଲେ। ସେମାନେ ତାଙ୍କ ଉପରକୁ ଲଙ୍କା ଗୁଣ୍ଡ ପକାଇ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡାଇ ନେଇ ଖସି ପଳାଇଥିଲେ। ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆଙ୍କୁ ନେଇ ଏକ ଟିମ୍ ଗଠିତ ହୋଇଥିଲା । ହେଲେ ତଦନ୍ତ ସମୟରେ ଆକାଶଙ୍କ ଉପରେ ହିଁ ପୋଲିସର ସନ୍ଦେହ ହୋଇଥିଲା । ସବୁ ଦିଗକୁ ନେଇ ତଦନ୍ତ କଲାପରେ ଶେଷରେ ଆକାଶଙ୍କୁ ହିଁ ପୋଲିସ ଗିରଫ କରିଛି। ତାଙ୍କ ସ୍କୁଟି (ଓଡି -୦୭-୦୪୭୯)ରେ ଚାମ୍ପର ତିଆରି କରି ଟଙ୍କା ଲୁଚାଯାଇଥିବା ଜାଣିବାକୁ ପାଇବା ପରେ ପୋଲିସ ସ୍କୁଟି ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ.୮୭/୧୯) ରୁଜୁ ହୋଇଛି।

### ପରିଚାଳନା କମିଟି ବୈଠକ
# ରଥଯାତ୍ରା ନୀତି ନିର୍ଘଣ୍ଟରେ ଲାଗିଲା ମୋହର

**ପୁରୀ ଅଫିସ, ୧୧।୬**


ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟମାନେ।

- ଅପରାହ୍ନ ୪ଟାରେ ନୀଳାଦ୍ରିବିଜେ ପହଣ୍ଡି
- ପହଣ୍ଡି ବେଳେ ସିଂହଦ୍ୱାର ଚକଡ଼ାକୁ କ୍ୟାମେରା ମନା

ଜୁଲାଇ ୪ରେ ହେବାକୁ ଥିବା ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ନୀତି ସବ୍ କମିଟି ଏବଂ ଛତିଶା ନିଯୋଗରେ ପ୍ରସ୍ତୁତ ଏହି ନୀତିରେ ମଙ୍ଗଳବାର ମୋହର ମାରିଛି ପରିଚାଳନା କମିଟି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯିବା ସହ ସ୍ନାନଯାତ୍ରା ରଥଯାତ୍ରା, ବାହୁଡା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରୀ ବିଜେ ନୀତି ନିର୍ଘଣ୍ଟରେ ମୋହର ଲଗାଯାଇଛି। ଏଥିସହ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତ ବ୍ୟବସ୍ଥାବଳୀକୁ ତର୍ଜମା କରାଯାଇ ଚୂଡ଼ାନ୍ତ ହୋଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ନିର୍ଘଣ୍ଟ କରିଥିବା ନୀତି, ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡା ଯାତ୍ରାର ବ୍ୟବସ୍ଥାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୀତିରେ ସେମିତି କୌଣସି ପରିବର୍ତ୍ତନ ହୋଇ ନ ଥିବାବେଳେ ବ୍ୟବସ୍ଥାବଳୀକୁ ଆହୁରି ସୁଦୃଢ଼ କରିବା ଲାଗି ସାମାନ୍ୟ କେତେକ ପରିବର୍ତ୍ତନ କରାଯାଇ ଏହାକୁ ଅନୁମୋଦନ ଦିଆଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଦେବସ୍ନାନ ମଣ୍ଡପରେ ଯେପରି ବିଶୃଙ୍ଖଳା ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ସ୍ନାନ ମଣ୍ଡପରେ ବିଶୃଙ୍ଖଳା କରିଥିବା ୪୫ଜଣ ସେବକ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହାପରେ ପ୍ରାୟ ସମସ୍ତେ ସୁଧୁରି ଯାଇଛନ୍ତି। ତେଣୁ ଏବର୍ଷ ଠାକୁରଙ୍କ ଜଳ ଲାଗି ଠିକ୍‌ଠାକ ହେବ ବୋଲି ଆଶା କରାଯାଉଛି। ସ୍ନାନଯାତ୍ରା, ରଥଯାତ୍ରା, ବାହୁଡା, ସୁନାବେଶ, ଅଧପପଣା, ନିଳାଦ୍ରୀବିଜେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଯାଇଛି। ଦିନେ ଦୁଇଦିନ ମଧ୍ୟରେ ନୀତି ପୁସ୍ତିକା ଛପାଯିବ। ଏଥର ନିଳାଦ୍ରୀବିଜେ ପରଦିନ ଚନ୍ଦ୍ରଗ୍ରହଣ ପଡୁଛି। ଏହାକୁ ଦୃଷ୍ଟିରେ ରଖି ନିଳାଦ୍ରୀବିଜେ ପହଣ୍ଡିକୁ ସଅଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ନିଳାଦ୍ରୀ ବିଜେ ଦିନ ଅପରାହ୍ନ ୪ଟାରେ ପହଣ୍ଡି ଆରମ୍ଭ ହେବ। ରାତି ୧୦ଟାରେ ପହଣ୍ଡି ଶେଷ କରାଯିବ। ରାତି ୧ଟାରୁ ସାଢେ ୧ଟା ମଧ୍ୟରେ ରୁନ୍ଧା କାମ ସାରିବା ଲାଗି ସେବକମାନେ ପ୍ରତିଶ୍ରୁତି ଦେଇଛନ୍ତି। ଭୋର ୫ଟା ବେଳକୁ ପହୁଡ଼ ସରି ସାଢେ ୫ଟା ସୁଦ୍ଧା ଆଳତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୁଲାଇ ୧୬ତାରିଖରେ ମଧ୍ୟାହ୍ନ ଭୋଗ ପରେ ନୀତି ବନ୍ଦ କରାଯିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ନୀତି ଆରମ୍ଭ ହେବ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି।

ତେବେ ଏଥର ସିଂହଦ୍ୱାର ସମ୍ମୁଖ ଚକଡ଼ାରେ କୌଣସି ଟିଭି କ୍ୟାମେରା ରହିବ ନାହିଁ। ପହଣ୍ଡିରେ ସମ୍ପୃକ୍ତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କେହି ସେଠାରେ ରହିପାରିବେ ନାହିଁ। ରଥଯାତ୍ରା ପହଣ୍ଡିକୁ ଶୃଙ୍ଖଳିତ ଏବଂ ସଅଳ କରିବା ଲାଗି ଏହି ନିଷ୍ପତ୍ତି ହୋଇଛି। ସେମାନେ ତାଙ୍କର ଉଦ୍ଦିଷ୍ଟ ସ୍ଥାନରେ ରହି ଶୁଟିଂ କରିବେ ବୋଲି ପରିଚାଳନା କମିଟି ଚୂଡ଼ାନ୍ତ କରିଛି। ପରିଚାଳନା କମିଟି ମୋହର ମାରିଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ଆସନ୍ତା ୧୭ତାରିଖ ସ୍ନାନପୂର୍ଣ୍ଣିମାରେ ଅପରାହ୍ନ ୪ଟାରୁ ସ୍ନାନବେଦିରେ ମହାପ୍ରଭୁଙ୍କ ହାତୀବେଶ ହେବ। ଜୁଲାଇ ୪ତାରିଖରେ ରଥଯାତ୍ରା। ଏହିଦିନ ସକାଳ ସାଢେ ୯ଟାରେ ପହଣ୍ଡି ଏବଂ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ଜୁଲାଇ ୧୨ ବାହୁଡ଼ାରେ ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଏବଂ ଅପରାହ୍ନ ୪ଟାରେ ରଥଟଣା ହେବ। ଜୁଲାଇ ୧୩ରେ ରଥ ଉପରେ ଅପରାହ୍ନ ୪ଟାରୁ ସୁନାବେଶ ଆରମ୍ଭ ହୋଇ ରାତି ୧୧ଟାରୁ ୧୨ଟା ମଧ୍ୟରେ ମଇଲମ ହେବ। ଜୁଲାଇ ୧୪ରେ ଅଧରପଣା। ଏହିଦିନ ରାତି ୮ଟାରେ ତିନିରଥରେ ଅଧର ନୀତି ଶେଷ କରିବାକୁ ନୀତି ନିର୍ଘଣ୍ଟ ହୋଇଛି। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ରାମଚନ୍ଦ୍ର ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି, ସିଦ୍ଧେଶ୍ୱର ମହାପାତ୍ର, ବାବା ସଚ୍ଚିଦାନନ୍ଦ ଦାସମହାରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ସହକାରୀ ପରିସଂଖ୍ୟାନ ଅଧିକାରୀ


ସହକାରୀ ପରିସଂଖ୍ୟାନ ଅଧିକାରୀଙ୍କ ବାସଗୃହ।

**ବାଲେଶ୍ୱର ଅଫିସ/ବାସୁଦେବପୁର/ କଟକ ଅଫିସ, ୧୧।୬(ଡି.ଏନ.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲା ପରିସଂଖ୍ୟାନ କାର୍ଯ୍ୟାଳୟର ସହକାରୀ ପରିସଂଖ୍ୟାନ ଅଧିକାରୀ ପରମେଶ୍ୱର ରାଉତ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡିଛନ୍ତି। ମଙ୍ଗଳବାର ଏକକାଳୀନ ତାଙ୍କ ବାସସ୍ଥାନ, ପୈତୃକ ଘର ଏବଂ ଅଫିସ ଉପରେ ଚଢାଉ କରାଯାଇଥିଲା। ତାଙ୍କ ନାମରେ ୪ଟି ସ୍ଥାନରେ ସର୍ଚ୍ଚ ୱାରେଣ୍ଟ ରହିଥିବାରୁ ଏପରି ଚଢାଉ କରାଯାଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍ପି ସୁନୀଲ କୁମାର ସେନାପତି କହିଛନ୍ତି।

ଅଙ୍ଗାରଗଡିଆସ୍ଥିତ ଦୁଇତାଲା ବିଶିଷ୍ଟ ଘର, ସରସ୍ୱତୀପୁର ମୌଜାର ତାମୁଲିଆ ଗେଟ୍ ୧ ମହଲା ଘର, ଭଦ୍ରକ ଜିଲା ବାସୁଦେବପୁର ଥାନା ଆର୍ଡୁ ଗ୍ରାମରେ ଥିବା ଘର ଓ ବାଲେଶ୍ୱର ଅଫିସରେ ଏକକାଳୀନ ଚଢାଉ କରାଯାଇଥିଲା । ପ୍ରତ୍ୟେକ ଟିମ୍ ଜଣେ ଡିଏସ୍ପିଙ୍କ ନେତୃତ୍ୱରେ ଚଢାଉ କରିଥିଲା। ଚଢାଉରେ ମୋଟ୍ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୭୧ ଲକ୍ଷ ୭୨ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ଜମି, ପ୍ଲଟ୍, ଘର ୫୫ ଲକ୍ଷ ୪୭ ହଜାର, ନିଜର ଏବଂ ପରିବାର ଲୋକଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୪୫ ହଜାର, ପୋଷ୍ଟାଲରେ ୨୦ହଜାର, ଏଲଆଇସିରେ ୩ଲକ୍ଷ ୨୯ହଜାର, ସୁନାଗହଣା ୨ଲକ୍ଷ ୮୩ ହଜାର, ଆସବାବପତ୍ର ୩ଲକ୍ଷ ୧୩ ହଜାର ଏବଂ ୪ ଲକ୍ଷ ୬୦ ହଜାର ଟଙ୍କାର ଗୋଟିଏ ଚାରିଚକିଆ ଯାନ ସହ ଅନ୍ୟାନ୍ୟ ଆସବାବପତ୍ର ଭିଜିଲାନ୍ସ ମୂଲ୍ୟାୟନ କରିଛି । ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ୨୦ନମ୍ବର ଫାଇଲ ପଞ୍ଜିକୃତ କରାଯାଇ ଅଧିକାରୀମାନେ ତଦନ୍ତ ଜାରି ରଖିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ଚଢାଉରେ ଭଦ୍ରକ ଜିଲା ଭିଜିଲାନ୍ସ ଡିଏସ୍ପି ସଞ୍ଜୟ କୁମାର ଦାସ ମହାପାତ୍ର, ଇନ୍ସପେକ୍ଟର ସୁଲୋଚନା ନାୟକ, ଅତିରିକ୍ତ ଏସ୍ପି ନିର୍ମଳ ମହାନ୍ତି, ଇନ୍ସପେକ୍ଟର ଅନନ୍ତ ନାୟକ ଏବଂ ମାନସୀ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ‘ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ’

**ପୁରୀ ଅଫିସ, ୧୧।୬**

- ମୁଖ୍ୟ ମନ୍ଦିରରେ କୌଣସି କ୍ଷତି ହୋଇନି
- ୧୬ରେ ସ୍ଥାପନ ହେବ ନୂଆ ଜୟ ବିଜୟ ମୂର୍ତ୍ତି

ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ କୌଣସି ପ୍ରକାର କ୍ଷତି ହୋଇନାହିଁ। ସେହିପରି ଶ୍ରୀମନ୍ଦିରର ମୁଖ୍ୟ ମନ୍ଦିର ମଧ୍ୟ ସୁରକ୍ଷିତ ଅଛି। ବାତ୍ୟାରେ ନୀଳଚକ୍ର ବଙ୍କା, ତେଢା ହୋଇ ଯାଇଥିବା ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ଭୁଲ୍ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ମଙ୍ଗଳବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଥିଲେ, ଫନୀ ବାତ୍ୟାରେ ଶ୍ରୀମନ୍ଦିରରେ କ୍ଷୟକ୍ଷତି ହୋଇଥିଲା। କିନ୍ତୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରକୁ ନେଇ ଯାହା ଶୁଣିବାକୁ ମିଳୁଥିଲା ତାହାର କୌଣସି ସତ୍ୟତା ନ ଥିବା ଏଏସ୍ଆଇର ଡ୍ରୋନ୍ ଫଟୋଗ୍ରାଫିରୁ ସ୍ପଷ୍ଟ ହୋଇଛି।

ମୁଖ୍ୟ ପ୍ରଶାସକ କହିଛନ୍ତି, ଗତ ପରିଚାଳନା କମିଟି ବୈଠକରେ ଏଏସ୍ଆଇକୁ ଶ୍ରୀମନ୍ଦିରର ଡ୍ରୋନ୍ ଫଟୋଗ୍ରାଫି କରିବା ଲାଗି ଅନୁମତି ଦିଆଯାଇଥିଲା। ବାତ୍ୟା ପରେ ଶ୍ରୀମନ୍ଦିର ଏବଂ ନୀଳଚକ୍ରର ସ୍ଥିତି ଯାଞ୍ଚ ଲାଗି ଏହି ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ମୁତାବକ, ଏଏସ୍ଆଇର ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ଡ୍ରୋନ୍ ଫଟୋଗ୍ରାଫି କରି କ'ଣ କ୍ଷୟକ୍ଷତି ହୋଇଛି ତାହା ଦେଖାଇଥିଲେ। ପରିଚାଳନା କମିଟି ସଦସ୍ୟମାନେ ସ୍କ୍ରିନ୍‌ରେ ଏ ସବୁକୁ ଦେଖିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରରେ କୌଣସି କ୍ଷତି ହୋଇନାହିଁ। ନୀଳଚକ୍ରକୁ ଭିନ୍ନ ଭିନ୍ନ ଆଙ୍ଗେଲରୁ ଦେଖାଯାଇଥିଲା। ମାତ୍ର ପୂର୍ବରୁ ଯେମିତି ଥିଲା ସେମିତି ରହିଛି, ସାମାନ୍ୟତମ ବଙ୍କା ହୋଇନାହିଁ। ମୋଟାମୋଟି ଭାବେ ମୁଖ୍ୟ ମନ୍ଦିର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି। ଅନ୍ୟପକ୍ଷରେ ଭୋଗମଣ୍ଡପ କଳସ ମରାମତି କାମ ଶେଷ ହୋଇ ସ୍ଥାପନ କରାଯାଇଛି। ମୁଖ୍ୟ ମନ୍ଦିରରୁ ଗଳିପଡ଼ିଥିବା ସିଂହ ମୂର୍ତ୍ତି ମଧ୍ୟ ଲଗା ସରିଛି। ସେହିପରି ବାତ୍ୟାରେ ସିଂହଦ୍ୱାର ପ୍ରବେଶ ପଥରେ ଜୟ ମୂର୍ତ୍ତି ଭାଙ୍ଗି ଯାଇଥିଲା। ବର୍ତ୍ତମାନ ଜୟ ବିଜୟ ମୂର୍ତ୍ତି ତିଆରି ଚାଲିଛି। ଖଣ୍ଡୋଲାଇଟ୍ ପଥରରେ ତିଆରି କରାଯାଉଥିବା ଏହି ମୂର୍ତ୍ତି ଦୁଇଟିକୁ ଆସନ୍ତା ୧୬ତାରିଖରେ ସ୍ଥାପନ କରାଯିବ। ବାତ୍ୟା ପରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତି ମଧ୍ୟରେ ଏହି ୩ଟି କାମ ପ୍ରମୁଖ ରହିଥିଲା। ଜୁନ୍ ୧୭ ପୂର୍ବରୁ ଶ୍ରୀମନ୍ଦିରର ମରାମତି କାମ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନଜରରେ ରଖି ଏଏସ୍ଆଇ ଦ୍ରୁତଗତିରେ କାମ କରୁଛି । ଜୟ ବିଜୟ ମୂର୍ତ୍ତି ସ୍ଥାପନ କରିସାରିବା ପରେ ମୁଖ୍ୟ କାମ ଶେଷ ହୋଇଯିବ। ଅନ୍ୟପକ୍ଷରେ ରଥଯାତ୍ରା ପାଇଁ ଶ୍ରୀମନ୍ଦିରରେ ଯେଉଁ କାମ ହୁଏ ସେ ନେଇ ମଙ୍ଗଳବାର ଭୁବନେଶ୍ୱରରେ ଏକ ବୈଠକ ହେବ। ଅପରାହ୍ନ ୪ଟାରେ ଓପେପା ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ଏଥିରେ ଶ୍ରୀମନ୍ଦିର କୋର୍ କମିଟି ସଦସ୍ୟମାନେ ମଧ୍ୟ ଯୋଗଦେବେ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି।

## ପାଟ୍ରୋଲିଂ ବେଳେ କନଷ୍ଟେବଲ ମୃତ

**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**

ଖାରବେଳନଗର ଥାନାର ପିସିଆର-୨୭ରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତ କନ୍‌ଷ୍ଟେବଲ ହେଲେ ଜଗତସିଂହପୁର ଜିଲାର ସୁଶାନ୍ତ କୁମାର ଗୁରୁ(୪୩)। ସୁଶାନ୍ତ ୟୁନିଟ-୪ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ହଠାତ୍ ସେ ଯନ୍ତ୍ରଣା ଅନୁଭବ କରି ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ।

# ବଡ଼ ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇର ମୁଣ୍ଡଗଣ୍ଡି ଅଲଗା

- କଟା ମୁଣ୍ଡ ଧରି ଥାନାରେ ଅଭିଯୁକ୍ତଙ୍କ ଆତ୍ମ ସମର୍ପଣ

**ସମ୍ବଲପୁର, ୧୧।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ତିଳେଇମାଳ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ସମ୍ପର୍କୀୟ ବଡ଼ ଭାଇଙ୍କ ଟାଙ୍ଗିଆ ଚୋଟରେ ସାନ ଭାଇ ସତ୍ୟନାରାୟଣ ମୁଣ୍ଡା (୩୮)ଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଛି। କଟା ମୁଣ୍ଡକୁ ଧରି ବଡ ଭାଇ ଉଜ୍ଜଳ ମୁଣ୍ଡା (୫୫) ଅଇଁଠାପାଲି ଥାନାରେ ଆତ୍ମସମର୍ପଣ କରିଛନ୍ତି । ପୋଲିସ ମୃତଦେହ ଓ କଟା ମୁଣ୍ଡ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠା ଯାଇଛି। ଏହି ଘଟଣା ପ୍ରଚାର ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଖବର ପାଇ ସମ୍ବଲପୁର ଏସ୍ପି ସଞ୍ଜୀବ ଅରୋରା, ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ ପହଞ୍ଚି ତଦନ୍ତ କରିଥିଲେ । ୫ ଘଣ୍ଟା ପରେ ମଧ୍ୟ ପୋଲିସ ହତ୍ୟାକାଣ୍ଡର କୌଣସି ସୁରାକ ପାଇ ନ ଥିଲା। ମଙ୍ଗଳବାର ଅପରାହ୍ନ ସାଢ଼େ ୧୧ଟାରେ ଅଭିଯୁକ୍ତ ଉଜ୍ଜଳ ଅଇଁଠାପାଲି ଥାନା ସମ୍ମୁଖ ଗେଟ୍ ନିକଟରେ କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ବସିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଆସି ତାଙ୍କୁ ପଚାରିବାରୁ ବ୍ୟାଗ ଭିତରେ କଟା ମୁଣ୍ଡ ଥିବା ସେ ଦେଖାଇ ଥିଲେ । ଏହାପରେ ପୋଲିସ କର୍ମଚାରୀ ଜଣକ ତାଙ୍କୁ ଥାନା ଭିତରକୁ ନେଇ ପଚରାଉଚରା କରିଥିଲା। ଏ ନେଇ ପୋଲିସ ଆଇପିସିର ଦଫା ୩୦୨, ୨୦୧ ଅନୁସାରେ ଏକ ହତ୍ୟା ମାମଲା (ନଂ. ୨୪୦/୧୯) ରୁଜୁ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ହେଲେ ଏହାର ଅନ୍ୟ ଦିଗ ଉପରେ ମଧ୍ୟ ତଦନ୍ତ କରାଯାଉଛି ବୋଲି ସମ୍ବଲପୁର ଏସ୍ପି ଅରୋରା ସୂଚନା ଦେଇଛନ୍ତି।


ଅଭିଯୁକ୍ତ ଉଜ୍ଜଳ ମୁଣ୍ଡା।

ସୂଚନାଯୋଗ୍ୟ, ସତ୍ୟନାରାୟଣ ଓ ଉଜ୍ଜଳଙ୍କ ଘର ପାଖାପାଖି ରହିଛି। କିଛି ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ବିବାଦ ଗ୍ରାମରେ ଆପୋସ ବୁଝାମଣାରେ ସମାଧାନ କରାଯାଇଥିଲା । କିନ୍ତୁ ଉଜ୍ଜଳଙ୍କ କ୍ରୋଧ କମି ନ ଥିଲା । ସେ ସତ୍ୟନାରାୟଣଙ୍କୁ ମାରି ଦେବାକୁ ସୁଯୋଗ ଖୋଜୁଥିଲେ। ସୋମବାର ବିଳମ୍ବିତ ରାତିରେ ଘର ବାହାରେ ସତ୍ୟନାରାୟଣ ମଶାରି ଭିତରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଭୋର ୪ଟାରେ ଉଜ୍ଜଳ ଏକ ଟାଙ୍ଗିଆରେ ସତ୍ୟନାରାୟଣଙ୍କ ବେକକୁ ଚୋଟ ପକାଇ ଥିଲେ। ଫଳରେ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିଲା । କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ସେ ଘରୁ ଫେରାର ହୋଇଯାଇଥିଲେ। ସକାଳେ ସତ୍ୟନାରାୟଣଙ୍କ ପରିବାର ଲୋକେ ଉଠି ଦେଖିଲା ବେଳକୁ ମଶାରି ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡି ଥିଲା । ପରିବାର ଲୋକଙ୍କ ଚିତ୍କାର ଶୁଣି ପଡୋଶୀ ଲୋକେ ଧାଇଁ ଆସିଥିଲେ। ଏହାପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପ୍ରକାଶଯୋଗ୍ୟ, ୨୦୦୬ରେ ମଧ୍ୟ ସମ୍ବଲପୁର ଜିଲାରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଥିଲା। ସେତେବେଳେ ଉକ୍ତ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା । ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ହତ୍ୟା କରିଥିଲେ। ପରେ ସେ କଟା ମୁଣ୍ଡକୁ ଧରି ଟାଉନ ଥାନାକୁ ଚାଲି ଚାଲି ପହଞ୍ଚିଥିଲେ।

# ଦେଶୀ ମଦଭାଟି ନିର୍ମାଣ ବିରୋଧରୁ ତୁମୁଳକାଣ୍ଡ

**ଦେବଗଡ଼, ୧୧।୬(ଡି.ଏନ.ଏ.)**

- ସପକ୍ଷବାଦୀ-ବିପକ୍ଷବାଦୀ ମୁହାଁମୁହିଁ
- ଏସ୍ଏଚ୍‌ଜି ମହିଳାଙ୍କୁ ଗୋଡ଼ାଇ ପିଟିଲେ
- ଭାଟି ମାଲିକ ବିରୋଧକାରୀଙ୍କୁ ଆକ୍ରମଣ ପାଇଁ ପୋଷାକୁକୁର ଛାଡ଼ିଲେ
- ୧୦ରୁ ଊର୍ଦ୍ଧ୍ୱ ମହିଳା ଆହତ, ତିନି ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି
- ଗଣମାଧ୍ୟମ ପ୍ରତିନିଧିଙ୍କୁ ବି ଆକ୍ରମଣ, ସବୁ ଜାଣିଶୁଣି ପୋଲିସ ଚୁପ୍

ଦେବଗଡ଼ ଜିଲା ରିଆମାଳ ବ୍ଲକ ପଳସମା ପଞ୍ଚାୟତ ଅନ୍ତର୍ଗତ ହାଧସଂହାର ବାବାଜୀ ମଠ ସାହି ଓ ବାଘବର ସୀମାନ୍ତରେ ଦେଶୀ ମଦଭାଟି ନିର୍ମାଣକୁ ବିରୋଧ କାରଣରୁ ମଙ୍ଗଳବାର ତୁମୁଳକାଣ୍ଡ ଘଟିଛି। ବିରୋଧ କରିବାକୁ ଯାଇଥିବା ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମଦଭାଟି ମାଲିକ ଓ ତାଙ୍କର ସମର୍ଥକମାନେ ଅତର୍କିତ ଆକ୍ରମଣ କରିଥିଲେ। ଜୀବନ ବିକଳରେ ମହିଳାମାନେ ସେଠାରୁ ଦୌଡି ପଳାଉଥିବା ବେଳେ ଆକ୍ରମଣକାରୀ ସେମାନଙ୍କୁ ଜଙ୍ଗଲ ମଧ୍ୟରେ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ପିଟିବା ସହ ଟେକାପଥର ଫିଙ୍ଗିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଗୁରୁତରଙ୍କୁ ଦେବଗଡ ଡାକ୍ତଖାନାରେ ଭର୍ତ୍ତି କରାଯାଇଛି। କେବଳ ସେତିକି ନୁହେଁ, ଘଟଣାସ୍ଥଳକୁ ଖବର ସଂଗ୍ରହ କରିବାକୁ ଯାଇଥିବା କେତେକ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆହତ ହୋଇଛନ୍ତି। ଅଭିଯୋଗ ହୋଇଛି ଯେ, ମଦଭାଟି ନିର୍ମାଣ କରୁଥିବା ବ୍ୟକ୍ତି ଜଣକ ଅମାନବିକଭାବେ ନିଜର ତିନିଟି ପୋଷା କୁକୁରଙ୍କୁ ମହିଳାମାନଙ୍କୁ ଆକ୍ରମଣ କରିବାକୁ ଛାଡି ଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହେଲେ ସ୍ଥାନୀୟ ପୋଲିସ ଏନେଇ ଖବର ପାଇ ମଧ୍ୟ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ରିଆମାଳ ବ୍ଲକ ହାଧସଂହାର ବାବାଜୀ ମଠ ସାହି ଓ ବାଘବର ସୀମାନ୍ତରେ ଏକ ଦେଶୀମଦ ଭାଟି ନିର୍ମାଣ ଚାଲିଛି। ଏହାକୁ ସ୍ଥାନୀୟ ଅଞ୍ଚଳର ଲୋକେ ବିରୋଧ କରି ଆସୁଛନ୍ତି। ସେମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ ଭାଟି ନିର୍ମାଣ ବନ୍ଦ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ଶତାଧିକ ମହିଳାପୁରୁଷ ମଦଭାଟି ନିର୍ମାଣ ସ୍ଥାନକୁ ଯାଇ କାମ ବନ୍ଦ କରିବାକୁ କହିବା ସହ ଧାରଣାରେ ବସିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମଦଭାଟି ନିର୍ମାଣସ୍ଥଳ ପଳସମା ଗ୍ରାମ ଅଞ୍ଚଳର ବୋଲି କେତେକ ଲୋକ ଦାବି କରି ଭାଟି ନିର୍ମାଣ ସପକ୍ଷରେ ଯୁକ୍ତି ବାଢିଥିଲେ। ଏହାକୁ ନେଇ ଭାଟି ସପକ୍ଷବାଦୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଏହି ସମୟରେ କେତେକ ବ୍ୟକ୍ତି ଠେଙ୍ଗାବାଡି ଧରି ଧାରଣାରେ ବସିଥିବା ଏସ୍ଏଚ୍‌ଜି ମହିଳାଙ୍କ ଉପରେ ଆକ୍ରମଣ କରିଥିଲେ । ଏଣୁ ଉଭୟ ପକ୍ଷ ମଧ୍ୟରେ ଘଟଣାସ୍ଥଳରେ ମାରପିଟ ହୋଇଥିଲା । ମଦଭାଟି ସପକ୍ଷବାଦୀ ଗୋଷ୍ଠୀ ପକ୍ଷରୁ କେତେକ ଅସାମାଜିକ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ ଆରମ୍ଭ କରିଥିଲେ। ଜୀବନ ବିକଳରେ ମହିଳାମାନେ ସେଠାରୁ ଦୌଡି ପଳାଉଥିବା ବେଳେ ଆକ୍ରମଣକାରୀ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା କେତେକ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଏ ନେଇ ଦେବଗଡ ଏସିପି ରାହୁଲ ଜୈନଙ୍କୁ ଫୋନ ଯୋଗେ ଜଣାଇଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳକୁ ଯାଇ ନଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ବିଷାକ୍ତ ଛାଲି ଖାଇ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର, ୧୧।୬ (ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ଯଶିପୁର ଥାନା ଟାଙ୍କୁରୁସାହିରେ ବିଷାକ୍ତ ଗଛ ଛାଲି ଖାଇ ଚନ୍ଦ୍ର ମୋହନ ଗୁୟା (୨୫) ନାମକ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି । ରବିବାର ସକାଳେ ଘରୋଇ କଳହ ଯୋଗୁ ଚନ୍ଦ୍ର ମୋହନ ରାଗିଯାଇ ଘର ପାଖରେ ଥିବା କୋରଡା ଗଛର ଛାଲି ଖାଇଦେଇ ଘରେ ଶୋଇଯାଇଥିଲେ। ଅଚେତ ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଯଶିପୁର ଡାକ୍ତରଖାନା ଓ ପରେ କେନ୍ଦୁଝରକୁ ନିଆଯାଇଥିଲା। ମଙ୍ଗଳବାର ମଧ୍ୟାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶିକ୍ଷକଙ୍କ ଆକସ୍ମିକ ମୃତ୍ୟୁ

ହାଟଡିହୀ, ୧୧। ୬ (ଡି.ଏନ.ଏ.)- ହାଟଡିହୀ ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତର ବରେଶ୍ୱର ଗ୍ରାମର ବିଷ୍ଣୁ ଚରଣ ପଣ୍ଡା (୪୦)ଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ସେ ଗାଡ଼ିରେ ଯାଜପୁର ଯାଉଥିବାବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବନ୍ତ ମହତାବ ୟୁ.ଜି.ଏମ.ଇ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟକରୁଥିଲେ।

### ବିଦ୍ୟୁତ ସଂସ୍ପର୍ଶରେ କର୍ମଚାରୀ ଗୁରୁତର

ଆନନ୍ଦପୁର,୧୧। ୬(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦ ପଦ୍ମପୁର ଠାରେ କେବୁଲ୍ କାର୍ଯ୍ୟ କରୁଥିବା ସମୟରେ ଜଣେ ଓରଟେଲ୍ କର୍ମଚାରୀ ଗୁରୁତର ଆହତ ହୋଇ ପ୍ରଥମେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର ହୋଇଛନ୍ତି। ଆନନ୍ଦପୁର ୭ ନଂ ଓାର୍ଡ଼ର ଦେବାଶିଷ ସିଂହ (୨୮) ପଦ୍ମପୁରରେ ଓରଟେଲରେ କାମ କରୁଥିଲେ। ଅସାବଧାନତାବଶତଃ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ୫ ଦିନ ହେଲା ଲିଙ୍କ୍ ଫେଲ୍

ହାଟଡିହୀ,୧୧। ୬(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ତହସିଲରେ ୫ ଦିନ ହେବ ଲିଙ୍କ ଫେଲ ହୋଇଛି। ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ତହସିଲକୁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରୁଛନ୍ତି। ବିଶେଷକରି ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଚ୍ଚଶିକ୍ଷା ପାଇଁ ଜାତି, ବାସିନ୍ଦା ଓ ଆୟଗତ ପ୍ରମାଣ ପତ୍ର ପାଇବାରେ ବାଧା ସୃଷ୍ଟି ହେଉଛି। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ତହସିଲରେ ଅଚଳାବସ୍ଥା ସୃଷ୍ଟି ହେଉଛି। ଲିଙ୍କଫେଲ ଥିବାରୁ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା କୁହାଯାଇଛି।

### ଫାଇଦା ଉଠାଉଛନ୍ତି ବାଲି ଚାଲାଣକାରୀ

ଆନନ୍ଦପୁର,୧୧।୬(ସ୍ୱ.ପ୍ର.)- ଆନନ୍ଦପୁର ବୈତରଣୀ ସେତୁ ମରାମତି ନିମନ୍ତେ ସ୍ଥାନୀୟ ପୂର୍ତ୍ତ ବିଭାଗ ଦ୍ୱାରା ଏକ ଅସ୍ଥାୟୀ ରାସ୍ତା ବନ୍ୟା ସୁରକ୍ଷା ବନ୍ଧରୁ ନଦୀର ମଧ୍ୟଭାଗକୁ କରାଯାଇଛି। ତେବେ ଏହି ରାସ୍ତାର ଫାଇଦା ଉଠାଉଛନ୍ତି ଚୋରା ବାଲି ଚାଲାଣକାରୀ ମାଫିଆମାନେ। ରାସ୍ତାର ସୁଯୋଗରେ ସୋମବାର ବିଳମ୍ବିତ ରାତିରେ ଟ୍ରାକ୍ଟର ଯୋଗେ ବହୁଳ ଭାବେ ବାଲି ଚୋରା ଚାଲାଣ ହୋଇଥିବା ଦୃଷ୍ଟିକୁ ଆସିଛି। ଏଦିଗରେ ଆନନ୍ଦପୁର ତହସିଲଦାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଗାଡି ଧକ୍କାରେ ଜଣେ ଗୁରୁତର

ହାଟଡିହୀ,୧୧। ୬(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରେଇଗାଁ ସେବା ସମବାୟ ସମିତିର ସମ୍ପାଦକ କୀର୍ତ୍ତନ ବିହାରୀ ଭୋଳ ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଆନନ୍ଦପୁର-ଭଦ୍ରକ ୫୩ ନଂ ରାଜ୍ୟ ରାଜପଥର ଚଣ୍ଡିବିରଞ୍ଚିପୁର ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। କୀର୍ତ୍ତନ ନିଜର ବାଡ ବନ୍ଦ କରୁଥିବାବେଳେ ଏକ ଗାଡି ତାଙ୍କ ଉପରକୁ ଚଢିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ନିଆଯାଇଛି। ତାଙ୍କର ଗୋଡ ଭାଙ୍ଗିଥିବା ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ଅଛି।

■ ଆନନ୍ଦପୁର ବୈତରଣୀ ସେତୁ ମରାମତି

# ଆଜିଠୁ ୫ ଦିନ ଯାତାୟାତ ବନ୍ଦ

ଆନନ୍ଦପୁର, ୧୧।୬(ସ୍ୱ.ପ୍ର.)



ବୈତରଣୀ ସେତୁ ମରାମତି କାର୍ଯ୍ୟ ଆରମ୍ଭ।

ଦୀର୍ଘ ଦିନର ଅପେକ୍ଷା ପରେ ଆନନ୍ଦପୁର ବୈତରଣୀ ନଦୀ ସେତୁର ମରାମତି କାର୍ଯ୍ୟ ଆରମ୍ଭ ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ଆନନ୍ଦପୁର ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଏକ ଜରୁରୀ ବୈଠକ କରାଯାଇଛି। ମରାମତି କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ଠିକାଦାର ୩ ଦିନ ସମୟ ମାଗିଥିବା ବେଳେ ଅନିବାର୍ଯ୍ୟ କାରଣରୁ ବିଳମ୍ବକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରୀ ଯୋଗେ ୧୨ ତାରିଖ ବୁଧବାରଠାରୁ ୧୬ ତାରିଖ ରବିବାର ପର୍ଯ୍ୟନ୍ତ ୫ ଦିନ ସେତୁ ଉପରେ ଯାତାୟତରେ ରୋକ ଲଗାଯାଇଛି।

ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବୈଠକରେ ପୂର୍ତ୍ତ ବିଭାଗ ସହକାରୀ ଅଧିକାରୀ ସମୀର କୁମାର ଅଧିକାରୀ, ବୈତରଣୀ ବ୍ୟାରେଜ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବି.ବେହେରା, ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ, ଆନନ୍ଦପୁର ଆଇଆଇସି ଗଗନ ବିହାରୀ ବିଶ୍ୱାଳ, ଆନନ୍ଦପୁର ଅଗ୍ନିଶମ ବିଭାଗ ଅଧିକାରୀ ପ୍ରତାପ କୁମାର ସିଂହ, ଆନନ୍ଦପୁର ପ୍ରେସ କ୍ଲବ ସଭାପତି ଗୋପାଳକୃଷ୍ଣ ରାଉତ, ସମ୍ପାଦକ ସନ୍ତୋଷ କୁମାର ରାଉତ, ପ୍ରେସ ପରିଷଦର ସମ୍ପାଦକ ନିରାକାର ଦଳେଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ତେବେ ଏହି ମରାମତି କାର୍ଯ୍ୟ ଯେତେ ଶିଘ୍ର ସରିବା ସେବେଠାରୁ ଏହା ସର୍ବସାଧାରଣରେ ଯାତାୟତର ସୁବିଧା କରାଯିବ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି। ନଦୀର ଉଭୟପାର୍ଶ୍ୱକୁ ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ବ୍ୟାରେଜ ରାସ୍ତାକୁ ସାମୂହିକ ମରାମତି କରାଯାଉଛି। ହେଲେ ଏହି ବ୍ୟାରେଜ ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହାଡ୍ରୋଲିକ୍ ମେଶିନ୍ ସହାୟତାରେ ସେତୁକୁ ଉଠାଯାଇ ମରାମତି କରାଯିବା, ଏଥିପାଇଁ ୪ ଗୋଟି ମୁଖ୍ୟ ଜ୍ୟାକ୍ ଏବଂ ୩ ଗୋଟି ସପୋର୍ଟିଂ ଜ୍ୟାକ୍ ଲଗାଇ କାର୍ଯ୍ୟ କରିବା ନିମନ୍ତେ ଠିକା ସଂସ୍ଥା ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ୨୦୧୮ ଜୁଲାଇ ମାସରେ ଆନନ୍ଦପୁର ବୈତରଣୀ ସେତୁର ଏକ ପିଲାରରୁ ବେରିଂ ଖସି ବିପଦ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ବେରିଂ ଖସିଥିବା ସ୍ଥାନରେ ବିଭାଗ ତରଫରୁ କାଠଗୋଲା ଦିଆଯାଇ ସାମୂହିକ ମରାମତି କରାଯାଇଥିଲା। ବିଭିନ୍ନ ସମୟରେ ସେତୁର ସ୍ଥିତି ତର୍ଜମା କରିବା ନିମନ୍ତେ ବହୁ ବରିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ଫେରିଥିବାବେଳେ ହାଇଦ୍ରାବାଦର ଏକ ଅଭିଜ୍ଞ କମ୍ପାନୀ ସେତୁ ମରାମତି ଦାୟିତ୍ୱ ହାତକୁ ନେଇଛି। ସେତୁର ମରାମତି ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବା ପରେ ସ୍ଥାନୀୟ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ପାଇଁ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହାପରେ ମରାମତି ଆରମ୍ଭ ପ୍ରସ୍ତୁତି ଜୋରଦାର କରାଯାଇଛି।

# ଅସରାଏ ବର୍ଷାରେ ଜମୁଛି ପାଣି

ତେଲକୋଇ, ୧୧।୬(ଡି.ଏନ.ଏ.)

**ରୋଗୀ ହଇରାଣ**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମୁଖ୍ୟାଳୟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଆଉଟଡୋର ସାମ୍ନାରେ ଆଣ୍ଠୁଏ ପାଣି। ଅସରାଏ ବର୍ଷା ହେଲେ ଏହି ପ୍ରକାର ପରିସ୍ଥିତି ସୃଷ୍ଟି ହେଉଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ରୋଗୀମାନେ ହଇରାଣ ହେବା ଆଶଙ୍କା ଦେଖାଦେଇଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ରାସ୍ତା ନିର୍ମାଣ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଭିତର ପଟର ରାସ୍ତା ନିର୍ମାଣ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ଆଣ୍ଠୁଏ ଲେଖା ପାଣି ଜମି ରହୁଥିବା ବେଳେ ଉକ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇ ନାହିଁ ।

ସ୍ୱାସ୍ଥ୍ୟକେନ୍ଦ୍ର ଆଉଟଡୋର ସଲଗ୍ନ ପ୍ରସୂତି ଗୃହ ରହିଛି। ଦୈନିକ ୨ଶହରୁ ଊର୍ଦ୍ଧ୍ୱ ରୋଗୀ ଆସି ଚିକିତ୍ସିତ ହୁଅନ୍ତି । ଏପରିସ୍ଥଳେ ସାମାନ୍ୟ ବର୍ଷାରେ ପାଣି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଜମି ରହି ଦୁର୍ଗନ୍ଧ ହେବା ଓ ରୋଗୀଙ୍କୁ ବୋହି ଆଉଟଡୋରକୁ ନେବା ଏବେ ସମସ୍ୟା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଡା. ଚନ୍ଦନ କୁମାର ସାମଲଙ୍କୁ ପଚାରିବାରୁ ସେ କହିଲେ ଯେ ପାଣି ଜମୁଥିବା ନେଇ ଜିଲା ଚିକିତ୍ସାଧିକାରୀଙ୍କୁ ଜଣାଇ ଦିଆଯାଇଛି । ଏହା ମଧ୍ୟରେ ଉକ୍ତ ଖାଲୁଆ ଅଞ୍ଚଳକୁ ଉଚ୍ଚା କରାଯାଇ ଡ୍ରେନେଜ ବ୍ୟବସ୍ଥା କରାଯିବା ଯୋଜନା କରାଯାଇଥିବା ସେ କହିଛନ୍ତି।

# ରଜ ପାଇଁ ସଜବାଜ



ରଜ ପାଇଁ ଯୁବତୀମାନେ ହାତରେ ମେହେନ୍ଦି ଲଗାଉଛନ୍ତି।

ଆନନ୍ଦପୁର,୧୧।୬(ସ୍ୱ.ପ୍ର.)

ଓଡିଆମାନଙ୍କ ଗଣପର୍ବ ରଜପର୍ବ। ଏଥିପାଇଁ ରଜ ତନି ଦିନ ଯାକ ଘରେ ପିଠା ମିଠାର ଆସର ଜମିଥିବାବେଳେ ବନ୍ଧୁ ପ୍ରିୟଜନଙ୍କ ଭେଟଘାଟ ହେବାର ପରମ୍ପରା ଅତ୍ୟନ୍ତ ନିଆରା। ତିନି ଦିନ ପାଇଁ ପାଳିତ ହେଉଥିବା ରଜପର୍ବର ଓଡିଆମାନେ କୌଣସି କାମଧନ୍ଦା ନକରି ରଜ ଦୋଳି, ବାଗୁଡି, ତାସ, ପଶା ଖେଳର ଆସର ବେଶ ଜମିଥାଏ । ଚଳିତ ମାସ ୧୪ ତାରିଖ ରଜ ପର୍ବ ଆରମ୍ଭ ହେଉଥିବାବେଳେ ଗାଁ ଗହଳିରେ ରଜ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଶେଷ କରି ଘସିପୁରା ବ୍ଲକ ବାଲିପାଳ ରଜମଉଜ ନିଆରା ଢଙ୍ଗରେ ପାଳିବାର ପରମ୍ପରା ରହିଆସିଛି। ଆଉ ଦୁଇ ଦିନ ପରେ ରଜ ଥିବାରୁ ପୁରୁଣା ପାରମ୍ପାରିକ ରୀତିରେ ଢିଙ୍କିରେ ଚୁନା କୁଟିବାକୁ ଭୁଲି ନାହାନ୍ତି ଝିଅ ବୋହୂମାନେ। ଅନ୍ୟପଟେ ଗାଁ ଗହଳିର ଯୁବକମାନେ କାଠରେ ବିଭିନ୍ନ ଦୋଳି ସଜଡା ଆରମ୍ଭ କଲେଣି। ଝିଅ ବୋହୂମାନେ ହାତରେ ମେହେନ୍ଦୀ ଲଗେଇବା ମଧ୍ୟ ଆରମ୍ଭ ହୋଇଗଲାଣି। ବାଲିପାଳ ହାଟ ପଡିଆରେ ବେଶ ଜାକଜମକରେ ଅନୁଷ୍ଠିତ ହେଉଥିବା ରଜ ଉତ୍ସବରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଦୋଳିରେ ଝୁଲିବା ଅବସ୍ଥାରେ ପୂଜା ପାଇବାର ପରମ୍ପରା ଅତ୍ୟନ୍ତ ନିଆରା ସାଜିଥାଏ।

# ରଥଯାତ୍ରା ଲାଗି ପ୍ରସ୍ତୁତି



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଆନନ୍ଦପୁର,୧୧।୬(ସ୍ୱ.ପ୍ର.)

ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ତହସିଲଦାର ତପନ କୁମାର ନାୟକ, ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଅଧିକାରୀ ଧନେଶ୍ୱର ସେଠୀ, ଅତିରିକ୍ତ ଉପଜିଲାପାଳ କୀର୍ତ୍ତନ ବିହାରୀ ଓଝା, ବିଡିଓ ଶୁଭ୍ରବାଳା ବେହେରା, ପୂର୍ତ୍ତବିଭାଗ ସହକାରୀ ଅଧିକାରୀ ସମୀର କୁମାର ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ମୁଖ୍ୟ ରବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପୂର୍ବବର୍ଷର ଆୟବ୍ୟୟର ହିସାବ ଉପସ୍ଥାପନା କରିବା ସହିତ ଚଳିତ ବର୍ଷର ଆୟବ୍ୟୟ ଅଟକଳ କରାଯାଇଥିଲା। ଏହା ସହିତ ରଥ ମରାମତି, ମନ୍ଦିର ରଙ୍ଗ, ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନୁରୂପ ଭାବେ ବାହୁଡା ଯାତ୍ରା ଏବଂ ସୁନାବେଶ ନିମନ୍ତେ ମଧ୍ୟ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା।

## ଉଠାଦୋକାନୀଙ୍କୁ ନେଇ ବୈଠକ

ବଡବିଲ, ୧୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରପରିଷଦ ତରଫରୁ ସୋମବାର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିରପରେ ମଙ୍ଗଳବାର ପୌରାଞ୍ଚଳର ଉଠା ଦୋକାନୀ, ହୋଟେଲ ଓ ବିଭିନ୍ନ ଭେଣ୍ଡରଙ୍କୁ ନେଇ ଏକ ବୈଠକ କରିଛି। ଏହି ବୈଠକରେ ବର୍ଜ୍ୟବସ୍ତୁ ପରିଚାଳନାରେ ସହଯୋଗ କରିବାକୁ ପୌର ପରିଷଦ ସହଯୋଗ ଲୋଡିଛି। ଏହି ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବରିଷ୍ଠ କିରାଣୀ ରମେଶ ଚନ୍ଦ୍ର ମହାନ୍ତ, ସଫେଇ ନିରୀକ୍ଷକ କାଳୀଚରଣ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହାର ସଠିକ ପରିଚାଳନା ନିମନ୍ତେ ଓଦା ବର୍ଜ୍ୟବସ୍ତୁ, ଶୁଖିଲା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ପୌର ଡଷ୍ଟବିନ୍ ର ବ୍ୟବହାର କରିବା ସହ ନିଷିଦ୍ଧ କରାଯାଇଥିବା ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ଅନୁରୋଧ କରିଥିଲେ।

## ନାବାଳକଙ୍କ ସଲିଳ ସମାଧି

ପାଟଣା,୧୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ମନୋହରପୁର ଗାଁର ସଭ୍ୟବନ୍ଧକୁ ମଙ୍ଗଳବାର ପୂର୍ବାହ୍ନରେ ଗାଧୋଇବାକୁ ଯାଇଥିବା ଜଣେ ନାବାଳକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଚିନ୍ତାମଣି ମହାନ୍ତଙ୍କ ପୁଅ ସୌରଭ କୁମାର (୭)। ତାଙ୍କ ଘର ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ପଦ୍ମପୁର ଗାଁରେ। ସୂଚନା ଅନୁଯାୟୀ ଖରା ଛୁଟି ବିତାଇବାକୁ ମାମୁ ଘରକୁ ଯାଇଥିବା ସୌରଭ ଓ ଭଉଣୀ ଶୁଭଶ୍ରୀ ମଙ୍ଗଳବାର ଗାଁ ପୋଖରୀକୁ ଗାଧାଇବାକୁ ଯାଇ ଥିବା ବେଳେ ଏହି ଅଘଟଣ ଘଟିଥିଲା। ଗୁରୁତର ଅବସ୍ଥାରେ ସୌରଭଙ୍କୁ ଉଦ୍ଧାର କରି ତୁରନ୍ତ କେନ୍ଦୁଝର ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଦର ଥାନା ସବ ଇନ୍ସପେକ୍ଟର ମାନସ ବେହେରା ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୨୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କାଳବୈଶାଖି: ଗଛ ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ଝୁମ୍ପୁରା, ୧୧।୬(ଡି.ଏନ.ଏ.)

ଝୁମ୍ପୁରା ବ୍ଲକର ଅନେକ ଗ୍ରାମାଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖି ପ୍ରଭାବରେ ଘୂର୍ଣ୍ଣିଝଡ ହୋଇଛି। ଶୁଖିଲା ଘଡଘଡି, ବିଜୁଳି ଏବଂ ପବନ ଯୋଗୁ ଗଛ ଉପୁଡିବା ସହିତ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ଏଥିଲାଗି ବିଦ୍ୟୁତ ସରବରାହ ବନ୍ଦ ରହିଛି। ଏହାର ପ୍ରଭାବରେ ବେଶୀ କ୍ଷତିଗ୍ରସ୍ତ ହୋଇଛି ବଡଢୁମୁରିଆ ଗ୍ରାମ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମ। ୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଘୂର୍ଣ୍ଣିଝଡର କ୍ଷୟକ୍ଷତି ଆକଳନ ପାଇଁ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଜଣା ପଡିଛି। ଗୋବିନ୍ଦପୁର ଗ୍ରାମ ଚଉଠିଆ ରାଜସ୍ୱ ସର୍କଲରେ ଆସୁଥିବା ବେଳେ, ଚଉଠିଆ ରାଜସ୍ୱ ନିରୀକ୍ଷକ ରୁଷିନାଥ ମହାନ୍ତଙ୍କ ସହିତ ଯୋଗାଯୋଗ ହୋଇପାରିନାହିଁ।

## ସାପ କାମୁଡ଼ାରେ ୨ ମୃତ, ଜଣେ ଗୁରୁତର

କେନ୍ଦୁଝର/ଢେଙ୍କିକୋଟ, ୧୧।୬ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ ୩ଟି ପୃଥକ ସ୍ଥାନରେ ସାପ କାମୁଡାରେ ଜଣେ ନାବାଳିକା ଓ ଜଣେ ମହିଳାଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଯୁବତୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ଗ୍ରାମରେ କୁମାରୀ ମୁଣ୍ଡା ନାମ୍ନୀ ଜଣେ ନାବାଳିକା ସୋମବାର ରାତିରେ ଘରେ ଶୋଇଥିବା ବେଳେ ଏକ ପାହାଡିଆ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ କୁମାରୀଙ୍କୁ ପ୍ରଥମେ ତେଲକୋଇ ଡାକ୍ତରଖାନା ଆଣି ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। କେନ୍ଦୁଝରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ସଦର ଥାନା ନିଶ୍ଚିନ୍ତପୁର ଗ୍ରାମରେ ସାପ କାମୁଡାରେ ତୁଳସୀ ମୁଣ୍ଡା ନାମକ ଜଣେ ଯୁବତୀ ଅସୁସ୍ଥ ହୋଇ ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ସେ କାନଝରୀ ଡ୍ୟାମ ନିକଟରେ ମାଛ ଧରୁଥିବା ବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଆସିଥିଲେ। ଆମ ଢେଙ୍କିକୋଟ ପ୍ରତିନିଧି ଜଣାଇଛନ୍ତି ଯେ, ବଡ଼ ମସିଣା ବିଲା ପଞ୍ଚାୟତ ବଡ଼ ମସିଣା ବିଲା ଗ୍ରାମରେ ସୋମବାର ରାତିରେ ଏକ ବିଷଧର ସାପ କାମୁଡ଼ିବାରୁ ଉଗ୍ରେସନ ନାଏକଙ୍କ ସ୍ତ୍ରୀ ସୁଲୋଚନା ନାଏକ(୫୦)ଙ୍କର ମୃତ୍ୟୁ ଘଟିଛି। ଗରମ ଗୁଳୁଗୁଳି ହେଉଥିବାରୁ ସେ ଘର ବାରଣ୍ଡାରେ ଶୋଇଥିଲେ। ମଧ୍ୟରାତ୍ରିରେ କୌଣସି ଏକ ବିଷଧର ସାପ କାମୁଡ଼ିବାରୁ ସୁଲୋଚନା ଚିତ୍କାର କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଘଟଗାଁ ଡାକ୍ତରଖାନାକୁ ନେଇଆସିଥିଲେ। ସୁଲୋଚନାଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ଡାକ୍ତରଖାନାରେ ପହଞ୍ଚି ମୃତ ସୁଲୋଚନାଙ୍କ ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ- ୨୭/୧୯) ରୁଜୁ କରି ବ୍ୟବଚ୍ଛେଦ କରାଇଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ।

## ପୀତବାସଙ୍କୁ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର




ପୀତବାସଙ୍କୁ ପୁରସ୍କୃତ କରାଯାଉଛି।

ବଉଳା, ୧୧।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଦଳିକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ପ୍ରଧାନ ୨୦୧୯ ବର୍ଷ ପାଇଁ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ପାଇଛନ୍ତି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଉତ୍ସବରେ ଜଙ୍ଗଲ, ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଦୁର୍ଗମ ହସ୍ତୀ ଅଭୟାରଣ୍ୟ ମଧ୍ୟରେ ଥିବା ଦଳିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ପୀତବାସ ଯୋଗ ଦେଇ ପ୍ରଥମେ ଗାଁ ଦାଣ୍ଡ ଗଛମୂଳେ ଶିକ୍ଷାଦାନ ଆରମ୍ଭ କରିଥିଲେ । ଶିକ୍ଷକଙ୍କର ଉତ୍ସର୍ଗୀକୃତ ମନୋଭାବ ଓ କଠିନ ପରିଶ୍ରମ ବଳରେ ଧିରେ ଧିରେ ବିଦ୍ୟାଳୟର ଶିକ୍ଷାପରିବେଶରେ ଉନ୍ନତି ଘଟିଲା । ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଗଛ ଲଗାଇ ଜିଲାର ଦୃଷ୍ଟି ଆକର୍ଷଣ କରିବା ସହି ଚର୍ଚ୍ଚିତ ହୋଇଥିଲେ । ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ସମ୍ମାନ ପାଇଥିବାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ହାଟଡିହୀ ଅଞ୍ଚଳରେ ବିଭିନ୍ନ ମହଲରୁ ତଥା ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ ଶୁଭେଚ୍ଛା ଜଣାଇଛନ୍ତି।

# ଇଣ୍ଡିଆନ ହ୍ୱିଲଚେୟାର ପ୍ରିମିୟର ଲିଗ୍‌ରେ ଅଭୟ

କେନ୍ଦୁଝର, ୧୧।୬ (ସ୍ୱ.ପ୍ର.)



ଅଭୟ କୁମାର ଜେନା।

ଦୃଢ ମନୋବଳ ଆଉ ସାହସ ଥିଲେ ଭିନ୍ନକ୍ଷମ ବି ସବୁ କିଛି କରିପାରେ। ଏହାର ଏକ ନିଚ୍ଛକ ଉଦାହରଣ ସାଜିଛନ୍ତି କେନ୍ଦୁଝରର ଅଭୟ କୁମାର ଜେନା। ନୂଆଦିଲ୍ଲୀରେ ଚଳିତମାସ୧୯ରୁ ୨୩ ପର୍ଯ୍ୟନ୍ତ ହେବାକୁ ଥିବା ଇଣ୍ଡିଆନ ହ୍ୱିଲଚେୟାର ପ୍ରିମିୟର ଲିଗ (ଆଇଡବ୍ଲ୍ୟୁପିଏଲ) କ୍ରିକେଟ ସେଶନ -୨ରେ ଖେଳିବା ଲାଗି ସୁଯୋଗ ପାଇଛନ୍ତି। ପୁଣି ଅଲରାଉଣ୍ଡର ଭାବେ ଖେଳିଥାନ୍ତି ସେ।

ଅଭୟଙ୍କ ଘର କେନ୍ଦୁଝର ସହର ଜଗନ୍ନାଥପୁର ସାହିରେ। ଦଶମ ଶ୍ରେଣୀରୁ ପାଠ ଛାଡି ଦେଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବିଶେଷ କରି ଦିବ୍ୟାଙ୍ଗଙ୍କ ବିକାଶ ତଥା ସେମାନଙ୍କ ସ୍ୱାବଲମ୍ବୀ ହେବା କ୍ଷେତ୍ରରେ କାର୍ଯ୍ୟ ଜାରୀ ରଖିଛନ୍ତି। ଅପରପକ୍ଷରେ ଖେଳ ପ୍ରତି ତାଙ୍କର ପିଲାବେଳୁ ଢେର ଆଗ୍ରହ ଥିଲା । ଓଡିଶା ଦଳ ପାଇଁ ଚୟନ ହୋଇଥିବା ବେଳେ ଆଇଡବ୍ଲ୍ୟୁପିଏଲରେ ଖେଳିବାକୁ ସୁଯୋଗ ମିଳିଥିବାରୁ ସେ ବେଶ ଖୁସି ଥିବା କହିଛନ୍ତି। ଏହି ପ୍ରତିଯୋଗିତାରେ ସବୁ ରାଜ୍ୟରୁ ମୋଟ ୮ଟି ଦଳ ଭାଗ ନେଉଛନ୍ତି। ଗ୍ରୁପ ଏ'ରେ ମହାରାଷ୍ଟ୍ର ଟାଇଗର୍ସ, ଦିଲ୍ଲୀ ସୁପରଷ୍ଟାର, ଉତ୍ତରପ୍ରଦେଶ ହିରୋସ, ବିହାରୀ ଦବଙ୍ଗ ଦଳ ଏବଂ ଗ୍ରୁପ ବି'ରେ ଗୁଜୁରାଟ ଫାଇଟର, ରାଜସ୍ଥାନ ରାଜୱାଡେ, ଉତ୍ତରାଖଣ୍ଡ ୱାରିଅର୍ସ, ଚେନାଇ ସୁପର ଷ୍ଟ୍ରଙ୍ଗ ଦଳ ଭାଗ ନେଉଛନ୍ତି । ପ୍ରତ୍ୟେକ ଦଳ ୨୦ ଓଭର ବିଶିଷ୍ଟ ତିନୋଟି ଲେଖାଏଁ ମ୍ୟାଚ ଖେଳିବେ । ଏଥିପାଇଁ ସେ କ୍ରିକେଟ କୋଚ ଗିରିଶ ଚନ୍ଦ୍ର ହୋତାଙ୍କ ତତ୍ତ୍ୱାବଧାନରେ ଜୋରଦାର ଅଭ୍ୟାସ ଚଳାଇଥିବା କୁହନ୍ତି। ଅବଶ୍ୟ ଆଇଡବ୍ଲ୍ୟୁପିଏଲ ପରେ ମୁମ୍ବାଇ ସିରିଜ ହେବ। ସେଥିରେ ଓଡିଶା ଦଳ ପକ୍ଷରୁ ଖେଳିବେ ବୋଲି ସେ କହିଛନ୍ତି। ଆସନ୍ତା ୨୦୨୦ରେ ଥାଇଲାଣ୍ଡରେ ହେବାକୁ ଥିବା ବିଶ୍ୱକପ ପ୍ରତିଯୋଗିତାରେ ମଧ୍ୟ ଖେଳିବାକୁ ତାଙ୍କୁ ସୁଯୋଗ ମିଳିବ ବୋଲି ସେ ଦୃଢ ଆଶାବାଦୀ ।

କ୍ରୀଡା କ୍ଷେତ୍ରରେ ଦିବ୍ୟାଙ୍ଗ ମାନେ ବି ପାରଙ୍ଗମ । କ୍ରୀଡା ଦ୍ୱାରା ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବା ନେଇ ହ୍ୱିଲ ଚେୟାର କ୍ରିକେଟ ଆସୋସିଏଶନ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ଅଭୟ। ପ୍ରଥମ ଥର ପାଇଁ ଓଡିଶାରେ ହ୍ୱିଲଚେୟାର କ୍ରିକେଟ ଟିମ ଗଠନ ହୋଇଥିବା ବେଳେ ଆଗାମୀ ଦିନରେ ବହୁ ଦିବ୍ୟାଙ୍ଗ ପିଲା ଏଥିରେ ଖେଳିପାରିବେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ସହାୟତା କଲେ କେନ୍ଦୁଝରରେ ମଧ୍ୟ ଏକ ଟିମ ଗଠନ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ଅଭୟ ।

## ସଂକ୍ଷେପରେ

### ୨ ବଖରା ପୋଡ଼ିଗଲା



ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁ ଲିଭାଉଛନ୍ତି।

ଖୁଣ୍ଟା,୧୧।୬(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଜଡ଼ାବଣି ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ନିଆଁ ଲାଗି ୨ ବଖରା ପୋଡ଼ିଯାଇଛି। ଜଡାବଣି ଗ୍ରାମର ପ୍ରଫୁଲ୍ଲ ନାଏକ ସରକାରଙ୍କ ଇନ୍ଦିରା ଆବାସ ଯୋଜନାରେ ୨ ବଖରା ଆଜବେଷ୍ଟ ଛାଉଣୀ ଘର କରି ରହି ଆସୁଥିଲେ । ଗୋଟିଏ ବଖରାରେ ନିଜ ଗୋରୁଗାଈଙ୍କ ପାଇଁ ନଡ଼ା ସାଇତି ରଖିଥିଲେ । କୌଣସି କାରଣରୁ ଉକ୍ତ ନଡାରେ ନିଆଁ ଲାଗିଯିବାରୁ ୨ ବଖରା ଘର ସମେତ ତାଙ୍କର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଗ୍ରାମବାସୀଙ୍କ ସମେତ ଖୁଣ୍ଟା ଅଗ୍ନିଶମ ବିଭାଗ ନିଆଁ ଲିଭାଇଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୪ ମଦ ବେପାରୀ ଗିରଫ

ରାଇରଙ୍ଗପୁର,୧୧।୬(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩ ମହିଳାଙ୍କ ସମେତ ୪ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବଡିହା ଗ୍ରାମର ସାଲଗେ ମାଝୀ ଓ ଫୁଲ ହେମ୍ବ୍ରମ, ଚମ୍ପାଉଦା ଗ୍ରାମର ସିନାଗୋ ମାଝୀ ଓ ଖନ୍ତ ଗ୍ରାମର ତୁଳାମ ନାଏକ। ଏଥିନେଇ ୪ଟି ପୃଥକ ମାମଲା ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଇରଙ୍ଗପୁର ଅବକାରୀ ସବ ଇନ୍ସପେକ୍ଟର ପୂର୍ଣ୍ଣେନ୍ଦୁ କୁମାର ରାଉତ ଏବଂ ଏଏସଆଇ ସର୍ବେଶ୍ୱର ନାୟକ ପ୍ରମୁଖ ଚଢାଉରେ ସାମିଲ ଥିଲେ।

### ମରାମତି ହେଉନି ଅଚଳ ନଳକୂଅ

ରାଇରଙ୍ଗପୁର,୧୧।୬(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ହସ୍ପିଟାଲ ଛକ ପାର୍ଶ୍ୱ ନଳକୂପଟି ଦୀର୍ଘଦିନ ହେଲା ଅଚଳ ହୋଇ ପଡିଛି। ସ୍ଥାନୀୟ ଜନ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଉକ୍ତ ନଳକୂପଟି ନିର୍ମିତ ହୋଇଥିବା ବେଳେ ଏଥିରୁ ଦୂଷିତ ଓ ଦୁର୍ଗନ୍ଧ ଜଳ ବାହାରୁଛି। ଏହାର ମରାମତି ସକାଶେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଜନ ସ୍ୱାସ୍ଥ୍ୟବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।



ଅଚଳ ହୋଇ ପଡିଥିବା ନଳକୂଅ।

ରାଇରଙ୍ଗପୁର ସହରାଞ୍ଚଳରେ ଅସହ୍ୟ ତାତି ଲାଗି ରହିଥିବାରୁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ରାଇରଙ୍ଗପୁର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟର ଦୀର୍ଘଦିନ ହେଲା ସହକାରୀ ଏବଂ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଥିବା ବେଳେ ବାରିପଦାସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ରାଇରଙ୍ଗପୁର କାର୍ଯ୍ୟାଳୟର ଅସ୍ଥାୟୀ ଦାୟିତ୍ୱରେ ରହିଛନ୍ତି। ସେହିପରି କରଞ୍ଜିଆ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ରାଇରଙ୍ଗପୁର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟର ଅସ୍ଥାୟୀ ଦାୟିତ୍ୱରେ ରହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ■ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବି ତେଜିଲା

# ସେବାୟତ ଚାଲି ଚାଲି ଯିବେ ଭୁବନେଶ୍ୱର

ବାରିପଦା ଅଫିସ,୧୧।୬–

ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣୁଥିବା ପରମ୍ପରା ଯୋଗୁ ମୟୂରଭଞ୍ଜ ଜିଲା ବାରିପଦା ଜଗନ୍ନାଥ ମନ୍ଦିରର ସ୍ୱତନ୍ତ୍ରତା ରହିଛି। ପୁରୀ ରଥଯାତ୍ରାର ଦିନକ ପରେ ଏଠାରେ ୨ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଏ। ହେଲେ ସରକାରୀ ସ୍ତରରେ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ମିଳିପାରି ନାହିଁ। ଏଥିନେଇ ଜଗନ୍ନାଥ ମନ୍ଦିରର ସେବାୟତମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାଲିଚାଲି ଭୁବନେଶ୍ୱର ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏପ୍ରିଲ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଜଗନ୍ନାଥ ମନ୍ଦିରକୁ ଆସି ଠାକୁରଙ୍କ ଦର୍ଶନ କରିଥିଲେ। ତାଙ୍କର ଶାସନ କାଳରେ ସେ ଜଗନ୍ନାଥ ମନ୍ଦିରକୁ ଆସିବା ଏହା ପ୍ରଥମ। ଏଣୁ ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ସେବାୟତମାନେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସେତେବେଳେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଭୁବନେଶ୍ୱର ଆସି ରାଜ୍ୟ ସଚିବାଳୟରେ ସାକ୍ଷାତ କରିବାକୁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ କହିଥିଲେ। ଇତିମଧ୍ୟରେ ନିର୍ବାଚନ ଶେଷ ହୋଇ ସରକାର ମଧ୍ୟ ଗଠନ ହୋଇ ସାରିଲାଣି। ବାରିପଦା ଜଗନ୍ନାଥ ମନ୍ଦିରର ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରିବାକୁ ବହୁବାର ଉଦ୍ୟମ କରିଥିଲେ ମଧ୍ୟ ସାକ୍ଷାତ କରିପାରୁ ନାହାନ୍ତି। ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଯଦି ଆସନ୍ତା ୧୭ ଜୁନ ସ୍ନାନ ପୂର୍ଣ୍ଣିମା ସୁଦ୍ଧା ପୂରଣ ନ ହୁଏ ତେବେ ୧୯ ତାରିଖ ସକାଳ ୭ ଟା ବେଳେ ଠାକୁରଙ୍କ ଅଙ୍ଗ ସେବକ, ମନ୍ଦିର ସେବକ ଓ ରଥ ସେବକମାନେ ଚାଲି ଚାଲି ଭୁବନେଶ୍ୱର ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସେବାୟତ ଅରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ବିନିତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେ ଓ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉପଜିଲାପାଳଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ସେବାୟତ କାମେଶ୍ୱର ତ୍ରିପାଠୀ, ସୁରେଶ ଚନ୍ଦ୍ର ମିଶ୍ର, କ୍ଷୀତିଶ ଚନ୍ଦ୍ର ତ୍ରିପାଠୀ, ଦେବକାନ୍ତ ପଣ୍ଡା, ରବିନାରାୟଣ ଦ୍ୱିବେଦୀ, ସୁନୀଲ କୁମାର ପଣ୍ଡା, ଚଣ୍ଡି ପ୍ରସାଦ ଦାଶ, ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖଙ୍କ ସହିତ ମୃତ୍ୟୁଞ୍ଜୟ ମହାପାତ୍ର (ରଥ ମହାପାତ୍ର), ଜଗନ୍ନାଥ ମହାପାତ୍ର ଓ ରାଧାଶ୍ୟାମ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



ସେବାୟତମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ବାରିପଦା ଜଗନ୍ନାଥ ମନ୍ଦିରକୁ ସରକାରୀସ୍ତରରେ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ପ୍ରଦାନ ଦାବି ସହିତ ଜିଲାରେ ଦେବୋତ୍ତର ବିଭାଗ ପାଇଁ ଜଣେ ମାଜିଷ୍ଟ୍ରେଟ ପାହ୍ୟାର ଅଧିକାରୀ ନିଯୁକ୍ତି, ମଠ ଓ ମନ୍ଦିରଗୁଡିକରେ ଖାଲି ପଡିଥିବା ସେବାୟତ ପଦବୀରେ ନିଯୁକ୍ତି, ମଠ ଓ ମନ୍ଦିରମାନଙ୍କରେ ଠାକୁରଙ୍କ ରୀତିନୀତି ଶୃଙ୍ଖଳିତ ଭାବେ ପରିଚାଳନା, ମଠ ମନ୍ଦିରମାନଙ୍କର ସମ୍ପତ୍ତି ଉଦ୍ଧାର ବ୍ୟବସ୍ଥା, ଠାକୁରଙ୍କ ଗହଣାର ପୁନରୁଦ୍ଧାର, ମଠ ଓ ମନ୍ଦିରମାନଙ୍କରେ ଭାଙ୍ଗି ଯାଇଥିବା ଅଂଶକୁ ନୂତନ ଭାବେ ନିର୍ମାଣ ଏବଂ ସେବାୟତମାନଙ୍କୁ ପଦବୀ ଅନୁଯାୟୀ ଦୈନିକ ୧ ହଜାରରୁ ୫ ହଜାର ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରିବାକୁ ସେବାୟତମାନେ ଗତ ୨୫ ଏପ୍ରିଲରେ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଥିଲେ।

### ଦୁର୍ଘଟଣାରେ ୩ ଆହତ

ରାଇରଙ୍ଗପୁର,୧୧।୬(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ଗମ୍ଭାରୀଆ ଠାରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାରେ ୩ ଯୁବକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଚିକିତ୍ସା ଲାଗି ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ଯୁବକ ଦ୍ୱୟ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଭଞ୍ଜପୁର ଅଞ୍ଚଳର ବିପ୍ଲବ କେଶରୀ ଜେନା ଓ ରାଇରଙ୍ଗପୁର ଟାଉନଥାନା ଅଁଳାଡୁବା ବସ୍ତି ଅଞ୍ଚଳର ସନ୍ଦିପ କୁମାର ସିଂହ । ଅନ୍ୟ ଜଣଙ୍କ ପରିଚୟ ଜଣାପଡିନାହିଁ।

### ପ୍ରଶିକ୍ଷଣ ଶିବିର

ରାଇରଙ୍ଗପୁର,୧୧।୬(ଡି.ଏନ୍.ଏ.) ରାଇରଙ୍ଗପୁର ପୌରପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ କଚେରିପଡିଆ ଇନ୍‌ଡୋର ବ୍ୟାଡମିଣ୍ଟନ ହଲ୍ ପରିସରଠାରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦ ପ୍ରଶାସକ ତଥା ଉପଜିଲାପାଳ ଧର୍ମାନନ୍ଦ ବେହେରା, ରାଇରଙ୍ଗପୁର ହସ୍ପିଟାଲ ଏସ୍‌ଡିଏମ୍‌ଓ ଡା. ଛତିଶ ଚନ୍ଦ୍ର ମହାନ୍ତ, ପୌର ପରିଷଦ ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଜଗନ୍ନାଥ ବେହେରା ପ୍ରମୁଖ ଏଥିରେ ଅତିଥିଭାବେ ଯୋଗ ଦେଇଥିଲେ।

## ଅଧ୍ୟାପକ ପଦବୀ ପୂରଣ ଲାଗି ଦାବିପତ୍ର

ବାରିପଦା ଅଫିସ,୧୧।୬–

ବାରିପଦା ତକତପୁର ସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ପରିସର ପାଇଁ ସରକାର ମଞ୍ଜୁର କରିଥିବା ୧୦ଟି ବିଭାଗର ସମସ୍ତ ଅଧ୍ୟାପକ ପଦବୀ ଏବଂ ଅନ୍ୟ ଅଣ ଶିକ୍ଷକ ପଦବୀଗୁଡିକରେ ତୁରନ୍ତ ନିଯୁକ୍ତି ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ମୟୂରଭଞ୍ଜ ଜିଲାର ବରିଷ୍ଠ ନାଗରିକ, ବୁଦ୍ଧିଜୀବି ଓ ଜନସାଧାରଣ ଲିଖିତ ଭାବେ ଅନୁରୋଧ କରିଛନ୍ତି। ଉଚ୍ଚ ଶିକ୍ଷାମନ୍ତ୍ରୀ ଡ.ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦଙ୍କୁ ମଧ୍ୟ ଅନୁରୋଧପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ କରାଯାଇଥିବା ଦାବି ଅନୁଯାୟୀ ଗତବର୍ଷ ରାଜ୍ୟ ସରକାର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ପରିସରରେ ଓଡ଼ିଆ, ଇଂରାଜୀ, ଶିକ୍ଷା, ଗଣିତ, କମ୍ପ୍ୟୁଟର, ବିଜ୍ଞାନ, ବାଣିଜ୍ୟ ପ୍ରଶାସନ, ବନ୍ୟପ୍ରାଣୀ ଆଦି ୧୦ଟି ସ୍ନାତକୋତ୍ତର ବିଭାଗର ୫୦ରୁ ଅଧିକ ନିୟମିତ ଅଧ୍ୟାପକ ପଦବୀ ମଞ୍ଜୁର କରିଥିଲେ ମଧ୍ୟ ଅଦ୍ୟାବଧି ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। ୨୦୧୯ ନାମଲେଖା ବର୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉପରୋକ୍ତ ବିଭାଗଗୁଡିକୁ ସ୍ୱୟଂବିଭାଗ (ସେଲ୍ଫଫାଇନନାନ୍ସ) ଭାବରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବା ପାଇଁ ଗତ ମାସ ୧୯ ତାରିଖରେ ବିଜ୍ଞାପନ ପ୍ରକାଶ କରିଛନ୍ତି। ସରକାରୀ ମଞ୍ଜୁରୀ ପାଇବାରେ ପୁନର୍ବାର ଏହି ବିଭାଗଗୁଡିକରେ ପିଲାମାନେ ଅତ୍ୟଧିକ ନାମଲେଖା ଅର୍ଥ ଦେଇ ପଢ଼ିବା ସହିତ ଏମଫିଲ, ପିଏଚଡି ଶିକ୍ଷାରୁ ବଞ୍ଚିତ ହେବା ଜିଲାବାସୀଙ୍କ ପାଇଁ ଦୁର୍ଭାଗ୍ୟ ଜନକ କଥା। ଏହାବ୍ୟତୀତ ବହୁ ବର୍ଷ ଧରି ସରକାରୀ ମଞ୍ଜୁରୀପ୍ରାପ୍ତ ବହୁ ଅଣଶିକ୍ଷକ ପଦବୀ ପୂରଣ ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲେ ମଧ୍ୟ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। ଏପରି ଅବସ୍ଥାରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଲାଭ କରିବାକୁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଥିନେଇ ମୟୂରଭଞ୍ଜ ଜିଲାର ବରିଷ୍ଠ ନାଗରିକ, ବୁଦ୍ଧିଜୀବି ଓ ଜନସାଧାରଣ ପଦ୍ମନାଭ ସାହୁ, ସମୀର କୁମାର ବାରିକ, ଜଗନ୍ନାଥ ଦେ, ମାନସ କୁମାର ଦଲେଇ, ଭୂପତି ମହାନ୍ତ, ଈଶ୍ୱର ମହାନ୍ତ, ସୁମନ୍ତ ସିଂ, ବିଦ୍ୟାସାଗର ବେହେରା, ବିଶାଲରାଜ ସାହା, ତୁଷାର ରଞ୍ଜନ ବେହେରା, ସ୍ୱପ୍ନାରାଣୀ ମହାନ୍ତ, ପଦ୍ମିନୀ ହାସଁଦା, ପ୍ରଜ୍ଞା ସାଗରିକା ମୁର୍ମୁ ପ୍ରମୁଖ ଯଥାଶୀଘ୍ର ଅଧ୍ୟାପକ ଓ ଅଣଶିକ୍ଷକ ପଦବୀ ପୂରଣ ଲାଗି ରାଜ୍ୟ ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଡିପ୍ଲୋମା ଇଞ୍ଜିନିୟର ସଂଘର ବୈଠକ

ରାଇରଙ୍ଗପୁର,୧୧।୬(ଡି.ଏନ.ଏ)–

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଡିପ୍ଲୋମା ଇଞ୍ଜିନିୟର ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇଂ. ନିଶିକାନ୍ତ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ବଲାଙ୍ଗୀର ଜିଲା ପାଟଣାଗଡ ଅଞ୍ଚଳରେ କନିଷ୍ଠଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସ୍ଥାନୀୟ ବିଧାୟକ କାନଧରି ଉଠବସ କରାଇବା ଘଟଣାର ନିନ୍ଦା କରାଯାଇଥିଲା। ଆଇନକୁ ହାତକୁ ନେଇଥିବା ବିଧାୟକଙ୍କୁ ଗିରଫ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ବୈଠକରେ ସଂଘର ସମ୍ପାଦକଙ୍କ ସମେତ ଉପଦେଷ୍ଟା ଇଂ. ଦିଲ୍ଲୀପ କୁମାର ଗିରି ଓ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରୀତିପର୍ଣ୍ଣାଙ୍କୁ ସମ୍ବର୍ଦ୍ଧନା



ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାରିପଦା ଅଫିସ,୧୧।୬

ବାରିପଦାସ୍ଥିତ ନାସା ଫାଉଣ୍ଡେସନ କାର୍ଯ୍ୟାଳୟ ପରିସରରେ ମହାକାଶ ବିଜ୍ଞାନ–ନୂତନ ଆଶା ଓ ସମ୍ଭାବନା ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଡ.ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦାସ୍ଥିତ ସେଣ୍ଟ ଆନିଜ କନଭେଣ୍ଟ ସ୍କୁଲ ଛାତ୍ରୀ ପ୍ରୀତିପର୍ଣ୍ଣା ମିଶ୍ରଙ୍କ ବକ୍ତବ୍ୟ ଶ୍ରେଷ୍ଠ ବିବେଚିତ ହୋଇଥିଲା। ବିଗତ ଆଇସିଏସଇ ପରୀକ୍ଷାରେ ଜିଲା ପାଇଁ ସଫଳତା ଆଣିଥିବା ଛାତ୍ରୀ ପ୍ରୀତିପର୍ଣ୍ଣାଙ୍କୁ ଫାଉଣ୍ଡେସନ ପକ୍ଷରୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଆଗାମୀ ଦିନରେ ବିଭିନ୍ନ ବିଜ୍ଞାନ ସେମିନାର କାର୍ଯ୍ୟକ୍ରମଗୁଡିକରେ ତାଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ସଭାପତି ଡ.ନାୟକ ଏହି ଅବସରରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ନାସା ଫାଉଣ୍ଡେସନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର




ପୌର ପରିଷଦ ନିର୍ବାହୀ ଅଧିକାରୀ ଅଭିଭାଷଣ ଦେଉଛନ୍ତି।

ବାରିପଦା ଅଫିସ,୧୧।୬

ମୟୂରଭଞ୍ଜ ଜିଲା ବାରିପଦା ପୌରପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପୌରପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ନିର୍ବାହୀ ଅଧିକାରୀ ସରୋଜ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଶିବିରରେ ପୌର ପରିଷଦର ସମସ୍ତ ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସହରର ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିରରେ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ୨୦୧୬ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଘରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପୃଥକ ପୃଥକ ସଂଗ୍ରହ କରାଯାଇ ତାହାର କିପରି ସୁପରିଚାଳନା କରାଯାଇପାରିବ ସେଥିନେଇ ଆଲୋଚନା କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଘରକୁ ଘର ବୁଲି ଲୋକମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନ କରିବା ପାଇଁ କୁହାଯାଇଥିଲା। ସଫେଇ କର୍ମଚାରୀମାନେ ପୌରପରିଷଦର ମେରୁଦଣ୍ଡ ହୋଇଥିବାରୁ ସେମାନେ କିପରି ନିଜସ୍ୱ ନିରାପତ୍ତା ସାମଗ୍ରୀ ପରିଧାନ କରି କାର୍ଯ୍ୟ ସମ୍ପାଦନ କରିବେ ସେଥିନେଇ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରରେ ସମସ୍ତ ସଫେଇ କର୍ମଚାରୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଉଜ୍ଜ୍ୱଳ କୁମାର ବେହେରା, ଗୌରୀଶଙ୍କର ନାୟକ, ପ୍ରିୟା ମିଶ୍ର, ଜିଲା ସହର ଉନ୍ନୟନ ସଂସ୍ଥାର ଶିବ ନାରାୟଣ ଦଣ୍ଡପାଟ ପରିଚାଳନା କରିଥିଲେ।

## ଫନୀ କ୍ଷତିଗ୍ରସ୍ତଙ୍କୁ ସମାଜ ମଙ୍ଗଳ ବିଭାଗର ସହାୟତା

ବାରିପଦା ଅଫିସ,୧୧।୬

ମୟୂରଭଞ୍ଜ ଜିଲା ସମାଜମଙ୍ଗଳ କାର୍ଯ୍ୟାଳୟ ତଥା ସମସ୍ତ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ପକ୍ଷରୁ ମଙ୍ଗଳବାର ଫନୀ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଉଛି। ଜିଲାପାଳ ବିନିତ ଭରଦ୍ୱାଜଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ୫୭ ହଜାର ଟଙ୍କାର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଏହି ସହାୟତା ରାଶି ପ୍ରଦାନ କରିଥିଲେ।




ଜିଲାପାଳଙ୍କୁ ଚେକ ପ୍ରଦାନ କରାଯାଉଛି।

# ଖାଲି ପଡ଼ିଛି ଏସ୍‌ଡିସି ଅଧ୍ୟକ୍ଷ,ଉପାଧ୍ୟକ୍ଷ ପଦବୀ

### ଥଇଥାନ ନେଇ ଲବି ଜୋରଦାର

### ଅଧାରେ ଅଟକିଛି ଆଦିବାସୀଙ୍କ ସାଂସ୍କୃତିକ ଓ ସାମାଜିକ ବିକାଶ

ବାରିପଦା ଅଫିସ,୧୧।୬

ଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ଓ ସାମାଜିକ ବିକାଶ ଲକ୍ଷ୍ୟ ନେଇ ଆଦିବାସୀ ବହୁଳ ଜିଲାଗୁଡିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୭ ମସିହାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସଡିସି) ଗଠନ କରାଯାଇଥିଲା। ତେବେ ଗତ ଏପ୍ରିଲ ମାସରୁ ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀ ଖାଲି ପଡିଛି। ଫଳରେ ଏହି ପରିଷଦ ଅଧୀନରେ ହେବାକୁ ଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଅଧାରେ ଅଟକିଛି। ସାଧାରଣ ନିର୍ବାଚନ ପରେ ବିଜୁ ଜନତା ଦଳ ସରକାର ଗଠନ ହୋଇଥିଲେ ମଧ୍ୟ ଏହି ଦୁଇ ପଦବୀ ପୂରଣ କରିବା ପାଇଁ ଏଯାଏଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଏହି ପଦବୀଗୁଡିକରେ କେଉଁ ମାନଙ୍କୁ ଥଇଥାନ କରାଯିବ ସେ ନେଇ ରାଜନୀତି ଓ ଲବି ଆରମ୍ଭ ହେଲାଣି।

ଏହି ପରିଷଦର ଅଧ୍ୟକ୍ଷ ପଦବୀ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର। ପରିଷଦ ଆରମ୍ଭ ବେଳେ ବିଜୁ ଜନତା ଦଳର ଜିଲା କାର୍ଯ୍ୟକାରୀ ସଭାପତି ଥିବା ଡା.ଦେବାଶିଷ ମାରାଣ୍ଡିଙ୍କୁ ଏହି ପଦବୀରେ ଥଇଥାନ କରାଯାଇଥିଲା। ସେ ଚଳିତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ପକ୍ଷରୁ ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀ ଭାବେ ଟିକଟ ପାଇଥିଲେ। ତେଣୁ ତାଙ୍କୁ ଏହି ପଦବୀରୁ ଇସ୍ତଫା ଦେବାକୁ ପଡିଥିଲା। ତେବେ ସେ ନିର୍ବାଚନରେ ପରାଜିତ ହୋଇଥିଲେ।

ସେହିପରି ଉପାଧ୍ୟକ୍ଷ ପଦବୀରେ ବିଜେଡୀ ନେତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ଥଇଥାନ କରାଯାଇଥିଲା। ସେ ମଧ୍ୟ ଚଳିତ ସାଧାରଣ ନିର୍ବାଚନରେ କରଞ୍ଜିଆ ବିଧାନସଭା ଆସନରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଉପାଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ। ସେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପରିଷଦର ସଭ୍ୟ ଥିବା ବିଜେଡି ଯୁବ ନେତା ଗୋଲକ ନାୟକଙ୍କୁ ମଧ୍ୟ ଦଳ ଯଶିପୁର ବିଧାନସଭା ଆସନରେ ବିଧାୟକ ଟିକଟ ଦେଇଥିଲା। ହେଲେ ସେ ପରାଜିତ ହୋଇଛନ୍ତି।

ଏସଡିସିର ନୋଡାଲ ଅଫିସର ଦାୟିତ୍ୱରେ ଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ବ କହିଛନ୍ତି ପରିଷଦରେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦବୀ ସହିତ ୨୩ ଜଣ ସଭ୍ୟ ରହିଛନ୍ତି। ବର୍ତ୍ତମାନ ପରିଷଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ୨ ସଭ୍ୟ ପଦବୀ ଖାଲି ରହିଛି। ସରକାର ହିଁ ଏହି ପରିଷଦରେ ଖାଲିଥିବା ପଦବୀଗୁଡିକ ପୂରଣ ଦିଗରେ ପଦକ୍ଷେପ ନେବେ। ତେବେ ପଦବୀଗୁଡିକ ଦୀର୍ଘ ଦିନ ଧରି ଖାଲିଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଥିବା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ବିଭିନ୍ନ କାର୍ଯ୍ୟ ଅଟକି ରହିଛି। ପୁରୁଣା କାର୍ଯ୍ୟଗୁଡିକ ହିଁ ଚାଲୁଛି ବୋଲି କହିଥିଲେ। ବିଶେଷ ଭାବରେ ନୂତନ ଜାହିରା ପୀଠ ନିର୍ମାଣ, ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର ସାମଗ୍ରୀ ପ୍ରଦାନ କ୍ଷେତ୍ରରେ ମଧ୍ୟ ବାଧା ସୃଷ୍ଟି ହେଉଥିବା ସେ କହିଥିଲେ।

ଅନ୍ୟ ପକ୍ଷରେ ଏହି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀରେ କାହାକୁ ଥଇଥାନ କରାଯିବ ସେ ନେଇ ଲବି ଜୋରଦାର ଆରମ୍ଭ ହୋଇଯାଇଛି। ଏହି ପଦବୀରେ ପୁନର୍ବାର ଡା. ମାରାଣ୍ଡିଙ୍କୁ ଅବସ୍ଥାପିତ କରାଯିବ ନା ନାହିଁ ସେ ନେଇ କିଛି ଜଣାପଡି ନାହିଁ। ଅନ୍ୟ ପକ୍ଷରେ ଗତ ନିର୍ବାଚନରେ ବାରିପଦା ବିଧାନସଭା ଆସନରେ ସାନନ୍ଦ ମାରାଣ୍ଡିଙ୍କୁ ଟିକଟ ଦିଆଯାଇ ନ ଥିବାରୁ ଦଳ ତାଙ୍କୁ ଥଇଥାନ କରିପାରେ ବୋଲି ଦଳୀୟ ନେତୃବୃନ୍ଦ ଆଲୋଚନା କରୁଛନ୍ତି। ଏହି ପଦବୀ ପାଇଁ ୨ ରୁ ୩ ଜଣ ପୂର୍ବତନ ବିଧାୟକ ମଧ୍ୟ ଆଶାବାଦୀ ରହିଛନ୍ତି। ତେବେ ଦଳ କାହାକୁ ଥଇଥାନ କରୁଛି ତାହା ହାଇକମାଣ୍ଡଙ୍କ ନିଷ୍ପତ୍ତି ପରେ ହିଁ ସ୍ଥିର ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ତେବେ ଜିଲାର ଆଦିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ତୁରନ୍ତ ଏହି ପଦବୀଗୁଡିକୁ ପୂରଣ କରିବାକୁ ଦାବି ହୋଇଛି।

**ସଂକ୍ଷେପରେ**

## ସାୱ୍ାନ କିର୍‌ପାଲ ରୁହାନି ମିଶନ୍ ସଙ୍ଗଠନକୁ ମୁଖ୍ୟମନ୍ତ୍ରୀ ପୁରସ୍କାର



**ଯୋଡ଼ା, ୧୧।୬(ଡି.ଏନ.ଏ.):** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସାୱ୍ାନ କିର୍‌ପାଲ ରୁହାନି ମିଶନ୍ ସଂଗଠନକୁ ଉଲ୍ଲେଖନୀୟ ପରିବେଶ ସୁରକ୍ଷା କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ଯୋଡା ସାୱ୍ାନ କିର୍‌ପାଲ ରୁହାନି ମିଶନ୍ ସଂଗଠନ ଯୋଡା ଶାଖାର ସଭାପତି ବ୍ରଜ ବେହେରା ଓ ସମ୍ପାଦକ ରାଜୀବ୍ ସେହଗଲ ସୂଚନା ଦେଇ କହିଛନ୍ତି ଯେ, ଗତ ମେ ମାସ ୫ ତାରିଖରୁ ପ୍ରତ୍ୟେକ ରବିବାର ଯୋଡା ଅଞ୍ଚଳର ଜୀବନରେଖା କୁହାଯାଉଥିବା ସୁନାନଦୀ ସଫେଇ ପାଇଁ ଅଭିଯାନ ଆରମ୍ଭ ହୋଇଛି। ନଦୀର ସୁରକ୍ଷା ପାଇଁ ଏହି ଏନଜିଓ ସଂସ୍ଥାର ସନ୍ଥ ରାଜିନ୍ଦର ସିଂଙ୍କ ଦ୍ୱାରା ପ୍ରଥମେ ଆରମ୍ଭ କରାଯାଇଥିଲା। ଏହି ଏନଜିଓର ୩୦୦୦ରୁ ଉର୍ଦ୍ଧ୍ୱ କେନ୍ଦ୍ର ନଦୀର ସଫେଇ ଓ ସୁରକ୍ଷା ନିମନ୍ତେ ପୁରା ବିଶ୍ୱରେ କାମ କରୁଥିବା ବେଳେ ଓଡିଶାରେ ୨୦ଟି କେନ୍ଦ୍ର ରହିଛି ଏବଂ କେନ୍ଦୁଝର ଜିଲାରେ ୩ଟି କେନ୍ଦ୍ର ରହିଛି ।

## ବିଳମ୍ବରେ ଖୋଲିଲା ଆରଆଇ କାର୍ଯ୍ୟାଳୟ

**ହାଟଡିହୀ, ୧୧। ୬ (ଡି.ଏନ.ଏ.):** ହାଟଡିହୀ ବ୍ଲକ ସୋସୋ ଆରଆଇ କାର୍ଯ୍ୟାଳୟ ମଙ୍ଗଳବାର ବହୁ ବିଳମ୍ବ ସତ୍ତ୍ୱେ ଖୋଲି ନ ଥିବାରୁ ଲୋକମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏବେ ସକାଳୁଆ ଅଫିସ ଚାଲୁଥିବାବେଳେ ୧୦ଟା ପର୍ଯ୍ୟନ୍ତ କୌଣସି କର୍ମଚାରୀ କାର୍ଯ୍ୟାଳୟରେ ପହଞ୍ଚି ନ ଥିଲେ। କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ।

# ସମିତି ଅଫିସ୍‌ରେ ତାଲା ପକାଇଲେ ଚାଷୀ

- ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା
- ଦାବି ପୂରଣ ନ ହେବା ଯାଏ ତାଲା ନ ଖୋଲିବାକୁ ଚେତାବନୀ
- ୧୭୧ ଚାଷୀ ପାଇପାରୁ ନାହାନ୍ତି ବୀମାରାଶି

**ତିହିଡ଼ି,୧୧।୬(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଚାରିତରଫ ମୌଜାର ୧୭୧ ଜଣ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ମିଳିପାରୁ ନାହିଁ। ଚାଷୀମାନେ ବାରମ୍ବାର ଆନ୍ଦୋଳନ କରି ପୂର୍ବରୁ ୩ଥର ସମବାୟ ସମିତିରେ ତାଲା ପକାଇଥିବା ସତ୍ତ୍ୱେ କୌଣସି ପ୍ରତିକାର ନ ହେବାରୁ ସେମାନେ ପୁଣି ମଙ୍ଗଳବାର ଆଉ ଥରେ ତାଲା ପକାଇଛନ୍ତି। ବୀମା ରାଶି ନ ମିଳିବା ଯାଏ ସେମାନେ ତାଲା ଖୋଲିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ତାଲା ପଡ଼ି ରହିବା ଯୋଗୁ ସମିତିର କାର୍ଯ୍ୟ ବନ୍ଦ ରହିଛି। କର୍ମଚାରୀମାନେ କାର୍ଯ୍ୟାଳୟକୁ ଯାଇ ପାରୁନାହାନ୍ତି।

ଆନ୍ଦୋଳନକାରୀ ଚାଷୀ ଅଭିଯୋଗ କରିଛନ୍ତି ଯେ, ସମବାୟ ସମିତି ଅଧୀନରେ ୨୦୧୭ରେ ମୋଟ ୧୭୧ ଜଣଙ୍କୁ ବୀମାରାଶି ମିଳିନାହିଁ। ବାହାରପାଳ ଗ୍ରାମର ୧୪୧, ଚାରିତରଫ ଗ୍ରାମର ୨୪ ଓ ଖଡ଼ିଯାଣ ଗ୍ରାମର ୬ ଜଣ ଚାଷୀ ମୋଟ ୧୦ ଲକ୍ଷ ୧୬ ହଜାର ଟଙ୍କା ବୀମାରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ରେଜିଷ୍ଟ୍ରାର ଅଫ କୋଅପରେଟିଭ, ଭୁବନେଶ୍ୱରରେ ମାମଲା ରୁଜୁ କରାଯିବା ପରେ ୩ ଥର ଶୁଣାଣି କରାଯାଇଛି । ବୀମା କମ୍ପାନୀକୁ ଡକାଇ ସମିତି ପକ୍ଷରୁ ଆବଶ୍ୟକ କାଗଜପତ୍ର ଦାଖଲ କରାଯାଇଛି। ଏହାମଧ୍ୟରେ ଅପେକ୍ଷାରେ ୨ବର୍ଷ ବିତିଗଲାଣି। ସମ୍ପ୍ରତି ତିହିଡ଼ି ସ୍ଥିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରେ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ସମିତି ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଏବଂ ସଭାପତି ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଥିଲା। ଫସଲବୀମାରୁ ବଞ୍ଚିତ ହୋଇଥିବା ଚାଷୀଙ୍କ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରି ପଠାଇବାକୁ ସ୍ଥିର ହୋଇଥିଲା। ପରେ ସମିତି ପକ୍ଷରୁ ଏହାକୁ ପଠାଯାଇଥିଲେ ମଧ୍ୟ ବୀମାରାଶି ନ ମିଳିବାରୁ ସୋମବାର ଶ୍ରୀଧର ପାଢ଼ୀ, ସୁବାସ ସେଠୀ, ବଳରାମ ସୁଆର, ସୁଶାନ୍ତ ପଣ୍ଡା, ସୁନୀଲ ପଣ୍ଡା, ବାବାଜୀ ପଣ୍ଡା, ଆନନ୍ଦ ଚନ୍ଦ୍ର ପଣ୍ଡା, ମନୋଜ ପଲାଇ, ବୁଦ୍ଧିରାମ ଜେନା, ପ୍ରଦୀପ ବାରିକ, ବିଚିତ୍ର ବାରିକ, ଗୌରାଙ୍ଗ ପଲାଇ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଚାଷୀ ସମିତି ଆଗରେ ବିକ୍ଷୋଭ କରି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ।

# ଧାମନଗରରେ ଦଳୀୟ ପରାଜୟର ସମୀକ୍ଷା କଲେ ମନ୍ତ୍ରୀ




ସମୀକ୍ଷା ବୈଠକରେ ମନ୍ତ୍ରୀ, ଏମ୍‌ପି ଓ ବିଧାୟକ।

**ଭଦ୍ରକ ଅଫିସ,୧୧।୬**

ମଙ୍ଗଳବାର ଭଦ୍ରକ ଜିଲାକୁ ଦିନିକିଆ ଗସ୍ତରେ ଆସିଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେ ଜିଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଧାମନଗର ବିଧାନସଭା କ୍ଷେତ୍ରରେ ବିଜେଡିର ପରାଜୟକୁ ନେଇ ସମୀକ୍ଷା କରିଥିଲେ। କେଉଁ କାରଣ ଯୋଗୁ ଲୋକେ ବିଜେଡିଠାରୁ ମୁହଁ ଫେରାଇ ଭାଜପାକୁ ଭୋଟ ଦେଇ ଜୟଯୁକ୍ତ କରାଇଲେ ସେ ସବୁ କାରଣକୁ ନେଇ ମନ୍ତ୍ରୀ ଉପସ୍ଥିତ ୪ ବିଧାନସଭା କ୍ଷେତ୍ରର ବିଧାୟକ ଓ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ପରାଜିତ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କଠାରୁ ନିର୍ବାଚନ ସମୟର ବିଭିନ୍ନ ସମସ୍ୟା ନେଇ ମତାମତ ସଂଗ୍ରହ କରାଯାଇଥିଲା। ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତିହିଡି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଡିଆର୍‌ଡିଏ ଚେୟାରମ୍ୟାନ ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କିଭଳି ୱାର୍ଡସ୍ତରରୁ ଦଳକୁ ଦୃଢ କରାଯାଇ ପାରିବ ସେ ନେଇ ମନ୍ତ୍ରୀ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ମା’ ବୁଢୀ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାହାନଗା, ୧୧।୬(ଡି.ଏନ.ଏ.)**

ବାହାନଗା ବ୍ଲକ ଚିତ୍ତଲ ପଞ୍ଚାୟତର ବାଲିକତିରଣ ଗ୍ରାମରେ ମା ବୁଢୀ ମଙ୍ଗଳା ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ମନ୍ଦିର ବାଲିକତିରଣ ଓ ଛତୁବାଟି ଦୁଇଟି ଗ୍ରାମର ମିଳିତ ଉଦ୍ୟମରେ ନିର୍ମାଣ ହୋଇ ପ୍ରତିଷ୍ଠା କରାଯାଉଛି। ଏହି କାର୍ଯ୍ୟକ୍ରମ ଗତ ୯ରୁ ଆରମ୍ଭ ହୋଇ ୧୧ ତାରିଖରେ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଥିଲା। ରବିବାର ପ୍ରଥମେ ଅଙ୍କୁରାରୋପଣ ହେବା ସହିତ ସୋମବାର ଦୁଇ ଗ୍ରାମର ମହିଳା ପୁରୁଷମାନଙ୍କ ସହଯୋଗରେ ପୂର୍ଣ୍ଣ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହି ଦିନ ଯଜ୍ଞ ହେବା ସହିତ ଚଣ୍ଡି ପାଠ ହୋଇ ମା’ଙ୍କୁ ଆବାହନ କରାଯାଇଥିଲା। ମା’ଙ୍କ ଆଜ୍ଞାମାଳ ଆସିବା ପରେ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଷୋଡଶ ଉପଚାର କରି ପ୍ରତିମା ସ୍ଥାପନ କରାଯାଇଥିଲା। ମଙ୍ଗଳବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇଥିଲେ।

# ଉପେକ୍ଷିତ ଯାତ୍ରା କଳାକାର ମଙ୍ଗରାଜ

## ଆବେଦନ ସତ୍ତ୍ୱେ ମିଳିନି କଳାକାର ଭତ୍ତା

**ପଦ୍ମପୁର, ୧୧।୬ (ଡି.ଏନ୍.ଏ.)**

ଅନ୍ୟ ମୁହଁରେ ହସ ଫୁଟାଇ ‘ରସରାଜ’ ଉପାଧି ପାଇଥିବା ବରିଷ୍ଠ ଯାତ୍ରା କଳାକାର ମଙ୍ଗରାଜ ନାୟକ ଏବେ ଜୀବନର ସାୟାହ୍ନରେ ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି। ଜୀବନର ଅର୍ଦ୍ଧଶତାବ୍ଦୀ ଧରି ଦର୍ଶକଙ୍କ ମନୋରଞ୍ଜନ କରିବା ସହ ଓଡିଶାର କଳା, ସଂସ୍କୃତିକୁ ରାଜ୍ୟ ଓ ରାଜ୍ୟ ବାହାରେ ପହଞ୍ଚାଇ ଆସିଛନ୍ତି। ଏହାସତ୍ତ୍ୱେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ତାଙ୍କୁ ଏଯାଏ ମିଳିନି କଳାକାର ଭତ୍ତା । ଏଥିଲାଗି ଆବେଦନ କରି ସେ ଆଜି ବି ଅପେକ୍ଷାରେ ରହିଛନ୍ତି।

ଏହି ବୟୋଜ୍ୟେଷ୍ଠ କଳାକାରଙ୍କ ଘର ଭଦ୍ରକ ଜିଲା ସାବରଙ୍ଗ ପଞ୍ଚାୟତର ଆଟୋ ଗ୍ରାମରେ । ସେ ଯୁବକ ଥିବା ବେଳେ ଗାଁରେ ଅନୁଷ୍ଠିତ ହେଉଥିବା ଡ୍ରାମାରେ ଅଭିନୟ କରିଥିଲେ। ତାଙ୍କ ଅଭିନୟ ଦେଖି କଟକର ଏକ ଯାତ୍ରା ପାର୍ଟି ମାଲିକ ତାଙ୍କୁ ନିଜ ଯାତ୍ରା ଦଳରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ। ପରେ ୧୯୬୭ରେ ଭଦ୍ରକର ନାଟ୍ୟଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ନୀଳଚକ୍ର ଅପେରାରେ ଯୋଗ ଦେଇ ସେ ଦୀର୍ଘଦିନ ଧରି ଅଭିନୟ କରିଥିଲେ। ଆଗରୁ ଯାତ୍ରା ଦଳରେ ମହିଳା କଳାକାର ଅଭିନୟ କରୁ ନ ଥିବାରୁ ସେ ନାରୀ ଚରିତ୍ରରେ ମଧ୍ୟ ଅଭିନୟ କରିଥିଲେ। ସେ ହାସ୍ୟ ନାୟିକା ଭାବେ ଅଭିନୟ କରିବା ସହ ପାର୍ଶ୍ୱ ନାୟକ, ହାସ୍ୟ ନାୟକ ଏବଂ ମୁଖ୍ୟନାୟକ ଭାବରେ ନିଖୁଣ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ରାମରାଜ୍ୟ, ଛତ୍ରପତି ଶିବାଜୀ, ଖୁଲଣା ସୁନ୍ଦରୀ, ଶହୀଦ ପୃଥ୍ୱୀରାଜ, ଅସ୍ତରାଗ ମିଳନ ଯଜ୍ଞ, ଶିବ ତାଣ୍ଡବ, ଯଯାତି କେଶରୀ



ମଙ୍ଗରାଜ ନାୟକ।

ପରି ବହୁ ନାଟକରେ ତାଙ୍କର ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଅଭିନୟ ସାଙ୍ଗକୁ ସଂଳାପ, ନୃତ୍ୟ, ସଙ୍ଗୀତ, ମଞ୍ଚ ପରିଚାଳନା, ନିର୍ଦ୍ଦେଶନା ଆଦି କ୍ଷେତ୍ରରେ ସେ ତାଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ତାଙ୍କୁ ୮୧ ବର୍ଷ ହେଲାଣି। ଉଚ୍ଚ ରକ୍ତଚାପ ସାଙ୍ଗକୁ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେବା ପରଠାରୁ ଆଉ ଭଲରେ ଚଲାବୁଲା କରି ପାରୁ ନାହାନ୍ତି। ତାଙ୍କର ଦୁଇପୁଅ, ଗୋଟିଏ ଝିଅ । ଦୁଇ ପୁଅ ବେସରକାରୀ ସଂସ୍ଥାରେ କାମ କରି ଚଳୁଛନ୍ତି । ଝିଅ ବାହା ହୋଇଯାଇଛି। ଘରେ ସ୍ତ୍ରୀ ଅଯୋଧ୍ୟା ବାର୍ଦ୍ଧକ୍ୟଜନିତ ରୋଗ ସତ୍ତ୍ୱେ ତାଙ୍କର ସେବା ଯତ୍ନ କରୁଛନ୍ତି। ପକ୍ଷାଘାତ ରୋଗର ଚିକିତ୍ସା ଲାଗି ମାସିକ ଔଷଧ ବାବଦକୁ ୩ ରୁ ୪ ହଜାର ଟଙ୍କା ଖର୍ଚ୍ଚ ହେଉଛି। ସରକାରଙ୍କଠାରୁ ସେ ପାଉଛନ୍ତି ମାତ୍ର ୫ ଶହ ଟଙ୍କା ମାସିକ ବାର୍ଦ୍ଧକ୍ୟ ଭତ୍ତା । ଯାତ୍ରା ଜଗତ ପ୍ରତି ଯଥେଷ୍ଟ ଅବଦାନ ଦେଇଥିବା ଏହି ପ୍ରବୀଣ କଳାକାରଙ୍କୁ ଏଯାଏ କଳାକାର ଭତ୍ତା ମିଳି ନ ଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

**WANTED**

Post: **Company Secretary/ Accountant.**
**Qualification & Experience:** B.Com/ Inter CA/ CMS/ CS with 2 years experience.
**Salary:** Negotiable.
Interested candidates may apply with Biodata by **30th June,** 2019 to **A.K. Sabat & Co.,** Chartered Accountants, A/348, Sahid Nagar, Bhubaneswar- 751007.

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ Steel Equipments Manufacturing କମ୍ପାନୀର ମାର୍କେଟିଂ ପାଇଁ ୩ଜଣ ଆଗ୍ରହୀ ଯୁବକ ଆବଶ୍ୟକ।
ଦରମା :- 10,000/-
9337282295
9348887319

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-.
(Part Time/Full Time)
Mob: 9938676412

**URGENTLY REQUIRED**
TEAM
1. **BACK OFFICE EXECUTIVE** – Graduate with min. 2-3 years experience in office work & having excellent computer knowledge. ( friendly in MS Office & internet) independent job handing capacity preferable- Female candidate. **Salary – 8000/- per month**
2. **OFFICE PEON** -10th Pass with min.01year experience in Office/field work, **salary-Rs.6, 000/-per month** with own bicycle or two wheeler.
*Interested candidates may apply to our above address & mail ID with complete Bio-data with photo within 7 days from the date of advertisement*
TEAM ADMARK (P) LTD .
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007, Phone- 9238882225 / 7735220188, Mail id- teamadmark@gmail.com

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

OrissaPOST English daily
**WANTED**
**LAYOUT DESIGNERS**
- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 7 days to:
**recruitment@orissapost.com**
Pay & perks will be the best in the industry for deserving candidates.

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.
Contact: 9938414918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-35) yrs., Monthly Salary Upto Rs.25000/-.
Contact Immediately
Mob: 8763257042

CLASSIFIED DISPLAY on Every Tuesday and Friday

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.29/OMC Date : 11.06.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay | Total Posts | No. of Posts Reserved for | |
|---|---|---|---|---|---|
| | | | | ST | UR |
| 1 | Sr. Manager (Persnl.), E-4 grade | Rs.67,700/- to 2,08,700/- | 02 | - | 02 |
| 2 | Dy. General Manager (Electrical), E-5 grade | Rs.78,800/- to 2,09,200/- | 01 | - | 01 |
| 3 | Manager (Electrical), E-3, grade | Rs.67,700/- to 2,08,700/- | 02 | 01 | 01 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates/ Testimonials, experience certificate in support of their eligibility by **Speed Post / Courier** in a cover superscribed "APPLICATION FOR THE POST OF ________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 06.07.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.28/OMC Date : 11.06.2019

**ADVERTISEMENT FOR RECRUITMENT / DEPUTATION OF ADDL. GENERAL MANAGER (SECURITY) IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The OMC invites application from eligible & competent professionals to fill up the vacancy on regular / deputation basis.

**Vacancy :-**

| Name of the Post | No. of Post | Scale of Pay | Eligibility Criteria | Maximum Age limit | Remarks |
|---|---|---|---|---|---|
| Addl. General Manager (Security), E-6 grade | 01 (UR) | Rs.1,23,100/- to 2,15,900/- | i) Lt. Col./Col./Wing Commander / Group Captain/CDR of Defence or equivalent from CISF/ Para Military Services. ii) Should have minimum 20 years of service in Defence / Para-Military Services. iii) Should be Security Course qualified from any Govt. approved institute **OR** minimum 05 years Industrial experience in a Govt. Organisation / PSUs. iv) Should be medically fit. | 50 years as on 31.05.2019 | Candidates presently employed in any Govt./ Semi-Govt./ PSUs / CISF/ Para-Military Services having the given eligibility criteria may also apply through their Competent Controlling Authority for consideration of deployment under deputation basis. |

Interested eligible candidates are required to download the application format from OMC website : **www.omcltd.in** and submit the same duly filled in & signed along with self-attested copy of certificates, mark-sheets, documents from HSC onwards towards proof of qualification, age, and mark secured, experience etc. and Discharge Certificate issued by the Competent Authority etc. by **Speed Post / Courier** in a cover superscribed "APPLICATION FOR THE POST OF **ADDL. GENERAL MANAGER (SECURITY)** in E-6 grade so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 06.07.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

**ଆବଶ୍ୟକ**
କରତ କଳ ପାଇଁ
ଶ୍ରମିକ, ଅପରେଟର, ଟ୍ରେନି ।
୪୦୦+ ଓଭର୍‌ଟାଇମ୍ +
ମାଗଣା ରହିବା ସୁବିଧା।
କେରଳ
କୋଝିକୋଡ଼
ଥାମାରାସେରୀ
ୟୁନିଭର୍ସାଲ୍ ଏଣ୍ଟରପ୍ରାଇଜେସ୍
ଫୋନ୍ ନଂ.: 9895136594 9645732666

URGENTLY REQUIRED
**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 9776141333

**ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ 7th to +3, ITI, Diploma B.Tech Candidate ଆବଶ୍ୟକ।
Salary :-
Rs 7,000/- to Rs 42,000/-
9777639313

**All Odisha Aadarsha Vidyalaya Vacancy**
TEACHER, CLERK, SECURITY GUARD, DATA ENTRY, PEON
Sal- 15,000 / Above, 3 Years Exp.
Qualification : +2 / Above
Contact : 8895574020

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

# ପୁରାତନ କୀର୍ତ୍ତିରାଜିର ସଂରକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୧ା୬(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମସ୍ତ ପଦାଧିକାରୀ ତଥା କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗର ସମସ୍ତ ପଦାଧିକାରୀଙ୍କ ତତ୍ପରତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରମୁଖ ଶାସନ ସଚିବ

## ସମୀକ୍ଷା ବୈଠକ

ମନୋରଞ୍ଜନ ପାଣିଗ୍ରାହୀ ବିଭାଗର ବିଭିନ୍ନ ପ୍ରଭାଗ ଓ ଅଧୀନସ୍ଥ ଅନୁଷ୍ଠାନଗୁଡ଼ିକର ବହୁବିଧ କାର୍ଯ୍ୟକ୍ରମ ତଥା ସମସ୍ୟା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟର ସାଂସ୍କୃତିକ ଓ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିଗୁଡ଼ିକର ଉନ୍ନତିକରଣ ଏବଂ ସୁରକ୍ଷା ଉପରେ ପ୍ରଯତ୍ନ ସହ ରାଜ୍ୟରେ ଥିବା ୨୧୮ ସୁରକ୍ଷିତ କୀର୍ତ୍ତି ମଧ୍ୟରୁ କେତେଗୁଡ଼ିକୁ କେନ୍ଦ୍ରୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ସଂରକ୍ଷଣ ନିମନ୍ତେ ହସ୍ତାନ୍ତର କରିବାକୁ ମନ୍ତ୍ରୀ ସଚିବଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଅଧିକ ସଂଖ୍ୟକ କଳାକାରଙ୍କୁ ସାମିଲ କରାଯିବା ନିମନ୍ତେ ବିଭାଗ ତତ୍ପରତା ପ୍ରକାଶ କରିବା, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁଦାନ ବିବରଣୀର ଡିଜିଟାଇଜେଶନ ଏବଂ ବିଭିନ୍ନ ସ୍ଥାନକୁ ଯାଉଥିବା ସାଂସ୍କୃତିକ ଦଳର ପ୍ରଦର୍ଶନ ବାବଦରେ ସମ୍ପୃକ୍ତ ସ୍ଥାନର ଦର୍ଶକଙ୍କ ମତାମତ ସଂଗ୍ରହ କରାଯିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ରାଇବଣିଆ ପରି ପ୍ରାଚୀନ ଦୁର୍ଗ ତଥା ଐତିହ୍ୟଗୁଡ଼ିକର ନବୀକରଣ ସାଙ୍ଗକୁ ସେଗୁଡ଼ିକୁ ଅଧିକ ପର୍ଯ୍ୟଟକ ଅନୁକୂଳ ଆକର୍ଷଣୀୟ ସ୍ଥାନ ଭାବେ ଗଢ଼ିତୋଳିବା ଉପରେ ମନ୍ତ୍ରୀ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ ରାମକୃଷ୍ଣ ସାହୁ, ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ ଓ ଲିପ୍‌ସା ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ ଜେନା, ଲଳିତ କଳା ଏକାଡେମୀ ସଚିବ ମନସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୧ା୬(ବ୍ୟୁରୋ):** ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ଜିଲାପାଳଙ୍କ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଲୋଚନା କରିଛନ୍ତି। ସହରାଞ୍ଚଳରେ ଥିବା ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ ଓ ଏହା ସୃଷ୍ଟି ହେଉଥିବା ସ୍ତରରେ ତାହାର ପୃଥକୀକରଣ ଉପରେ ରାଜ୍ୟ ପ୍ରଶାସନ ଗୁରୁତ୍ୱାରୋପ କରିଛି। ଏହି ସମୀକ୍ଷା ବୈଠକରେ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ ବିଭିନ୍ନ ସହରାଞ୍ଚଳରୁ ପ୍ରାପ୍ତ ତଥ୍ୟ ଏବଂ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ନଗର ଅଞ୍ଚଳରେ କମ୍ପୋଷ୍ଟ ପ୍ଲାଣ୍ଟ, ବର୍ଜ୍ୟର ପୁନଃ ଉପଯୋଗିତା ସୁବିଧା ପ୍ଲାଣ୍ଟ, ସାନିଟାରୀ ଲ୍ୟାଣ୍ଡଫିଲ୍ ଏବଂ ନିର୍ମାଣ ବର୍ଜ୍ୟ ପରିଚାଳନା ପାଇଁ ଖାଲୁଆ ସ୍ଥାନ ଚିହ୍ନଟ କରିବା ଲାଗି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଚଳିତ ମାସ ୨୦ ସୁଦ୍ଧା ସ୍ଥାନ ଚିହ୍ନଟ କରି ଜଣାଇବାକୁ ଜିଲାପାଳମାନଙ୍କୁ କୁହାଯାଇଥିଲା। କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପୃଥକୀକରଣରେ ନୂଆପଡା ଓ କୋରାପୁଟ ଜିଲା ଆଗୁଆ ରହିଛି। ଆଗାମୀ ଦିନରେ ସାରା ରାଜ୍ୟରେ ଏହି ବ୍ୟବସ୍ଥାକୁ ୮୦ ପ୍ରତିଶତ ହାସଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ମାସରେ ଅନ୍ୟୂନ ଦୁଇଥର ଏହି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ କରିବାକୁ ପରାମର୍ଶ ଦିଆଯାଇଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ

### ନିଲାମ ଇସ୍ତାହାର

**ବିଜ୍ଞାପନ ସଂଖ୍ୟା: ୧୦୨୮** ତା ୦୪।୦୬।୨୦୧୯

ଏତଦ୍ୱାରା ପାଇକମାଲ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ କାର୍ଯ୍ୟସୂଚୀ ମତେ ବରତୁଣ୍ଡା ଗ୍ରାମପଞ୍ଚାୟତର ସାଧାରଣ ସମ୍ପତ୍ତି ଯଥା– ସାପ୍ତାହିକ ଗୋରୁ ବଜାର ଉପ–ଜିଲ୍ଲାପାଳ, ପତ୍ର ସଂଖ୍ୟା– ୧୯୫୩ ତା୦୪।୦୬।୨୦୧୯ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଓ ମିଆଦ ଅନୁଯାୟୀ ୨୦୧୯–୨୦ ବର୍ଷ ନିମନ୍ତେ ପ୍ରକାଶ୍ୟ ଭାବେ ନିଲାମ କରାଯିବ।
ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ସମ୍ପୃକ୍ତ ନିଲାମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ।

**ନିଲାମ ସର୍ତ୍ତାବଳୀ**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ସମ୍ପୃକ୍ତ ସମ୍ପତ୍ତିରତ ଧାର୍ଯ୍ୟ ମୂଲ୍ୟ ୧/୧୦ (ଏକ ଦଶମାଂଶ) ଟଙ୍କା ଅମାନତ ଆକାରରେ ସମ୍ପୃକ୍ତ ନିଲାମ ଅଧିକାରୀଙ୍କ ଠାରେ ଜମାଦେଇ ନିଲାମ ଡାକରେ ଅଂଶଗ୍ରହଣ କରିପାରିବେ।
୨. ନିଲାମ ଡାକକାରୀ ବ୍ୟକ୍ତି ଗ୍ରାମପଞ୍ଚାୟତର କୌଣସି ଦେରଣ ହୋଇ ନଥିବେ।
୩. ନିଲାମ ଗ୍ରହୀତା ପ୍ରଥମ କିସ୍ତିରେ ଶତକଡ଼ା ୭୫% ଭାଗ ଅର୍ଥ ଜମାଦେବେ ଓ ଦ୍ୱିତୀୟ କିସ୍ତି ଭାଗ ୧୫ ପ୍ରତିଶତ ଭାଗ ଅର୍ଥ ଦ୍ୱିତୀୟ ବର୍ଷ ଆରମ୍ଭରେ ଗ୍ରାମପଞ୍ଚାୟତରେ ପଇଠ କରିବେ। ଅମାନତ ଟଙ୍କା ଶେଷ କିସ୍ତିରେ ଭରଣା କରାଯିବ। ପ୍ରକାଶଥାଉକି ୭୫ ପ୍ରତିଶତ ଭାଗ ଅର୍ଥ ଉପ–ଜିଲ୍ଲାପାଳ, ପଦ୍ମପୁରଙ୍କ ନିଲାମ ଦୃଢ଼ୀକରଣ ୧୫ ଦିନ ପରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଜମାଦେବେ।
୪. କିସ୍ତି ଟଙ୍କା ନିର୍ଦ୍ଧାରିତ ସମୟସୀମା ଭିତରେ ଜମା ନଦେଲେ ଅମାନତ ଟଙ୍କା ବାଜ୍ୟାପ୍ତ ହୋଇ ସାନି ନିଲାମ କରାଯିବ।
୫. ନିଲାମ ଗ୍ରହୀତା ନିୟମାନୁସାରେ ଗ୍ରାମପଞ୍ଚାୟତ ସହିତ ନିଜ ଖର୍ଚ୍ଚରେ ଏଗ୍ରିମେଣ୍ଟ କରାଇବେ।
୬. ନିଲାମ ସମୟରେ ନିଲାମ ଅଧିକାରୀଙ୍କ ନିଷ୍ପତ୍ତି ସର୍ବୋଚ୍ଚ ଭାବେ ଗ୍ରହଣୀୟ ହେବ। କୌଣସି କାରଣ ନ ଦର୍ଶାଇ ନିଲାମ ଅଧିକାରୀ ସର୍ବୋଚ୍ଚ ଡାକକୁ ମଧ୍ୟ ରଦ୍ଦ କରିପାରିବେ କିମ୍ବା ନିଲାମ ମଧ୍ୟ ବନ୍ଦ କରିପାରିବେ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ**

| କ୍ର.ନଂ | ଗ୍ରାମପଞ୍ଚାୟତର ନାମ | ସମ୍ପତ୍ତିର ନାମ | ସରକାରୀ ଧାର୍ଯ୍ୟ ମୂଲ୍ୟ | ସ୍ଥାନ | ତାରିଖ | ସମୟ |
|---|---|---|---|---|---|---|
| ୧ | ବରତୁଣ୍ଡା | ସାପ୍ତାହିକ ଗୋରୁ ବଜାର | ଟ.୫୪,୧୦,୦୦୦/– | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ | ୧୯।୦୬।୨୦୧୯ | ସକାଳ ୧୧ଟା |

## ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.

Utkalika ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦

### ଆଗ୍ରହ ପ୍ରକାଶନ

ତା. : ୧୨ ଜୁନ ୨୦୧୯

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଭୁବନେଶ୍ୱରରେ ସୂଚନା ପ୍ରଯୁକ୍ତି ସମନ୍ୱିତ ପ୍ରଣାଳୀ ର ରୂପରେଖ, ବିକାଶ ଓ ସମନ୍ୱିତ ପରିଚାଳନା ପଦ୍ଧତି ର ପ୍ରୟୋଗ ନିମନ୍ତେ ଜଉମୁଦ ଲଫାପା ପ୍ରଣାଳୀରେ ଇ.ଓ.ଆଇ ଆହ୍ୱାନ କରୁଅଛି।

**ଆଗ୍ରହ ପ୍ରକାଶନ କାର୍ଯ୍ୟକ୍ରମ ସୂଚୀ**

ଇ.ଓ.ଆଇ ପ୍ରକ୍ରିୟା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଓ ଗୁରୁତ୍ୱପୂର୍ଣ୍ଣ ସୂଚନା ନିମ୍ନ ସାରଣୀରେ ପ୍ରଦାନ କରାଗଲା।

| କ୍ର. ସଂ | କାର୍ଯ୍ୟକ୍ରମ | ତାରିଖ ଓ ସମୟ | ସ୍ଥାନ |
|---|---|---|---|
| ୦୧ | ନିଲାମ ପ୍ରକାଶନ ର ତାରିଖ | ୧୨/୦୬/୧୯ | ୱେବସାଇଟ |
| ୦୨ | ନିଲାମ ଦାଖଲର ଶେଷ ତାରିଖ | ୨୭/୦୬/୧୯, ଅପରାହ୍ନ ୫ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୩ | ସାଧାରଣ ନିଲାମ ଖୋଲାଯିବାର ସମୟ | ୨୮/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୪ | ବୈଷୟିକ ନିଲାମ ଖୋଲାଯିବାର ସମୟ | ୨୯/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୫ | ଆର୍ଥିକ ନିଲାମ ଖୋଲାଯିବାର ସମୟ | ୩୦/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |

ଇ.ଓ.ଆଇ ଫର୍ମ ଓ ଅନ୍ୟାନ୍ୟ ବିବରଣୀ / ସୂଚନା ୱେବସାଇଟ : www.utkalikaodisha.in ରେ ଉପଲବ୍ଧ ଅଟେ। ଇ.ଓ.ଆଇ ନଥିର ମୂଲ୍ୟ ଟ.୨୦୦୦/– ର Draft ଯାହାକି Odisha State Co-operative Handicrafts Corporation Ltd. ଙ୍କ ନାମରେ ଦେୟ ହୋଇଥିବା ଜରୁରୀ ଯାହା ସାଧାରଣ ଇ.ଓ.ଆଇ ସହିତ ମୁଖ୍ୟ କାର୍ଯ୍ୟାଳୟ ରେ ଶେଷ ତାରିଖ ସୁଦ୍ଧା ଦାଖଲ କରାଯିବ। ନଥି ମୂଲ୍ୟର Draft ବିନା ଇ.ଓ.ଆଇ ଗ୍ରହଣୀୟ ହେବ ନାହିଁ। ଜଉମୁଦ ଇ.ଓ.ଆଇ ଦାଖଲର ଶେଷ ତାରିଖ ସୁଦ୍ଧା ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ., ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି ଙ୍କ ଠାରେ ସ୍ପିଡପୋଷ୍ଟ / ରେଜିଷ୍ଟ୍ରି ପୋଷ୍ଟ / କୋରିୟର ମାଧ୍ୟମରେ କିମ୍ବା ଟେଣ୍ଡର ବାକ୍ସ ରେ ଦାଖଲ କରାଯିବା ଆବଶ୍ୟକ। ଏହି ବିଜ୍ଞପ୍ତିକୁ ନାକଚ ତଥା ଅସ୍ୱୀକୃତି କରିବାର ସମସ୍ତ ଅଧିକାର ଅଧିକାରୀଙ୍କ ପରିସର ଭୁକ୍ତ ଅଟେ।

ସ୍ୱା/–
ପରିଚାଳନା ନିର୍ଦ୍ଦେଶକ

## idco | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. HO/CIVIL/T&E-E-4277/04/2019/9970 Date: 06.06.2019

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work : Construction of 500KVA, 11/0.4KV Plinth Mounted Substation and 11KV O.H. line for power supply arrangement to new office building of OREDA at Mancheswar I.E. Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM(Civil), IDCO, IDCO Towers, Janpath, Bhubaneswar | Bid ID. No. CIVIL/EST/01/2019-20 | 12.00 Hours of dt. 13.06.2019 | 17.00 Hours of dt. 25.06.2019 |

Further details can be seen from the e-procurement portal. **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd/-
Chief General Manager (Civil)
IDCO, Bhubaneswar

## idco | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

File No. HO/FIN/E-3109/2018/10193 Date: 11.06.2019

REQUEST FOR PROPOSALS (RFP) FOR ENGAGEMENT OF MANPOWER SERVICE PROVIDERS FOR ENGAGEMENT OF ACCOUNTS PERSONNEL WITH INTER CA/INTER CWA.

Sealed Request for Proposals (RFP) are invited from reputed Manpower Service Providers / Agencies to provide services of the Accounts personnel with inter CA/Inter CWA on contract basis to IDCO for a period of One year.

The last date of submission of RFP documents is **05.07.2019 up at 13.00 Hrs.** and will be opened on the same date at **15.30 Hrs.** The RFP documents shall be submitted to the undersigned by Regd. Post/Speed Post only. The Corporation is not responsible for any postal delay.

The RFP documents for the above purpose can be downloaded from our website **www.idco.in.**

The Competent Authority of IDCO reserves the right to reject any or all bids without assigning any reason thereof.

Sd/-
Chief General Manager (P&A)

## ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ – ୭୫୭୦୦୧
Tel.: 06792-252703, Website: www.baripadamunicipality.in, e-mail: baripadam.hud@nic.in

ପତ୍ର ସଂଖ୍ୟା: 5032/ଟ୍ୟାକ୍ସ ତା୧୦।୦୬।୧୯ରିଖ

### ନିଲାମ ଇସ୍ତାହାର

No.: 24-C: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡ଼ିକ ତା୦୧।୦୭।୨୦୧୯ରିଖଠାରୁ ତା୩୦।୦୬।୨୦୨୦ରିଖ ପର୍ଯ୍ୟନ୍ତ (ଏକବର୍ଷ ପାଇଁ) ଏବଂ ଅନ୍ୟ ନିମ୍ନରେ ଦର୍ଶାଯାଇଥିବା କେତେଗୋଟି ସୈରାତ ଉତ୍ସ ତା୦୧।୦୭।୨୦୧୯ରିଖ ଠାରୁ ତା୩୦।୦୬।୨୦୨୨ରିଖ (୩ ବର୍ଷ ପାଇଁ) ଜଉମୁଦ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି। ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୧୯।୦୬।୨୦୧୯ରିଖ ଦିବା ୩ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ନିବିଦାଦ୍‌ଗୁଡ଼ିକ ସେହିଦିନ ଅର୍ଥାତ୍ ତା୧୯।୦୬।୨୦୧୯ରିଖ ଦିବା ୪ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ଯଦି ଉକ୍ତ ଦିବସରେ କୌଣସି ସୈରାତ ସ୍ଥିରୀକୃତ ହୋଇ ନ ପାରିବ, ତେବେ ଦ୍ୱିତୀୟ ପର୍ଯ୍ୟାୟ ତା୨୨।୦୬।୨୦୧୯ରିଖ ଓ ତୃତୀୟ ପର୍ଯ୍ୟାୟରେ ତା୨୬।୦୬।୨୦୧୯ରିଖ ନିବିଦା କାଗଜ (Quotation Paper) କିଣି ଦିବା ୩ଘଟିକା ସୁଦ୍ଧା ଆବେଦନ କରିପାରିବେ ଓ ତାହା ଉକ୍ତ ଦିନ ଦିବା ୪ ଘଟିକା ସମୟରେ ନିବିଦାକାରୀ ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ସବିଶେଷ ବିବରଣୀ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ଦିବସମାନଙ୍କରେ ବୁଝିପାରିବେ।

| Sl. No. | Name of the Sairat | Period | Upset Price | S.D. Money | Cost of Quotation Paper |
|---|---|---|---|---|---|
| **SPACE (Lease Terms 1 Year)** | | | | | |
| 1 | Market Cycle Stand | 01.07.2019 to 30.06.2020 | 23,393.00 | 2339.00 | 200.00 |
| 2 | K.M.B.M. Cycle Stand | 01.07.2019 to 30.06.2020 | 11,898.00 | 1190.00 | 100.00 |
| 3 | Day & Night Kacheri Market Cycle & other vehicle stand | 01.07.2019 to 30.06.2020 | 1,66,100.00 | 16,610.00 | 500.00 |
| 4 | Baripada Market & other places (except Ward No.-13 & 20(P) | 01.07.2019 to 30.06.2020 | 27,18,936.00 | 2,71,894.00 | 1500.00 |
| 5 | Biju Pattanaik Park Canteen | 01.07.2019 to 30.06.2020 | 57,279.00 | 5728.00 | 500.00 |
| 6 | Station Bazar Daily Market (Ward No.13 & 20(P) | 01.07.2019 to 30.06.2020 | 8,03,000.00 | 80,300.00 | 1000.00 |
| 7 | Carts & Carriage with Dog Licence | 01.07.2019 to 30.06.2020 | 59,126.00 | 5,913.00 | 500.00 |
| 8 | Triangular place at K.M.B.M. Road | 01.07.2019 to 30.06.2020 | 7,70,000.00 | 77,000.00 | 1000.00 |
| 9 | Bus-Stand Parking | 01.07.2019 to 30.06.2020 | 3,87,189.00 | 38,719.00 | 1200.00 |
| **PONDS (Lease Terms 3 years)** | | | | | |
| 10 | Chapel Tank | 01.07.2019 to 30.06.2022 | 95,040.00 | 9504.00 | 700.00 |
| 11 | Stationbandha | 01.07.2019 to 30.06.2022 | 2,56,300.00 | 25,630.00 | 1000.00 |
| 12 | Badapokhari | 01.07.2019 to 30.06.2022 | 2,16,038.00 | 21,604.00 | 1000.00 |
| 13 | Ghodasal Bandha | 01.07.2019 to 30.06.2022 | 80,300.00 | 8030.00 | 700.00 |

ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ।

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ।
୨. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବନାହିଁ।
୩. ନିବିଦା ସହିତ ଆବଶ୍ୟକୀୟ S.D. Money (ଅମାନତ ଟଙ୍କା) "Bankers Check or D.D. in favour of the Executive Officer, Baripada Municipality, Baripada, payable at ବାରିପଦା" ଜରିଆରେ ଦାଖଲ କରିବେ।
୪. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ଏକ ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଗୃହ ଟିକସ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟେକ୍ସ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବ ନାହିଁ।
୫. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟର ସୂଚନା ପ୍ରାପ୍ତିର ୩(ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ।
୬. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୭ (ସାତ) ଦିନ ମଧ୍ୟରେ କରିବେ।
୭. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଦରଖାସ୍ତ ମାଧ୍ୟମରେ ଅମାନତ ଟଙ୍କାର ମୂଳ ରସିଦ ଦର୍ଶାଇ ଫେରସ୍ତ ନେଇପାରିବେ।
୮. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ।
୯. ସାଧାରଣ ନିର୍ବାଚନ – ୨୦୧୯ର ଆଚରଣବିଧିକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ସୈରାତ ଉତ୍ସଗୁଡ଼ିକ ଆଗାମୀ ତିନି ମାସ ସମୟସୀମା ସମ୍ପ୍ରସାରଣ କରି ନିଲାମଧାରୀଙ୍କୁ କାର୍ଯ୍ୟାଳୟ ନୋଟିସ୍ ମାଧ୍ୟମରେ ଧାର୍ଯ୍ୟ ହୋଇଥିବା ନିଲାମ ଦର ଜମା କରିବା ଆଦେଶ ଦିଆଯାଇଥିବା ସତ୍ତ୍ୱେ ଯେଉଁମାନେ ନିଲାମ ଦର ଜମା କରିନାହାନ୍ତି, ସେମାନେ ଏହି ନିଲାମରେ ଭାଗ ନେଇପାରିବେ ନାହିଁ।

13078/11/0001/1920

**ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାରିପଦା ପୌରପରିଷଦ**

## STATE POLLUTION CONTROL BOARD, ODISHA

ODISHA
**(Department of Forest & Environment, Govt. of Odisha)**
**Paribesh Bhawan, A/118, Nilakanthanagar, Unit - VIII, Bhubaneswar - 751012**
**Tel.: 0674-2564033, Fax: 0674-2564033/2564573, EPABX: 2561909/2562847**
**e-mail: paribesh1@ospcboard.org**
**Website: www.ospcboard.org**

**No.: 5521/Ind-II-Misc-1725** **Date: 10.06.19**

### INVITATION FOR EXPRESSION OF INTEREST (EoI) FOR SOURCE APPORTIONMENT AND EMISSION INVENTORY STUDY FOR ANGUL, TALCHER-ROURKELA CITY AND CUTTACK-BHUBANESWAR-BALASORE CITY IN ODISHA

1. The Odisha State Pollution Control Board (OSPCB) intends to engage educational and research institutions of National and International repute, to carry out Source Apportionment and Emission Inventory study for i. Angul, Talcher and Rourkela and ii. Cuttack, Bhubaneswar & Balasore city and prepare strategy for cost effective measures for abatement of air pollution in these areas. The study will be two separate assignments for a period of one and half years.
2. Reputed educational and research institutions, recognized by the State and Central Government, are requested to submit Expression of Interest (EoI) for carrying out the proposed study for the sites. The EoI shall indicate their interest in carrying out source apportionment and emission inventory study and prescribing cost effective measures for abatement of air pollution in the above areas. *The institutions man submit their EoI for any one study or for both the studies separately.*
3. The interested institutions may submit the Expression of Interest (EoI) by providing required information as per the **prescribed format**, which is downloadable from the website: **www.ospcboard.org (In advertisement page under Tender & Advertisement tab)** of OSPCB.
4. The EoI, filled in as per the prescribed format and supported with relevant documents, must reach the Office of Member Secretary, State Pollution Control Board, Odisha, Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012 on or before 10.07.2019, 5.00 P.M. The envelope must be clearly superscripted as **"EXPRESSION OF INTEREST FOR SOURCE APPORTIONMENT AND EMISSION INVENTORY STUDY FOR ANGUL, TALCHER-ROURKELA CITY AND CUTTACK-BHUBANESWAR-BALASORE CITY IN ODISHA"**.
5. The EoI can be submitted through Registered Post/Speed Post. The OSPCB shall not be held responsible for any postal delay for non-receipt of EoI within scheduled date and time.
6. Interested institutions are advised to visit the site before submission of EoI. Once EoI received; it will be presumed that the institute has visited the site and collected relevant information for submission of his EoI.
7. The SPCB reserves the right to reject any or all EoIs without assigning any reason thereof.

**Sd./- Member Secretary**
**State Pollution Control Board, Odisha**

## OFFICE OF THE VYASANAGAR MUNICIPALITY VYASANAGAR, JAJPUR

**No. 1190//** **Dated: 10.06.2019**

### EXPRESSION OF INTEREST

1. The Executive Officer Vyasanagar Municipality invites sealed quotations from registered reputed service providers/ manpower outsourcing agencies to provide the service different category of manpowers to Vyasanagar Municipality for a period of one year w.e.f Dt 01.07.2019 to 30.06.2020 on contract basis for day to day official work.
2. Bid Documents consisting of specification, scope of work and the set of Terms & Conditions of Contract and other necessary documents can be seen in the Office of the Undersign during Office Hour on all working days.
3. The Bid documents can be purchased from the Municipal office against a non-refundable fee of Rs. 2000/- towards cost of Bid documents in shape of DD/ Bankers Cheque issued from any Nationalized/ Scheduled Bank payable at Jajpur Road in favour of the Executive Officer, Vyasanagar Municipality.
4. Bids must accompany with EMD of Rs. 10,000/- in shape of DD/ Pay order/ Bankers Cheque from any Nationalized Bank/ Scheduled Bank in favour of the Executive Officer, Vyasanagar Municipality.
5. The sale of Bid Documents shall start from dt. 18.06.2019 and close on dt.24.06.2019 at 5.00 PM during office hours. Bids shall be received in the tender box during office hours up to 1.00 PM of dt. 25.06.2019.
6. The Bids will be opened at 3.30 PM on dt. 25.06.2019 in presence of the Bidders who wish to attend.
7. The undersigned reserves the right to accept / reject any part thereof or all the Bids without assigning any reason thereof.
8. Supply order will be placed as per requirement of different categories of personnel.

**Sd./- Executive Officer**
**Vyasanagar Municipality**

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

### ବିଜ୍ଞାପନ

ବରଗଡ଼ ଜିଲ୍ଲା ଅଧୀନରେ **୨୦୧୦–୧୧**ବର୍ଷ ପାଇଁ **୦୯**ଗୋଟି ଚୁକ୍ତିଭିତ୍ତିକ ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ **ସୂଚନା)**

ତା: **୧୨।୧୦।୨୦୧୩**ଦିନ ଓଡ଼ିଆ ଦୈନିକ ଖବରକାଗଜ ସମ୍ବାଦ ଓ ସମାଜରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ବରଗଡ଼ ଜିଲ୍ଲାରେ **୦୯**ଗୋଟି ଚୁକ୍ତି ଭିତ୍ତିକ ପ୍ରାଣୀଧନ ନିରୀକ୍ଷକ ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ପଦବୀ ସମ୍ପର୍କିତ ପ୍ରାଥମିକ ଚିଠା ସୂଚୀ (**Common Draft List**) ଏନ୍.ଆଇ.ସି. ବରଗଡ଼ ୱେବସାଇଟ୍‌ରେ ତା:୧୧।୦୬।୨୦୧୯ସୁଦ୍ଧା ଅପ୍‌ଲୋଡ କରାଯାଇଅଛି। ଏଣୁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଯଦି ଆବେଦନ ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ଆବେଦନପତ୍ରରେ ଯଦି କୌଣସି ଦସ୍ତାବେଜ ସଂଲଗ୍ନ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ସମୟ ସୀମା ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼ଠାରେ ଲିଖିତ ଭାବରେ ଦାଖଲ କରିବାକୁ ଅନୁରୋଧ। ସୂଚନାଥାଉ କି, ନିର୍ଦ୍ଧାରିତ ସମୟ ସୀମା ଅତିକ୍ରାନ୍ତେ କୌଣସି ଅଭିଯୋଗ କିମ୍ବା ନଥିପତ୍ର ଗ୍ରହଣ କରାଯିବ ନାହିଁ।

**ଅଭିଯୋଗ ଗ୍ରହଣର ଶେଷ ତାରିଖ ତା:୧୮।୦୬।୨୦୧୯ଅପରାହ୍ନ ୫ଟା ପର୍ଯ୍ୟନ୍ତ।**

**ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼**

## ODISHA SPACE APPLICATIONS CENTRE (ORSAC)

**(Dept. of Science & Technology, Govt. of Odisha, Bhubaneswar)**

**NOTICE No. 09 / 2019**

No. CAD-88:- Applications are invited from Qualified, Experienced and Competent Indian Citizens, having a minimum experience of three years, in IT Industry / Production environment, in Design, Development, Commissioning, Operation, Maintenance and Supervision of Enterprise Class Web- Enabled Geo-informatics / GIS Applications in the following Domain Specialities i.e.

1. Unix / Linux Server & Network Admin
2. Database and Spatial Database Admin
3. Open Source GIS Server & Web-GIS Admin
4. Web & Mobile GIS Application Developer

For details refer to :- http://www.orsac.gov.in "All Advertisement" section of www.odisha.gov.in and www.naukri.com .

28007/11/0004/1920 Chief Executive

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧**
**ପତ୍ର ସଂଖ୍ୟା: ୧୩୬୧୫/ଭୁ.ଉ.କ., ଭୁବନେଶ୍ୱର ତା୩୦।୦୫।୨୦୧୯ରିଖ**
**SRC - 638/88**

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍–୨ ଜମି ପ୍ରକଳ୍ପର ପ୍ଲଟ୍ ନଂ. ଡ–5/3ରେକୁ ଶ୍ରୀମତୀ ସଙ୍ଘମିତ୍ରା ମହାନ୍ତି, ସ୍ୱାମୀ–ବାସୁଦେବ ମହାନ୍ତି, ଗ୍ରାମ/ପୋଅ/ଥାନା/ଜିଲ୍ଲା–ଜଗତ୍‌ସିଂହପୁର, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସଙ୍ଘମିତ୍ରା ମହାନ୍ତି ଉକ୍ତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଦୀପ୍ତିମୟୀ ଧଳ, ସ୍ୱାମୀ–ମାନସ ରଞ୍ଜନ ଧଳ, ଫ୍ଲାଟ୍ ନଂ.ଏକ୍ସ–୧, ଫ୍ଲୋର ନଂ.୬, ମେଟ୍ରୋ ଗାର୍ଡେନ୍ ଇଷ୍ଟେଟ, ହଜରୀ ଲେନ୍,ପୋଅ–ତେଲେଙ୍ଗା ବଜାର, ଥାନା–ପୁରୀଘାଟ, ଜିଲ୍ଲା–କଟକ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର(୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୧**

## Odisha Lift Irrigation Corporation Ltd.

**(A Govt. of Odisha Undertaking)**
**OFFICE OF THE EXECUTIVE ENGINEER**
**L.I.DIVISION, BARGARH** No.CAD-89
**E-Procurement Notice-01/ 2019-20**
**E-mail- eeolicbgh@gmail.com, Ph-** 06646-246126

**No.** **Dated :**

| | | | |
|---|---|---|---|
| 1. | Name of the tender inviting Officer | : | Executive Engineer, L.I. Division, Bargarh |
| 2. | Name of the work | : | Power supply, Installation of pump sets and energisation of 15 Nos. River Lift Projects in different Blocks of Bargarh District |
| 3. | No. of Packages | : | 15 Nos. |
| 4. | Tender Amount | : | Varies from 20.40 lakhs to 55.90 Lakhs |
| 5. | Date and time of availability of bid documents in the portal for online bidding | : | from 10.00 hrs dated: 18.06.2019 to 17.00 hrs dated 22.06.2019. |
| 6. | Last date and time of receipt of bids in the portal up to | : | 17.00hrs. Dated : 22.06.2019. |
| 7. | Last date and time of clarification up to | : | 17.00hrs. Dated:20.06.2019 |
| 8. | Date and time of submission of bid documents (hard copies) on dated | : | 17.00hrs. Dated-24.06.2019 from 10.00hrs to 17.00hrs. |
| 9. | Date of opening of technical bid (cover-1) | : | at 11.00hrs. Dated-25.06.2019 |
| 10. | Date of opening of financial bid (cover-2) will be informed after evaluation of technical bids. | | |
| 11. | Further details can be seen from the e-procurement portal of Govt. of Odisha i.e. www.tendersorissa.gov.in. | | |
| 12. | Subsequent corrigendum / addendum if required shall be available in the above portal. | | |

Sd./- Executive Engineer
LI Division, Bargarh

32277/11/0001/1920

# ଚିନାବାଦାମ ଚାଷ ପାଇଁ...



ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ।
– ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)।
– ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଭଲ।
– ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ।
– ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ।
– ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ।

# ନଳିତା ଚାଷ

ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ।
– ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଏବଂ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ।
–ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
– ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
– ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।



# ଧାନର ଚେରଗଣ୍ଠି ସୂତ୍ରକୃମିଜନିତ ରୋଗର ପ୍ରତିକାର



ମୁକେଶ କୁମାର ପାତ୍ର

ଧାନ ଆମ ରାଜ୍ୟର ଏକ ମୁଖ୍ୟ ଫସଲ ହେଲେ ମଧ୍ୟ ଚାଷୀ ଭାଇମାନେ ତା'ର ଚାଷ ପ୍ରଣାଳୀ ଓ ରୋଗ ପୋକ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେଇ ନ ଥାନ୍ତି। ଫଳରେ ଧାନ ଫସଲରୁ ଆଶାନୁରୂପ ଅମଳ ମିଳି ନ ଥାଏ। ଯେତେ ରୋଗ, ପୋକ ସବୁ ଧାନ ଫସଲକୁ ଆକ୍ରାନ୍ତ କରେ ତା' ମଧ୍ୟରୁ ଚେରଗଣ୍ଠି ନିମାଗୋଡ ବା ସୂତ୍ରକୃମି ଅନ୍ୟତମ। ଆମ ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲାର ଢିପ ଓ ମଧ୍ୟମ ଧରଣର ଜମିରେ ଏହି ଚେରଗଣ୍ଠି ସୂତ୍ର କୃମିର ପ୍ରାଦୁର୍ଭାବ ଦେଖାଯାଏ। ମରୁଡି ହେଉଥିବା ବର୍ଷରେ ଏହି ସୂତ୍ରକୃମିଜନିତ କ୍ଷତିର ପରିମାଣ ଅଧିକ ହେଉଥିବାର ଅନୁମାନ କରାଯାଉଛି। ଉଚ୍ଚ ତଥା ମଧ୍ୟମ କିସମ ଅଣଜଳସେଚିତ ଜମିର ବାଲିଆ ଦୋରସା ମାଟି ଏମାନଙ୍କ ବଂଶ ବିସ୍ତାର ପାଇଁ ବେଶ୍ ଉପଯୁକ୍ତ।

ଏହି ପ୍ରକାର ସୂତ୍ରକୃମିର ଶାବକମାନେ ଅସଂଖ୍ୟ ପରିମାଣରେ ମାଟିରେ ରହି ଧାନ ତଳିଚେରରେ ପ୍ରବେଶ କରି ଚେରରୁ ରସଶୋଷି ଖାଆନ୍ତି ଏବଂ ସେହି ଚେରରେ ରହି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୁଅନ୍ତି। ଫଳରେ ଚେରରେ ଅନେକ ଛୋଟ ଛୋଟ ଗଣ୍ଠି ସୃଷ୍ଟି ହୁଏ ଏବଂ ତଳିଘେରାରେ ଧାନଚାରାଗୁଡିକ ଠିକ୍ ଭାବେ ବଢିପାରନ୍ତି ନାହିଁ। ଚେରଗୁଡିକ ମୋଟା ତଥା ଗୋଦରା ହୋଇଯାଆନ୍ତି । ଆକ୍ରାନ୍ତ ଚାରାଗୁଡିକ ଥୁଣ୍ଟା ଓ ହଳଦିଆ ପଡିଯାଆନ୍ତି। ଆକ୍ରାନ୍ତ ଚେରଗୁଡିକ ମାଟିରୁ ଖାଦ୍ୟସାର ଗଛକୁ ଯୋଗାଇପାରନ୍ତି ନାହିଁ। ଫଳରେ ଫସଲରେ ପିଲ ସଂଖ୍ୟା କମ୍ ହୁଏ, କେଣ୍ଡା ସହଳ ଆସେ, କେଣ୍ଡାଗୁଡିକ ଛୋଟ ଛୋଟ ହୁଏ ଏବଂ ଅମଳ ପ୍ରାୟ ଶତକଡା ୧୫ ପ୍ରତିଶତ କମିଯାଏ ।

କରିଦେଲେ ମାଟିରେ ଥିବା ସୂତ୍ରକୃମିମାନେ ମରିଯାନ୍ତି।
–ମୁଖ୍ୟ ଜମିରେ ସୂତ୍ରକୃମି ସଂଖ୍ୟା ବହୁତ ଥିଲେ ଧାନ ବୁଣିବାର ୧୦ ଦିନ ପରେ ଫୁରାଡନ୍ ଔଷଧକୁ ଏକର ପିଛା ୧୨ କି.ଗ୍ରା ହିସାବରେ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ଦାନାଦାର ଔଷଧକୁ ଏକର ପିଛା ୧୦ କି.ଗ୍ରା ହିସାବରେ ପ୍ରୟୋଗ କଲେ ସୂତ୍ରକୃମି ଆକ୍ରମଣରୁ ଧାନଗଛକୁ ରକ୍ଷା କରାଯାଇପାରିବ।

**ମଧ୍ୟମ ଧରଣର ଜମିରେ ପ୍ରତିକାର :**
– ଏଠାରେ ମୁଖ୍ୟତଃ ତଳିଘେରାରେ ଧାନ ଗଛ ୧ ମାସ ପର୍ଯ୍ୟନ୍ତ ରହୁଥିବାରୁ ତଳିଘେରାକୁ ସୂତ୍ରକୃମି ସଂକ୍ରମଣରୁ ମୁକ୍ତ ରଖିପାରିଲେ ମୁଖ୍ୟଜମିରେ ଗଛରେ ବିଶେଷ କ୍ଷତି ହୁଏ ନାହିଁ ।

ତଳିଘେରାରେ ଧାନ ବିହନ ବୁଣିବା ଆଗରୁ ପ୍ରତିକାର: –ଧାନ ବିହନ ବୁଣିବାର ଯଥେଷ୍ଟ ଆଗରୁ ମାଟିକୁ ଭଲଭାବରେ ହଳକରି ସାମାନ୍ୟ ବତର ଥିବା ଅବସ୍ଥାରେ ଧଳା ପଲିଥିନ ଚାଦର ଦ୍ୱାରା ଆଚ୍ଛାଦନ କରି ଅତି କମ୍‌ରେ ପାଖାପାଖି ୧୫ ଦିନ ରଖିଲେ ମାଟିରେ ଥିବା ସୂତ୍ରକୃମିଙ୍କର ବଂଶ ଲୋପ ପାଇଥାଏ।
– ଧାନ ବିହନ ବୁଣିବାର ୧୫ ଦିନ ଆଗରୁ ତଳି ଘେରା ମାଟିରେ ବର୍ଗ ମିଟର ପ୍ରତି ୧୦୦ ଗ୍ରାମ ହିସାବରେ ନିମପିଡିଆ କିମ୍ବା ଜୈବିକ କୀଟନାଶକ ସିଉଡୋମୋନାସ୍ ବର୍ଗମିଟର ପ୍ରତି ୨୦ ଗ୍ରାମ ହିସାବରେ ମିଶାଇ ଦେଲେ ମାଟିରେ ଥିବା ସୂତ୍ରକୃମି ମରିଯାଆନ୍ତି ଓ ତଳଚାରା ଚେରରେ ଗଣ୍ଠି ସୃଷ୍ଟି ହୁଏ ନାହିଁ ।

**ବୁଣିବା ସମୟରେ ବିହନ ବିଶୋଧନ:** ତଳିପାଇଁ ଧାନ ବିହନ ବୁଣିବା ବେଳେ ଏହାକୁ କାର୍ବୋସଲଫାନ ଶତକଡା ୦.୧ ଭାଗ (୧ଲିଟର ପାଣିରେ ୧ ମିଲି ହିସାବରେ) ଦ୍ରବଣରେ ୧୨ ଘଣ୍ଟା ପର୍ଯ୍ୟନ୍ତ ଭିଜାନ୍ତୁ। ଏହା ପରେ ତଳି ଘେରା ପ୍ରସ୍ତୁତ କରନ୍ତୁ।

**ବିହନ ବୁଣିସାରିବା ପରେ ପ୍ରତିକାର :** ତଳିଘେରାରେ ଧାନ ବିହନ ବୁଣିବାର ୮/୧୦ ଦିନ ମଧ୍ୟରେ କାର୍ବୋଫ୍ୟୁରାନ ବା କାଲ୍‌ଡାନ ଦାନାଦାର ବର୍ଗମିଟର ପ୍ରତି ୧ରୁ ୧୦ ଗ୍ରାମ ହିସାବରେ ପ୍ରୟୋଗ କଲେ ତଳିର ଚେରରେ ସୂତ୍ରକୃମିଜନିତ ଗଣ୍ଠି ସୃଷ୍ଟି ହୁଏ ନାହିଁ ।

ଉପରୋକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ



ତେଣୁ ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ତଳିଘେରା ପ୍ରସ୍ତୁତି ସମୟର ହିଁ ସତର୍କ ହେବାକୁ ପଡିବ । ଯାହା ଫଳରେ ପ୍ରଥମ ଅବସ୍ଥାରୁ ଧାନ ଚାରା ସୁସ୍ଥ ଭାବରେ ବଢିପାରିବ । ଦରକାର ହେଲେ ଧାନ ବୁଣିବା ପରେ ମଧ୍ୟ ପ୍ରତିକାର କରାଯାଇପାରିବ ।

**ପ୍ରତିକାର ବ୍ୟବସ୍ଥା: ଢିପ ଜମିରେ ପ୍ରତିକାର :**–ମୁଖ୍ୟଜମିକୁ ଖରାଦିନେ ଭଲଭାବରେ ୨/୩ ଓଡ଼ ଚାଷ କରିବା ସହ ଯଦି ମୁଖ୍ୟ ଜମିରେ ଫସଲ ପର୍ଯ୍ୟାୟରେ ଧାନପରେ ଚିନାବାଦମ, ବିରି, ନଳିତା ଆଦି ଫସଲ ଚାଷ ଅନ୍ତର୍ଭୁକ୍ତ କରାଯାଏ ତେବେ ଏହି ରୋଗ ସମସ୍ୟା ପରିବର୍ତ୍ତୀ ଧାନଚାଷରେ ପ୍ରାୟ ହୁଏ ନାହିଁ । ଏହା ସହିତ ଉପଯୁକ୍ତ ଖତସାର ପ୍ରୟୋଗ, ଅନ୍ତଃଚାଷ, ମିଶ୍ରିତ ଚାଷ ଇଦ୍ୟାଦି କରିବା ଆବଶ୍ୟକ ।

–ସୂତ୍ରକୃମି ବିଭାଗ
କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର

# ପରିବେଶ ସୁରକ୍ଷାରେ କୃଷି ବନୀକରଣ



ଗୟାଧର ଶିଅଳ





ଆମ ଚତୁଃପାର୍ଶ୍ୱରେ ଘେରି ରହିଥିବା ବାୟୁମଣ୍ଡଳ, ବାରିମଣ୍ଡଳ, ଜୀବମଣ୍ଡଳ, ସ୍ଥଳମଣ୍ଡଳକୁ ଆମେ ପରିବେଶ ବୋଲି କହିଥାଉ। ଏଥିରେ ପ୍ରକୃତି ଓ ସୌନ୍ଦର୍ଯ୍ୟ ଭରି ରହିଥିବା ସହ ଏହା ଆମ ଜୀବନ ଜୀବିକାର ଉତ୍ସ। ଆମେ ବ୍ୟବହାର କରୁଥିବା ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ପରିବେଶ ହିଁ ଯୋଗାଇଥାଏ। ଜୀବନ ଧାରଣ ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଥିବା ପଦାର୍ଥ ଯଥା ଖାଦ୍ୟ, ପାନୀୟ, ବାୟୁ, ବସ୍ତ୍ର, ମୃତ୍ତିକା, କୃଷି ବନୀକରଣ ଆଦି ଯୋଗାଇ ପରିପୁଷ୍ଟ କରୁଥିବା ଜୀବମଣ୍ଡଳର ଅନ୍ୟତମ ମୁଖ୍ୟ ଅଂଶ ହେଉଛି ପରିବେଶ। କିନ୍ତୁ ଆମେ ବିଭିନ୍ନ କ୍ଷେତ୍ରରୁ ନିର୍ଗତ ବର୍ଜ୍ୟବସ୍ତୁଗୁଡିକୁ ସେହି ପରିବେଶରେ ହିଁ ଛାଡ଼ି ଦେଉ ଓ ଏହାକୁ ଏକ ଡଷ୍ଟବିନ ଭାବରେ ବ୍ୟବହାର କରୁ। ଯିଏ ଆମକୁ ସୁରକ୍ଷା ଦେଉଛି, ଆମେ ତାକୁ ସୁରକ୍ଷିତ ରଖିବାରେ ଅବହେଳା କରୁଛୁ।

**ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ:** ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି, ବିଶ୍ୱର ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ। ଉନ୍ନତି ତଥା ପ୍ରଗତି ନାମରେ ମଣିଷ ଆଜି ନିଜ ପାଇଁ ନିଜେ ଶତ୍ରୁ ପାଲଟିଛି। ପ୍ରତ୍ୟେକ ବ୍ୟକ୍ତି ପରିବେଶକୁ କିଛି ନା କିଛି ଆଘାତ ଦେଉଛନ୍ତି ଓ ଏହା ଦ୍ୱାରା ସେ ଅନ୍ୟର ସୁସ୍ଥ ଜୀବନର ଅଧିକାର ପ୍ରତି ବାଧା ସୃଷ୍ଟି କରୁଛନ୍ତି। ଜଗତୀକରଣ, ଶିଳ୍ପାୟନ ଓ ଅତ୍ୟନ୍ତ ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ନିର୍ବାହ ଲାଳସା ହେତୁ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି।

ଉଦାହରଣ ସ୍ୱରୂପ ଅଳ୍ପ ସମୟ ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟାତ କରିବା ପାଇଁ ଯେଉଁ ଯାନବାହନରେ ଯାଉଛେ, ସେଥିରେ ବିପୁଳ ପରିମାଣରେ ଜୀବାଶ୍ମ ଇନ୍ଧନ ବ୍ୟବହାର ଫଳରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ହେଉଛି। ଆରାମଦାୟକ ଜୀବନଶୈଳୀ ପାଇଁ ରେଫ୍ରିଜରେଟରର ବହୁଳ ବ୍ୟବହାର ହେତୁ କ୍ଲୋରୋଫ୍ଲୋରୋକାର୍ବନ ବାୟୁମଣ୍ଡଳରେ ମିଶୁଛି। ବିଷାକ୍ତ କୀଟନାଶକ ଏବଂ ରାସାୟନିକ ସାରର ବହୁଳ ବ୍ୟବହାର ଦ୍ୱାରା ଜୀବଜଗତ ବିପଦଗ୍ରସ୍ତ ହେଉଛନ୍ତି ବିକାଶ ନାମରେ ମଣିଷ ଜଙ୍ଗଲ ସଫା କରି ରାସ୍ତାଘାଟ, ନଦୀବନ୍ଧ, କଳକାରଖାନା ଆଦି ନିର୍ମାଣ କରୁଛି। ଜଙ୍ଗଲ ନଷ୍ଟଦ୍ୱାରା ଭୂପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଉଛି।

**ପ୍ରଦୂଷଣ ପ୍ରକାରଭେଦ ଓ ପ୍ରଭାବ :** ଯେଉଁ କ୍ଷତିକାରକ ଉତ୍ପାଦନ ଦ୍ୱାରା ବାୟୁ, ଜଳ, ମୃତ୍ତିକା ଆଦି ପ୍ରଦୂଷିତ ହୋଇଥାଏ ତାକୁ ପ୍ରଦୂଷକ କୁହାଯାଏ। ବିଭିନ୍ନ ପ୍ରକାରର ପ୍ରଦୂଷଣର ନାମ ହେଲା: – ବାୟୁ ପ୍ରଦୂଷଣ, –ଜଳ ପ୍ରଦୂଷଣ, – ମୃତ୍ତିକା ପ୍ରଦୂଷଣ, – ଶବ୍ଦ ପ୍ରଦୂଷଣ ଓ – ପ୍ଲାଷ୍ଟିକ ପ୍ରଦୂଷଣ।

**ବାୟୁ ପ୍ରଦୂଷଣ:** ଶ୍ୱାସକ୍ରିୟାଜନିତ ରୋଗ କ୍ୟାନସର, ଚର୍ମରୋଗ ଆଦି ସୃଷ୍ଟି କରୁଥିବାବେଳେ ସବୁଜ କୋଠରୀ ଗ୍ୟାସ ପ୍ରଭାବରେ ସୃଷ୍ଟି ହେଉଥିବା ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଂ) ଯୋଗୁ ଋତୁ ଚକ୍ରରେ ମଧ୍ୟ ଅନିୟମିତତା ଦେଖାଯାଏ। ଏସିଡ ବର୍ଷା ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ। କୋଇଲା ଜାଳେଣି ଭାବରେ ବ୍ୟବହୃତ ହେଉଥିବା ଶିଳ୍ପଗୁଡ଼ିକରୁ ସଲଫର ଓ ନାଇଟ୍ରୋଜେନ ଅକ୍‌ସାଇଡ ନିର୍ଗତ ହୋଇଥାଏ, ଯାହାକି ସଲ୍‌ଫ୍ୟୁରିକ ଏସିଡ ଓ ନାଇଟ୍ରିକ ଏସିଡରେ ରୂପାନ୍ତରିତ ହୋଇଥାଏ। ବର୍ଷା ଜଳରେ ଏହା ମିଶି ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତର କ୍ଷତି ଘଟାଇଥାଏ।

**ଜଳ ପ୍ରଦୂଷଣ:** ଜଳ ପ୍ରଦୂଷଣ ଯୋଗୁ ଆନ୍ତ୍ରିକ ଜ୍ୱର, ଆମାଶୟ, ହଇଜା ଆଦି ଜଳବାହିତ ରୋଗ ହୋଇଥାଏ।

**ମୃତ୍ତିକା ପ୍ରଦୂଷଣ:** ରାସାୟନିକ କୃଷି ଦ୍ୱାରା ମୃତ୍ତିକାର ଜଳଧାରଣ ଶକ୍ତି କମିବା ସହିତ କ୍ଷାର ଲବଣ ଓ ଅମ୍ଳୀୟ ଅଂଶ ବୃଦ୍ଧି ପାଉଛି। ମୃତ୍ତିକାର ଗୁଣବତ୍ତା ଠିକ୍ ରହୁ ନାହିଁ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ମସ୍ତିଷ୍କ, ବୃକକ, ପାକସ୍ଥଳୀ, ଯକୃତ, ଅନ୍ତଃନଳୀ ଆଦି ପ୍ରତି ବିପଦାପନ୍ନ ହେବା ସହିତ କ୍ୟାନସର ମଧ୍ୟ ସୃଷ୍ଟି କରେ।

**ଶବ୍ଦ ପ୍ରଦୂଷଣ:** ମାତ୍ରାଧିକ ଶବ୍ଦ ମନୁଷ୍ୟ ସମାଜ ପାଇଁ କ୍ଷତିକାରକ, ନିଦ୍ରାହୀନତା, ଉଚ୍ଚରକ୍ତ ଚାପ, ଶ୍ରବଣ ଶକ୍ତି ହ୍ରାସ, ହୃଦ୍‌ସ୍ପନ୍ଦନ ବର୍ଦ୍ଧନ, ଦୁର୍ବଳ ମାନସିକତାର ବ୍ୟକ୍ତି ପାଗଳ ହୋଇଯାଏ, ସ୍ନାୟୁ ଉପରେ କୁପ୍ରଭାବ ଏବଂ ସାଧାରଣ ଜୀବନ ପ୍ରକ୍ରିୟାରେ ବାଧାସୃଷ୍ଟି ହୁଏ।

ପ୍ଲାଷ୍ଟିକ ବା ଆବର୍ଜନା ପ୍ରଦୂଷଣ: କେତେକ ପଦାର୍ଥକୁ ଆମେ ବ୍ୟବହାର ପରେ ସେଗୁଡିକୁ ବାହାରକୁ ଫିଙ୍ଗି ଦିଆଯାଏ, ଯଥା– ପଲିଥିନ, ଟାୟାର, ପ୍ଲାଷ୍ଟିକ, ବକେଟ୍, ମଗ୍, ଟିଣ, ଚମଡା ଜୋତା ଆଦି ପଦାର୍ଥ ପ୍ରଦୂଷଣର କାରଣ ହୋଇଥାଏ। ଏହା ଦ୍ୱାରା ଆମେ ହଇଜା, ମ୍ୟାଲେରିଆ, ଟାଇଫଏଡ, ତରଳଝାଡା ଆଦିର ଆକ୍ରାନ୍ତ ହୁଅନ୍ତି।

**ପଦକ୍ଷେପ:** ପ୍ରଦୂଷଣ ପରିବେଶ, ସମାଜର ଉନ୍ନତି ଏବଂ ପ୍ରଗତିର ଅନ୍ତରାୟ ସୃଷ୍ଟି କରିଥାଏ। ପରିବେଶ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। କାରଣ ଏକ ସୁସ୍ଥ ପରିବେଶ ଏକ ସୁସ୍ଥ ସମାଜ ଗଠନ ଦିଗରେ ମୁଖ୍ୟଭୂମିକା ନିର୍ବାହ କରିଥାଏ। ଏଥିପାଇଁ ସମସ୍ତଙ୍କୁ ମିଳିତ ଭାବେ ସଚେତନ ହେବାକୁ ପଡିବ ଏବଂ ମିଳିତ ପଦକ୍ଷେପ ନେବାକୁ ପଡିବ। କେଉଁଠୁ କିଛି ପାଇବାର ଥିଲେ 'ମୁଁ ନେଇଯିବି ଚିନ୍ତାଧାରରେ ଆମେ ଥାଉଁ କିନ୍ତୁ ଯେତେବେଳେ କିଛି ଦାୟିତ୍ୱବୋଧର ପ୍ରଶ୍ନ ଆସେ 'ଅନ୍ୟମାନେ କରିଦେବେ'ର ଚିନ୍ତାଧାରା ଆମକୁ ଗ୍ରାସ କରିଥାଏ। ଏହା ହିଁ ଆମର ତ୍ରୁଟି। ବ୍ୟକ୍ତିଗତ ସ୍ତରରେ ସଚେତନ ସହ ସାମୂହିକ ଚେତନାକୁ କ୍ରିୟାଶୀଳ କରିବାକୁ ପଡିବ।

ଭବିଷ୍ୟତ ପିଢ଼ି ପାଇଁ ଜଳ, ପବନ, ଚାଷୋପଯୋଗୀ ଜମି ଓ ଅନ୍ୟାନ୍ୟ ସମ୍ବଳ ସଂରକ୍ଷିତ ଓ ଦୀର୍ଘ ସ୍ଥାୟୀ ବ୍ୟବହାର ଉପରେ ଗୁରୁତ୍ୱ ଉପଲବ୍ଧ ହେବା ଦରକାର। ପ୍ରଦୂଷଣକୁ ବନୀକରଣ/ ବୃକ୍ଷରୋପଣ ଦ୍ୱାରା ମଧ୍ୟ ବହୁ ମାତ୍ରାରେ ରୋକା ଯାଇପାରିବ। ରାସ୍ତାର ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ ଦ୍ୱାରା ଶବ୍ଦ ତରଙ୍ଗ, ବିଷାକ୍ତ ଗ୍ୟାସ, ଧୂଳି ଆଦି ପତ୍ର ଏବଂ ଡାଳ ଦ୍ୱାରା ନିୟନ୍ତ୍ରଣ କରାଯାଇ ପାରିବ। ନିମ, ନଡିଆ, ତାଳ, ଦେବଦାରୁ, ସୁନାରୀ ଆଦି ଗଛ ରାସ୍ତାର ଦୁଇ ପାର୍ଶ୍ୱରେ ଲଗାଇବା ଆବଶ୍ୟକ। ଏହି ବୃକ୍ଷରୋପଣ ଧ୍ୱନି ପ୍ରତିରୋଧକ କାମ କରିବା ସହିତ ପ୍ରଦୂଷଣର ସ୍ତରକୁ କମାଇ ପାରିବ। ବୃକ୍ଷରୋପଣ କାମକୁ ଜୋରଦାର କରାଯିବା ଦରକାର।
–ପଲିଥିନ୍ ବଦଳରେ କାଗଜ ମୁଣା ବ୍ୟବହାର କରିବା ଭଲ ।
–ବୃକ୍ଷ ସମ୍ପଦକୁ ବଢାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ଜନ୍ମଦିନ ବିବାହ ବ୍ରତ, ପୂଜା ପାର୍ବଣ ଆଦି କାମକାର୍ଯ୍ୟରେ ପ୍ରତିବର୍ଷ ଗଛ ଲଗାଇ ଯତ୍ନ ନେବା ଜରୁରୀ।
–ରାସ୍ତା କଡ, ଅନାବାଦୀ ଜମି ତଥା ବିଦ୍ୟାଳୟ ପାର୍ଶ୍ୱରେ ବୃକ୍ଷରୋପଣ କରିବା ବିଧେୟ ।
–ବନୀକରଣ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରଚାର ଓ ପ୍ରସାର କରିବା । ଆମ ପରିବେଶରେ ଔଷଧୀୟ ବୃକ୍ଷ ତଥା ଅନ୍ୟ ଗଛର ରକ୍ଷଣା ବେକ୍ଷଣ ।
– ଜଙ୍ଗଲ ଅଞ୍ଚଳର ଆୟତନ ବୃଦ୍ଧି କରିବା ଓ ଅଯଥାରେ ଜଙ୍ଗଲ ନଷ୍ଟ ନ କରିବାକୁ ପଦକ୍ଷେପ ନେବା।
– ପରିବେଶ ସଚେତନତା ସ୍ଲୋଗାନମାନ ଯଥା ଛୁଆଟିଏ ଗଛଟିଏ, ଜଙ୍ଗଲ ଥିଲେ ... ଆମେ ରହିଲେ ସବୁଜ ସୁନ୍ଦର, ସୁସ୍ଥ ରଖିବୁ ସ୍ୱାସ୍ଥ୍ୟ ତୁମର ଆଦି ଲୋକମାନଙ୍କ ପାଖରେ ପହଞ୍ଚାଇବା ଦରକାର ।
– ପାଠ୍ୟ ପୁସ୍ତକରେ ପରିବେଶ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ସମ୍ବନ୍ଧୀୟ ଲେଖାମାନ ସ୍ଥାନ ପାଇବା ଦରକାର ।

**ବନୀକରଣର ଅନ୍ୟାନ୍ୟ ଉପାଦେୟତା :**
–ବୃକ୍ଷ ରୋପଣ ଦ୍ୱାରା ମୃତ୍ତିକା ସଂରକ୍ଷଣ ହେବା ସହିତ ଜଳ ଦୂଷିତ ହୁଏ ନାହିଁ ।
– ଘଞ୍ଚ ବୃକ୍ଷରାଜି ଆକାଶରେ ମେଘକୁ ଆକର୍ଷଣ କରାଇ ବର୍ଷା ହେବାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।
–ଲୋକମାନେ ଗଛର ବିଭିନ୍ନ ପ୍ରକାରର ଫଳଖାଇ ସୁସ୍ଥ ଓ ନୀରୋଗ ଜୀବନ ଯାପନ କରନ୍ତି।

ସମସ୍ତେ ସୁସ୍ଥ ଓ ସ୍ୱାଚ୍ଛନ୍ଦ୍ୟରେ ରହିବାକୁ ହେଲେ, ଆମ ପରିବେଶର ଅବକ୍ଷୟ ରୋକିବାକୁ ହେବ । ବିଶୁଦ୍ଧ ପରିବେଶ ହିଁ ନୀରୋଗ ବା ଉତ୍ତମ ସ୍ୱାସ୍ଥ୍ୟାବସ୍ଥା ପାଇଁ ନିତାନ୍ତ ଜରୁରୀ ।

–ବନବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର
ମୋ: ୯୪୩୭୦୩୧୨୦୯

ପ୍ରଥମ ପୃଷ୍ଠାରୁ...

## ସ୍ୱତନ୍ତ୍ର ପାହ୍ୟା, କୋଇଲା ...

ସେହିପରି ଓଡ଼ିଶାକୁ 'ସ୍ପେଶାଲ ଫୋକସ୍ ଷ୍ଟେଟ' ଭାବେ ଘୋଷଣା କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ସ୍ୱତନ୍ତ୍ର ରାଜ୍ୟଗୁଡିକ ପାଉଥିବା ସୁବିଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଫନୀ ମୁକାବିଲା ଓ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରଦ୍ଧାର ପାଇଁ କେନ୍ଦ୍ର ସରକାର କରିଥିବା ସହଯୋଗ ନିମନ୍ତେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଫନୀରେ ପ୍ରାୟ ୫.୬ ଲକ୍ଷ ଘର ଧ୍ୱଂସ ହେବା ସହ ହଜାର ହଜାର ବୃକ୍ଷ ଉପୁଡ଼ିଯାଇଛି। ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ୍ ଭିତ୍ତିଭୂମି ବହୁଳ କ୍ଷତିଗ୍ରସ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉଲ୍ଲେଖ କରିଛନ୍ତି। ତେଣୁ ରାଜ୍ୟରେ ନୂତନ ୫ ଲକ୍ଷ ପକ୍କାଘର ନିର୍ମାଣ ପାଇଁ ଦାବି କରାଯାଇଛି। କେନ୍ଦ୍ର ଏଥିପାଇଁ ୯୦ ପ୍ରତିଶତ ବ୍ୟୟବରାଦ କରିବାକୁ ଅନୁରୋଧ କରାଯାଇଛି। ସ୍ୱତନ୍ତ୍ରଭାବେ ଏହାକୁ ପ୍ରଦାନ କରାଯାଇ 'ସ୍ଥାୟୀ ଅପେକ୍ଷା ତାଲିକା'କୁ ବାଦ୍ ଦେବା ପାଇଁ ମଧ୍ୟ କେନ୍ଦ୍ରକୁ କୁହାଯାଇଛି। ଫନୀ ଦ୍ୱାରା ହୋଇଥିବା ବିଭିନ୍ନ ଭିତ୍ତିଭୂମିର କ୍ଷତି ହିସାବ(ବିଭାଗ ୱାରି) ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇସାରିଛି। ପ୍ରାଥମିକ ଭାବେ ଏହି କ୍ଷୟକ୍ଷତିର ପରିମାଣ ୯୩୩୬ କୋଟି ଟଙ୍କା ଆକଳନ କରାଯାଇଛି। ତେଣୁ ସାମ୍ପ୍ରତିକ ସ୍ଥିତିରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ୫୨୨୮ କୋଟି ଟଙ୍କା କେନ୍ଦ୍ର ପ୍ରଦାନ କରୁ ବୋଲି ମୁଖ୍ୟମନ୍ତ୍ରୀ ଦୃଢଦାବି କରିଛନ୍ତି। କେତେକ କ୍ଷେତ୍ରରେ ପୂର୍ବ ପ୍ରଚଳିତ ଏନ୍‌ଡିଆରଏଫ୍ ଏବଂ ଏସ୍‌ଡିଆରଏଫ୍ ନିୟମକୁ କୋହଳ କରିବା ନେଇ ମଧ୍ୟ ରାଜ୍ୟ ପକ୍ଷରୁ ଦାବି କରାଯାଇଛି।

ସେହିପରି ସାରା ଦେଶର ଉତ୍ପାଦିତ ହେଉଥିବା କୋଇଲାର ଏକ–ପଞ୍ଚମାଂଶ ଓଡ଼ିଶାରେ ମିଳିଥାଏ। ହେଲେ କୋଇଲା ରୟାଲ୍‌ଟିର ଉପଯୁକ୍ତ ସଂଶୋଧନ ହୋଇ ନ ଥିବାରୁ ରାଜ୍ୟ ବହୁ ପରିମାଣର ରାଜସ୍ୱ ହରାଉଛି। ଖଣି ସମ୍ପର୍କିତ କାର୍ଯ୍ୟ ପାଇଁ ରାଜ୍ୟର ପରିବେଶ ବହୁଳ ଭାବେ ପ୍ରଭାବିତ ହେଉଛି। ଶେଷଥର ପାଇଁ ମେ ୧୦, ୨୦୧୨ରେ କୋଇଲା ରୟାଲଟି ସଂଶୋଧନ କରାଯାଇଥିଲା। ତେଣୁ ପ୍ରଚଳିତ ୧୪ ପ୍ରତିଶତ ରୟାଲ୍‌ଟିକୁ ୨୦ ପ୍ରତିଶତକୁ ବୃଦ୍ଧିକରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନିକଟରେ ଦାବି କରିଛନ୍ତି। ଓଡ଼ିଶାର ଦାବିକୁ ବିଚାର କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ କୁହାଯାଇଛି।

## ୨ ଓଡ଼ିଆ ମୃତ...

ରାଉତ୍‌ହାଟ ଜିଲା ମୁଖ୍ୟ ଅଧିକାରୀ କିରନ୍ ଥପ୍ପା ସୂଚନା ଦେଇଛନ୍ତି। ଖୋର୍ଦ୍ଧା ବ୍ଲକ ମଳିପଡ଼ା ଉପରସାହିର ଚରଣଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଚରଣ ଗତ ୬ ତାରିଖରେ ସ୍ତ୍ରୀ ମଞ୍ଜୁଲତା(୫୫), ଭାଇ ବଳଭଦ୍ର(୭୫), ଭାଉଜ ଗୌରୀ(୭୦), ମା' ରେଖା(୮୦), ଜ୍ୱାଇଁ ପଦ୍ମଚରଣ ଗୁମାନସିଂହ, ଝିଅ ଲିପିକା, ନାତି ରୁଦ୍ର ପ୍ରତାପଙ୍କ ସହ କାଠମାଣ୍ଡୁକୁ ତୀର୍ଥ ଭ୍ରମଣରେ ଯାଇଥିଲେ। ତୀର୍ଥଯାତ୍ରା ସାରି ସେମାନେ ଆସନ୍ତା ୧୯ ତାରିଖରେ ଗାଁକୁ ଫେରିଥାନ୍ତେ। ହେଲେ ସୋମବାର ରାତି ୧୨ଟା ୪୫ରେ ଚରଣଙ୍କ ପୁଅଙ୍କ ପାଖକୁ ଫୋନ ଆସିଲା ଯେ, ବସ୍ ଦୁର୍ଘଟଣାରେ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଛି। ସେହିପରି ଚରଣଙ୍କ ବଡ଼ଭାଇ ବଳଭଦ୍ରଙ୍କ ବାମଗୋଡ଼ ଭାଙ୍ଗିଯାଇଛି। ଆହତ ବ୍ୟକ୍ତିମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ଭାଷା ସେଠାକାର ପୋଲିସ ବୁଝି ପାରୁ ନ ଥିବାରୁ ଠିକ୍ ସହଯୋଗ ମିଳୁନି ବୋଲି ପରିବାର ଲୋକେ ଜଣାଇଥିଲେ। ମୃତଦେହ ଗାଁକୁ ଆଣିବା, ଆହତଙ୍କୁ ଚିକିତ୍ସା ଓ ପରିବାରର ଅନ୍ୟ ସଦସ୍ୟ ଘରକୁ ଫେରାଇ ଆଣିବାରେ ସହଯୋଗ ଉଦ୍ଦେଶ୍ୟରେ ମଳିପଡା ଗ୍ରାମବାସୀ ଜିଲାପାଳଙ୍କୁ ମଙ୍ଗଳବାର ଭେଟିଥିଲେ। ଦୁର୍ଘଟଣା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ଓ ସରକାର ଚଳଚଞ୍ଚଳ ହୋଇ ଉଠିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ସବୁ ପ୍ରକାର ସହାୟତା ସହ ଦୁଇ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମୃତଦେହ ଗାଁକୁ ପଠାଇବା, ଆହତ ଯାତ୍ରୀଙ୍କୁ ଚିକିତ୍ସା ଯୋଗାଇବାର ବ୍ୟବସ୍ଥା କରିବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।



ମୃତ ଚରଣ ବିଶ୍ୱାଳ

# ସୁପରିଚାଳନା ଦ୍ୱାରା କଠିନ ବର୍ଜ୍ୟବସ୍ତୁ ସମ୍ପଦ ହେବ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

କଠିନ ବର୍ଜ୍ୟବସ୍ତୁ ବର୍ତ୍ତମାନ ଜୀବଜଗତ ପାଇଁ ବଡ଼ ବିପଦ ସାଜିଛି। ଏଥିଯୋଗୁ ଜଳ, ବାୟୁ ଓ ପରିବେଶ ପ୍ରଦୂଷିତ ହେଉଛି। ଲୋକେ ଘାତକ ରୋଗର ଶିକାର ହେଉଛନ୍ତି। ଦେଶର ସହରାଞ୍ଚଳ ଅପେକ୍ଷା ଓ ଗ୍ରାମାଞ୍ଚଳରେ ଏହାର କୁପ୍ରଭାବ ଅଧିକ ପଡୁଥିବା ଦେଖିବାକୁ ମିଳୁଛି। ଏହି ବିପଦରୁ ମୁକୁଳିବା ବର୍ତ୍ତମାନ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ହେଲେ ଏହା ମାନବ ସମାଜ ପାଇଁ ବିପଦ ନୁହେଁ, ସମ୍ପଦ ହେବ। ତେଣୁ ଏହାର ପୁନଃପ୍ରକ୍ରିୟାକରଣ କରାଯାଇ ଏଥିରୁ ରାଜସ୍ୱ ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଦରକାର। ମଙ୍ଗଳବାର କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ସଂକ୍ରାନ୍ତରେ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ମିଡିଆ ରାଉଣ୍ଡଟେବୁଲ ବୈଠକରେ ମତପ୍ରକାଶ ପାଇଛି।

ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ୟୁନିସେଫ୍ ଓଡ଼ିଶା ମୁଖ୍ୟ ଡ. ମୋନିକା ନୀଲ୍‌ସନ, ପଞ୍ଚାୟତ ଏବଂ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ସୁବାସ ଚନ୍ଦ୍ର ଦାସ, ଗ୍ରାମୀଣ ଜଳଯୋଗାଣ ଓ ନିଷ୍କାସନ ବିଭାଗର ଭୁବନେଶ୍ୱର ସର୍କଲର ଅଧୀକ୍ଷକ ଯନ୍ତ୍ରୀ ଅଭୟ ବିଶ୍ୱାଳ, ମୁମ୍ବାଇର କଠିନ ବର୍ଜ୍ୟବସ୍ତୁ ବିଶେଷଜ୍ଞ ପ୍ରମୋଦ ଉବ୍ରାସେ, ୟୁନିସେଫ୍ ଓଡିଶାର ୱାସ୍ ବିଶେଷଜ୍ଞ ସିପ୍ରା ସାକ୍‌ସେନାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ବିପଦ ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଡ. ନୀଲ୍‌ସନ କହିଲେ, ସମାଜରେ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ପୋଷଣ ଓ ଶିକ୍ଷାର ଉନ୍ନତି ଉପରେ ସବୁବେଳେ ଗୁରୁତ୍ୱ ଦିଆଯାଉଛି। ହେଲେ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ନ ହେବା ଯୋଗୁ ମୃତ୍ତିକା ଓ ଜଳବାୟୁ ଭୟଙ୍କର ଭାବେ ପ୍ରଦୂଷିତ ହେଉଛି। ଫଳରେ ଦେଶରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ୟୁନିସେଫ୍ ପକ୍ଷରୁ ନିଆଯିବାକୁ ଥିବା ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇ ନୀଲ୍‌ସନ କହିଲେ, ପ୍ରାଥମିକ ସ୍ତରରେ ଓଡିଶାର ପ୍ରତି ଜିଲାର ୩ଟି ଲେଖାଏ ପଞ୍ଚାୟତରେ ଲୋକମାନଙ୍କୁ ସଚେତନ କରାଯିବ। ସରପଞ୍ଚମାନେ ଲୋକମାନଙ୍କୁ ସଚେତନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଗାଁ ଏବଂ ପଞ୍ଚାୟତସ୍ତରରେ କଠିନ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ଉପରେ ଗୁରୁତ୍ୱ ଦେବେ। ବ୍ୟବହାର ଉପଯୋଗୀ ନ ଥିବା ବର୍ଜ୍ୟବସ୍ତୁର ଏକତ୍ରୀକରଣ, ବିଭାଗୀକରଣ ଉପଚାର ତଥା ସୁରକ୍ଷିତ ରୂପେ ନିଷ୍କ୍ରିୟ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ସାକ୍‌ସେନା ଓ ଉବ୍ରାସେ କହିଲେ, ପ୍ରତିଦିନ ବାହାରୁଥିବା ଲକ୍ଷ ଲକ୍ଷ ମେଟ୍ରିକ ଟନ ବର୍ଜ୍ୟବସ୍ତୁର ସୁପରିଚାଳନା ଅଭାବରୁ ଆମର ବିକଶିତ ମାନବ ସଭ୍ୟତା ବେକାର ସାବ୍ୟସ୍ତ ହେବାରେ ଲାଗିଛି। ତେଣୁ ଏହାର ପୁନଃଚକ୍ରଣ ମାଧ୍ୟମରେ ପ୍ରଦୂଷଣଜନିତ ସମସ୍ୟା ଦୂର କରାଯିବା ସହ ରାଜସ୍ୱ ବୃଦ୍ଧି ହୋଇପାରିବ। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବା ସହ ସମସ୍ୟାର ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା ବୋଲି ସେମାନେ କହିଥିଲେ।

## ରୋଗ ସଂକ୍ରମଣ ଆଶଙ୍କା ଅଧିକ

ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସିବା ଦ୍ୱାରା ଘା ସଂକ୍ରମଣର ଅଧିକ ସମ୍ଭାବନା ଥାଏ। ଚର୍ମ ଓ ରକ୍ତ ସଂକ୍ରମଣ ହୋଇଥାଏ। ଲ୍ୟାଣ୍ଡ୍ ଫିଲ୍ ଅପରେଶନ ସମୟରେ ସଂକ୍ରମିତ ଧୂଳି ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ଓ ଶ୍ୱାସନଳୀ ସଂକ୍ରମିତ ହୋଇଥାଏ। ପକ୍ଷୀଙ୍କଠାରୁ ନିର୍ଗତ ଆବର୍ଜନାରୁ ସୃଷ୍ଟ ଭୂତାଣୁ ଦ୍ୱାରା ରୋଗ ମଧ୍ୟ ବ୍ୟାପିଥାଏ ଓ ପୋକଜୋକ କାମୁଡ଼ିବା ଦ୍ୱାରା ବିଭିନ୍ନ ନୂଆ ନୂଆ ରୋଗ ହୋଇଥାଏ।



ଦେଶରେ ଇଲେକ୍ଟ୍ରିକ ଗାଡ଼ି ପ୍ରଚଳନ ନେଇ ସରକାରଙ୍କ ନୀତି ସ୍ପଷ୍ଟ ହେବା ଉଚିତ। ଗାଡ଼ି ନିର୍ମାତାମାନେ ବିଏସ୍-୬ ଅନୁଯାୟୀ ଏବେ ଗାଡ଼ି ଉତ୍ପାଦନ ପ୍ରତି ଦୃଷ୍ଟି ଦେଉଛନ୍ତି।
**– ପଓ୍ୱନ ମୁଞ୍ଜାଲ, ଅଧ୍ୟକ୍ଷ, ହିରୋ ମୋଟୋକର୍ପ**



ସାରା ଦେଶରେ ଥିବା ମର୍ଚ୍ଚାଣ୍ଟ ଏବଂ କ୍ଷୁଦ୍ର ବ୍ୟବସାୟୀ ଭାରତର ନଗଦରୁ ଡିଜିଟାଲ ଯାତ୍ରାର ମୁଖ୍ୟ ସୂତ୍ରଧର ହେବେ। ସେମାନଙ୍କୁ ଡିଜିଟାଲ ଭାବେ କ୍ଷମତାଶାଳୀ କରିବାକୁ ହେବ।
**– ରାଜୀବ କୁମାର, ସିନିୟର ଭାଇସ ପ୍ରେସିଡେଣ୍ଟ, ମାଷ୍ଟରକାର୍ଡ**


## ସଂକ୍ଷେପରେ

### ବନ୍ଦ ହେଲା ପିଆଜ ରପ୍ତାନି ପ୍ରୋତ୍ସାହନ



**ନୂଆଦିଲ୍ଲୀ,୧୧-୬:** କେନ୍ଦ୍ର ସରକାର ଘରୋଇ ବଜାରରେ ପିଆଜର ମୂଲ୍ୟବୃଦ୍ଧିକୁ ଦୃଷ୍ଟିରେ ରଖି ତାଜା ଏବଂ ଶୀତଳଭଣ୍ଡାର ପିଆଜର ରପ୍ତାନି ଉପରେ ମିଳୁଥିବା ପ୍ରୋତ୍ସାହନକୁ ବନ୍ଦ କରିଦେଇଛନ୍ତି। ପିଆଜ ରପ୍ତାନିକାରୀ ମର୍ଚ୍ଚାଣ୍ଡାଇଜ ଏକ୍ସପୋର୍ଟସ ଫ୍ରମ୍ ଇଣ୍ଡିଆ ସ୍କିମ୍(ଏମ୍ଇଆଇଏସ୍) ଅନ୍ତର୍ଗତରେ ରପ୍ତାନି ମାଲ୍‌ର ଲଦିବା ମୂଲ୍ୟ(ଏଫଓବି)ର ୧୦ ପ୍ରତିଶତ ସମାନ ଶୁଳ୍କର ଲାଭ ଦିଆଯାଉଥିଲା। ଗତ ୯ରେ ଡିଜିଏଫ୍‌ଟି ପକ୍ଷରୁ ଜାରି ସଦ୍ୟତମ ସୂଚନାନୁଯାୟୀ, ଏମ୍ଇଆଇଏସ୍‌ର ଲାଭକୁ ତତ୍କାଳ ୧୦ ପ୍ରତିଶତରୁ '୦' କରିଦିଆଯାଇଛି। ଅର୍ଥାତ୍ ୧୦ ପ୍ରତିଶତ ଲାଭକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଇଛି। ଗତବର୍ଷ ଡିସେମ୍ବରରେ ଏହି ପ୍ରୋତ୍ସାହନ ରାଶିକୁ ୫ରୁ ବଢ଼ାଇ ୧୦ ପ୍ରତିଶତ କରାଯାଇଥିଲା ଯାହା କି ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଥାନ୍ତା। ତେବେ ଦେଶର ବିଭିନ୍ନ ରାଜ୍ୟରେ ମରୁଡିର ପଦଧ୍ୱନି ଶୁଣାଯିବା ଭିତରେ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି।

### ଆଇବିଏମ୍‌ଠାରୁ ବଡ଼ କମ୍ପାନୀ ହେଲା ଟିସିଏସ୍



**ନୂଆଦିଲ୍ଲୀ,୧୧-୬:** ଦେଶର ଶୀର୍ଷ ଆଇଟି ସେବା ପ୍ରଦାନକାରୀ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସ(ଟିସିଏସ୍) ବିଶ୍ୱର ଶୀର୍ଷ କମ୍ପାନୀମାନଙ୍କ ମଧ୍ୟରେ ଅନ୍ୟତମ ଆଇବିଏମ୍‌କୁ ବଜାର ପୁଞ୍ଜୀକରଣରେ ପଛରେ ପକାଇ ଏକ ନମ୍ବର ସ୍ଥାନକୁ ଉଠିଆସିଛି। ସୋମବାର ଟିସିଏସ୍‌ର ବଜାର ପୁଞ୍ଜୀକରଣ ୮.୩୭ ଲକ୍ଷ କୋଟି ଟଙ୍କା(୧୨୦୫୦ କୋଟି ଡଲାର) ହୋଇଥିବା ବେଳେ ଆଇବିଏମ୍‌ର ବଜାର ପୁଞ୍ଜୀକରଣ ୮.୩୨ ଲକ୍ଷ କୋଟି ଟଙ୍କା (୧୧୯୬୦ କୋଟି ଟଙ୍କା) ହୋଇଛି। ଏଥିପୂର୍ବରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ଟିସିଏସ୍ ପଛରେ ପକାଇ ଦେଇଥିଲା। ରିଲାଏନ୍ସର ବଜାର ପୁଞ୍ଜୀକରଣ ୮.୩୬ ଲକ୍ଷ କୋଟି ଟଙ୍କା ଥିଲା। ସୂଚନାଥାଉ କି, ଆଇବିଏମ୍ ୧୯୫୦ରେ ଭାରତରେ ପ୍ରବେଶ କରିଥିଲା। ତେବେ ୧୯୭୦ରେ କମ୍ପାନୀକୁ ଦେଶ ଛାଡ଼ିବାକୁ ପଡିଥିଲା। ୧୯୯୨ରେ ଟାଟା ଗ୍ରୁପ୍ ସହ ପାର୍ଟନରଶିପ୍ କରି ଏହା ପୁନର୍ବାର ଦେଶକୁ ଫେରିଆସିଥିଲା। ପୁନର୍ବାର ୧୯୯୭ରେ ଆଇବିଏମ୍ ପାର୍ଟନରଶିପ୍‌ରୁ ବାହାରି ଆସି ନିଜେ ସ୍ୱତନ୍ତ୍ର ଭାବେ ବ୍ୟବସାୟ ଆରମ୍ଭ କରିଛି।

### ପ୍ରତ୍ୟାହାର ହୋଇପାରେ ଏଟିଏମ୍ ଚାର୍ଜ

#### ଆର୍‌ବିଆଇ ଗଠନ କଲା ସମୀକ୍ଷା କମିଟି



**ମୁମ୍ବାଇ,୧୧-୬:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏନ୍‌ଇଏଫ୍‌ଟି ଏବଂ ଆର୍‌ଟିଜିଏସ୍ ଉପରେ ଲାଗୁଥିବା ଶୁଳ୍କ ପ୍ରତ୍ୟାହାର କରିନେଇଛି। ତେବେ ଅଟୋମେଟେଡ ଟେଲର ମେଶିନ(ଏଟିଏମ୍) ବ୍ୟବହାର ଲାଗି ଲାଗୁଥିବା ଚାର୍ଜ ଆଦାୟର ସମୀକ୍ଷା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟିର ପ୍ରଥମ ବୈଠକର ୨ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଆର୍‌ବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୬ରେ ମୁଦ୍ରାନୀତି ଘୋଷଣା କରିବା ଅବସରରେ ଏଟିଏମ୍ ଚାର୍ଜର ସମୀକ୍ଷା ଲାଗି ଏକ କମିଟି ଗଠନ କରାଯିବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ପ୍ରକାଶ କରିଥିଲେ। ଇଣ୍ଡିଆନ ବ୍ୟାଙ୍କସ ଆସୋସିଏଶନର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଭି.ଜି.କାନ୍ନନ ଏହି କମିଟିର ଅଧ୍ୟକ୍ଷ ରହିବେ। ଏହାଛଡ଼ା ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆର ଦିଲୀପ ଆସ୍‌ବେ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ଗିରିଶ କୁମାର ନାୟାର, ଲାଏବିଲିଟି ପ୍ରଡକ୍ଟର ଗ୍ରୁପ୍ ହେଡ୍ ଏସ୍. ସମ୍ପଦ କୁମାର, ଏଚଡିଏଫ୍‌ସି ବ୍ୟାଙ୍କ ଲିମିଟେଡ, କନ୍‌ଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରିର ଡାଇରେକ୍ଟର କେ.ଶ୍ରୀନିବାସ, ଟାଟା କମ୍ୟୁନିକେଶନ୍ସ ପେମେଣ୍ଟ ସଲ୍ୟୁଶନ୍ସ ଲିମିଟେଡର ସିଇଓ ସଞ୍ଜୀବ ପଟେଲ ସଦସ୍ୟ ରହିଛନ୍ତି।

### ଅରବିନ୍ଦ ସୁବ୍ରମଣ୍ୟନ୍‌ଙ୍କ ବିସ୍ଫୋରକ ରିପୋର୍ଟ

# ଜିଡିପିକୁ ନେଇ ମିଛ କହିଛନ୍ତି ୟୁପିଏ, ଏନ୍‌ଡିଏ

**ନୂଆଦିଲ୍ଲୀ,୧୧-୬**

- **୨୦୧୧-୧୨ରୁ ୨୦୧୬-୧୭ଯାଏ ଜିଡିପି ହାର ୨.୫% କମ୍ ଥିଲା**
- **ଏହି ସମୟରେ ଜିଡିପି ୩.୫ରୁ ୫.୫% ରହିବା ସମ୍ଭାବନା**
- **ବିକାଶ ହାର ୧% ବଢ଼ିଥିବା ୯୫% ନିଶ୍ଚିତ**



ଅରବିନ୍ଦ ସୁବ୍ରମଣ୍ୟନ୍

ବିଗତ କିଛିମାସ ହେବ ଜିଡିପି ଡାଟାକୁ ନେଇ ବିବାଦ ଲାଗିରହିଛି। ଏବେ ଏହି ବିବାଦରେ କୁଦି ପଡ଼ିଛନ୍ତି ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ୍। ତାଙ୍କ ମତରେ ଜିଡିପିକୁ ନେଇ ଉଭୟ ୟୁପିଏ ଓ ଏନ୍‌ଡିଏ ସରକାର ଦେଶବାସୀଙ୍କୁ ମିଛ କହିଛନ୍ତି। ବାସ୍ତବଠାରୁ ପ୍ରାୟ ୨.୫% ଅଧିକ ଜିଡିପି ହାର ଦର୍ଶାଯାଇଛି। ସୁବ୍ରମଣ୍ୟନ୍ କହିଛନ୍ତି ଯେ, ୨୦୧୧-୧୨ରୁ ୨୦୧୬-୧୭ ଯାଏ ଦେଶର ବିକାଶ ହାର ୬.୯ ପ୍ରତିଶତ ରହିଥିବା ଦାବି କରାଯାଇଥିଲା। ତେବେ ସେତେବେଳେ ଏହା ୩.୫ରୁ ୫.୫% ରହିଥିବା ସମ୍ପୂର୍ଣ୍ଣ ସମ୍ଭାବନା ରହିଛି।

ମିଡିଆ ରିପୋର୍ଟ ଅନୁଯାୟୀ, ସୁବ୍ରମଣ୍ୟନ୍ ହାର୍ଭାର୍ଡ ୟୁନିଭର୍ସିଟିରେ ଏକ ଗବେଷଣାମୂଳକ ରିପୋର୍ଟ ପ୍ରକାଶ କରି ଭାରତର ଜିଡିପି ସମ୍ପର୍କରେ ବିସ୍ଫୋରକ ତଥ୍ୟ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ, ଦେଶ ଭିତରେ ଏବଂ ବାହାରେ ଥିବା ଏକାଧିକ ସାକ୍ଷ୍ୟପ୍ରମାଣରୁ ଜଣାପଡୁଛି ଯେ, ଭାରତର ଜିଡିପି ଅଭିବୃଦ୍ଧି ୨୦୧୧ ପରେ ପ୍ରତିବର୍ଷ ପ୍ରାୟ ୨.୫% ବଢ଼େଇ ଦର୍ଶାଯାଇଥିବା ଅନୁମାନ କରାଯାଉଛି। ତେବେ ୧% ନିଶ୍ଚିତ ଭାବେ ବଢ଼ାଯାଇଥିବା ୯୫% ଗ୍ୟାରେଣ୍ଟି ସହ କହିହେବ ବୋଲି ରିପୋର୍ଟରେ କୁହାଯାଇଛି। ସୁବ୍ରମଣ୍ୟନ୍ ଲେଖିଛନ୍ତି ଯେ, ଭାରତର ଆର୍ଥିକ ନୀତିର ଗାଡ଼ି ଖରାପ ହୋଇଯାଇଛି ଏବଂ ଏହା ଭାଙ୍ଗିଯାଇଥିବା ସ୍ପିଡୋମିଟର ସହିତ ଆଗକୁ ବଢ଼ିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ)ର ତଥ୍ୟ କହୁଛି ଯେ, ଗତ ଆର୍ଥିକ ବର୍ଷ ୨୦୧୮-୧୯ର ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ହାର ହ୍ରାସ ପାଇ ୫.୮% ରହିଛି। ଏହି କାରଣରୁ ଭାରତକୁ ପଛରେ ପକାଇ ଚାଇନା ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶାଳୀ ଦେଶର ମାନ୍ୟତା ପାଇଛି। କୃଷି ଏବଂ ବିନିର୍ମାଣ କ୍ଷେତ୍ରରେ ଦେଖାଦେଇଥିବା ଦୁର୍ବଳତା କାରଣରୁ ଭାରତର ଜିଡିପି ହାର କମିଛି ବୋଲି ରିସର୍ଚ୍ଚ ରିପୋର୍ଟରେ ଦର୍ଶାଯାଇଛି। ପୂର୍ବତନ ସିଇଏ କହିଛନ୍ତି ଯେ, ୨୦୧୧ ପୂର୍ବରୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଏବଂ ବିନିର୍ମାଣ ରପ୍ତାନିର ଅଂଶ ସହ ଏହାର ସିଧାସଳଖ ତାଳମେଳ ଥିବା ମାନୁଫାକ୍ଚରିଂ ଭାଲ୍ୟୁକୁ ଦେଶର ବିକାଶ ହାର ସହ ଯୋଡାଯାଉଥିଲା। କିନ୍ତୁ ଏହା ପରେ ଏକ ପ୍ରମୁଖ ପ୍ରଣାଳୀଗତ ପରିବର୍ତ୍ତନ କରାଯିବା ଯୋଗୁ ଔପଚାରିକ ବିନିର୍ମାଣ କ୍ଷେତ୍ରର ମାପ ପ୍ରଭାବିତ ହୋଇଥିଲା। ତେବେ ଜିଡିପି ହାର ବଢ଼େଇ ଦର୍ଶାଇବା ପଛରେ କୌଣସି ରାଜନୈତିକ ଦୂରଭିସନ୍ଧି ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ସେହିପରି ତଥ୍ୟରେ ପରିବର୍ତ୍ତନ ସହ ନିକଟରେ ସୃଷ୍ଟି ହୋଇଥିବା ବିବାଦକୁ ଯୋଡିବା ଅନୁଚିତ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ୟୁପିଏ ସରକାର ଅମଳରେ ଟେକ୍ନୋକ୍ରାଟ୍ସ ହିଁ ଏହି ପରିବର୍ତ୍ତନ କରିଥିଲେ। ଜିଡିପି ଆକଳନକୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଦ୍ୱାରା ପୁନଃନିରୀକ୍ଷଣ କରାଯିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ଏଥିରେ ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ, ପରିସଂଖ୍ୟାନବିତ୍, ମାକ୍ରୋ-ଇକୋନୋମିଷ୍ଟ ଏବଂ ପଲିସି ୟୁଜରଙ୍କୁ ସାମିଲ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ୩୫ ହଜାର କୋଟି ଋଣ ଶୁଝିଛି: ଅନିଲ

**ନୂଆଦିଲ୍ଲୀ,୧୧-୬**



ଅନିଲ ଅମ୍ବାନୀ

ଗତ ୧୪ ମାସ ମଧ୍ୟରେ ବକେୟା ଋଣରୁ ୩୫ ହଜାର କୋଟି ଟଙ୍କା ପରିଶୋଧ କରାଯାଇସାରିଛି ବୋଲି ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ ପ୍ରମୁଖ ଅନିଲ ଅମ୍ବାନୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଅନିଲ କହିଛନ୍ତି ଯେ, ଆହ୍ୱାନପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ବ୍ୟାଙ୍କ ଅଥବା ଆର୍ଥିକ ସଂସ୍ଥାରୁ ସହାୟତା ନ ପାଇ ମଧ୍ୟ ତାଙ୍କ ଗ୍ରୁପ୍ ୨୦୧୮ ଏପ୍ରିଲ ପହିଲାରୁ ଚଳିତବର୍ଷ ମେ ୩୧ ମଧ୍ୟରେ ମୂଳଧନ ୨୪,୮୦୦ କୋଟି ଟଙ୍କା ଏବଂ ସୁଧ ବାବଦରେ ୧୦,୬୦୦ କୋଟି ଟଙ୍କା ପରିଶୋଧ କରିସାରିଛି। ଅବଶିଷ୍ଟ ସମସ୍ତ ଋଣକୁ ମଧ୍ୟ ଗ୍ରୁପ୍ ପରିଶୋଧ କରିଦେବ ବୋଲି ଅନିଲ ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟବସ୍ଥାରେ ଥିବା ତ୍ରୁଟିରୁ ୩୦ ହଜାର କୋଟି ଟଙ୍କା ପାଇବାରେ ବିଳମ୍ବ ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ନିୟାମକ ଏବଂ ବିଭିନ୍ନ କୋର୍ଟର ରାୟ ପ୍ରକାଶରେ ବିଳମ୍ବ ପାଇଁ ସେ ବ୍ୟବସ୍ଥାକୁ ଦାୟୀ କରିଛନ୍ତି।

## ଯାତ୍ରୀ ବାହନ ୨୦%, କାର୍ ୨୬% ବିକ୍ରି କମିଛି

**ନୂଆଦିଲ୍ଲୀ,୧୧-୬**

ଘରୋଇ ବଜାରରେ ଯାତ୍ରୀ ବାହନ ବିକ୍ରି ମେ'ରେ ୨୦.୫୫% ହ୍ରାସ ପାଇ ୨,୩୯,୩୪୭ରେ ପହଞ୍ଚିଛି। ଗତବର୍ଷ ଏହି ସମୟରେ ଏହା ୩,୦୧,୨୩୮ ଥିଲା। ବାହନ ନିର୍ମାତା ସଂଗଠନ ସିୟାମ ଦ୍ୱାରା ମଙ୍ଗଳବାର ଜାରି ତଥ୍ୟ ଅନୁଯାୟୀ, ମେ'ରେ ଘରୋଇ ବଜାରରେ କାର୍ ବିକ୍ରି ୨୬.୦୩% ହ୍ରାସ ପାଇ ୧,୪୭,୫୪୬ ହୋଇଛି। ଗତବର୍ଷ ମେ'ରେ ଏହା ୧,୯୯,୪୭୯ ଥିଲା। ଏଭଳି ଭାବେ ସମୀକ୍ଷାଧୀନ ମାସରେ ମୋଟରସାଇକେଲ ବିକ୍ରି ୪.୮୯ ପ୍ରତିଶତ ହ୍ରାସ ପାଇଛି ଓ ଏହା ୧୧,୬୨,୩୭୩କୁ ଖସି ଆସିଛି।

# ଅକ୍ଟୋବରରୁ ନୂଆ ଜିଏସ୍‌ଟି ରିଟର୍ନ ଦାଖଲ ବ୍ୟବସ୍ଥା

**ନୂଆଦିଲ୍ଲୀ,୧୧-୬**



ଆସନ୍ତାବର୍ଷ ଜାନୁୟାରୀରୁ ସାରା ଦେଶରେ ବ୍ୟବସାୟୀମାନେ ସରଳ ଜିଏସ୍‌ଟି ଫର୍ମ ପୂରଣ କରିପାରିବେ। ତେବେ ଏହାର ଟ୍ରାୟାଲ ଜୁଲାଇରୁ ଆରମ୍ଭ ହୋଇଯିବ। ଅନ୍ୟପକ୍ଷରେ ନୂଆ ମାସିକ ରିଟର୍ନ ଫର୍ମ ବ୍ୟବସ୍ଥା ଚଳିତ ବର୍ଷ ଅକ୍ଟୋବରରୁ ଆରମ୍ଭ ହୋଇଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ପୁରୁଣା ରିଟର୍ନ ଫର୍ମ ଜିଏସ୍‌ଟିଆର୍-୩ବିକୁ ପ୍ରଚଳନରୁ ବାଦ୍ ଦିଆଯିବ ଏବଂ ଏହା ସ୍ଥାନରେ ଆସନ୍ତାବର୍ଷ ଜାନୁୟାରୀରୁ ଜିଏସ୍‌ଟି ଆର୍‌ଇଟି-୧ ଫର୍ମକୁ ଲାଗୁ କରାଯିବ।

ନୂଆ ବ୍ୟବସ୍ଥାରେ ଜିଏସ୍‌ଟି ଆରଇଟି-୧ ଏକ ମୁଖ୍ୟ ରିଟର୍ନ ଫର୍ମ ହେବ। ଅନ୍ୟପକ୍ଷରେ ଦୁଇଟି ସଂଲଗ୍ନ ଫର୍ମ ଜିଏସ୍‌ଟି ଏଏନ୍‌ଏକ୍ସ-୧ ଏବଂ ଜିଏସ୍‌ଟି ଏଏନ୍‌ଏକ୍ସ-୨ ରହିବ। ଟିକସଦାତାଙ୍କ ଲାଗି ଚଳିତବର୍ଷ ୩ ମାସ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଏସ୍‌ଟି ଏଏନ୍‌ଏକ୍ସ-୧ ଏବଂ ଜିଏସ୍‌ଟି ଏଏନ୍‌ଏକ୍ସ-୨ ଫର୍ମର ଟ୍ରାୟାଲ ଲାଗି ଉପଲବ୍ଧ ହେବ। ଏହି ଅବଧିରେ ଟିକସଦାତାଙ୍କୁ ପିଛିଲା ଅବଧିର ଟିକସ ଦେୟ ଏବଂ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟର ପ୍ରଭାବ ପଡ଼ିବ ନାହିଁ। ଏହି ଅବଧିରେ ସେ ଆପୂର୍ତ୍ତି ଲାଗି ମାସିକ ଅଥବା ତ୍ରୈମାସିକ ଆଧାରରେ ଜିଏସ୍‌ଟିଆର୍-୧ ଏବଂ ମାସିକ ଆଧାରରେ ଜିଏସ୍‌ଟିଆର୍-୩ବିର ଅନୁପାଳନ କରିଚାଲିବେ। ଯୋଜନା ମୁତାବକ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାର୍ଷିକ କାରବାର କରୁଥିବା ଟିକସଦାତା ଅକ୍ଟୋବରରୁ ନିଜର ମାସିକ ରିଟର୍ନ ଇନ୍‌ଭଏସ୍ ଜିଏସ୍‌ଟି ଏଏନ୍‌ଏକ୍ସ-୧ ଫର୍ମ ଅପଲୋଡ କରିବେ। ସେହିଭଳି ଭାବେ, ୫ କୋଟି ଟଙ୍କାରୁ କମ୍ ବାର୍ଷିକ କାରବାର କରୁଥିବା କ୍ଷୁଦ୍ର ଟିକସଦାତା ଜାନୁୟାରୀ, ୨୦୨୦ରୁ ଜିଏସ୍‌ଟି ଏଏନ୍‌ଏକ୍ସ-୧ ଫର୍ମ ତ୍ରୈମାସିକ ଆଧାରରେ ପୂରଣ କରିବା ବାଧ୍ୟତାମୂଳକ ହେବ।



ଏଲ୍‌ଜି ପକ୍ଷରୁ ପ୍ରତ୍ୟେକ ଘଣ୍ଟାରେ ବିଜୟୀ ଅଧୀନରେ 'ବିଶ୍ୱ କପ ଅଫର' ଘୋଷଣା କରାଯାଇଛି। ଏହାର ଅଂଶବିଶେଷ ଭାବେ ସାରା ଭାରତରେ ଏକ ଏଲ୍‌ଇଡି କ୍ରୟ କଲେ ଗ୍ରାହକ ପ୍ରତି ଘଣ୍ଟାରେ ଲକି ଡ୍ରରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ହାସଲ କରିବେ। ମନୋନୀତ ହେବା ପରେ ଗ୍ରାହକଙ୍କୁ ଏଲ୍‌ଜି ପକ୍ଷରୁ ବିଭିନ୍ନ ପ୍ରକାର ଉପହାର ଦିଆଯିବ। ଏହାଛଡ଼ା ସାପ୍ତାହିକ ଲକି ଡ୍ରର ବ୍ୟବସ୍ଥା ରହିଛି। ଗ୍ରାହକ ଏଥିରେ ଭାଗ ନେଇ ଉତ୍ସାହଜନକ ଉପହାର ପାଇବାର ସୁଯୋଗ ପାଇବେ। କଟକର ରାଜ ଇଲେକ୍ଟ୍ରୋନିକ୍ସ ଷ୍ଟୋରରୁ ଦୈତାରି ବିଶ୍ୱାଳ ନାମକ ଜଣେ ଗ୍ରାହକ ୩୨ ଇଞ୍ଚର ଏଲ୍‌ଇଡି କିଣିବା ପରେ ୪୯୯୦ ଟଙ୍କାର ଏଲ୍‌ଜି ଏକ୍ସ ବୁମ୍-ଏଲ୍‌କେ୭୨ ବି ସାଉଣ୍ଡ ସିଷ୍ଟମ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

## ଆର୍ଥର ରୋଡ ଜେଲ୍‌ରେ ଏକାଠି ରହିବେ ମାଲ୍ୟା-ନୀରବ

**ନୂଆଦିଲ୍ଲୀ,୧୧-୬**



ଭାରତର ପ୍ରୟାସ ସଫଳ ହେଲେ ମହାରାଷ୍ଟ୍ରର ଆର୍ଥର ରୋଡ ଜେଲ୍‌ର ବାରାକ୍ ନମ୍ବର ୧୨ର ନାମ ବଦଳାଇ 'କୋଟିପତିଙ୍କ କୋଠରି' ରଖାଯାଇପାରେ। ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଫେରାର ହୋଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ଏବଂ ପିଏନ୍‌ବି ମହାଦୁର୍ନୀତିର ମାଷ୍ଟରମାଇଣ୍ଡ ନୀରବ ମୋଦିଙ୍କୁ ଭାରତ ଫେରାଇ ଆଣିବା ଲାଗି ଜୋରଦାର ପ୍ରୟାସ ଚାଲିଛି। ସେମାନଙ୍କୁ ସ୍ୱାଗତ କରିବା ଲାଗି ଆର୍ଥର ରୋଡ ଜେଲ୍‌କୁ ପ୍ରସ୍ତୁତ କରି ରଖାଯାଇଛି। ପ୍ରତ୍ୟର୍ପିତ ହେବା ପରେ ନୀରବ ମୋଦି ଓ ବିଜୟ ମାଲ୍ୟାଙ୍କୁ ଏକାଠି ବାରାକ୍ ନମ୍ବର ୧୨ରେ ରଖାଯିବ ବୋଲି ମହାରାଷ୍ଟ୍ର ଜେଲ୍ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଜଣାଇ ଦିଆଯାଇଛି। ବ୍ରିଟେନର ଓ୍ୱେଷ୍ଟମିନ୍‌ଷ୍ଟର କୋର୍ଟରେ ମୋଦିଙ୍କୁ ଭାରତ ପ୍ରତ୍ୟର୍ପଣ ନେଇ ଚାଲିଥିବା ମାମଲା ବହୁ ବାଟ ଆଗେଇଛି। ଏଭଳି ସ୍ଥିତିରେ ତାଙ୍କୁ ଆର୍ଥର ରୋଡ ଜେଲ୍‌ରେ ରଖାଯିବା ନେଇ ଜଣାଇବାକୁ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାରାଷ୍ଟ୍ର ସରକାରଙ୍କୁ ପତ୍ର ଲେଖି କୁହାଯାଇଛି। ମହାରାଷ୍ଟ୍ର ଜେଲ୍ ବିଭାଗ ପକ୍ଷରୁ ସୋମବାର ପତ୍ର ଲେଖି ବାରାକ ନମ୍ବର ୧୨ ସେମାନଙ୍କ ଲାଗି ପ୍ରସ୍ତୁତ ଥିବା ଜଣାଇ ଦିଆଯାଇଛି।

## ନିବେଶକଙ୍କ ୨୦୦୦ କୋଟି ଠକି ଫେରାର

### ଆର୍ଥିକ ସଂସ୍ଥା ପ୍ରତିଷ୍ଠାତାଙ୍କ ଏବେ ଆତ୍ମହତ୍ୟା ଧମକ

**ବେଙ୍ଗାଲୁରୁ,୧୧-୬**

ଇସ୍‌ଲାମିକ ବ୍ୟାଙ୍କିଙ୍ଗ୍ ଏବଂ ହଲାଲ ନିବେଶ ଫାର୍ମ ଆଇ ମନିଟରୀ ଆଡ୍‌ଭାଇଜରୀ(ଆଇଏମ୍‌ଏ)ର ଶତାଧିକ ନିବେଶକ ମଙ୍ଗଳବାର କମ୍ପାନୀର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ୨ହଜାର କୋଟି ଟଙ୍କା ଠକି ଫେରାର ହୋଇଥିବା ଫାର୍ମର ପ୍ରତିଷ୍ଠାତା ମହମ୍ମଦ ମନସୁର ଖାନଙ୍କ ଏକ ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ କୁହାଯାଇଛି ଯେ, ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି। ନେତା ଓ ଅଫିସରଙ୍କୁ ଲାଞ୍ଚ ଦେଇ ସେ ଥକି ପଡିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଅନ୍ୟ କେତେକ ଦେଶରେ ଆଇଏମ୍‌ଏର ପ୍ରାୟ ୧୦ ହଜାରରୁ ଅଧିକ ନିବେଶକ ରହିଛନ୍ତି, ଯିଏ କି, କମ୍ପାନୀରେ ପ୍ରାୟ ୨ହଜାର କୋଟି ଟଙ୍କା ନିବେଶ କରିଛନ୍ତି।

# ରିଲାଏନ୍ସ ଯୋଗାଇବ ସବ୍‌ସିଡିଯୁକ୍ତ ଏଲ୍‌ପିଜି

**ନୂଆଦିଲ୍ଲୀ,୧୧-୬**

### ନିଷ୍ପତ୍ତି ନେବେ ୫ ଜଣିଆ କମିଟି

- **ଏବେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଏଲ୍‌ପିଜି ଯୋଗାଉଛନ୍ତି**
- **ଦେଶରେ ଏବେ ୨୬.୫ ମିଲିୟନ ଗ୍ରାହକ**
- **ବିନା ସବ୍‌ସିଡିରେ ଏଲ୍‌ପିଜି ଯୋଗାଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ**
- **ଜାମନଗରରେ ରିଲାଏନ୍ସର ସର୍ବବୃହତ୍ ରିଫାଇନେରି**




ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦେଶରେ ରୋଷେଇ ଗ୍ୟାସ୍ ଅର୍ଥାତ ଏଲ୍‌ପିଜି ସିଲିଣ୍ଡର ଯୋଗାଉଛନ୍ତି। ତେବେ ଘରୋଇ କମ୍ପାନୀଙ୍କୁ ସବ୍‌ସିଡିଯୁକ୍ତ ରୋଷେଇ ଗ୍ୟାସ୍ ଯୋଗାଇବା ଲାଗି ସୁଯୋଗ ଦେବାକୁ ଦେଶର ସର୍ବବୃହତ୍ ଗ୍ୟାସ୍ ଉତ୍ପାଦନକାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଦାବି କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଆସନ୍ତା ଜୁଲାଇ ସୁଦ୍ଧା ତାଙ୍କର ରିପୋର୍ଟ ଦେବାକୁ କୁହାଯାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଜାମନଗରରେ ବିଶ୍ୱର ସର୍ବବୃହତ୍ ରିଫାଇନେରୀ ରହିଛି। ଏଠାରେ ଉତ୍ପାଦିତ ଏଲ୍‌ପିଜିକୁ ଏହା ସରକାରୀ ସବ୍‌ସିଡିରେ ଯୋଗାଇବାକୁ ଆଗ୍ରହୀ ବୋଲି କମ୍ପାନୀ କହିଛି। ବର୍ତ୍ତମାନର ବ୍ୟବସ୍ଥାରେ ସରକାର ବଜାର ଦରରେ ହିତାଧିକାରୀଙ୍କୁ ରୋଷେଇ ଗ୍ୟାସ୍ ବିକ୍ରି କରିଥାନ୍ତି। କିନ୍ତୁ ଗ୍ରାହକଙ୍କ ଖାତାକୁ ସବ୍‌ସିଡି ଅର୍ଥ ଆସୁଥିବାରୁ ସିଲିଣ୍ଡର ଦର ଶସ୍ତା ହୋଇଯାଇଥାଏ। କିନ୍ତୁ ଘରୋଇ କମ୍ପାନୀଗୁଡ଼ିକୁ ଏଥିପାଇଁ ଅନୁମତି ଦିଆଯାଇନାହିଁ। ସେମାନେ ବଜାର ଦରରେ ହିଁ ଲୋକଙ୍କୁ ଏଲ୍‌ପିଜି ବିକ୍ରି କରିଥାନ୍ତି। ସରକାରଙ୍କ ଦ୍ୱାରା ଗଠିତ ପ୍ୟାନେଲରେ ବିଶିଷ୍ଟ ଅର୍ଥନୀତିବିତ୍ କିରୀଟ୍ ପାରିଖ, ପୂର୍ବତନ ପେଟ୍ରୋଲିୟମ ସଚିବ ଜି.ସି.ଚତୁର୍ବେଦୀ, ପୂର୍ବତନ ଇଣ୍ଡିଆନ ଅଏଲ ଅଧ୍ୟକ୍ଷ ଏମ୍.ଏ. ପଠାନ, ଆଇଆଇଏମ୍ ଅହମ୍ମଦାବାଦ୍ ଡାଇରେକ୍ଟର ଏରୋଲ ଡି'ସୁଜା ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟର ଜଣେ ଯୁଗ୍ମ ସଚିବ ରହିଛନ୍ତି। ଏହି କମିଟି ପୂର୍ବରୁ ଦେଶରେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ନେଇ ନୀତିରେ ସୁଧାର କରିବାକୁ ସୁପାରିସ୍ କରିଥିଲେ। ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ୨୦୦୦ କୋଟି ଟଙ୍କାର ନିବେଶ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେବା ଲାଗି ଏହି କମିଟି ସୁପାରିସ୍ କରିଥିଲେ। ସୂଚନାଥାଉ କି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କେତେକ ରାଜ୍ୟରେ ରୋଷେଇ ଗ୍ୟାସ୍ ବିକ୍ରି କରୁଛି। ତେବେ ଦେଶର ମୋଟ ୨୬.୫ ମିଲିୟନ ଗ୍ରାହକଙ୍କ ତୁଳନାରେ ଏହା ଅତ୍ୟନ୍ତ ନଗଣ୍ୟ। ଏଲ୍‌ପିଜି ସିଲିଣ୍ଡର ବ୍ୟବହାର କରିବାରେ ଭାରତ ବିଶ୍ୱରେ ଦ୍ୱିତୀୟ। ୨୦୧୮-୧୯ରେ ଭାରତରେ ୨୪.୯ ମିଲିୟନ ମେଟ୍ରିକ ଟନ୍ ଏଲ୍‌ପିଜି ବ୍ୟବହୃତ ହୋଇଛି। ଏଥିରୁ ଅଧା ବିଦେଶରୁ ଆମଦାନୀ କରାଯାଇଥିଲା। ବର୍ତ୍ତମାନ ଦିଲ୍ଲୀରେ ବିନା ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ୭୩୭.୫୦ ଟଙ୍କା, ମୁମ୍ବାଇରେ ଏହା ୭୦୯.୫୦ ଟଙ୍କା, କୋଲକାତାରେ ୭୬୩.୫୦ ଟଙ୍କା ଏବଂ ଚେନ୍ନାଇରେ ଏହା ୭୫୩ ଟଙ୍କାରେ ବିକ୍ରି ହେଉଛି। ସେହିପରି ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ଚଳିତ ମାସରେ ୧.୨୩ ଟଙ୍କା ବଢ଼ିଛି। ଦିଲ୍ଲୀରେ ଏହା ୪୯୭.୩୭ ଟଙ୍କା, ମୁମ୍ବାଇରେ ୪୯୫.୦୯ ଟଙ୍କା, କୋଲକାତାରେ ୫୦୦.୫୨ ଟଙ୍କା ଏବଂ ଚେନ୍ନାଇରେ ଏହା ୪୮୫.୨୫ ଟଙ୍କାରେ ବିକ୍ରି କରାଯାଉଛି।

DSPL-25

ଓଡ଼ିଶା ସରକାର
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ
ବାର୍ତ୍ତା

ପ୍ରତିବର୍ଷ ଭଳି ଚଳିତ ଜୁନ ୧୨ ତାରିଖ ବିଶ୍ୱ ଶିଶୁଶ୍ରମ ନିରୋଧ ଦିବସ ପାଳନ ଅବସରରେ, ଆମ ରାଜ୍ୟକୁ ଶିଶୁଶ୍ରମ ମୁକ୍ତ ରାଜ୍ୟ ଭାବରେ ପରିଣତ କରିବା ସହ, ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଯତ୍ନବାନ ହେବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଅଛି। ଏହା ଆମ ପାଇଁ ଏକ ଆହ୍ୱାନ ଓ ସଂକଳ୍ପ ଅଟେ। ଆସନ୍ତୁ, ଆମେ ମିଳିମିଶି ଏ ଦିଗରେ ଯତ୍ନବାନ ହେବା।

ସ୍ୱା./- ସୁଶାନ୍ତ ସିଂହ
ମାନ୍ୟବର ମନ୍ତ୍ରୀ ଶ୍ରମ ଓ କର୍ମଚାରୀ
ରାଜ୍ୟ ବୀମା ଏବଂ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା

17001/13/0002/1920

# ଇଞ୍ଜୁରି ପାଇଁ ୩ ମ୍ୟାଚ୍‌ରୁ ଧାୱନ ବାଦ୍

**ନଟିଂହାମ,୧୧।୬(ପି.ଟି.)**

ଭାରତର ବିଶ୍ୱକପ୍ ଅଭିଯାନକୁ ଜୋରଦାର୍ ଝଟ୍‌କା ଲାଗିଛି। ବାମହାତ ବୁଢ଼ା ଅଙ୍ଗୁଳି ଭାଙ୍ଗିଯିବା କାରଣରୁ ଇନ୍‌ଫର୍ମ ତଥା ଅଭିଜ୍ଞ ଓପନର ଶିଖର ଧାୱନ ଆଗାମୀ ୩ ସପ୍ତାହ ପାଇଁ ଦଳରୁ ବାଦ ପଡିଛନ୍ତି। ଫଳରେ ଅତିକମ୍‌ରେ ସେ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବା ନିଶ୍ଚିତ ହୋଇଛି।

ଧାୱନଙ୍କ ବଦଳରେ ଦଳରେ କାହାକୁ ସାମିଲ କରାଯିବ ସେ ନେଇ ଟିମ୍ ମ୍ୟାନେଜମେଣ୍ଟ କୌଣସି ସ୍ପଷ୍ଟ ସୂଚନା ଦେଇନାହାଁନ୍ତି। ଧାୱନ ଗୁରୁବାର ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଓ ରବିବାର ଆୟୋଜନ ହେବାକୁ ଥିବା ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ତେବେ ଆସନ୍ତା ୨୨ ତାରିଖରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ବେଳକୁ ଧାୱନ ଫିଟ୍ ହୋଇଥିବେ କି ନା ତାହା ଦେଖିବାକୁ ବାକି ରହିଲା। ବିଶ୍ୱକପ୍‌ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୧୦୯ଟି ବଲର ସମ୍ମୁଖୀନ ହୋଇ ୧୧୭ ରନର ଶତକୀୟ ପାଳି ଖେଳି ଧାୱନ ହିରୋ ସାବ୍ୟସ୍ତ ହେବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ନାଥନ କଲ୍ଟର- ନାଇଲଙ୍କ ଏକ ରାଇଜିଂ ବଲ ଧାୱନଙ୍କ ବାମ ବୁଢ଼ା ଅଙ୍ଗୁଳିରେ ବାଜିଥିଲା। ତେବେ ଯନ୍ତ୍ରଣା ସତ୍ତ୍ୱେ ସେ ବ୍ୟାଟିଂ ଜାରି ରଖିଥିଲେ। ତେବେ ରବୀନ୍ଦ୍ର ଜାଡେଜା ତାଙ୍କ ସ୍ଥାନରେ ପୂରା ମ୍ୟାଚ୍‌ରେ ଫିଲ୍ଡିଂ କରିଥିଲେ। ସ୍କାନ ହେବା ପରେ ଧାୱନଙ୍କ ଅଙ୍ଗୁଳି ଭାଙ୍ଗିଯାଇଥିବା ଜଣାପଡିଥିଲା। ଭାରତ ଟିମ୍ ଇଣ୍ଡିଆ ଫିଜିଓ ପାଟ୍ରିକ ଫରହାର୍ଟ ଓ ଧାୱନ ଲିଡ୍ସରେ ରହି ବିଭିନ୍ନ ସ୍ପେସିଆଲିଷ୍ଟଙ୍କ ସହ ପରାମର୍ଶ କରୁଛନ୍ତି। ମାଞ୍ଚେଷ୍ଟରଠାରୁ ଲିଡ୍ସ ଗୋଟିଏ ଘଣ୍ଟାର ରାସ୍ତା।

ଟୁର୍ନାମେଣ୍ଟର ଅନ୍ତିମଚରଣ ବେଳକୁ ଧାୱନ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଥିବା ବେଳେ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତା ତାଙ୍କ ବଦଳ ଖେଳାଳି ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ୨୨ ତାରିଖରେ ଭାରତ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ। ତେବେ ସେତେବେଳକୁ ଧାୱନ ୧୧ ଦିନର ବିଶ୍ରାମ ପାଇଯାଇଥିବେ। ଏହି ମ୍ୟାଚ୍ ଯଦି ଧାୱନ ନ ଖେଳନ୍ତି ତେବେ ଅସାନ୍ତା ୨୭ ତାରିଖରେ ଭାରତ ମାଞ୍ଚେଷ୍ଟରରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ଖେଳିବା ପୂର୍ବରୁ ଆହୁରି ଅଧିକ ୬ ଦିନର ବିଶ୍ରାମ ପାଇବେ। ଯଦି ଫିଟ୍ ହୁଅନ୍ତି ତାହେଲେ ସେ ଅନ୍ତିମ ଦୁଇ ଲିଗ୍ ମ୍ୟାଚ୍ (ଜୁଲାଇ ୨ରେ ବାଂଲାଦେଶ ଓ ୬ରେ ଆୟୋଜନ ହେବାକୁଥିବା ଶ୍ରୀଲଙ୍କା ବିପକ୍ଷ ମ୍ୟାଚ) ଖେଳିପାରିବେ। କେବଳ ସେତିକି ନୁହଁ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟ ଧାୱନ ଖେଳିବା ନେଇ କୌଣସି ସମସ୍ୟା ରହିବ ନାହିଁ ବୋଲି ଆଶା କରାଯାଉଛି। ଧାୱନ ଏବେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିବେ। ଧାୱନ ଇଂଲଣ୍ଡରେ ରହିବେ ଓ ତାଙ୍କ ଇଞ୍ଜୁରିର ଉନ୍ନତି ଉପରେ ନଜର ରଖାଯିବ ବୋଲି ଟିମ୍ ଇଣ୍ଡିଆ ମିଡିଆ ମ୍ୟାନେଜର ମୌଲିନ ପାରିଖ ସୁଚନା ଦେଇଛନ୍ତି।

ବର୍ତ୍ତମାନ ଟିମ୍ ମ୍ୟାନେଜମେଣ୍ଟ ଧାୱନଙ୍କ ବଦଳ ଖେଳାଳି ଘୋଷଣା ନେଇ ସେତେଟା ତତ୍ପରତା ପ୍ରକାଶ କରିନାହିଁ। ଧାୱନଙ୍କୁ ମାସେ ପର୍ଯ୍ୟନ୍ତ ଡାକ୍ତର ଅନ୍‌ଫିଟ୍ ଘୋଷଣା ନ କଲା ପର୍ଯ୍ୟନ୍ତ ବଦଳ ଖେଳାଳି ନେଇ ଘୋଷଣା କରିବାକୁ ଟିମ୍ ମ୍ୟାନେଜମେଣ୍ଟ ଅନିଚ୍ଛୁକ ବୋଲି କୁହାଯାଉଛି।

ଦଳରେ ସ୍ପେଶାଲିଷ୍ଟ ଓପନର ଲୋକେଶ ରାହୁଲ ସାମିଲ ଅଛନ୍ତି। ତେଣୁ ସେ ଧାୱନଙ୍କ ସ୍ଥାନରେ ରୋହିତ ଶର୍ମାଙ୍କ ସହ ମିଶି ଇନିଂସ ଓପନ୍ କରିବେ। ଏଭଳି ସ୍ଥିତିରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକ ଆଗାମୀ ଦୁଇ ମ୍ୟାଚ୍‌ରେ ମିଡଲ ଅର୍ଡରରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି।

ଷ୍ଟାଣ୍ଡ-ବାଇ ତାଲିକାରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁ ସାମିଲ ଅଛନ୍ତି।ମୁମ୍ବାଇବ୍ୟାଟ୍ସମ୍ୟାନଶ୍ରେୟାସଆୟରସ୍ପେଶାଲିଷ୍ଟ ୪ ନମ୍ବର ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବାରୁ ତାଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଷ୍ଟାଣ୍ଡ-ବାଇ ତାଲିକା ନେଇ ଆଇସିସିର କୌଣସି ସ୍ୱତନ୍ତ୍ର ନିୟମ ନାହିଁ। ତେଣୁ ବିଶ୍ୱକପ୍ ଟେକ୍‌ନିକାଲ କମିଟିର ଅନୁମୋଦନରେ ଯେକୌଣସି ଖେଳାଳିଙ୍କୁ ବଦଳ ଖେଳାଳି ରୂପେ ଦଳରେ ସାମିଲ କରାଯାଇପାରିବ।




ଅଷ୍ଟ୍ରେଲିଆ ବିପକ୍ଷରେ ହାତରେ ବଲ୍ ବାଜି ଆହତ ହୋଇଛନ୍ତି ଶିଖର ଧାୱନ।

### ପନ୍ତଙ୍କ ସପକ୍ଷରେ ଗାଭାସ୍କର

ଶିଖର ଧାୱନ ଇଞ୍ଜୁରି କାରଣରୁ ବାଦ ପଡିଲେ ତାଙ୍କ ବଦଳ ଖେଳାଳି ଭାବେ କାହାକୁ ଦଳରେ ସାମିଲ କରାଯିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବ୍ୟାଟିଂ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ କେଭିନ୍ ପିଟରସନ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ବଦଳ ଖେଳାଳି ରୁପେ ବିବେଚନା କରିଛନ୍ତି। ତେବେ ପୂର୍ବତନ ଓପନର ଗୌତମ ଗମ୍ଭୀର ଅମ୍ବାତି ରାୟୁଡୁଙ୍କୁ ଏ ନେଇ ସମର୍ଥନ କରିଛନ୍ତି। ପନ୍ତ ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଜଣେ ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ହୋଇଥିବାରୁ ପନ୍ତଙ୍କୁ ବଦଳ ଖେଳାଳିଭାବେ ଦଳରେ ସାମିଲ କରାଯିବା ଉଚିତ ବୋଲି ଗାଭାସ୍କର କହିଛନ୍ତି। ଯଦି ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡନ୍ତି ତାହାଲେ ପନ୍ତଙ୍କୁ ଯେତେଶୀଘ୍ର ଦଳରେ ସାମିଲ କରାଯିବ ସେତେ ଭଲ ବୋଲି ପିଟରସନ କହିଛନ୍ତି। ତେବେ ଏ ନେଇ ଗମ୍ଭୀରଙ୍କ ମତ ସମ୍ପୂର୍ଣ୍ଣ ଭିନ୍ନ। ଦିନିକିଆରେ ରାୟୁଡୁଙ୍କ ହାରାହାରି ରନ୍ ସଂଗ୍ରହ ୪୫ ରହିଛି। ତେଣୁ ରାୟୁଡୁଙ୍କୁ ଧାୱନଙ୍କ ବଦଳ ଖେଳାଳି ରୂପେ ସାମିଲ କରାଯିବା ଉଚିତ। ଦଳରେ ସାମିଲ କରା ନ ଗଲେ ରାୟୁଡୁଙ୍କ କ୍ୟାରିୟର ଶେଷ ହେବ ବୋଲି ଗମ୍ଭୀର କହିଛନ୍ତି।

# ପାଣ୍ଡ୍ୟାଙ୍କୁ କ୍ଲୁଜନରଙ୍କ ସହ ତୁଳନା କଲେ ୱ



ଲାନ୍ସ କ୍ଲୁଜନର



ହାର୍ଦ୍ଦିକ ପାଣ୍ଡ୍ୟା

**ଲଣ୍ଡନ, ୧୧।୬(ପି.ଟି.)**

ପ୍ରାକ୍ତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ୱ ଭାରତୀୟ ଦଳର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ତୁଳନା ଦକ୍ଷିଣ ଆଫ୍ରିକାର ମହାନ ଅଲ୍‌ରାଉଣ୍ଡର ଲାନ୍ସ କ୍ଲୁଜନରଙ୍କ ୧୯୯୯ ବିଶ୍ୱକପ୍ ପ୍ରଦର୍ଶନ ସହ କରିଛନ୍ତି। ପାଣ୍ଡ୍ୟା ଯେଉଁଭଳି ଭାବରେ ବଡ଼ ଶଟ୍‌ମାନ ଖେଳୁଛନ୍ତି ବିପକ୍ଷ ଅଧିନାୟକଙ୍କ ପାଖରେ ତାଙ୍କୁ ରୋକିବାର କୌଣସି ଉପାୟ ନାହିଁ ବୋଲି ୱ କହିଛନ୍ତି। ବିଶ୍ୱକପ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ଓଭାଲରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୨୭ ବଲ୍‌ରୁ ୪୮ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଫଳରେ ଭାରତ ସ୍କୋର ୩୫୦ ଅତିକ୍ରମ କରିଥିବାବେଳେ ଅଷ୍ଟ୍ରେଲିଆ ୩୬ ରନରେ ଏହି ମ୍ୟାଚ୍‌ରେ ହାରି ଯାଇଥିଲା।

ଆଇସିସି ଅଫିସିଆଲ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ସ୍ତମ୍ଭରେ ୱ ଉଲ୍ଲେଖ କରିଛନ୍ତି, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ଇନିଂସ ପ୍ରତିପକ୍ଷ ଟିମ୍‌କୁ ଚମକାଇ ଦେଇଛି। ୧୯୯୯ ବିଶ୍ୱକପ୍ ଖେଳିଥିବା ଲାନ୍ସ କ୍ଲୁଜନରଙ୍କ ସହ ଏହି ଖେଳାଳି ସମକକ୍ଷ ହୋଇପାରିବେ। ଅଧିକାଂଶ ଖେଳାଳି ନିଜ ଇନିଂସର ଶେଷ ଭାଗରେ ଯେଉଁଭଳି ବଡ଼ ଶଟ୍ ଖେଳିଥାନ୍ତି ପାଣ୍ଡ୍ୟା ନିଜ ଇନିଂସ ଆରମ୍ଭରୁ ସେହି ପ୍ରକାର ଶଟ୍ ଖେଳିବାର ଦକ୍ଷତା ରଖିଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂକୁ ପ୍ରତିହତ କରିବା ପ୍ରତିପକ୍ଷ ଅଧିନାୟକଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇପାରେ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୪ଟି ଚୌକା ଓ ୩ ଛକା ମାରିଥିଲେ। ପାଣ୍ଡ୍ୟାଙ୍କ ଏହି ଇନିଂସ ୱଙ୍କୁ ୧୯୯୯ ବିଶ୍ୱକପ୍‌ରେ କ୍ଲୁଜନରଙ୍କ ବିସ୍ଫୋରକ ବ୍ୟାଟିଂକୁ ମନେପକାଇ ଦେଇଛି। ୨୦ ବର୍ଷ ତଳେ ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ କ୍ଲୁଜନର ନିମ୍ନକ୍ରମରେ ଦମ୍‌ଦାର ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ଏହି ବାମହାତୀ ବ୍ୟାଟ୍ସମ୍ୟାନ ୧୨୨.୧୭ ଷ୍ଟ୍ରାଇକରେଟ୍‌ରେ ୨୮୧ ରନ୍ ସଂଗ୍ରହ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା।

# ବର୍ଷାଯୋଗୁ ଆଉ ଏକ ମ୍ୟାଚ୍ ବାତିଲ

**ବ୍ରିଷ୍ଟଲ, ୧୧।୬ (ପି.ଟି.):** ଚଳିତ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟଥର ପାଇଁ ଶ୍ରୀଲଙ୍କା ପଏଣ୍ଟ ଭାଗ କରିଛି। କାଉଣ୍ଟି ଗ୍ରାଉଣ୍ଡରେ ମଙ୍ଗଳବାର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଖେଳାଯିବାକୁ ଥିବା ୧୬ତମ ମ୍ୟାଚ୍ ବର୍ଷା ଯୋଗୁ ବିନା ଟସ୍ ପଡିବାରେ ବାତିଲ ହୋଇଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ଶ୍ରୀଲଙ୍କା ୪ ମ୍ୟାଚ୍ ଖେଳି ଗୋଟିଏ ବିଜୟ ହାସଲ କରିଥିବା ବେଳେ ଗୋଟିଏ ପରାଜୟ ବରଣ କରିଛି। ପୁଣି ଦୁଇଟି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ଫଳରେ ଦୁଇଥର ପଏଣ୍ଟ ଭାଗ କରିଛି। ଶ୍ରୀଲଙ୍କା ମୋଟ ୪ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନ ଅଧିକାର କରିଛି। ଅପରପକ୍ଷରେ ବାଂଲାଦେଶ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ପରାଜୟ ବରଣ କରିଛି। ଥରେ ପଏଣ୍ଟ ଭାଗ କରି ବାଂଲାଦେଶ ମୋଟ ୩ ପଏଣ୍ଟ ପାଇବା ସହ ପଏଣ୍ଟ ତାଲିକାର ସପ୍ତମ ସ୍ଥାନରେ ରହିଛି। କ୍ରମାଗତ ଦ୍ୱିତୀୟଥର ପାଇଁ ମ୍ୟାଚ୍ ବାତିଲ ହୋଇଥିବାରୁ ଶ୍ରୀଲଙ୍କାର ସେମିଫାଇନାଲ ଆଶା ପ୍ରଭାବିତ ହୋଇଛି। ଫଳରେ ଶ୍ରୀଲଙ୍କା ନିରାଶ ହୋଇଛି। ଏବେ ଶ୍ରୀଲଙ୍କା ଜୁନ୍ ୧୫ ତାରିଖରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଲଣ୍ଡନରେ ଭେଟିବ। ସେହିପରି ବାଂଲାଦେଶ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଟଣ୍ଟନରେ ୱେଷ୍ଟଇଣ୍ଡିଜକୁ ୧୭ ତାରିଖରେ ଭେଟିବ।




ଷ୍ଟାଡ଼ିୟମ୍‌ରେ ଉପସ୍ଥିତ ବାଂଲାଦେଶ ପ୍ରଶଂସକ।

### ପଏଣ୍ଟ ଭାଗ କଲେ ଶ୍ରୀଲଙ୍କା-ବାଂଲାଦେଶ

# ସ୍ୱଦେଶ ଫେରିବେ ମାଲିଙ୍ଗା

**ବ୍ରିଷ୍ଟଲ, ୧୧।୬:** ଶ୍ରୀଲଙ୍କା କ୍ରିକେଟ ଦଳର ଭେଟେରାନ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ଚଳିତ ଆଇସିସି ବିଶ୍ୱକପ୍ ମଝିରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ମଙ୍ଗଳବାର ଏଠାରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ପରେ ମାଲିଙ୍ଗା ଶାଶୁଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ସ୍ୱଦେଶ ଫେରି ଆସିବେ। ଶନିବାର ତାଙ୍କ ଶାଶୁ କାନ୍ତି ପେରେରାଙ୍କର କଲମ୍ବୋସ୍ଥିତ ବାସଭବନରେ ବିୟୋଗ ହୋଇଥିଲା ବୋଲି ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଗୁରୁବାର ତାଙ୍କ ଅନ୍ତ୍ୟେଷ୍ଟି ଅନୁଷ୍ଠିତ ହେବ। ମାଲିଙ୍ଗା କିନ୍ତୁ ଶ୍ରୀଲଙ୍କାର ପରବର୍ତ୍ତୀ ମ୍ୟାଚ୍ ପୂର୍ବରୁ ଦଳ ସହ ଯୋଗ ଦେଇଥିବେ ବୋଲି ଜଣାପଡ଼ିଛି। ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଜୁନ୍ ୧୫ରେ ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



### ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୦ | ୦ | ୬ | +୨.୧୬୩ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଭାରତ | ୨ | ୨ | ୦ | ୦ | ୦ | ୪ | +୦.୫୩୯ |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୦ | ୪ | +୦.୪୮୩ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ୍ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ବାଂଲାଦେଶ | ୪ | ୧ | ୨ | ୦ | ୧ | ୩ | -୦.୭୧୪ |
| ପାକିସ୍ତାନ | ୩ | ୧ | ୧ | ୦ | ୧ | ୩ | -୨.୪୧୨ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ମିଚେଲ ମାର୍ଶଙ୍କୁ ଡାକରା

**ଟଣ୍ଟନ, ୧୧।୬ (ପି.ଟି.):** ବୁଧବାର ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଖେଳିପାରିବେନି ଅଷ୍ଟ୍ରେଲୀୟ ସିମ୍ ବୋଲିଂ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ୍। ଦଳର ଟିମ୍ ମ୍ୟାନେଜମେଣ୍ଟ ମଙ୍ଗଳବାର ଏହି ସୂଚନା ଦେଇଛି। ଭାରତ ବିପକ୍ଷରେ ୩୬ରନ ପରାଜୟ ମ୍ୟାଚରେ ଏହି ଖେଳାଳି ପାର୍ଶ୍ୱ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ବିକଳ୍ପ ଖେଳାଳି ଭାବେ ଅଷ୍ଟ୍ରେଲିଆ ଦଳ ଅଲ୍‌ରାଉଣ୍ଡର ମିଚେଲ ମାର୍ଶଙ୍କୁ ଦେଶରୁ ଡକାଇଛି। ଅଷ୍ଟ୍ରେଲିଆ ଶନିବାର ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଏହା ପୂର୍ବରୁ ୨୯ବର୍ଷୀୟ ଷ୍ଟୋଇନିସ ଫିଟ୍ ହେଉଛନ୍ତି କି ନା ତାହା ଉପରେ ଟିମ୍ ମ୍ୟାନେଜମେଣ୍ଟ ନଜର ରଖିଛି। ଏହି ସମୟ ମଧ୍ୟରେ ଷ୍ଟୋଇନିସ୍ ଯଦି ଫିଟ୍ ନ ହୁଅନ୍ତି ତେବେ ତାଙ୍କୁ ୧୫ ଜଣିଆ ଦଳରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇ ମାର୍ଶଙ୍କୁ ବିଧିବଦ୍ଧ ସାମିଲ କରାଯିବ। ଅଧିନାୟକ ଆରୋନ ଫିଞ୍ଚ୍ କହିଛନ୍ତି, ଷ୍ଟୋଇନିସ କେତୋଟି ମ୍ୟାଚ ମିସ୍ କରିବେ ଆମେ ସେ ନେଇ ବର୍ତ୍ତମାନ ନିର୍ଦ୍ଦିଷ୍ଟ ଭାବେ କିଛି କହି ହେବନି। ସେଥିପାଇଁ ମାର୍ଶଙ୍କୁ ଡକାଯାଇଛି ମାତ୍ର। ତେବେ ୨ରୁ ୩ ଦିନ ମଧ୍ୟରେ ସ୍ପଷ୍ଟଚିତ୍ର ମିଳିଯିବ। ବିଶ୍ୱକପ୍ ପାଇଁ ରହିଥିବା ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ନିୟମାନୁସାରେ ଜଣେ ଖେଳାଳି ଆଘାତପ୍ରାପ୍ତ ହେଲେ ତାଙ୍କ ସ୍ଥାନରେ ଜଣେ ଖେଳାଳିଙ୍କୁ ଦଳରେ ନିଆଯାଇ ପାରିବ। ହେଲେ ଆଘାତପ୍ରାପ୍ତ ଖେଳାଳି ଯଦି ପରେ ସମ୍ପୂର୍ଣ୍ଣ ଫିଟ୍ ହୁଅନ୍ତି ତାଙ୍କୁ ପୁଣି ଦଳରେ ସ୍ଥାନ ମିଳିବ ନାହିଁ। ସୂଚନାଯୋଗ୍ୟ, ଭାରତ ବିପକ୍ଷ ମ୍ୟାଚରେ ଷ୍ଟୋଇନିସ ୬୨ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କୁ କଟ୍ ଆଣ୍ଡ ବୋଲ୍ଡ କରିଦେଇଥିଲେ। ମ୍ୟାଚରେ ସେ ଆହୁରିମଧ୍ୟ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ଡିପ୍ ଅଞ୍ଚଳରେ ଭାରତୀୟ ଅଧିନାୟକଙ୍କୁ କ୍ୟାଚ ଆଉଟ୍ କରିଦେଇଥିଲେ।

# ଅଷ୍ଟ୍ରେଲିଆ-ପାକିସ୍ତାନ ମୁକାବିଲା ଆଜି

**ଟଣ୍ଟନ,୧୧।୬(ଏଏଫ୍‌ପି)**

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣରେ ବୁଧବାର ପାକିସ୍ତାନ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ସ୍ଥାନୀୟ ଦି କୁପର ଆସୋସିଏଟ୍ କାଉଣ୍ଟି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଦୁଇ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପାକିସ୍ତାନ ତାରକା ଦ୍ରୁତ ବୋଲର ମହମ୍ମଦ ଆମିର ଏହି ମ୍ୟାଚ୍‌ରେ ପୁଣିଥରେ କମାଲ କରିବା ଲକ୍ଷ୍ୟରେ ରହିଛନ୍ତି। ଆମିର ଗତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଖେଳିଥିଲେ ମଧ୍ୟ ବର୍ଷା କାରଣରୁ ଏହା ବାତିଲ ହୋଇଥିଲା। ଚିକେନ ଫକ୍ସ ହେବା କାରଣରୁ ଆମିର ବାକି ୪ଟି ମ୍ୟାଚ୍ ଖେଳି ନ ଥିଲେ। ଇଂଲଣ୍ଡ ଅବଶ୍ୟ ୪-୦ ବ୍ୟବଧାନରେ ଏହି ସିରିଜ ଜିତିଥିଲା। ବିଶ୍ୱକପ୍ ପାଇଁ ଘୋଷିତ ସମ୍ଭାବ୍ୟ ପ୍ରାଥମିକ ଦଳରେ ସ୍ଥାନ ପାଇ ନ ଥିଲେ ମଧ୍ୟ ୨୭ ବର୍ଷୀୟ ଆମିର ଶେଷରେ ଅନ୍ତିମ ଦଳରେ ସାମିଲ ହୋଇଥିଲେ। ଟ୍ରେଣ୍ଟବ୍ରିଜ୍‌ରେ ବିଶ୍ୱକପ୍‌ର ପଦାର୍ପଣ ମ୍ୟାଚ୍‌ରେ ଆମିର ୩ଟି ଉଇକେଟ ନେଇଥିଲେ ମଧ୍ୟ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୦୫ ରନରେ ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୭ ଉଇକେଟରେ ବିଜୟୀ ହୋଇଥିଲା। ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ନଟିଂହାମ୍‌ରେ ଆଶ୍ଚର୍ଯ୍ୟଜନକ ଭାବେ ଇଂଲଣ୍ଡକୁ ୧୪ ରନରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଆମିର ୬୭ ରନ ବ୍ୟୟ କରି ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିଥିଲେ। ଏହାପରେ ବ୍ରିଷ୍ଟଲରେ ପାକିସ୍ତାନ ତା'ର ତୃତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିଥିଲା। ତେବେ ଏହି ମ୍ୟାଚ୍ ବର୍ଷାକାରଣରୁ ବାତିଲ ହୋଇଥିଲା।

ରେକର୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପାକିସ୍ତାନ ଅଷ୍ଟ୍ରେଲିଆର ବହୁ ପଛରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଗତ ୧୪ଟି ମ୍ୟାଚ୍‌ରେ ପାକିସ୍ତାନ ଥରେ ମାତ୍ର ବିଜୟୀ ହେବାର ସୁଯୋଗ ପାଇଛି। ୨୦୧୭ ଜାନୁୟାରୀରେ ମେଲବୋର୍ନରେ ମହମ୍ମଦ ହାଫିଜଙ୍କ ୭୨ ରନର ଉପଯୋଗୀ ଇନିଂସ ବଳରେ ଶେଷଥର ପାଇଁ ପାକିସ୍ତାନ ବିଜୟୀ ହୋଇଥିଲା। ଗତ ଇଂଲଣ୍ଡ ବିପକ୍ଷ ବିଜୟରେ ମଧ୍ୟ ହାଫିଜ୍‌ଙ୍କ ୮୪ ରନର ଇଂନିସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ୫ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ଅବଶ୍ୟ ପାକିସ୍ତାନଠାରୁ ଦୁଇ ପାଦ ଆଗରେ ରହିଛି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଆମେ ଅଧିକ ମ୍ୟାଚ୍‌ରେ ବିଜୟୀ ହୋଇନାହୁଁ। ତେବେ ଇଂଲଣ୍ଡକୁ ଗତ ମ୍ୟାଚ୍‌ରେ ହରାଇବାରେ ସକ୍ଷମ ହୋଇଛୁ। ସେହିପରି ଅଷ୍ଟ୍ରେଲିଆକୁ ମଧ୍ୟ ଆମେ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛୁ ବୋଲି ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ କହିଛନ୍ତି। ଇଂଲଣ୍ଡକୁ ହରାଇବା ପରେ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଏହି ବିଜୟରୁ ଆମେ ବହୁତ କିଛି ଶିକ୍ଷା କରିଛୁ। ଇଂଲଣ୍ଡ ବିପକ୍ଷରେ ଯେପରି ଆମେ ଆକ୍ରମଣାତ୍ମ ଖେଳିଥିଲୁ ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ପ୍ରଦର୍ଶନ କରିବୁ ବୋଲି ସର୍ଫରାଜ କହିଛନ୍ତି।

ଭାରତ ଗତ ସପ୍ତାହ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩୬ ରନରେ ପରାସ୍ତ କରିଥିଲା। ବିଶ୍ୱକପ୍‌ରେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ପ୍ରଥମ ପରାଜୟବରଣ କରିଥିଲା। ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ପ୍ରତ୍ୟାବର୍ତ୍ତନ କରିବା ପରେ ଅଷ୍ଟ୍ରେଲିଆ ଆହୁରି ଶକ୍ତିଶାଳୀ ହୋଇଛି। ଭାରତଠାରୁ ହାରିବା ପରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହେବା ପାଇଁ ଚେଷ୍ଟା କରିବ ବୋଲି ସର୍ଫରାଜ କହିଛନ୍ତି। ତେବେ ଏହି ଚ୍ୟାଲେଞ୍ଜ ପାଇଁ ପାକିସ୍ତାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି।

ଓପନର ୱାର୍ନରଙ୍କୁ ନେଇ ଅଷ୍ଟ୍ରେଲିଆ ଟିମ୍ ମ୍ୟାନେଜମେଣ୍ଟ ସାମାନ୍ୟ ଚିନ୍ତିତ ରହିଛି। ବିଶ୍ୱକପ୍‌ରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ପାକିସ୍ତାନ ବିପକ୍ଷରେ ସେ ନିଜ ଚିରାଚରିତ ଢଙ୍ଗରେ ଧୂଆଁଧାର ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି। ଭାରତ ବିପକ୍ଷରେ ୱାର୍ନର ୮୪ ବଲରୁ ୫୬ ରନ ସଂଗ୍ରହ କରିଥିଲେ। ଏଥିମଧ୍ୟରେ ୪୮ଟି ଡଟ୍ ବଲ ରହିଥିଲା। ଫଳରେ ଅଷ୍ଟ୍ରେଲିଆର ରନସଂଗ୍ରହ ହାରରେ ମାନ୍ଦା ଥିଲା ଓ ଶେଷରେ ଅଷ୍ଟ୍ରେଲିଆ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହଁ ଅଧିନାୟକ ତଥା ଓପନିଂ ପାର୍ଟନର ଆରୋନ ଫିଞ୍ଚ୍‌ଙ୍କୁ ରନ୍ ଆଉଟ କରାଇବାରେ ମଧ୍ୟ ୱାର୍ନରଙ୍କ ଭୂମିକା ରହିଥିଲା। ତେବେ ଫିଞ୍ଚ୍ ୱାର୍ନରଙ୍କୁ ସମର୍ଥନ କରିଛନ୍ତି। ବଲ ଟାମ୍ପରିଂ କାରଣରୁ ବାସନ୍ଦରୁ ଫେରିବା ପରେ ୱାର୍ନର ପୂର୍ବତନ ଅଧିନାୟକ ସ୍ମିଥ୍‌ଙ୍କ ସହ ପ୍ରଥମଥର ପାଇଁ ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟ ଖେଳୁଛନ୍ତି। ଏହି ମ୍ୟାଚ୍‌ରେ ଭାରତ ପ୍ରକୃତରେ ଉଚ୍ଚକୋଟୀର ବୋଲିଂ କରିଥିଲା। ତେଣୁ କ୍ରିଜ୍‌ରେ ଜମି ରହିବା ପାଇଁ ୱାର୍ନରଙ୍କୁ କିଛି ସମୟ ଆବଶ୍ୟକ ହେଉଥିଲା। ୱାର୍ନର ଜଣେ ବିଶ୍ୱସ୍ତରୀୟ ଖେଳାଳି। ଖୁବ୍ ଶୀଘ୍ର ସେ ନିଜ ଲୟକୁ ଫେରି ଅଷ୍ଟ୍ରେଲିଆକୁ ଜିତାଇବେ ବୋଲି ଫିଞ୍ଚ୍ ଆଶା ପ୍ରକାଶ କରିଛନ୍ତି। ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି ଓ ଏହା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଆରୋନ୍ ଫିଞ୍ଚ ଓ ସର୍ଫରାଜ ଅହମ୍ମଦ।

### ଆଜିର ମ୍ୟାଚ୍

ଅଷ୍ଟ୍ରେଲିଆ
ବନାମ
ପାକିସ୍ତାନ

ସ୍ଥାନ: ଟଣ୍ଟନ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ବର୍ଷା କାରଣରୁ ୱେଷ୍ଟଇଣ୍ଡିଜ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ର ଓଭର ସଂଖ୍ୟା ହ୍ରାସ କରାଯାଇ ଖେଳାଯାଇଥିଲେ ଆମେ କ୍ଷତିରେ ପଡ଼ିଥାନ୍ତୁ ।
–ଫାଫ୍ ଡୁ' ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



ଆଇସିସି ବିଶ୍ୱକପ୍ ୧୯୯୯ରେ ଦକ୍ଷିଣ ଆଫ୍ରିକାର ଲାନ୍ସ କ୍ଲୁଜନରଙ୍କ ଭଳି ଚଳିତ ସଂସ୍କରଣରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରାଧାନ୍ୟ ରହିବ ।
–ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

**ସଂକ୍ଷେପରେ**

## ଗଗନେନ୍ଦୁଙ୍କୁ ଗୁରୁଦାୟିତ୍ୱ



**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି):** ଇଟାଲିର ନାପୋଲିଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆନ ୟୁନିଭର୍ସିଟିଜ ଦଳର ୧୧୯ ଖେଳାଳି ଓ ୩୧ ଅଫିସିଆଲ ଅଂଶଗ୍ରହଣ କରିବେ। ଇଣ୍ଡିଆନ ୟୁନିଭର୍ସିଟିଜ ଦଳ ଆର୍ଚେରୀ, ଆଥଲେଟିକ୍ସ, ଜୁଡୋ, ଫେନ୍‌ସିଂ, ଟାଏକୋଣ୍ଡୋ, ଟେନିସ, ଓ ସନ୍ତରଣ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଭାରତୀୟ ପ୍ରତିନିଧି ଦଳର ସହକାରୀ ମୁଖ୍ୟ ନିଯୁକ୍ତ କରାଯାଇଛି। ଏଆଇୟୁର ସଭାପତି ମାଣିକରାଓ ସାଳୁଙ୍କେ ପ୍ରତିନିଧି ଦଳର ମୁଖ୍ୟ ଭାବେ ଇଟାଲି ଯାତ୍ରା କରିବେ। ପୂର୍ବରୁ ଗଗନେନ୍ଦୁ ୨୦୧୭ରେ ଚାଇନିଜ୍ ତାଇପେରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟିଜ ଗେମ୍ସରେ ଆର୍ଚେରୀ ପ୍ରତିନିଧି ଦଳର ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଇଟାଲି ପ୍ରତିଯୋଗିତା ପାଇଁ ଆଥଲେଟିକ୍ସ ଓ ଆର୍ଚେରୀ କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜୁନ ୨୨ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ଆଗାମୀ ପ୍ରତିଯୋଗିତାର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉଭୟ ଗଗନେନ୍ଦୁ ଏବଂ ଦୂତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତୀୟ ତୀରନ୍ଦାଜୀ ଟିମ୍ ଅଲିମ୍ପିକ ଟିକେଟ୍‌ର ନିକଟତର

**ଡେନ୍ ବୋଶ୍ଚ (ନେଦରଲାଣ୍ଡ୍ସ), ୧୧।୬(ପି.ଟି.):** ଏଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଭାରତୀୟ ରିକର୍ଭ ଦଳ ୫-୧ ସ୍କୋରରେ ନର୍‌ୱେକୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଥିସହ ଭାରତ ଆଉ ଗୋଟିଏ ବିଜୟ ହାସଲ କଲେ ୨୦୨୦ ଅଲିମ୍ପିକ୍‌କୁ ଯୋଗ୍ୟତା ହାସଲ କରିବ। ତରୁଣଦୀପ୍ ରାଇ, ପ୍ରବୀଣ ଯାଦବ ଓ ଅତନୁ ଦାସଙ୍କୁ ନେଇ ଗଠିତ ଭାରତୀୟ ରିକର୍ଭ ଦଳ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ବୁଧବାର କାନାଡାକୁ ଭେଟିବ। ଅପରପକ୍ଷରେ ଭାରତୀୟ ମହିଳା ରିକର୍ଭ ଦଳ ମଧ୍ୟ ଅଲିମ୍ପିକ୍‌କୁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି। ବୁଧବାର ଭାରତୀୟ ମହିଳା ଦଳ ବେଲାରୁଷକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଲାଇଶରାମ ବୋମ୍ବାଲ୍ୟା ଦେବୀ, ଦୀପିକା କୁମାରୀ ଓ କୋମାଲିକା ବାରିଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଯଦି ବେଲାରୁଷକୁ ହରାଇ ଦିଏ ତେବେ ଟୋକିଓ ଅଲିମ୍ପିକରେ ସ୍ଥାନ ପକ୍କା କରିବ।

## ଜୁନିୟର ଭାରତୀୟ ଫୁଟ୍‌ବଲ ଦଳ ପରାସ୍ତ

**ନୂଆଦିଲ୍ଲୀ, ୧୧।୬(ପି.ଟି.):** ସେଣ୍ଟ ପିଟର୍ସବର୍ଗରେ ଚାଲିଥିବା ଗ୍ରାନାଟ୍‌କିନ ମେମୋରିଆଲ ୧୯ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୯ ଓ ୧୨ତମ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ପରାଜୟବରଣ କରିଛି। ଏହି ମ୍ୟାଚ୍‌ରେ କିର୍ଗିଜସ୍ତାନ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୧-୩ ଗୋଲରେ ଭାରତକୁ ହରାଇ ଦେଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ୭୪ତମ ମିନିଟ୍‌ରେ ଆକାଶ ମିଶ୍ରଙ୍କ ଗୋଲ ବଳରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାର ୧୪ ମିନିଟ୍ ପରେ କିର୍ଗିଜସ୍ତାନର ଏମିର ସିଗାୟବାଏଭ ଗୋଲ ଦେଇ ମ୍ୟାଚ୍‌କୁ ୧-୧ର ବରାବର୍ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଉ ଗୋଲ ନ ହେବାରୁ ମ୍ୟାଚ୍ ଡ୍ର' ରହିଥିଲା। ଫଳରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତର ହର୍‌ମନପ୍ରୀତ୍ ସିଂ, ସାଇଲୋ ଲାଲଚାନହିମା ଓ ଜିତେନ୍ଦର ସିଂ ଟାର୍ଗେଟ୍ ମିସ୍ କରିଥିବାବେଳେ କିର୍ଗିଜସ୍ତାନ ୨ଟି ଗୋଲସ୍କୋର କରି ବିଜୟ ଲାଭ କରବା ସହ ୯ମ ସ୍ଥାନ ହାସଲ କରିଥିଲା। ଭାରତ ଏବେ ୧୧ ଓ ୧୨ତମ ସ୍ଥାନ ଲାଗି ମ୍ୟାଚ୍ ଖେଳିବ।

# ଆଜି କ୍ରସ୍ ଓଭର ମ୍ୟାଚ୍

**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର କ୍ରସ୍ ଓଭର ମ୍ୟାଚ ବୁଧବାର ଅନୁଷ୍ଠିତ ହେବ। କ୍ରସ୍ ଓଭରରେ ଜାପାନ–ପୋଲାଣ୍ଡ ପ୍ରଥମ ଏବଂ ରୁଷିଆ–ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ମ୍ୟାଚ ଖେଳିବେ। ଏହି ଦିନ ଉଜ୍‌ବେକିସ୍ତାନ ଓ ମେକ୍ସିକୋ ମଧ୍ୟରେ ପ୍ଲେସିଂ(୭–୮ ସ୍ଥାନ ପାଇଁ) ମଧ୍ୟ ଖେଳାଯିବ।

ଲିଗ୍ ପର୍ଯ୍ୟାୟ ଶେଷରେ ପୁଲ୍ 'ବି'ରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏସୀୟ ଚାମ୍ପିୟନ ଜାପାନ। ଏହି ଦଳ ୩ ମ୍ୟାଚ ଖେଳି ୨ ବିଜୟ ଓ ୧ ଡ୍ର ସହ ଆମେରିକା ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ପଛରେ ପଡ଼ି ଯାଇଥିଲା। ଆମେରିକା +୧୧ ଗୋଲ ବ୍ୟବଧାନରେ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ +୪ ଗୋଲ ବ୍ୟବଧାନ ଯୋଗୁ ଜାପାନ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଏହି ଦଳ ମେକ୍ସିକୋକୁ ୩–୧ ଓ ଦକ୍ଷିଣ ଆଫ୍ରିକାକୁ ୨–୦ ଗୋଲରେ ହରାଇଥିବାବେଳେ ଆମେରିକା ସହିତ ୨–୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଜାପାନର ଆଗାମୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି ପୁଲ୍'ଏ'ର ୩ୟ ସ୍ଥାନୀୟ ଦଳ ପୋଲାଣ୍ଡ। ପୁଲ୍'ଏ'ରେ ଏହି ଦଳ ଘରୋଇ ଭାରତ ଓ ରୁଷିଆ ପଛକୁ ୩ୟ ସ୍ଥାନ ଅଧିକାର କରିଥିଲା। ପୋଲାଣ୍ଡ ୩ ମ୍ୟାଚ ଖେଳି ଗୋଟିଏ ବିଜୟ ହାସଲ କରିଥିବାବେଳେ ୨ଟି ଗେମ୍ ହାରିଥିଲା। ଉଜ୍‌ବେକିସ୍ତାନକୁ ୪–୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ପୋଲାଣ୍ଡ ଏହି ପ୍ରଦର୍ଶନ କିନ୍ତୁ ଆଗକୁ ବଜାୟ ରଖି ପାରି ନ ଥିଲା। ପରବର୍ତ୍ତୀ ମ୍ୟାଚରେ ଭାରତଠାରୁ ୧–୩ଓ ରୁଷିଆଠାରୁ ୨–୩ ଗୋଲରେ ପରାଜିତ ହୋଇଥିଲା। ଜାପାନ–ପୋଲାଣ୍ଡ ମ୍ୟାଚର ବିଜେତା ୧୪ ତାରିଖରେ ପ୍ରଥମ ସେମିଫାଇନାଲରେ ଭାରତକୁ ଭେଟିବ।

ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା ରୁଷିଆ। ପୁଲ୍'ବି'ର ୩ୟ ସ୍ଥାନୀୟ ଦଳ ଦକ୍ଷିଣ ଆଫ୍ରିକା ସହିତ ଏହି ଦଳ ମୁକାବିଲା କରିବ। ଲିଗ୍ ପର୍ଯ୍ୟାୟରେ ରୁଷିଆ ୩ ମ୍ୟାଚ ଖେଳି ୨ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଥିଲା। ଏହି ଗ୍ରୁପରେ ଭାରତ ସମସ୍ତ ୩ଟି ମ୍ୟାଚ ଜିତି ୯ ପଏଣ୍ଟ ସହିତ ସିଧାସଳଖ ସେମିଫାଇନାଲ ଯୋଗ୍ୟତା ପାଇଥିଲା। ଭାରତଠାରୁ ୦–୧୦ ଗୋଲରେ ଶୋଚନୀୟଭାବେ ହାରି ଅଭିଯାନ ଆରମ୍ଭ କରିଥିବା ରୁଷିଆ ପରେ କିନ୍ତୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୧୨–୧ ଗୋଲରେ ହରାଇ ଚମକାଇ ଦେଇଥିବାବେଳେ ଶେଷ ମ୍ୟାଚରେ ପୋଲାଣ୍ଡକୁ ୩–୨ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପୁଲ୍'ବି'ରେ ଆମେରିକା ଓ ଜାପାନ ପଛକୁ ୩ୟ ସ୍ଥାନ ଅଧିକାର କରି କ୍ରସ୍ ଓଭର ଖେଳିବାକୁ ଯାଉଛି। ଦଳ ୩ ମ୍ୟାଚରୁ ୧ ବିଜୟ ସହିତ ୩ ପଏଣ୍ଟ ପାଇଛି। ଆମେରିକାଠାରୁ ୦–୨ ଓ ଜାପାନଠାରୁ ୦–୨ ଗୋଲରେ ହାରିଥିବା ଦକ୍ଷିଣ ଆଫ୍ରିକା ଏହାର ଶେଷ ଲିଗ୍ ମ୍ୟାଚରେ ମେକ୍ସିକୋକୁ ୬–୦ ଗୋଲରେ ପରାସ୍ତ କରିଥିଲା। ରୁଷିଆ–ଦକ୍ଷିଣ ଆଫ୍ରିକା ମ୍ୟାଚର ବିଜେତା ୧୪ ତାରିଖରେ ଦ୍ୱିତୀୟ ସେମିଫାଇନାଲରେ ଆମେରିକାକୁ ଭେଟିବ।

ବୁଧବାର ପୁଲ୍'ଏ' ଓ ପୁଲ୍'ବି'ର ନିମ୍ନ ସ୍ଥାନୀୟ ଦୁଇ ଦଳ ଉଜ୍‌ବେକିସ୍ତାନ ଓ ମେକ୍ସିକୋ ମଧ୍ୟରେ ପ୍ଲେସିଂ ମ୍ୟାଚ ଖେଳାଯିବ। ୨ଟି ଯାକ ଦଳ ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ହେଲେ ମ୍ୟାଚ ଜିତିପାରି ନାହାନ୍ତି। ଉଜ୍‌ବେକିସ୍ତାନ ମାତ୍ର ଗୋଟିଏ ଗୋଲ ଦେଇଥିବାବେଳେ ୨୬ ଗୋଲ ବରଣ କରିଛି। ମେକ୍ସିକୋ ଗୋଟିଏ ଗୋଲ ସ୍କୋର କରି ୧୮ ଗୋଲ ବରଣ କରିଛି। ଯେଉଁ ଦଳ ଏହି ମ୍ୟାଚ ଜିତିବ ୭ମ ସ୍ଥାନ ଅଧିକାର କରିବ। ତେଣୁ ଉଭୟ ଦଳ ପାଇଁ ଏହି ମ୍ୟାଚ ସମ୍ମାନର ପ୍ରଶ୍ନ ସଦୃଶ ହୋଇଛି।

**ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ**

**ଆଜିର ମ୍ୟାଚ**

- ଉଜ୍‌ବେକିସ୍ତାନ ବନାମ ମେକ୍ସିକୋ
  ସକାଳ ୮ଟା ୪୫
- ରୁଷିଆ ବନାମ ଦକ୍ଷିଣ ଆଫ୍ରିକା
  ଅପରାହ୍ନ ୫ଟା
- ଜାପାନ ବନାମ ପୋଲାଣ୍ଡ
  ରାତି ୭ଟା ୧୫

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

## ରିଡ୍‌ଙ୍କ ନୂଆ ମନ୍ତ୍ର

ନୂଆ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରଶିକ୍ଷଣରେ ଭାରତୀୟ ହକି ଦଳ ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଭାବେ ଭୁବନେଶ୍ୱରରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଖେଳୁଛି। ଆରମ୍ଭରୁ ଯଥା ସମ୍ଭବ ଅଧିକରୁ ଅଧିକ ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବା ପାଇଁ ଭାରତୀୟ ଦଳକୁ ନୂଆ ମନ୍ତ୍ର ଦେଇଛନ୍ତି ରିଡ୍। ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଅପେକ୍ଷାକୃତ ଦୁର୍ବଳ ଦଳ ଗୁଡ଼ିକ ବିପକ୍ଷରେ ଭାରତୀୟ ଖେଳାଳିମାନେ ଏହି ରଣନୀତିରେ ସଫଳ ହୋଇଥିଲାବେଳେ ଉଚ୍ଚର୍‌ୟାଙ୍କ୍‌ପ୍ରାପ୍ତ ଟିମ୍ ବିପକ୍ଷରେ ମଧ୍ୟ ତାହା ଜାରି ରହିବା ନେଇ ଆଶା ରଖିଛନ୍ତି ରିଡ୍। ପ୍ରଥମ ୫ ମିନିଟ ମଧ୍ୟରେ ଯଥା ସମ୍ଭବ ଅଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିବାକୁ ପିଲାମାନଙ୍କୁ ପରାମର୍ଶ ଦିଆ ଯାଇଛି। ପ୍ରତିପକ୍ଷ ଦଳର ଶକ୍ତି ଭିତ୍ତିରେ ଏଥିରେ ପ୍ରଭେଦ ରହିପାରେ। ପ୍ରତିପକ୍ଷ ଦଳ ଉପରେ ଆରମ୍ଭରୁ ଚାପ ପକାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ରିଡ୍ ପ୍ରକାଶ କରିଛନ୍ତି।



ଅନ୍ତର୍ଜାତୀୟ ମ୍ୟାଚ ଗୁଡ଼ିକରେ କୌଣସି ଦଳକୁ ହେୟ ମନେ କରାଯିବା ଉଚିତ ନୁହେଁ। ଆମେ କେବଳ ଗେମ୍ ଉପରେ ଫୋକସ ରଖି ସକାରାତ୍ମକ ମନୋଭାବ ନେଇ ଖେଳିବାକୁ ଚେଷ୍ଟା କରୁଛୁ। ଆରମ୍ଭରୁ ଗୋଲ ଦେଇ ପାରିଲେ ପ୍ରତିପକ୍ଷ ଦଳ ଉପରେ ନିଶ୍ଚିତ ଚାପ ପଡ଼ିବ ବୋଲି ତାରକା ଷ୍ଟ୍ରାଇକର ଆକାଶଦୀପ ସିଂ କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଖେଳାଳିଭାବେ ଆକାଶଦୀପ ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚରେ ଗୋଲ ବର୍ଷା ହେଉଥିଲେ ହେଁ ଆହତ ସମସ୍ୟାରୁ ଫେରିଥିବା ଷ୍ଟ୍ରାଇକର ରମଣଦୀପ ସିଂ ଏପର୍ଯ୍ୟନ୍ତ ତା'ର ଫାଇଦା ନେଇପାରି ନାହାନ୍ତି। ମାତ୍ର ରମଣଦୀପଙ୍କୁ ସମର୍ଥନ ଜଣାଇଛନ୍ତି ଆକାଶଦୀପ। ଏକବର୍ଷ ହକିରୁ ଦୂରେଇ ରହିବାପରେ ପ୍ରତ୍ୟାବର୍ତ୍ତନ କରିବା ଏତେଟା ସହଜ ନୁହେଁ। ରମଣଦୀପ ପ୍ରତି ମ୍ୟାଚରେ ଉନ୍ନତି କରୁଛନ୍ତି ବୋଲି ଆକାଶଦୀପ କହିଛନ୍ତି।




ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅଭ୍ୟାସରତ ଭାରତୀୟ ହକି ଦଳର ଖେଳାଳିମାନେ।



କଟକରେ ଚାଲିଥିବା ସବ୍‌ଜୁନିୟର ଜାତୀୟ ବାଳିକା ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଝାଡ଼ଖଣ୍ଡ ଓ ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## 'ପୋଲାଣ୍ଡରେ ଆର୍ମି ଫିଲ୍ଡ ହକିକୁ ବଞ୍ଚାଇ ରଖିଛି'

**ଭୁବନେଶ୍ୱର, ୧୧।୬**

ୟୁରୋପୀୟ ଦେଶ ପୋଲାଣ୍ଡରେ ଆର୍ମି ଫିଲ୍ଡ ହକି ଖେଳକୁ ବଞ୍ଚାଇ ରଖିଛି। ଏହି ଦେଶରେ ପ୍ରାୟ ୨୦୦୦ ଖେଳାଳି ରହିଛନ୍ତି। ଭାରତ ଭଳି ପୋଲାଣ୍ଡରେ ଆର୍ମି ଅନେକ ଖେଳକୁ ପ୍ରୋତ୍ସାହିତ କରି ଆସୁଛି। ତନ୍ମଧ୍ୟରେ ଫିଲ୍ଡ ହକି ହେଉଛି ଅନ୍ୟତମ। ପୋଲାଣ୍ଡରେ ସବୁଠାରୁ ଲୋକପ୍ରିୟ ହକି କ୍ଲବ ହେଲା ଡବ୍ଲ୍ୟୁକେଏସ୍ ଗନ୍‌ୱାଲ୍ଡ ପୋଜ୍‌ନାନ୍। ଗତ ବର୍ଷ ଏହି ଟିମ୍ କ୍ରମାଗତ ୫ମ ଥର ପାଇଁ ଲିଗ୍ ଟାଇଟଲ ହାସଲ କରିଛି। ଏହି କ୍ଲବର ସଫଳତା ପଛରେ ପୋଲାଣ୍ଡ ଆର୍ମିର ବିଶେଷ ଭୂମିକା ରହିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ହକି ଟୁର୍ନାମେଣ୍ଟରେ ଭାଗ ନେଇଥିବା ପୋଲାଣ୍ଡର ୧୮ ଜଣିଆ ହକି ଦଳରେ ଗନ୍ ୱାଲ୍‌ଡ କ୍ଲବ ପାଇଁ ଖେଳୁଥିବା ଆର୍ମିର ୯ ଜଣ ଖେଳାଳି ରହିଛନ୍ତି ବୋଲି ପୋଲାଣ୍ଡ ହକି କୋଚ୍ କାରୋଲ ସ୍ମିଜେକ୍ ପ୍ରକାଶ କରିଛନ୍ତି। ଭାରତ ଭଳି ପୋଲାଣ୍ଡରେ ହକି ସେତେଟା ଲୋକପ୍ରିୟ ଖେଳ ନୁହେଁ। ଲୋକେ ବିଶେଷ ଫୁଟ୍‌ବଲ ଓ ଭଲିବଲ୍ ଖେଳକୁ ପସନ୍ଦ କରିଥାନ୍ତି। ପୋଲାଣ୍ଡରେ ଯେତେ ହକି ଖେଳାଳି ଅଛନ୍ତି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଦେଶରେ ଖେଳାଯାଉଥିବା ଲିଗ୍‌ରେ ଅଂଶଗ୍ରହଣ କରିଥାନ୍ତି ଅବଶିଷ୍ଟ ବିଦେଶରେ ଖେଳିଥାନ୍ତି। ସ୍ମିଜେକ କହିଛନ୍ତି ବିଶ୍ୱ ର୍‌ୟାଙ୍କିଙ୍ଗରେ ଆମେ ୨୧ତମ ସ୍ଥାନରେ ରହିଥିଲେ ମଧ୍ୟ ଆମର ବହୁ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ଶେଷ ମୁହୂର୍ତ୍ତରେ ଏକ ଗୋଲ ସ୍କୋର କରି ମ୍ୟାଚକୁ ୧–୧ରେ ଡ୍ର ଆମେ ଭାରତକୁ ଟୁର୍ନାମେଣ୍ଟରୁ ବିଦା କରିଦେଇଥିଲୁ। ତେଣୁ ପୋଲାଣ୍ଡ ଭଳି ହକିଖେଳିପାରୁ ନାହିଁ ବୋଲି କେହି କହିପାରିବେ ନାହିଁ। ଖେଳର ବିକାଶ ପାଇଁ ଆମକୁ ପ୍ରୋତ୍ସାହନ ଏବଂ ସହଯୋଗର ଆବଶ୍ୟକତା ରହିଛି। ଆମେ ଛୋଟ ଛୋଟ କ୍ୟାମ୍ପ ଆୟୋଜନ କରିଥାଉ। ଆମେ ବେଳେବେଳେ ନେଦରଲାଣ୍ଡ୍ସ ଏବଂ ୟୁରୋପର ଅନ୍ୟ ଛୋଟ ଛୋଟ କ୍ଲବଗୁଡ଼ିକ ସହିତ ଖେଳିବା ଲାଗି ବିଦେଶ ଯାଇଥାଉ। କିନ୍ତୁ ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ଲାଗି ଆମ ଲାଗି ଅଧିକ ଟୁର୍‌ର ଆବଶ୍ୟକତା ରହିଛି। ଚଳିତ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସର ସେମିଫାଇନାଲରେ ସ୍ଥାନ ପାଇଁ ପୋଲାଣ୍ଡ ଏସିଆନ ଚାମ୍ପିୟନ ଜାପାନ ସହ ମୁକାବିଲା କରିବ। ଏହି ଟୁର୍ନାମେଣ୍ଟରୁ ଦୁଇଟି ଦଳ ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଲାଗି ଯୋଗ୍ୟତା ଅର୍ଜନ କରିବେ।

## ଝାଡ଼ଖଣ୍ଡର ବୃହତ୍ ବିଜୟ

**କଟକ ଅଫିସ,୧୧।୬:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶେନ(ଏଆଇଏଫ୍ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ଜାତୀୟ ବାଳିକା ଫୁଟବଲ ଚାମ୍ପିୟନଶିପର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୨୦–୦ ଗୋଲରେ ତ୍ରିପୁରାକୁ ହରାଇଛି। ପ୍ରଥମାର୍ଦ୍ଧରେ ୧୧ଟି ଓ ଦ୍ୱିତୀୟାର୍ଦ୍ଧରେ ୯ଟି ଗୋଲ ସ୍କୋର କରି ଝାଡ଼ଖଣ୍ଡ ଏହି ବୃହତ୍ ବିଜୟ ହାସଲ କରିଛି । ଦଳ ପକ୍ଷରୁ ମିଡ଼ଫିଲ୍ଡର ନିତୁ ଲିଣ୍ଡା ସର୍ବାଧିକ ୯ଟି ଗୋଲ ସ୍କୋର କରିଥିଲେ। ଅନ୍ୟ ମ୍ୟାଚ୍‌ରେ ଆସାମ ୨–୧ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥିବା ବେଳେ ଉତ୍ତରପ୍ରଦେଶ–ଛତିଶଗଡ଼ ମ୍ୟାଚ୍ ଡ୍ର ରହିଛି ।

## ଜାତୀୟ ତୀରନ୍ଦାଜୀ ସଂଘର କୋଷାଧ୍ୟକ୍ଷ ହେଲେ ସମୀକ୍ଷା

**କଟକ ଅଫିସ,୧୧।୬**

ରାଜ୍ୟ ତୀରନ୍ଦାଜୀ ସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସମୀକ୍ଷାନନ୍ଦ ଦାସ ଭାରତୀୟ ତୀରନ୍ଦାଜୀ ସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଚଣ୍ଡୀଗଡ଼ଠାରେ ଗତ ୯ ତାରିଖରେ ଜାତୀୟ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସମୀକ୍ଷାଙ୍କୁ ମିଳିଛି କୋଷାଧ୍ୟକ୍ଷ ପଦବୀ । ଜାତୀୟ ତୀରନ୍ଦାଜୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା କ୍ଷେତ୍ରରେ ସମୀକ୍ଷା ଓଡ଼ିଶାର ପ୍ରଥମ ବ୍ୟକ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି । ଭାରତୀୟ ତୀରନ୍ଦାଜୀ କ୍ରୀଡ଼ାର ବିକାଶ ଦିଗରେ ଯାହା ବି ଦାୟିତ୍ୱ ମିଳିବ ତାହା ନିର୍ବାହ କରିବି । ରାଜ୍ୟ ତୀରନ୍ଦାଜୀ କ୍ରୀଡାର ବିକାଶ ପାଇଁ ପ୍ରାଥମିକତା ରହିବ ବୋଲି ସମୀକ୍ଷା ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଜାତୀୟ କରାଟେ: ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି)**

ଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ବାଳିକା କାଟା୧୨ ବର୍ଷରୁ କମ୍‌ରେ ମଧୁପ୍ରିୟା, ୧୩ ବର୍ଷରୁ କମ୍‌ରେ ଅର୍ପିତା ସିଂ ଓ ୧୨ ବର୍ଷରୁ କମ୍ ବାଳକ ଫାଇଟ୍‌ରେ ରିତେସ୍ ମହାନ୍ତି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ଟିମ୍ କାଟାରେ ଅନୁପମା ସ୍ୱାଇଁ, ସୁସ୍ମିନି ପାଲଟାସିଂ, ସିନ୍ଧୁତନୟା ଖୁଣ୍ଟିଆ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ୨ଟି ବ୍ରୋଞ୍ଜ ପଦକ ଜିତିଥିବା ପ୍ରତିଯୋଗୀ ହେଲେ ମନୋଜ ବେହେରା (୧୨ ବର୍ଷରୁ କମ୍ ବାଳକ କାଟା) ଏବଂ ତ୍ରିଲୋଚନ ରଣା(୧୩ ବର୍ଷରୁ କମ୍ ଫାଇଟ୍)। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ରାଜ୍ୟ ସଂଘ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, କୋଚ୍ ରାଜୀବ ସିଂ, ଖାରବେଳ ମଲିକ, ସନ୍ଦିପ ମହାନ୍ତି, ଦୀପକ ସାମନ୍ତରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।




ଜାତୀୟ କରାଟେରେ ପଦକ ବିଜୟୀ ଓଡ଼ିଶାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।




# ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲେଶ୍ୱର ଅଫିସ/ସିମୁଳିଆ, ୧୧।୬**




ଗିରଫ ପର୍ଶୁରାମଙ୍କ ସହ ଜବତ ଗଞ୍ଜେଇ।

ଦୀର୍ଘଦିନ ଧରି ଗଞ୍ଜେଇ ବ୍ୟବସାୟୀ କରିଆସୁଥିବା ଜାମୁଝାଡି ବଉଡପଡା ଅଞ୍ଚଳର ପର୍ଶୁରାମ ଦଳେଇଙ୍କୁ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ମଙ୍ଗଳବାର ସକାଳେ ଗିରଫ କରିଛି। ତାଙ୍କଠାରୁ ୩୨ କିଲୋ ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ପର୍ଶୁରାମ ଦଳେଇଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଜଗଦିଶ ସାମଲ କହିଛନ୍ତି। ପର୍ଶୁରାମ ଦୀର୍ଘଦିନ ଧରି ବାଲେଶ୍ୱର, ଭଦ୍ରକ, କଟକ ଅଞ୍ଚଳରେ ଗଞ୍ଜେଇ ବେପାର କରିଆସୁଥିଲେ। ପୋଲିସ ଏବଂ ଅବକାରୀ ବିଭାଗ ତାଙ୍କୁ ବିଭିନ୍ନ ସମୟରେ ଧରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଚଞ୍ଚକତା କରି ସେ ଖସିଯାଉଥିଲେ।ଏକସ୍ୱତନ୍ତ୍ରଟିମ୍‌ଦ୍ୱାରାକଟକକେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ପୂର୍ବ ପ୍ରସ୍ତୁତ ଯୋଜନା ଅନୁସାରେ ପର୍ଶୁରାମ ଜାମୁଝାଡି ଥାନା ଅଧୀନ ଗଉଡପଡା ଗ୍ରାମରୁ ବାହାରୁଥିବା ବେଳେ କାବୁ କରିଥିଲେ । ଅବକାରୀ ନିରୀକ୍ଷକ ଗାଲୁରାମ ସରେନ୍, କନଷ୍ଟେବଳ ପ୍ରଦୀପ କୁମାର ବେହେରାଙ୍କ ସମେତ ୬ ଜଣ ସାମିଲ ଥିଲେ।

# ଗ୍ୟାସଟାଙ୍କିରୁ ନିଆଁ ଲାଗି ୨ ଶିଶୁ ସମେତ ୪ ଗୁରୁତର

**ଭଦ୍ରକ ଅଫିସ, ୧୧।୬**


ଭଦ୍ରକ ସହରର ଛଡାକ ମହଲାର ୟୁସୁଫପୁରଠାରେ ସୋମବାର ରାତିରେ ରୋଷେଇ କଲାବେଳେ ସିଲିଣ୍ଡର ପାଇପରୁ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ଶିଶୁଙ୍କ ସମେତ ୪ ଜଣ ପୋଡି ଗୁରୁତର ଆହତ ହୋଇଛନ୍ତି। ନିଆଁରେ ଗୋଟିଏ ବଖରା ଘର ଜଳିଯାଇଛି। ସ୍ଥାନୀୟ ଲୋକେ ଗ୍ୟାସ ନିଆଁକୁ କୌଶଳ କ୍ରମେ ଆୟତ୍ତ କରିବାରୁ ବିସ୍ଫୋରଣ ଭଳି ଦୁର୍ଘଟଣା ଘଟିନାହିଁ । ଭଦ୍ରକ ଦମକଳ ବାହିନୀ ତୁରନ୍ତ ପହଞ୍ଚି ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ପୋଡିଯାଇଥିବା ଆହତମାନଙ୍କୁ ପରେ ଭଦ୍ରକ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦିଅର ଏସ୍‌କେ ଆଲ୍ଲାଦିନ(୪୦) ଓ ତାଙ୍କ ଭାଉଜ ରୋକିଆ ଖାତୁନ(୪୨)ଙ୍କ ଦେହର ପ୍ରାୟ ୬୦ ଭାଗ ପୋଡି ଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି । ଆହତ ଦୁଇ ଶୁଶୁ ହେଲେ ମେହେର କାଦରୀ(୬), ଫରଜନ୍ ଖାତୁନ(୧୧) । ସେମାନେ ସେହି ପରିବାରର ଝିଅ ଓ ଝିଆରୀ ବୋଲି କୁହାଯାଉଛି। ପୋଲିସ ପକ୍ଷରୁ ଏହି ଅଗ୍ନି ଦୁର୍ଘଟଣାର ତଦନ୍ତ କରାଯାଉଥିବା ପୁରୁଣା ବଜାର ଥାନା ପକ୍ଷରୁ କୁହାଯାଇଛି।




# ଡିକି ଭାଙ୍ଗି ୨ ଲକ୍ଷ ଲୁଟ୍

**ଆନନ୍ଦପୁର,୧୧।୬(ସ୍ୱ.ପ୍ର.)**

ଆନନ୍ଦପୁର ଥାନା ୪ ନଂ ଓାର୍ଡ଼ ଲକ୍ଷ୍ମୀବଜାର ସ୍ଥିତ ଏକ ଜଳଖିଆ ଦୋକାନ ଆଗରେ ରଖାଯାଇଥିବା ଏକ ବାଇକ୍‌ର ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୨ ଲକ୍ଷ ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ନନ୍ଦିପଦା ଥାନା ବେତିରା ଗ୍ରାମର ସିଆରପିଏଫ ହାବିଲଦାର ପ୍ରଫୁଲ୍ଲ ଦାଶ ଘରକାମ ପାଇଁ ଆନନ୍ଦପୁର ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆରୁ ୨ ଲକ୍ଷ ଟଙ୍କା ଉଠାଣ କରି ଗାଡି ଡିକିରେ ରଖିଥିଲେ। ପରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଲକ୍ଷ୍ମୀବଜାରର ଏକ ଜଳଖିଆ ଦୋକାନ ଆଗରେ ଗାଡିକୁ ରଖି ଜଳଖିଆ ଖାଇଥିଲେ। ଜଳଖିଆ ଖାଇ ଆସିବା ପରେ ଗାଡିର ଡିକି ଭାଙ୍ଗିଥିବା ଓ ସେଥିରେ ଟଙ୍କା ନଥିବା ଦେଖିବାକୁ ପାଇଥିଲେ। ପରେ ସେ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଆନନ୍ଦପୁର ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ଏଭଳି ଘଟଣା ଆନନ୍ଦପୁର ଅଂଚଳରେ ବାରମ୍ବାର ଘଟି ଚାଲିଥିଲେ ସୁଦ୍ଧା ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ଯାହାକି ଉଦ୍‌ବେଗର କାରଣ ପାଲଟିଛି।







27
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ